



- RNI REGD NO: 42041/83
- www.sakalaepaper.com
- /sakalanews
- /sakalanews
- www.thesakala.in


# ସକାଳ
THE SAKALA

PRINTED AT BHUBANESWAR ■ JEYPORE ■ SAMBALPUR ■ PANIKOILI

VOLUME- 41 ◆ISSUE-323 ◆BHUBANESWAR ◆MONDAY ◆20 MAY 2024 ◆PAGE-16 ◆₹ 6.00

◆ବର୍ଷ-୪୧ ◆ସଂଖ୍ୟା-୩୨୩ ◆ଭୁବନେଶ୍ୱର ◆ସୋମବାର ◆୨୦ ମେ ୨୦୨୪ ◆ପୃଷ୍ଠା-୧୬ ◆ଟ.୬.୦୦





ବିଜେପି ମୁଖ୍ୟାଳୟ ଅଭିମୁଖେ ଆପ୍ ନେତାଙ୍କ ପଦଯାତ୍ରା

# ପୁଲିସ୍ ରୋକିଲା ଯାତ୍ରା, ଅନେକ ଆପ୍ କର୍ମୀ ଅଟକ

## ବିଜେପି ଆରମ୍ଭ କରିଛି ଅପରେସନ୍ ଝାଡୁ: କେଜ୍ରିୱାଲ

ନୂଆଦିଲ୍ଲୀ, ୧୯ ।୫(ଏଜେନ୍ସି): ଆମ୍ ଆଦମୀ ପାର୍ଟି(ଆପ୍) ଆବାହକ ଦିଲ୍ଲୀ ମୁଖ୍ୟମନ୍ତ୍ରୀ ଅରବିନ୍ଦ କେଜ୍ରିୱାଲ ଆଜି ମଧ୍ୟାହ୍ନରେ ତାଙ୍କ ଦଳର ସମସ୍ତ ସାଂସଦ ଓ ବିଧାୟକଙ୍କୁ ସଙ୍ଗରେ ନେଇ 'ଜେଲ ଭରୋ' ପ୍ରତିବାଦ ଯାତ୍ରାରେ ବାହାରି ଦୀନ ଦୟାଲ ଉପାଧ୍ୟାୟ ମାର୍ଗରେ ଥିବା ବିଜେପି ମୁଖ୍ୟାଳୟ ଆଡକୁ ଅଗ୍ରସର ହେବା ପୂର୍ବରୁ ଆପ୍ କାର୍ଯ୍ୟାଳୟରେ ସମବେତ ଆପ୍ ସାଂସଦ, ବିଧାୟକ, କାଉନସିଲର୍, କାର୍ଯ୍ୟକର୍ତ୍ତା, କର୍ମୀ ଓ ସମର୍ଥକଙ୍କୁ ସମ୍ବୋଧନ କରି କହିଛନ୍ତି, ଆପ୍'ର ବିସ୍ତାର ଓ ଶକ୍ତି ଦ୍ରୁତ ବେଗରେ ବଢ଼ିଚାଲିଥିବାରୁ, ଆପ୍'ର ଅଭିନବ କାର୍ଯ୍ୟକ୍ରମ ଓ ଲୋକାଦୃତ ଯୋଜନା ଗୁଡ଼ିକ ସମ୍ପର୍କରେ ସମଗ୍ର ଦେଶରେ ତଥା ବିଶ୍ୱରେ ଚର୍ଚ୍ଚା ହେଉଥିବାରୁ ଓ ଆପ୍ ଆଗାମୀ ଦିନରେ ଅନେକ ରାଜ୍ୟରେ ବିଜେପିର ମୁଖ୍ୟ ପ୍ରତିଦ୍ୱନ୍ଦ୍ୱୀ ଦଳ ଭାବେ ଉଭାହେବା ସମ୍ଭାବନାରେ ବିଚଳିତ ହୋଇ ଭାରତୀୟ ଜନତା ପାର୍ଟି(ବିଜେପି) ଆପ୍'କୁ ନିଶ୍ଚିହ୍ନ କରିବାକୁ 'ଅପରେସନ୍ ଝାଡୁ' ଆରମ୍ଭ କରିଛି। ଆପ୍'ର ନେତାମାନଙ୍କୁ ମିଥ୍ୟା ଅଭିଯୋଗରେ ଗୋଟି ଗୋଟି କରି ଗିରଫ କରାଯାଉଛି। ଗତକାଲି ତାଙ୍କ ବ୍ୟକ୍ତିଗତ ସହକାରୀ ବିଭବ କୁମାରଙ୍କୁ ଗିରଫ କରାଯାଇଥିବା ଦର୍ଶାଇ କେଜ୍ରିୱାଲ କହିଛନ୍ତି, ଆଗକୁ ଆପ୍ ସାଂସଦ ରାଘବ ଚଡ୍ଢା, ଦିଲ୍ଲୀ ମନ୍ତ୍ରୀ ଆତିଶୀ ଓ ସୌରଭ ଭରଦ୍ୱାଜଙ୍କୁ ଗିରଫ କରାଯିବା ନିମନ୍ତେ ବିଜେପି ନୀଳନକ୍ସା ପ୍ରସ୍ତୁତ କରିଛି। ଅଦାଲତରେ ଇଡି ଓକିଲ କହିଛନ୍ତି, ଲୋକସଭା ନିର୍ବାଚନ ସରିବା ପରେ ଆପ୍'ର ବ୍ୟାଙ୍କ ଆକାଉଣ୍ଟ ଅଚଳ କରାଯିବ ଓ ଆପ୍ କାର୍ଯ୍ୟାଳୟକୁ ଇଡି ଜବତ କରିନେବ।



ନୂଆଦିଲ୍ଲୀ, ୧୯ ।୫(ଏଜେନ୍ସି)

ଦିଲ୍ଲୀ ମୁଖ୍ୟମନ୍ତ୍ରୀ ଅରବିନ୍ଦ କେଜ୍ରିୱାଲ ରବିବାର ଦଳୀୟ ସାଂସଦ, ବିଧାୟକ ଏବଂ ନେତାଙ୍କୁ ସଙ୍ଗରେ ନେଇ ବିଜେପି ମୁଖ୍ୟାଳୟ ଅଭିମୁଖେ ଯାତ୍ରା କରିଛନ୍ତି। ସମସ୍ତେ ଦ୍ୱିପହରେ ୧୨ଟାରେ ଆମ ଆଦମୀ ପାର୍ଟି (ଆପ୍) କାର୍ଯ୍ୟାଳୟରେ ପହଞ୍ଚି ଥିଲେ। ଅଧ ଘଣ୍ଟା ପରେ ଏଠାରୁ ୮୦୦ ମିଟର ଦୂରରେ ଥିବା ବିଜେପି ମୁଖ୍ୟାଳୟରେ ବିକ୍ଷୋଭ ପ୍ରଦର୍ଶନ ପାଇଁ ଯାତ୍ରା ଆରମ୍ଭ କରିଥିଲେ। କିନ୍ତୁ ଦିଲ୍ଲୀ ପୁଲିସ୍ ତାହା କରାଇ ଦେଇନାହିଁ। ପୁଲିସ୍ ପକ୍ଷରୁ କୁହାଯାଇଛି ଯେ, ପ୍ରତିବାଦ ଯାତ୍ରା ପାଇଁ ଆପ୍ ପକ୍ଷରୁ କେହି ଅନୁମତି ଲୋଡ଼ିନାହାନ୍ତି। ବିଜେପି ମୁଖ୍ୟ କାର୍ଯ୍ୟାଳୟ ସମେତ ଅନେକ ରାଜନୈତିକ ଦଳଙ୍କ ଦପ୍ତର ଓ ଅନେକ ସରକାରୀ ପ୍ରତିଷ୍ଠାନ ଥିବା ଦୀନ ଦୟାଲ ଉପାଧ୍ୟାୟ ମାର୍ଗରେ ଧାରା ୧୪୪ ଲାଗୁ କରାଯାଇ ଥିବାରୁ ସେଠାକୁ ଅନେକ ଲୋକଙ୍କୁ ମେଳହୋଇ ଯିବାକୁ ଅନୁମତି ଦିଆଗଲା ନାହିଁ। ପୁଲିସ୍ ଅନେକ ଆପ୍ କର୍ମୀଙ୍କୁ ଅଟକ ରଖିଛି। ପୁଲିସ୍ ସଡ଼କ ବନ୍ଦ କରି, ମଲ୍ଟି ଲେଭେଲ୍ ବେରିକେଡ୍ ଲଗାଇ ଯାତ୍ରାକୁ ରୋକିଛି। ଶେଷରେ କୌଣସି ବଡ଼ ନେତାଙ୍କ ଗିରଫ ବିନା ପ୍ରାୟ ୧ଟା ୩୦ରେ ପଦଯାତ୍ରା ଶେଷ ହୋଇଥିଲା। ଏହାର କିଛି ସମୟ ପରେ ଗିରଫ ଆପ୍ ନେତାଙ୍କୁ ଛାଡ଼ି ଦିଆଯାଇଥିଲା। ସ୍ୱାତୀ ମାଲିୱାଲଙ୍କୁ ଅସଦାଚରଣ ଅଭିଯୋଗରେ ପିଏ ବିଭବ କୁମାରଙ୍କ ଗିରଫ ହେବା ପରେ କେଜ୍ରିୱାଲ ଭିଡିଓ ଜାରି କରି ଏହି ବିକ୍ଷୋଭ ପ୍ରଦର୍ଶନ ପାଇଁ ଘୋଷଣା କରିଥିଲେ। ଏହାକୁ ଦେଖି ବିଜେପି ମୁଖ୍ୟ କାର୍ଯ୍ୟାଳୟ ଓ ତା'ର ଆଖପାଖ ଅଞ୍ଚଳରେ ସୁରକ୍ଷାର ବ୍ୟାପକ ବନ୍ଦୋବସ୍ତ କରାଯାଇଥିଲା। ଦିଲ୍ଲୀ ମେଟ୍ରୋ ରେଲ୍ କର୍ପୋରେସନ୍ (ଡିଏମଆରସି) ବିଜେପି ମୁଖ୍ୟ କାର୍ଯ୍ୟାଳୟ ସମୀପବର୍ତ୍ତୀ ଆଇଟିଓ ମେଟ୍ରୋ ଷ୍ଟେସନ ପ୍ରବେଶ ଓ ପ୍ରସ୍ଥାନ ପଥକୁ ବନ୍ଦ ରଖିଥିଲା।

## ମୁଖ୍ୟମନ୍ତ୍ରୀଙ୍କ ବାସଭବନର ସିସିଟିଭି ଫୁଟେଜ ଜବତ

ନୂଆଦିଲ୍ଲୀ:ଆପ୍‌ର ରାଜ୍ୟସଭା ସାଂସଦ ସ୍ୱାତୀ ମାଲିୱାଲଙ୍କ ସହ ମାରପିଟ୍ ମାମଲାରେ ଦିଲ୍ଲୀ ପୁଲିସ ପୁଣି ମୁଖ୍ୟମନ୍ତ୍ରୀ ଅରବିନ୍ଦ କେଜ୍ରିୱାଲଙ୍କ ଘରେ ପହଞ୍ଚିଛି। ଏଠାରୁ ସିସିଟିଭି ଫୁଟେଜ ଏବଂ ଡିଭିଆର ଜବତ କରିଛି। ଏଥିରେ ଜାଲିଆତି ହୋଇଥିବା ନେଇ ପୁଲିସ ଆଶଙ୍କା କରୁଛି। କାରଣ ଘଟଣା ଦିନର ସମସ୍ତ ଫୁଟେଜ ମିଳିନାହିଁ। ବିଶେଷଜ୍ଞ ଏହାର ଯାଞ୍ଚ କରିବେ। ଅନ୍ୟପକ୍ଷରେ କେଜ୍ରିୱାଲଙ୍କ ପିଏ ବିଭବ କୁମାରଙ୍କୁ ଗିରଫ କରି ପୁଲିସ ରାତ୍ର ୯ଟା ୧୫ ମିନିଟରେ ମେଟ୍ରୋପଲିଟାନ୍ ମାଜିଷ୍ଟ୍ରେଟ୍‌ଙ୍କ ଅଦାଲତରେ ହାଜର କରିଥିଲା। ମେଟ୍ରୋପଲିଟାନ୍ ମାଜିଷ୍ଟ୍ରେଟ୍ ଗୌରବ ଗୋଏଲ ତାଙ୍କୁ ୫ ଦିନ ପାଇଁ ପୁଲିସ ହେପାଜତକୁ ପଠାଇ ଦେଇଛନ୍ତି। ରିମାଣ୍ଡ ଆବେଦନ ଉପରେ ତର୍କ ବେଳେ ସରକାରୀ ଓକିଲ ଦର୍ଶାଇ ଥିଲେ ଯେ ଏହି ମାମଲାରେ ପୀଡ଼ିତା ଜଣେ ମହିଳା ସାଂସଦ। ତାଙ୍କୁ ନିର୍ମମ ଭାବେ ମାଡ଼ ଦିଆଯାଇଛି। ତାଙ୍କ ସାର୍ଟ ଟେକି ତାଙ୍କୁ ନିର୍ବସ୍ତ୍ର କରିବାକୁ ଉଦ୍ୟମ ହୋଇଛି। ସିସିଟିଭି ଫୁଟେଜ୍ ଭାବେ ପୁଲିସ୍‌କୁ ଯେଉଁ ପେନ୍ ଡ୍ରାଇଭ୍ ଦିଆଯାଇଛି ତାହା ଫାଙ୍କା, ସେଥିରେ କିଛି ନାହିଁ।



ଇଣ୍ଡିଆ ବ୍ଲକ୍ କେନ୍ଦ୍ରରେ ସରକାର ଗଢ଼ିଲେ

# ସିବିଆଇ, ଇଡି ବନ୍ଦ ପାଇଁ ପ୍ରସ୍ତାବ ଦେବେ ଅଖିଳେଶ

ନୂଆଦିଲ୍ଲୀ, ୧୯ ।୫(ଏଜେନ୍ସି)

କେନ୍ଦ୍ରୀୟ ତଦନ୍ତ ବ୍ୟୁରୋ(ସିବିଆଇ) ଓ ପ୍ରବର୍ତ୍ତନ ନିର୍ଦ୍ଦେଶାଳୟ(ଇଡି) ଭଳି ଯାଞ୍ଚ ଏଜେନ୍ସି ରହିବା ଦରକାର ନାହିଁ ବୋଲି ମତ ଦେଇ ସମାଜବାଦୀ ପାର୍ଟି ମୁଖ୍ୟ ଅଖିଳେଶ ଯାଦବ କହିଛନ୍ତି, ଇଣ୍ଡିଆ ବ୍ଲକ୍ ଲୋକସଭା ନିର୍ବାଚନ ଜିତି କେନ୍ଦ୍ରରେ ସରକାର ଗଢ଼ିଲେ ସେ ସିବିଆଇ ଓ ଇଡି ବନ୍ଦ କରିଦେବା ନିମନ୍ତେ ପ୍ରସ୍ତାବ ଦେବେ। ଇଂରାଜୀ ଦୈନିକୀ 'ଦି ଇଣ୍ଡିଆନ୍ ଏକ୍ସପ୍ରେସ୍'କୁ ଦେଇଥିବା ସାକ୍ଷାତକାରରେ ଅଖିଳେଶ ପ୍ରଶ୍ନ କରିଛନ୍ତି, ଠକେଇ ବିଷୟ ବୁଝିବା ପାଇଁ ଆୟକର ବିଭାଗ ରହିଥିବା ବେଳେ ସିବିଆଇ କ'ଣ ଦରକାର? ପ୍ରତ୍ୟେକ ରାଜ୍ୟର ଦୁର୍ନୀତି ନିବାରଣ ବିଭାଗ ରହିଛି, ତେଣୁ ସିବିଆଇ କ'ଣ ପାଇଁ ରହିବା ଦରକାର? ଭାରତୀୟ ଜନତା ପାର୍ଟି(ବିଜେପି) ରାଜନୈତିକ ବିରୋଧୀଙ୍କୁ ଦମନ କରିବା ପାଇଁ, ସରକାର ଗଢ଼ିବା ପାଇଁ, ସରକାର ଭାଙ୍ଗିବା ପାଇଁ ସିବିଆଇ ଓ ଇଡି- ଏହି ଦୁଇ କେନ୍ଦ୍ରୀୟ ଯାଞ୍ଚ ଏଜେନ୍ସିକୁ ବ୍ୟବହାର କରୁଥିବା ଅଖିଳେଶ ମନ୍ତବ୍ୟ ଦେଇଛନ୍ତି। ବିମୁଦ୍ରୀକରଣରେ କ'ଣ ବିଭ୍ରାଟ ଘଟିଲା ଯେ ଲୋକେ ସେମାନଙ୍କ କଳାଧନକୁ ସତ୍ ଉପାୟରେ ଅର୍ଜିତ ଧନରେ ପରିଣତ କରିପାରିଲେ ତାହାର ତଦନ୍ତ ସିବିଆଇ କି ଇଡି କଲେ ନାହିଁ କାହିଁକି ବୋଲି ପ୍ରଶ୍ନ କରି ଅଖିଳେଶ କହିଛନ୍ତି, ଯଦି ଇଣ୍ଡିଆ ବ୍ଲକ୍ କ୍ଷମତାକୁ ଆସେ ସିବିଆଇ ଓ ଇଡି ବନ୍ଦ କରିଦେବାକୁ ସେ ପ୍ରସ୍ତାବ ଦେବେ। କର୍ପୋରେଟ୍ ସଂସ୍ଥା, କମ୍ପାନୀ, ବଡ଼ ବ୍ୟବସାୟିକ ପ୍ରତିଷ୍ଠାନ, ଦୁର୍ନୀତି ଉପାୟରେ ଧନାର୍ଜନ କରୁଥିବା ସଂସ୍ଥା ଓ ବ୍ୟକ୍ତିବିଶେଷଙ୍କୁ ଧମକଚମକ ଦେଇ, ଭୟଦେଖାଇ ହଜାର ହଜାର କୋଟି ଟଙ୍କା ଆଦାୟ କରିବା ନିମନ୍ତେ କେନ୍ଦ୍ରୀୟ ଯାଞ୍ଚ ଏଜେନ୍ସି ସିବିଆଇ ଓ ଇଡି'କୁ ବିଜେପି ବ୍ୟବହାର କରିଥିବା ନିର୍ବାଚନୀ ବଣ୍ଡ ପର୍ଦ୍ଦାଫାସରୁ ଜଣାପଡ଼ିଛି ବୋଲି ଅଖିଳେଶ କହିଛନ୍ତି।



## ରାମଦେବଙ୍କ କମ୍ପାନୀର ପ୍ରବନ୍ଧକଙ୍କ ସମେତ ୩ଜଣଙ୍କୁ ଜେଲ୍‌ଦଣ୍ଡ




ପିଥୋରଗଡ଼, ୧୯ ।୫(ଏଜେନ୍ସି): ହରିଦ୍ୱାରସ୍ଥିତ ପତଞ୍ଜଳି ଆୟୁର୍ବେଦ କମ୍ପାନୀ ତିଆରି ଓ ବିକ୍ରି କରୁଥିବା 'ନବରତ୍ନ ଇଲାଇଚି ସୋନ ପାପଡି' ମାନ ପରୀକ୍ଷଣ(କ୍ୱାଲିଟୀ ଟେଷ୍ଟ)ରେ ଉତ୍ତୀର୍ଣ୍ଣ ହୋଇପାରି ନାହିଁ। ମିଠା ଦୋକାନୀ ଲୀଳାଧର ପାଠକ ପତଞ୍ଜଳି ଆୟୁର୍ବେଦ କମ୍ପାନୀର 'ନବରତ୍ନ ଇଲାଇଚି ସୋନ ପାପଡି' ବିକ୍ରି କରୁଥିଲେ। ଜଣେ ଫୁଡ୍ ଇନ୍ସପେକ୍ଟର ସୋନ ପାପଡି'ର ମାନକୁ ନେଇ ସନ୍ଦେହ ପ୍ରକାଶ କରି କିଛି ନମୁନା ସଂଗ୍ରହ କରି ପରୀକ୍ଷଣ ପାଇଁ ପଠାଇଥିଲେ। ଉତ୍ତରାଖଣ୍ଡର ରୁଦ୍ରପୁରଠାରେ ଥିବା ଫୁଡ୍ କ୍ୱାଲିଟୀ ଟେଷ୍ଟିଂ ଫାସିଲିଟିରେ ପତଞ୍ଜଳି 'ସୋନ ପାପଡି' ଖାଦ୍ୟଯୋଗ୍ୟ ମାନର ନୁହେଁ ବୋଲି ପ୍ରମାଣିତ ହେବା ପରେ ପିଥୋରଗଡ଼ ଚିଫ୍ ଜୁଡିସିଆଲ୍ ମାଜିଷ୍ଟ୍ରେଟ୍ ପତଞ୍ଜଳି ଆୟୁର୍ବେଦ କମ୍ପାନୀର ଜଣେ ସହକାରୀ ପ୍ରବନ୍ଧକ ଅଭିଶେକ କୁମାର, ବିତରକ ଅଜୟ ଯୋଶୀ ଓ ମିଠା ଦୋକାନୀ ଲୀଳାଧର ପାଠକଙ୍କୁ ଜୋରିମାନା କରିବା ସହ ୬ମାସ ଜେଲ ଦଣ୍ଡାଦେଶ ଦେଇଛନ୍ତି।

● ଇରାନ ରାଷ୍ଟ୍ରପତିଙ୍କ ହେଲିକପ୍ଟର ଦୁର୍ଘଟଣାଗ୍ରସ୍ତ

## ଇବ୍ରାହିମ ରଇସଙ୍କ ସହ ଯୋଗାଯୋଗ ବିଚ୍ଛିନ୍ନ

ନୂଆଦିଲ୍ଲୀ, ୧୯।୫ (ଏଜେନ୍ସି): ଇରାନ ରାଷ୍ଟ୍ରପତି ଇବ୍ରାହିମ ରଇସଙ୍କ ହେଲିକପ୍ଟର ଦୁର୍ଘଟଣାଗ୍ରସ୍ତ ହୋଇଛି। ତାଙ୍କ ସହି ବିଦେଶ ମନ୍ତ୍ରୀ ହୋସେନ ଅମିରାବ୍ଦୁଲାହିୟନ ମଧ୍ୟ ଥିଲେ। ଏ ପର୍ଯ୍ୟନ୍ତ ହେଲିକପ୍ଟର ନିଖୋଜ ଅଛି। ରାଷ୍ଟ୍ରପତିଙ୍କ ସହ ଯୋଗାଯୋଗ ହୋଇପାରି ନାହିଁ ବୋଲି ଇରାନର ସରକାରୀ ଗଣମାଧ୍ୟମ ଆଇଆରଏନଏ ପକ୍ଷରୁ କୁହାଯାଇଛି। ରିପୋର୍ଟ ଅନୁଯାୟୀ ଇରାନ ରାଷ୍ଟ୍ରପତିଙ୍କ ସମେତ ଦେଶର ବହୁ ମନ୍ତ୍ରୀ ଏବଂ ଉଚ୍ଚପଦସ୍ଥ ଅଧିକାରୀ ୩ଟି ହେଲିକାପ୍ଟରରେ ଅଜରବୈଜାନର ଏକ ଡ୍ୟାମ ଉଦଘାଟନ କରିବାକୁ ଯାଇଥିଲେ। ମନ୍ତ୍ରୀ ଏବଂ ଅଧିକାରୀ ଥିବା ଦୁଇଟି ହେଲିକପ୍ଟର ଫେରି ଆସିଥିବାବେଳେ ଆଉ ଗୋଟିଏ ଫେରିନାହିଁ। ଖରାପ ପାଗ ଯୋଗୁଁ ଅଜରବୈଜାନର ଏକ ଜଙ୍ଗଲରେ ଏହା ଦୁର୍ଘଟଣାଗ୍ରସ୍ତ ହୋଇଥିଲା। ଇରାନ ଗୃହମନ୍ତ୍ରୀ କହିଛନ୍ତି ଯେ ଖରାପ ପାଣିପାଗ ଯୋଗୁଁ ଉଦ୍ଧାରକାରୀ ଦଳ ଘଟଣାସ୍ଥଳରେ ପହଞ୍ଚି ପାରୁନାହିଁ। କୁହୁଡି ଏବଂ ଥଣ୍ଡା ଯୋଗୁଁ ହେଲିକପ୍ଟର ମାଧ୍ୟମରେ ଉଦ୍ଧାରକାର୍ଯ୍ୟ ଅସମ୍ଭବ ହୋଇପଡ଼ିଛି। ତେବେ ସଡ଼କ ମାର୍ଗରେ ୨୦-୪୦ ଟିମ୍‌କୁ ପଠାଇ ଦିଆଯାଇଛି। ଏଥିରେ ଇରାନର ସ୍ପେସିଆଲ ଫୋର୍ସେସ ସମେତ ରେଞ୍ଜର୍ସ ସାମିଲ ଅଛନ୍ତି।



## ଆଫଗାନ ମୃତ୍ୟୁସଂଖ୍ୟା ୩୭୦କୁ ବୃଦ୍ଧି

କାବୁଲ, ୧୯।୫ (ଏଜେନ୍ସି): ତିନି ସପ୍ତାହ ହେଲା ଆଫଗାନିସ୍ତାନରେ ପ୍ରବଳ ବର୍ଷା ଜାରି ରହିଛି। ଏଥିଯୋଗୁଁ ବନ୍ୟା ଆସିଛି। ଏ ପର୍ଯ୍ୟନ୍ତ ଏଥିରେ ୩୭୦ରୁ ଅଧିକ ଲୋକଙ୍କ ମୃତ୍ୟୁ ହେଲାଣି। ୧୬୦୦ରୁ ଅଧିକ ଲୋକ ମଧ୍ୟ ଆହତ ହୋଇଛନ୍ତି। ଶହେରୁ ଅଧିକ ନିଖୋଜ ଅଛନ୍ତି। ତାଲିବାନ ଅଧିକାରୀଙ୍କ ସୂଚନା ଅନୁଯାୟୀ ଘୋର ପ୍ରଦେଶରେ ସର୍ବାଧିକ କ୍ଷୟକ୍ଷତି ହୋଇଛି। ଏଠାରେ ବନ୍ୟାରେ ଦିନକ (ଶନିବାର)ରେ ୬୦ ଜଣଙ୍କ ମୃତ୍ୟୁ ହୋଇଛି। ସ୍ଥିତି ଗୁରୁତର ହେଉଥିବାରୁ ଉଦ୍ଧାରକାର୍ଯ୍ୟରେ ବାୟୁସେନାକୁ ମୁତୟନ କରାଯାଇଛି। ଖରାପ ପାଣିପାଗ ଯୋଗୁଁ ଉଦ୍ଧାରକାର୍ଯ୍ୟରେ ସମସ୍ୟା ସୃଷ୍ଟି ହେଉଛି। ଭଦଖାଶଁ, ଘୋର, ବଗଲାନ ଏବଂ ହେରାତ ପ୍ରଦେଶରେ ୬ ହଜାରରୁ ଅଧିକ ଘର ଭାଙ୍ଗି ଯାଇଛି। ୱାର୍ଲ୍ଡ ଫୁଡ୍ ପ୍ରୋଗ୍ରାମ ଅନୁଯାୟୀ ଗତ ୧୨ ତାରିଖରେ ଅଚାନକ ଆସିଥିବା ବନ୍ୟା ଆଫଗାନକୁ ଛାରଖାର କରିଦେଇଛି।

## ଅଧୀରଙ୍କୁ ଦଳ ଛାଡ଼ିବାକୁ କହିଲେ ଖଡ଼୍‌ଗେ

ନୂଆଦିଲ୍ଲୀ, ୧୯।୫ (ଏଜେନ୍ସି): ଟିଏମ୍‌ସି ମୁଖ୍ୟ ତଥା ପଶ୍ଚିମବଙ୍ଗ ମୁଖ୍ୟମନ୍ତ୍ରୀ ମମତା ବାନାର୍ଜୀଙ୍କ ସମର୍ଥନକୁ ନେଇ କଂଗ୍ରେସର ରାଷ୍ଟ୍ରୀୟ ଅଧ୍ୟକ୍ଷ ମଲ୍ଲିକାର୍ଜନ ଖଡଗେ ଏବଂ ସାଂସଦ ଅଧୀର ରଞ୍ଜନ ଚୌଧୁରୀଙ୍କ ମଧ୍ୟରେ ବାକ୍‌ଯୁଦ୍ଧ ଆରମ୍ଭ ହୋଇଯାଇଛି। ମମତାଙ୍କୁ ଅଧୀର ବିରୋଧ କରୁଥିବାବେଳେ ଖଡ଼୍‌ଗେ ତାଙ୍କ ସମର୍ଥନରେ ବାହାରିଛନ୍ତି। ଅସହମତ ହେଲେ ଅଧୀରଙ୍କୁ ଦଳ ଛାଡ଼ିଯିବାକୁ ସେ ପରାମର୍ଶ ଦେଇଛନ୍ତି। ସୂଚନା ଅନୁଯାୟୀ ଗତ ୧୫ ତାରିଖରେ ମମତା କହିଥିଲେ ଯେ ଯଦି ଇଣ୍ଡି ମେଣ୍ଟର ସରକାର ପ୍ରତିଷ୍ଠା ହୁଏ ତେବେ ସେ ବାହାରୁ ସମର୍ଥନ ଦେବେ। ଏହା ଉପରେ ଅଧିର କହିଥିଲେ ଯେ ସେ ବହୁତ ଚାଲାକ ମହିଳା। ତାଙ୍କ ଉପରେ ଭରସା କରାଯାଇପାରିବ ନାହିଁ। କଂଗ୍ରେସ ୪୦ ଆସନ ଜିତିପାରିବ ନାହିଁ ବୋଲି ମମତା ପୂର୍ବରୁ କହିଥିଲେ। ଭୋଟର ଇଣ୍ଡି ମେଣ୍ଟକୁ ସମର୍ଥନ ଦେଉଛନ୍ତି ବୋଲି ସେ ଏବେ ବୁଝିଗଲେଣି। ରାଜନୀତିରେ ସକ୍ରିୟ ରହିବା ପାଇଁ ଏହା ତାଙ୍କର ଗୋଟିଏ ଚାଲ୍।

# ୮ ରାଜ୍ୟର ୪୯ ଆସନରେ ଆଜି ମତଦାନ

● ମୈଦାନରେ ରାଜନାଥ, ସ୍ମୃତିଙ୍କ ସମେତ ୯ କେନ୍ଦ୍ରମନ୍ତ୍ରୀ



ନୂଆଦିଲ୍ଲୀ, ୧୯।୫ (ଏଜେନ୍ସି): ଲୋକସଭା ନିର୍ବାଚନର ପଞ୍ଚମ ପର୍ଯ୍ୟାୟରେ ସୋମବାର ମତଦାନ ହେବାକୁ ଯାଉଛି। ଏହି ପର୍ଯ୍ୟାୟରେ ୬ ରାଜ୍ୟ ଏବଂ ୨ କେନ୍ଦ୍ରଶାସିତ ଅଞ୍ଚଳର ୪୯ ଆସନ ପାଇଁ ୬୯୫ ପ୍ରାର୍ଥୀ ମୈଦାନକୁ ଓହ୍ଲାଇଛନ୍ତି। ଏମାନଙ୍କ ମଧ୍ୟରେ ୬୧୩ ପୁରୁଷ ଏବଂ ୮୨ ମହିଳା (୧୨ ପ୍ରତିଶତ) ସାମିଲ ଅଛନ୍ତି। ଏଥିରେ ଭୋଟର ରାଜନାଥ ସିଂହ (ଲକ୍ଷ୍ନୌ), ସ୍ମୃତି ଇରାନୀ (ଆମେଥି), ପୀୟୁଷ ଗୋୟଲ (ମୁମ୍ବାଇ ନର୍ଥ) ଙ୍କ ସମେତ ୯ କେନ୍ଦ୍ରମନ୍ତ୍ରୀ ଏବଂ କଂଗ୍ରେସ ସାଂସଦ ରାହୁଲ ଗାନ୍ଧୀ (ରାଏବରେଲି)ଙ୍କ ଭାଗ୍ୟ ନିର୍ଦ୍ଧାରଣ କରିବେ। ଏହି ପର୍ଯ୍ୟାୟରେ ଉତ୍ତର ପ୍ରଦେଶର ୧୪, ମହାରାଷ୍ଟ୍ରର ୧୩, ପଶ୍ଚିମବଙ୍ଗର ୭, ବିହାର ଏବଂ ଓଡ଼ିଶାର ୫ ଲେଖାଏଁ, ଝାଡ଼ଖଣ୍ଡର ୩, ଜମ୍ମୁ-କାଶ୍ମୀର ଏବଂ ଲଦାଖର ଗୋଟିଏ ଲେଖାଏଁ ଆସନ ସାମିଲ ରହିଛି। ନିର୍ବାଚନ କମିଶନଙ୍କ ସୂଚନା ଅନୁଯାୟୀ ୬୯୫ ପ୍ରାର୍ଥୀଙ୍କ ମଧ୍ୟରୁ ୧୫୯ ( ୨୩ ପ୍ରତିଶତ) ଜଣଙ୍କ ବିରୋଧରେ ଆପରାଧିକ ମାମଲା ରୁଜୁ କରାଯାଇଛି। ସେହିପରି ୨୨୭ ପ୍ରାର୍ଥୀ (୩୩ ପ୍ରତିଶତ) କୋଟିପତି ନିର୍ବାଚନ ଲଢୁଛନ୍ତି। କେବଳ ଜଣେ ପ୍ରାର୍ଥୀଙ୍କର କୌଣସି ସମ୍ପତ୍ତି ନାହିଁ।

## ପ୍ରଜ୍ୱଳ ରେଭନ୍ନାଙ୍କ ବ୍ୟାଙ୍କ ଖାତା ଅଚଳ କରିବ ଏସ୍‌ଆଇଟି



ବେଙ୍ଗାଲୁରୁ, ୧୯।୫(ଏଜେନ୍ସି): କର୍ଣ୍ଣାଟକ ଯୌନ କେଳେଙ୍କାରୀ ମାମଲାରେ ଫେରାର ଥିବା ପୂର୍ବତନ ପ୍ରଧାନମନ୍ତ୍ରୀ ଦେବେଗୌଡ଼ାଙ୍କ ନାତି ତଥା ଜେଡିଏସ ସାଂସଦ ପ୍ରଜ୍ୱଳ ରେଭନ୍ନାଙ୍କ ଅଡୁଆ ଦିନକୁ ଦିନ ବଢ଼ିଚାଲିଛି। ସେ ଜର୍ମାନୀରେ ଥିବା ନେଇ ଚର୍ଚ୍ଚା ହେଉଛି। ତାଙ୍କୁ ସ୍ୱଦେଶ ଆଣିବା ପାଇଁ ସ୍ୱତନ୍ତ୍ର ତଦନ୍ତକାରୀ ଟିମ (ଏସଆଇଟି) ଖୁବଶୀଘ୍ର ପ୍ରଜ୍ୱଳଙ୍କ ସମସ୍ତ ବ୍ୟାଙ୍କ ଆକାଉଣ୍ଟ ଅଚଳ କରିବାକୁ ଯାଉଛି। ସୂଚନା ଅନୁସାରେ, କର୍ଣ୍ଣାଟକ ହାସନ ସାଂସଦ ପ୍ରଜ୍ୱଳ ରେଭନ୍ନାଙ୍କର ପ୍ରାୟ ୭ଟି ବ୍ୟାଙ୍କ ଆକାଉଣ୍ଟ ରହିଛି। ଅନେକ ମହିଳାଙ୍କୁ ଦୁଷ୍କର୍ମ କରି ଭିଡିଓ ସୁଟ୍ ଭଳି ସଙ୍ଗୀନ ମାମଲା ପ୍ରଜ୍ୱଳଙ୍କ ବିରୋଧରେ ରହିଛି। ଏହି ଅଶ୍ଳୀଳ ଭିଡିଓ ସୋସିଆଲ ମିଡିଆରେ ଭାଇରାଲ ହେବା ପରେ ପ୍ରଜ୍ୱଳ ଜର୍ମାନୀକୁ ଫେରାର ହୋଇଯାଇଥିବା କୁହାଯାଉଛି। ତାଙ୍କ ନାଁରେ ଲୁକ୍ ଆଉଟ୍ ନୋଟିସ ଜାରି ହୋଇଥିବା ବେଳେ ଏବେ ସୁଦ୍ଧା ତାଙ୍କର ପତ୍ତା ମିଳିନାହିଁ। ପ୍ରଜ୍ୱଳ ଭାରତ ପ୍ରତ୍ୟାବର୍ତ୍ତନ କରିବା ନେଇ ସୂଚନା ମିଳିଥିଲେ ସୁଦ୍ଧା, ସେ ପରବର୍ତ୍ତୀ ସମୟରେ ଟିକଟ କ୍ୟାନ୍‌ସେଲ କରିଥିବା ମଧ୍ୟ ଜଣାପଡ଼ିଛି। ଚଳିତ ଲୋକସଭା ନିର୍ବାଚନରେ ପ୍ରଜ୍ୱଳ ବିଜେପି-ଜେଡିଏସ ମେଣ୍ଟ ପ୍ରାର୍ଥୀ ଭାବେ ନିର୍ବାଚନ ଲଢୁଛନ୍ତି। ଅନ୍ୟପକ୍ଷରେ ଶନିବାର ଏମପି ଏମଏଲଏ କୋର୍ଟ ପ୍ରଜ୍ୱଳ ରେବନ୍ନାଙ୍କ ବିରୋଧରେ ଆରେଷ୍ଟ ୱାରେଣ୍ଟ ଜାରି କରିଛି।

ଜୋତା ବ୍ୟବସାୟୀଙ୍କ ଘରେ ଆଇଟି ଚଢ଼ଉ

# ଖଟ-ଗଦିରୁ ୬୦ କୋଟି ଟଙ୍କା ଜବତ

ଆଗ୍ରା, ୧୯।୫ (ଏଜେନ୍ସି): ଆଗ୍ରାର ୩ ଜୋତା ବ୍ୟବସାୟୀଙ୍କ ଘରେ ଆୟକର ବିଭାଗ (ଆଇଟି) ଚଢ଼ଉ କରିଛି। କେବଳ ଜଣେ ବ୍ୟବସାୟୀଙ୍କ ଘରୁ ବିପୁଳ ଟଙ୍କା ଜବତ କରାଯାଇଛି। ଏହି ଟଙ୍କା ଏହି ଗଣିବା ପାଇଁ ୧୦ଟି ମେସିନ ବ୍ୟବହାର କରାଯାଇଛି। ଟଙ୍କା ଗଣି ଗଣି ଅଧିକାରୀ ଥକି ଯାଇଛନ୍ତି। ତେଣୁ ରାତିରେ ଆରାମ କରିବା ପାଇଁ ବାହାରୁ ଗଦି ମଗାଯାଇଛି। ରବିବାର ରାତି ସୁଦ୍ଧା ବ୍ୟବସାୟୀଙ୍କ ଘରୁ ୬୦ କୋଟି ଟଙ୍କା ଜବତ କରାଯାଇଛି। ତଲାସୀ ଅଭିଯାନ ମଧ୍ୟ ଜାରି ରହିଛି। ତେଣୁ ଅଧିକ ଟଙ୍କା ମିଳିପାରେ ବୋଲି ଆଶଙ୍କା କରାଯାଉଛି। ବ୍ୟବସାୟୀ ଖଟ ତଳେ, ତା ଉପରେ ପଡ଼ିଥିବା ଗଦି ଭିତରେ ଏବଂ ଆଲମିରାରେ ଏହି ୫୦୦ ଟଙ୍କିଆ ନୋଟ୍ ବିଡ଼ା ଲୁଚାଇ ରଖିଥିଲେ। ଏହାର ଫଟୋ ଭାଇରାଲ ହେବାରେ ଲାଗିଛି। ଖଟ ଉପରେ ନୋଟ୍ ବିଡ଼ା ରଖାଯାଇଥିବା ଦେଖିବାକୁ ମିଳୁଛି। ତଳେ ମଧ୍ୟ ଟଙ୍କା ଭର୍ତ୍ତି ବ୍ୟାଗ୍ ରଖାଯାଇଛି।

ସୂଚନା ଅନୁଯାୟୀ ଟିକସ ଚୋରିର ସୂଚନା ମିଳିବା ପରେ ଆଇଟି ଟିମ୍ ଶନିବାର ସନ୍ଧ୍ୟାରେ ହରମିଲାପ ଟ୍ରେଡର୍ସର ମାଲିକ ରାମନାଥ ଡଙ୍ଗଙ୍କ ଘର ଏବଂ କାର୍ଯ୍ୟାଳୟରେ ପହଞ୍ଚି ଥିଲା। ତଲାସୀ ନେବାରୁ ଖଟ ଏବଂ ଗଦିରୁ ନୋଟ୍ ବିଡ଼ା ମିଳିଥିଲା। ଏହା ସହିତ ଏମଜି ରୋଡ୍‌ର ବିକେ ସୁଜ୍, ଧାକରାନର ମଞ୍ଜୁ ଫୁଟୱିୟରର ମାଲିକଙ୍କ ଘରେ ଏବଂ କାର୍ଯ୍ୟାଳୟରେ ମଧ୍ୟ ଚଢ଼ଉ ହୋଇଥିଲା। ତେବେ ବିକେ ସୁଜ୍ ଏବଂ ମଞ୍ଜୁ ଫୁଟୱିୟରରୁ କେତେ ଟଙ୍କା ମିଳିଛି ତାହା ଜଣାପଡ଼ି ନାହିଁ। ଉଭୟ ମାଲିକ ସମ୍ପର୍କୀୟ ବୋଲି ଜଣାପଡ଼ିଛି। ଏହି ବ୍ୟବସାୟୀ ଜମିରେ ବିପୁଳ ନିବେଶ ଏବଂ ସୁନା କ୍ରୟ କରିଥିବା ମଧ୍ୟ ଜଣାପଡ଼ିଛି। ଅଧିକାରୀମାନେ ତିନି ବ୍ୟବସାୟୀଙ୍କ କାର୍ଯ୍ୟାଳୟରୁ ଲ୍ୟାପଟପ୍, କମ୍ପ୍ୟୁଟର ଏବଂ ମୋବାଇଲ ଜବତ କରିନେଇଛନ୍ତି। ରସିଦ ଏବଂ ବିଲ୍ ସହିତ ଷ୍ଟକ୍ ରେଜିଷ୍ଟରର ଯାଞ୍ଚରୁ ଅନେକ ଆଶ୍ଚର୍ଯ୍ୟଜନକ ସୂଚନା ସାମ୍ନାକୁ ଆସିଛି। ଏହି କାର୍ଯ୍ୟାନୁଷ୍ଠାନରେ ୩୦ରୁ ଅଧିକ ଅଧିକାରୀ ଏବଂ କର୍ମଚାରୀ ସାମିଲ ଥିଲେ।



## ଅଭିନେତ୍ରୀଙ୍କ ସ୍ମୃତିରେ ଅଭିନେତାଙ୍କ ଆତ୍ମହତ୍ୟା

ହାଇଦରାବାଦ, ୧୯।୫ (ଏଜେନ୍ସି): ତେଲୁଗୁ ଅଭିନେତା ଚନ୍ଦ୍ରକାନ୍ତ ଶୁକ୍ରବାର ଆତ୍ମହତ୍ୟା କରିଛନ୍ତି। ହାଇଦରାବାଦର ଅଲକାପୁର ସ୍ଥିତ ଘରୁ ତାଙ୍କ ମୃତଦେହ ମିଳିଛି। ତେବେ ତାଙ୍କ ମୃତ୍ୟୁ କେମିତି ହୋଇଥିଲା ତାହା ଜଣାପଡ଼ି ନାହିଁ।



ଏହା ପୂର୍ବରୁ ଗତ ସପ୍ତାହରେ ସଡ଼କ ଦୁର୍ଘଟଣାରେ ଅଭିନେତ୍ରୀ ପବିତ୍ରା ଜୟରାମ ପ୍ରାଣ ହରାଇ ଥିଲେ। ଏହି ଖବର ଶୁଣି ଚନ୍ଦ୍ରକାନ୍ତ ଅବସାଦଗ୍ରସ୍ତ ହୋଇଥିଲେ। ସେ ସାମାଜିକ ଗଣମାଧ୍ୟମରେ ପବିତ୍ରାଙ୍କୁ ନେଇ କୋହଭରା ପୋଷ୍ଟ ସେୟାର କରି ଚାଲିଥିଲେ। ଶେଷରେ ତାଙ୍କ ବିଚ୍ଛେଦ ସହି ନ ପାରି ନିଜେ ଆତ୍ମହତ୍ୟା କରିଥିଲେ ବୋଲି କୁହାଯାଉଛି। ଏହି ମାମଲାରେ ପୁଲିସ ଚନ୍ଦ୍ରକାନ୍ତଙ୍କ ପିତାଙ୍କ ବୟାନ ରେକର୍ଡ କରିଛି। ପବିତ୍ରାଙ୍କ ମୃତ୍ୟୁରେ ପୁଅ ଭାଙ୍ଗି ପଡ଼ିଥିଲେ ବୋଲି ସେ କହିଛନ୍ତି। ରିପୋର୍ଟ ଅନୁଯାୟୀ ଚନ୍ଦ୍ରକାନ୍ତ ଏବଂ ପବିତ୍ରା ଉଭୟ ବିବାହ କରି ସାରିଥିଲେ। ଏହା ଅନ୍ୟମାନଙ୍କୁ ଲୁଚାଇ ରଖିଥିଲେ। ଆଉ କିଛି ରିପୋର୍ଟରେ ଉଭୟେ ପ୍ରେମ କରୁଥିଲେ ଏବଂ ଏକାଠି ରହୁଥିଲେ ବୋଲି କୁହାଯାଇଛି।

● ଇଞ୍ଜିନରେ ନିଆଁ

## ଏୟାର ଇଣ୍ଡିଆ ବିମାନର ଜରୁରୀ ଅବତରଣ

ନୂଆଦିଲ୍ଲୀ, ୧୯।୫ (ଏଜେନ୍ସି): ଏୟାର ଇଣ୍ଡିଆ ଏକ୍ସପ୍ରେସର ବେଙ୍ଗାଲୁରୁ-କୋଚି ବିମାନ (ଆଇଏକ୍ସ ୧୧୩୨) ଇଞ୍ଜିନରେ ଶନିବାର ବିଳମ୍ବିତ ରାତିରେ ଅଚାନକ ନିଆଁ ଲାଗିଯାଇଛି। ଏଥିଯୋଗୁଁ ରାତି ପ୍ରାୟ ୧୧ଟା ୧୨ରେ ବେଙ୍ଗାଲୁରୁ ଅନ୍ତର୍ଜାତୀୟ ବିମାନବନ୍ଦରରେ ବିମାନ ଜରୁରୀ ଅବତରଣ କରିଛି। ଏଥିରେ ୧୭୯ ଯାତ୍ରୀ ଏବଂ ୬ ଜଣ କ୍ରୁ ସଦସ୍ୟ ଯାତ୍ରା କରୁଥିଲେ। ସମସ୍ତଙ୍କୁ ସୁରକ୍ଷିତ ଭାବେ ବିମାନରୁ ବାହାର କରିଦିଆଯାଇଛି। ସମସ୍ତଙ୍କୁ ଆଉ ଏକ ବିମାନରେ ଗନ୍ତବ୍ୟସ୍ଥଳକୁ ପଠାଇ ଦିଆଯାଇଛି। ବିମାନବନ୍ଦର ପ୍ରବକ୍ତାଙ୍କ ସୂଚନା ଅନୁଯାୟୀ ବିମାନ ଉଡ଼ାଣ କରିବାର କିଛି ସମୟ ପରେ ଡାହାଣ ପାଖ ଇଞ୍ଜିନରେ ନିଆଁ ଲାଗି ଯାଇଥିଲା। ଏ ପର୍ଯ୍ୟନ୍ତ ଏହାର କାରଣ ଜଣାପଡ଼ି ନାହିଁ। ଏୟାରଲାଇନ୍ସ ପକ୍ଷରୁ ମାମଲାର ତଦନ୍ତ ନିର୍ଦ୍ଦେଶ ଦିଆଯାଇଛି।

# ଆଣ୍ଡାମାନ-ନିକୋବର ଛୁଇଁଲା ମୌସୁମୀ

■ **ନୂଆଦିଲ୍ଲୀ, ୧୯।୫ (ଏଜେନ୍ସି):** ଦେଶରେ ପ୍ରବଳ ଗ୍ରୀଷ୍ମ ଲହରୀ ଜାରି ରହିଥିବାବେଳେ ଖୁସି ଖବର ଆସିଛି। ମୌସୁମୀ ବାୟୁ ଆଣ୍ଡାମାନ ଏବଂ ନିକୋବର ଦ୍ୱୀପପୁଞ୍ଜରେ ପହଞ୍ଚି ଯାଇଛି। ଏହାର ପ୍ରଭାବରେ ଗତ ୨୪ ଘଣ୍ଟା ହେଲା ପ୍ରବଳ ବର୍ଷା ଜାରି ରହିଛି। ଭାରତୀୟ ପାଣିପାଗ ବିଭାଗ (ଆଇଏମଡି) ପକ୍ଷରୁ ରବିବାର ଏହି ସୂଚନା ଦିଆଯାଇଛି। ଗତ ବର୍ଷ ମଧ୍ୟ ମୌସୁମୀ ବାୟୁ ସମାନ ତାରିଖରେ ଆଣ୍ଡାମାନ ଏବଂ ନିକୋବର ଦ୍ୱୀପପୁଞ୍ଜ ଛୁଇଁ ଥିଲା। ମାତ୍ର ୯ ଦିନ ବିଳମ୍ବରେ ଜୁନ୍ ୮ରେ କେରଳରେ ପହଞ୍ଚି ଥିଲା। କିନ୍ତୁ ଚଳିତ ଥର ମୌସୁମୀ ବାୟୁ ସମୟ ପୂର୍ବରୁ କେରଳ ଛୁଇଁପାରେ। ଏହା ୩୧ ତାରିଖରେ ରାଜ୍ୟରେ ପ୍ରବେଶ କରିବ ବୋଲି ଅନୁମାନ କରାଯାଉଛି। ଏଥିରେ ୪ ଦିନ ଆଗପଛ ମଧ୍ୟ ହୋଇପାରେ। ଅର୍ଥାତ୍ ୨୮ରୁ ଜୁନ୍ ୩ ମଧ୍ୟରେ ଯେକୌଣସି ସମୟରେ ପ୍ରବେଶ କରିପାରେ। ଆଇଏମଡି ପକ୍ଷରୁ କୁହାଯାଇଛି ଯେ ଦକ୍ଷିଣ-ପଶ୍ଚିମ ମୌସୁମୀ ବାୟୁ ରବିବାର ମାଳଦ୍ୱୀପର କିଛି ଅଂଶ, କୋମୋରିନ କ୍ଷେତ୍ର, ଦକ୍ଷିଣ ବଙ୍ଗୋପସାଗର ଉପକୂଳ, ▶ପୃଷ୍ଠା-୯


**୪୬.୮ ଡିଗ୍ରୀ ତାତିରେ ଛଟପଟ ଦିଲ୍ଲୀ**

THE SAKALA
PRINTED AT BHUBANESWAR ■ JEYPORE ■ SAMBALPUR ■ PANIKOILI



## କେନ୍ଦୁଝର ଓ ଭଦ୍ରକ ସଂସଦୀୟ କ୍ଷେତ୍ରରେ ନବୀନଙ୍କ ନିଶାଣ

# ମିଛ ଓ ଅପପ୍ରଚାର ବିରୋଧୀଙ୍କ ଅସ୍ତ୍ର



■ **କେନ୍ଦୁଝର/ଭଦ୍ରକ/ଆନନ୍ଦପୁର,୧୯।୫(ସମିସ):** ଆମେ ବିକାଶକୁ ଆଧାର କରି ନିର୍ବାଚନ ଲଢୁଛୁ। ଜନକଲ୍ୟାଣ ପାଇଁ ନେଇଥିବା ପଦକ୍ଷେପକୁ ଆୟୁଧ କରି ଭୋଟ ମାଗୁଛୁ; କିନ୍ତୁ ବିରୋଧୀ ମିଥ୍ୟା ଓ ଅପପ୍ରଚାରକୁ ଅସ୍ତ୍ର କରିଛନ୍ତି। ବାରମ୍ବାର ପ୍ରତାରଣା କରି ପୁଣି ଭୋଟ ମାଗିବାକୁ ଆସିଛନ୍ତି। ବିଜେପିର ଚାଲାକିକୁ ବୁଝନ୍ତୁ, ସତର୍କ ରୁହନ୍ତୁ ବୋଲି ଜନସାଧାରଣଙ୍କୁ ପରାମର୍ଶ ଦେଇଛନ୍ତି ବିଜେଡି ସୁପ୍ରିମୋ ତଥା ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ। କେନ୍ଦୁଝର ଓ ଭଦ୍ରକ ସଂସଦୀୟ କ୍ଷେତ୍ରର ବିଭିନ୍ନ ସ୍ଥାନରେ ନିର୍ବାଚନ ପ୍ରଚାର କରି ମୁଖ୍ୟମନ୍ତ୍ରୀ କହିଛନ୍ତି ଯେ ବିରୋଧୀଙ୍କ କୁମ୍ଭୀର କାନ୍ଦଣା ଚଳିବନି। ସେମାନଙ୍କର ସବୁ ଚାଲାକିକୁ ରାଜ୍ୟବାସୀ ଭଣ୍ଡୁର କରିଦେବେ। ▶ପୃଷ୍ଠା-୯

## ମୁଖ୍ୟମନ୍ତ୍ରୀଙ୍କ ପ୍ରତି ଲୋକଙ୍କ ଭଲ ପାଇବା ଦେଖି ବିରୋଧୀଙ୍କ ହୋସ୍ ଉଡ଼ିଯାଉଛି: ପାଣ୍ଡିଆନ

■ **କେନ୍ଦୁଝର, ୧୯।୫ (ସମିସ):** କେନ୍ଦୁଝର ଓ ଭଦ୍ରକ ଲୋକସଭା ନିର୍ବାଚନ ମଣ୍ଡଳୀ ସମାବେଶରେ ବିଜେଡିର ବରିଷ୍ଠ ନେତା କାର୍ତ୍ତିକ ପାଣ୍ଡିଆନ୍ ମଧ୍ୟ ବିରୋଧୀ ଓ ବିଜେପିକୁ କଟୁ ସମାଲୋଚନା କରିଛନ୍ତି। ସେ କହିଛନ୍ତି ଯେ ସବୁ ସ୍ଥାନରେ ମୁଖ୍ୟମନ୍ତ୍ରୀଙ୍କ ପ୍ରତି ଲୋକଙ୍କ ଭଲ ପାଇବା, ସ୍ନେହ ଓ ଜୋସ୍ ଦେଖି ବିରୋଧୀ ଦଳର ନିଦ ହଜିଯାଇଛି। ଏବେ ନିର୍ବାଚନ ସମୟରେ ଆସାମ ଓ ଛତିଶଗଡର ମୁଖ୍ୟମନ୍ତ୍ରୀ ଏଠାକୁ ଆସି କହୁଛନ୍ତି ଓଡିଶାକୁ ଏକ ନମ୍ବର କରିବେ। ତାହେଲେ ସେମାନେ ତାଙ୍କ ରାଜ୍ୟକୁ କଣ କରିବେ? ସାରା ଭାରତବର୍ଷ ଜାଣିଛି ଦେଶର ଏକ ନମ୍ବର ମୁଖ୍ୟମନ୍ତ୍ରୀ କିଏ। ଏକ ନମ୍ବର ମୁଖ୍ୟମନ୍ତ୍ରୀ ହିଁ ଓଡିଶାକୁ ଏକ ନମ୍ବର କରିବେ। ବିଭିନ୍ନ ରାଜ୍ୟର ମୁଖ୍ୟମନ୍ତ୍ରୀମାନେ ଆସି ନିର୍ବାଚନ ପାଇଁ ଏଠାରେ ବୁଲୁଛନ୍ତି।ସେମାନଙ୍କୁ ପଚାରନ୍ତୁ, ତାଙ୍କ ରାଜ୍ୟରେ ସେମାନେ ଏଭଳି କିଛି କରିଛନ୍ତି କି? ଏଠାରେ ଆସି ବଡ ବଡ କଥା କହୁଛନ୍ତି। ୧୦ ବର୍ଷ ତଳେ ବିଜେପି ଦଳ କହିଥିଲା ଆମେ କ୍ଷମତାକୁ ଆସିଲେ ଦରଦାମ କମାଇବୁ, ରୋଜଗାର ବୃଦ୍ଧି କରିବୁ, କିଛି କଲେ ନାହିଁ, ଏବେ ଆସି ଭୋଟ ପାଇଁ ମିଛ କଥା କହୁଛନ୍ତି, ଅପ୍ରଚାର କରୁଛନ୍ତି। ଏମାନେ ଲୋକଙ୍କ ପାଇଁ କାମ କରନ୍ତି ନାହିଁ, ଭୋଟ ପାଇଁ ମିଛ କଥା କୁହନ୍ତି।

ଶ୍ରୀ ପାଣ୍ଡିଆନ କହିଥିଲେ ଯେ ଜୁନ ୯ ରେ ୧୧.୩୦ ରୁ ୧.୦୦ ମଧ୍ୟରେ ନବୀନ ପଟ୍ଟନାୟକ ପୁଣି ଥରେ ମୁଖ୍ୟମନ୍ତ୍ରୀ ଭାବେ ଶପଥ ନେବେ, ଏହା ସାରା ଓଡିଶାବାସୀ ଜାଣିଛନ୍ତି। ଶପଥ ନେବା ପରେ ପ୍ରଥମ ଦସ୍ତଖତ ▶ପୃଷ୍ଠା-୯

**ଜୁନ୍ ୯ରେ ଶପଥ ନେବେ ମୁଖ୍ୟମନ୍ତ୍ରୀ, ଜୁଲାଇ ମାସରୁ ବିଜୁଳି ବିଲ୍ ବନ୍ଦ**

**ଏକ ନମ୍ବର ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ଓଡ଼ିଶାକୁ ଏକନମ୍ବର କରିବେ**

**ମୁଖ୍ୟମନ୍ତ୍ରୀଙ୍କ ହୃଦୟରେ ଆଦିବାସୀ ଭାଇଭଉଣୀଙ୍କ ପାଇଁ ସ୍ୱତନ୍ତ୍ର ସ୍ଥାନ**

**ଆସାମ ଓ ଛତିଶଗଡ଼ ମୁଖ୍ୟମନ୍ତ୍ରୀଙ୍କ 'ଏକନମ୍ବର' ଘୋଷଣାକୁ କଟାକ୍ଷ**

**ସମ୍ବଲପୁର ସଂସଦୀୟ କ୍ଷେତ୍ରରେ ଧର୍ମେନ୍ଦ୍ରଙ୍କୁ ପାଣ୍ଡିଆନ୍‌ଙ୍କ ସିଧା ନିଶାଣ**

## କାମର ହିସାବ ମାଗିଲେ ରାଗୁଛନ୍ତି



**୧୦ ବର୍ଷ କାମର ହିସାବ ଦେଇ ପାରୁ ନାହାନ୍ତି**

**କାମ କରିବେ ନାହିଁ, କରାଇ ଦେବେନାହିଁ**

**ବିଜେପି ଆସିଲେ କୁଚିଣ୍ଡା ୨୦ ବର୍ଷ ପଛକୁ ଚାଲିଯିବ**

**ଆପଣମାନଙ୍କ କାମ କରି ମୁଖ୍ୟମନ୍ତ୍ରୀ ବହୁତ ଖୁସି**

**ଚାଷୀଙ୍କୁ ମିଳିବ ସ୍ୱତନ୍ତ୍ର ପ୍ୟାକେଜ, ଶୀତଳଭଣ୍ଡାର ହେବ**

■ **କୁଚିଣ୍ଡା, ୧୯।୫ (ସମିସ):** ସମ୍ବଲପୁର ସଂସଦୀୟ କ୍ଷେତ୍ରର କୁଚିଣ୍ଡାରେ ଦଳୀୟ ପ୍ରାର୍ଥୀଙ୍କ ପ୍ରଚାର ଅବସରରେ କେନ୍ଦ୍ରମନ୍ତ୍ରୀ ଧର୍ମେନ୍ଦ୍ରଙ୍କୁ ନିଶାଣ କରିଛନ୍ତି ବିଜେଡି ନେତା କାର୍ତ୍ତିକ ପାଣ୍ଡିଆନ। କାମର ହିସାବ ମାଗିଲେ କେନ୍ଦ୍ରମନ୍ତ୍ରୀ ରାଗୁଛନ୍ତି ବୋଲି ଉଲ୍ଲେଖ କରି ସେ କାମ କରୁନାହାନ୍ତି କିମ୍ବା କାମ କରାଇ ଦେଉନାହାନ୍ତି। କେନ୍ଦ୍ରମନ୍ତ୍ରୀ ଭାବରେ ସେ ଅଞ୍ଚଳ ପାଇଁ ୧୦ ବର୍ଷରେ କ'ଣ କାମ କରିଛନ୍ତି ତାହାର ହିସାବ ଦେଇ ପାରୁ ନାହାନ୍ତି। ଓଲଟି ଅଶାଳୀନ ଭାଷା ପ୍ରୟୋଗ କରୁଛନ୍ତି। ସାଧାରଣ ଲୋକ ସବୁ ଦେଖୁଛନ୍ତି। କିଏ ଭୋଟ ପାଇଁ ଲୋକଙ୍କୁ ଠକୁଛି ଆଉ କିଏ ଲୋକଙ୍କ ପାଇଁ ଦିନ ରାତି କାମ କରୁଛି ତାହା ଜାଣିଛନ୍ତି। ▶ପୃଷ୍ଠା-୯

**ରାଜ୍ୟରେ ଦ୍ୱିତୀୟ ପର୍ଯ୍ୟାୟ ନିର୍ବାଚନ**

# ଆଜି ଭୋଟ୍

■ **ଭୁବନେଶ୍ୱର, ୧୯।୫ (ସମିସ):** ଆସନ୍ତାକାଲି ଅର୍ଥାତ୍ ସୋମବାର ସାମଗ୍ରିକ ଭାବେ ଦେଶରେ ପଞ୍ଚମ ଏବଂ ରାଜ୍ୟରେ ଦ୍ୱିତୀୟ ପର୍ଯ୍ୟାୟ ମତଦାନ ହେବ। ଏହି ପର୍ଯ୍ୟାୟରେ ରାଜ୍ୟର ୫ ଲୋକସଭା ଏବଂ ଏହା ଅନ୍ତର୍ଗତ ୩୫ ବିଧାନସଭା ଆସନ ପାଇଁ ମତଦାନ ହେବ। ଏଥିପାଇଁ ପ୍ରଶାସନିକ ସ୍ତରରେ ସମସ୍ତ ପ୍ରସ୍ତୁତି ଶେଷ ହୋଇଛି। ସମସ୍ତ ୩୫ଟି ଯାକ ନିର୍ବାଚନମଣ୍ଡଳୀରେ ପୋଲିଂ ପାର୍ଟି ପହଞ୍ଚି ସାରିଥିବା ବେଳେ ସୁରକ୍ଷା ବ୍ୟବସ୍ଥାକୁ ମଧ୍ୟ କଡ଼ାକଡ଼ି କରାଯାଇଛି।

ଦ୍ୱିତୀୟ ପର୍ଯ୍ୟାୟରେ ବରଗଡ଼, ସୁନ୍ଦରଗଡ଼, ବଲାଙ୍ଗିର, କନ୍ଧମାଳ ଓ ଆସ୍କା ଲୋକସଭା କ୍ଷେତ୍ର ଏବଂ ଏହା ଅଧିନରେ ଆସୁଥିବା ୩୫ ବିଧାନସଭା ଆସନ ପାଇଁ ମତଦାନ ହେବ। ୫ ଲୋକସଭା କ୍ଷେତ୍ର ପାଇଁ ମୋଟ ୪୦ ଜଣ ପ୍ରାର୍ଥୀ ଥିବାବେଳେ ୩୫ଟି ବିଧାନସଭା ଆସନ ପାଇଁ ମୋଟ ୨୬୫ ଜଣ ପ୍ରାର୍ଥୀ ନିଜର ଭାଗ୍ୟ ପରୀକ୍ଷା କରିବାକୁ ଯାଉଛନ୍ତି। ଏହି ପର୍ଯ୍ୟାୟରେ ମୋଟ ୭୯,୬୯,୮୮୭ ଜଣ ମତଦାତା ନିଜ ନିଜର ମତାଧିକାର ସାବ୍ୟସ୍ତ କରିବେ। ମତଦାନ ପ୍ରକ୍ରିୟାରେ ୬୦ ହଜାରରୁ ଉଦ୍ଧ୍ୱର୍ ପୋଲିଂ କର୍ମଚାରୀ ନିୟୋଜିତ ହୋଇଥିବା ବେଳେ ମତଦାନ ପାଇଁ ୯୧୪୮ଟି ମତଦାନ କେନ୍ଦ୍ର ଓ ୧୪ଟି ଅତିରିକ୍ତ ମତଦାନ କେନ୍ଦ୍ରକୁ ମିଶାଇ ମୋଟ ୯୧୬୨ ମତଦାନ କେନ୍ଦ୍ର ରହିଛି। ସୁରକ୍ଷା ଦୃଷ୍ଟିକୋଣରୁ ୧୬୮୯ଟି ମତଦାନ କେନ୍ଦ୍ରରେ ଅପରାହ୍ନ ୪ଟା ସୁଦ୍ଧା ଭୋଟଗ୍ରହଣ ସରିବ। ସେହିପରି ୫ଟା ସୁଦ୍ଧା ୯୩୩ କେନ୍ଦ୍ରରେ ମତଦାନ ▶ପୃଷ୍ଠା-୯



**୫ ଲୋକସଭା, ୩୫ ବିଧାନସଭା ଆସନ ପାଇଁ ୩୦୫ ପ୍ରାର୍ଥୀ**











ରେଙ୍ଗାଲି, କୁଚିଣ୍ଡା, ଭଦ୍ରକ, କେନ୍ଦୁଝର ଓ ହାଟଡିହୀରେ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ଓ ବିଜେଡିର ଷ୍ଟାର ପ୍ରଚାରକ କାର୍ତ୍ତିକ ପାଣ୍ଡିଆନଙ୍କ ମାରାଥନ ପ୍ରଚାର

### ବଡ଼ଦାଣ୍ଡରେ ମେଗା ରୋଡ୍ ଶୋ' ଆଜି

# ସକାଳେ ପ୍ରଧାନମନ୍ତ୍ରୀ, ସନ୍ଧ୍ୟାରେ ପାଣ୍ଡିଆନ

**ପୁରୀ,୧୯।୫(ସମିସ):** ପୁରୀ ବଡ଼ଦାଣ୍ଡରେ ହେବ ମେଗା ରୋଡ୍ ଶୋ'। ସୋମବାର ସକାଳେ ଏବଂ ସନ୍ଧ୍ୟାରେ ଦୁଇ ପ୍ରମୁଖ ରାଜନୈତିକ ଦଳ ପକ୍ଷରୁ ଏହି ରୋଡ୍ ଶୋ' କରାଯିବ। ସକାଳେ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ଏବଂ ସନ୍ଧ୍ୟାରେ ବିଜେଡିର ବରିଷ୍ଠ ନେତା ତଥା ତାରକା ପ୍ରଚାରକ କାର୍ତ୍ତିକ ପାଣ୍ଡିଆନ ରୋଡ୍ ଶୋ' କରିବେ। ପୁରୀ ଦେଖିବ ଗୋଟିଏ ଦିନରେ ଦୁଇ ପ୍ରମୁଖ ଦଳର ହାଇ ଭୋଲ୍ଟେଜ ରୋଡ ଶୋ'। ନିଜ ନିଜର ଦଳୀୟ ପ୍ରାର୍ଥୀଙ୍କ ସପକ୍ଷରେ ଭୋଟ ମାଗିବେ ନେତା। ଏଥିପାଇଁ ଚଳଚଞ୍ଚଳ ହୋଇପଡ଼ିଛି ଶ୍ରୀକ୍ଷେତ୍ର ପୁରୀ। ବିଶେଷକରି ପ୍ରଧାନମନ୍ତ୍ରୀ ପୁରୀ ଆସୁଥିବାରୁ ସୁରକ୍ଷା ବ୍ୟବସ୍ଥାକୁ ଅଧିକ କଡ଼ାକଡ଼ି କରାଯାଇଛି।

ପ୍ରଧାନମନ୍ତ୍ରୀ ସୋମବାର ଭୁବନେଶ୍ୱରରୁ ବାୟୁସେନାର ସ୍ୱତନ୍ତ୍ର ହେଲିକପ୍ଟର ଯୋଗେ ଆସି ସକାଳେ ସାଢେ ୬ରୁ ୭ଟା ମଧ୍ୟରେ ତାଳବଣିଆ ହେଲିପ୍ୟାଡରେ ପହଞ୍ଚିବେ। ସେଠାରୁ ପ୍ରଧାନମନ୍ତ୍ରୀଙ୍କ କାର୍‌କେଡ ଶ୍ରୀମନ୍ଦିର ନିକଟକୁ ଆସିବ। ପୂର୍ବରୁ ଧାର୍ଯ୍ୟ ବ୍ୟକ୍ତିବିଶେଷ ପ୍ରଧାନମନ୍ତ୍ରୀଙ୍କୁ ସ୍ୱାଗତ କରି ମନ୍ଦିରକୁ ପାଛୋଟି ନେବେ। ମହାପ୍ରଭୁଙ୍କ ଦର୍ଶନ ଏବଂ ପୂଜାର୍ଚ୍ଚନା କରିବେ। ମନ୍ଦିର ପରିସରରେ ପ୍ରାୟ ୪୦ ମିନିଟ୍ ବିତାଇବା ପରେ ବାହାରକୁ ଆସିବେ। ଏହାପରେ ପ୍ରଧାନମନ୍ତ୍ରୀ ବଡ଼ଦାଣ୍ଡର ମରିଚିକୋଟ ଛକଠାରୁ ମେଡିକାଲ ଛକ ଯାଏ ରୋଡ୍ ଶୋ' କରି ଦଳୀୟ ପ୍ରାର୍ଥୀଙ୍କ ପାଇଁ ଭୋଟ ଭିକ୍ଷା କରିବେ। ସକାଳ ୮ଟାରୁ ୯ଟା ୧ ଘଣ୍ଟା ପ୍ରଧାନମନ୍ତ୍ରୀ ରୋଡ୍ ଶୋ' କରିବେ। ଏହାପରେ ହେଲିପ୍ୟାଡ୍‌କୁ ଯାଇ ସେଠାରୁ ବାୟୁସେନାର ସ୍ୱତନ୍ତ୍ର ହେଲିକପ୍ଟର ଯୋଗେ ଫେରିଯିବେ।

ପ୍ରଧାନମନ୍ତ୍ରୀଙ୍କ ରୋଡ୍ ଶୋ' ପରେ ସନ୍ଧ୍ୟାରେ ବିଜେଡିର ତାରକା ପ୍ରଚାରକ ଶ୍ରୀ ପାଣ୍ଡିଆନ ରୋଡ୍ ଶୋ' କରିବାର କାର୍ଯ୍ୟକ୍ରମ ରହିଛି। ସେ ମଧ୍ୟ ବଡ଼ଦାଣ୍ଡର ମରିଚିକୋଟ ଛକଠାରୁ ଗୁଣ୍ଡିଚା ମନ୍ଦିର ପର୍ଯ୍ୟନ୍ତ ରୋଡ୍ ଶୋ' କରି ଦଳୀୟ ପ୍ରାର୍ଥୀଙ୍କ ପାଇଁ ଭୋଟ ଭିକ୍ଷା କରିବେ। ତେଣୁ ଗୋଟିଏ ଦିନରେ ଦୁଇଦଳର ହେବିୱେଟଙ୍କ ରୋଡ୍ ଶୋ' ଦେଖିବେ ପୁରୀବାସୀ।

# ଦ୍ୱିତୀୟ ପର୍ଯ୍ୟାୟ ନିର୍ବାଚନ: ଜଗିବେ ୩୩ ହଜାର ପୁଲିସ

**ଭୁବନେଶ୍ୱର, ୧୯।୫(ସମିସ):** ଆସନ୍ତାକାଲି ଓଡ଼ିଶାର ଦ୍ୱିତୀୟ ପର୍ଯ୍ୟାୟ ନିର୍ବାଚନରେ ୫ଟି ଲୋକସଭା ଓ ୩୫ଟି ବିଧାନସଭା କ୍ଷେତ୍ର ପାଇଁ ଭୋଟ ଗ୍ରହଣ ହେବ। ୫ଟି ମାଓପ୍ରବଣ ଜିଲ୍ଲା ସହ ମୋଟ ୧୧ ପୁଲିସ ଜିଲ୍ଲାରେ ଏଥିପାଇଁ ବ୍ୟାପକ ପୁଲିସ ବ୍ୟବସ୍ଥା ହୋଇଛି। ୭୩୩୯ ସ୍ଥାନରେ ମୋଟ୍ ୯୧୬୨ ପୁଲିଂ ବୁଥ ସ୍ଥାପନ ହୋଇଛି ଓ ଏହାମଧ୍ୟରୁ ମାଓ ପ୍ରଭାବିତ ଅଞ୍ଚଳରେ ୫୫୬ ବୁଥ ରହିଛି। ଶୃଙ୍ଖଳିତ ନିର୍ବାଚନ ପରିଚାଳନା ନିମନ୍ତେ ବିଭିନ୍ନ ପାହ୍ୟାର ୩୩ ହଜାର ପୁଲିସ କର୍ମଚାରୀଙ୍କୁ ନିୟୋଜିତ କରାଯାଇଛି। ଏମାନଙ୍କ ମଧ୍ୟରେ ୪୭ଜଣ ଅତିରିକ୍ତ ଏସ୍‌ପି, ୮୮ଜଣ ଡିଏସ୍‌ପି, ୨୩୬ଜଣ ଇନ୍ସପେକ୍ଟର, ଏଏସ୍‌ଆଇ/ଏସ୍‌ଆଇ ୨୦୦୦, କନଷ୍ଟେବଲ/ହାବିଲଦାର ୧୧୮୦୦, ଗୃହରକ୍ଷୀ/ଗ୍ରାମରକ୍ଷୀ ୫୮୦୦ଜଣ ରହିଛନ୍ତି। ଏଥିସହ ୧୦୨ କମ୍ପାନୀ ଅର୍ଦ୍ଧ ସାମରିକ ବାହିନୀ, ୬୬ ପ୍ଲାଟୁନ ଓଏସ୍‌ଏପି (ଆର୍ମଡ୍ ଫୋର୍ସ)ଙ୍କୁ ନିୟୋଜିତ କରାଯାଇଛି। ସେପରି ଏହି ୧୧ଟି ପୁଲିସ ଜିଲ୍ଲାରେ ୬୫୫ ମୋବାଇଲ ପାଟ୍ରୋଲିଂ ପାର୍ଟି ନିୟୋଜିତ ହୋଇଛି। ପ୍ରତି ମୋବାଇଲ ପାର୍ଟିରେ ଜଣେ ଅଫିସର, ହାବିଲଦାର ଓ ଦୁଇ ଆର୍ମଡ୍ କନଷ୍ଟେବଲ ନିୟୋଜିତ ହୋଇଛନ୍ତି। ପ୍ରତ୍ୟେକ ବିଧାନସଭା ନିର୍ବାଚନ କ୍ଷେତ୍ର ଲାଗି ଜଣେ ଅତିରିକ୍ତ ଏସ୍‌ପି, ୨ଜଣ ଡିଏସ୍‌ପି, ଜଣେ ଇନ୍ସପେକ୍ଟର ସହ ଆର୍ମଡ୍ ଫୋର୍ସ ଓ କୁଇକ ଆକ୍ସନ ଟିମ୍ ରହିବେ।




ସୁରକ୍ଷା ଦୃଷ୍ଟିକୋଣରୁ ୧୧ଟି ପୁଲିସ ଜିଲ୍ଲାରେ ଥିବା ୪୭ଟି ଆନ୍ତଃରାଜ୍ୟ ସୀମାର ଚେକ୍‌ପୋଷ୍ଟ ଗଠନ କରାଯାଇଛି। ଛତିଶଗଡ଼ ଓ ଝାଡଖଣ୍ଡ ସୀମାକୁ ସିଲ୍ କରାଯାଇଛି। ସବୁଠି ସିସିଟିଭି ଲଗାଯାଇ ଜିଲ୍ଲା କଣ୍ଟ୍ରୋଲ ରୁମ୍ ସହ ସଂଯୋଗ କରାଯାଇଛି। ନିର୍ବାଚନ କମିସନରଙ୍କ ନିର୍ଦ୍ଦେଶକ୍ରମେ ୨୫୭ଟି ଫ୍ଲାଇଂସ୍କ୍ୱାଡ ଓ ୨୫୧ଟି ଷ୍ଟାଟିକ୍ ସର୍ଭେଲାନ୍ସ ଟିମ୍ ନିୟୋଜିତ ହୋଇଛନ୍ତି। ୮୭୯ଟି ଲୋକେସନ୍‌ରେ ମୋବାଇଲ ନେଟ୍‌ୱର୍କ ସମସ୍ୟା ଥିବାରୁ ବିକଳ୍ପ ବ୍ୟବସ୍ଥା ହିସାବରେ ଭିଏଚ୍‌ଏଫ୍, ସାଟେଲାଇଟ୍ ଫୋନ୍ ସହିତ ବାଇକ ରନର୍ ବ୍ୟବସ୍ଥା କରାଯାଇଛି। ଅନୁରୂପ ଭାବେ ନିର୍ବାଚନ ସମୟରେ ଫେକ୍ ନ୍ୟୁଜ ହେଉ ଅବା ଅପପ୍ରଚାର ରୋକିବାକୁ ସୋସିଆଲ୍ ମିଡିଆ ମନିଟରିଂ ସେଲ୍‌ଫ ସ୍ଥାପନ ହୋଇଛି। ବିବାଦୀୟ ୩୭୧ଟି ପୋଷ୍ଟ ସୋସିଆଲ ମିଡିଆରୁ ଅପସାରଣ କରାଯାଇଛି। ସେପରି ଆଇଟି ଆକ୍ଟରେ ୫ଟି ମାମଲା ରୁଜୁ ହେବା ସହ ଜଣକୁ ଗିରଫ କରାଯାଇଛି। ସେଭଳି ୬୮୨ଟି ସୋସିଆଲ ମିଡିଆ ଆକାଉଣ୍ଟଗୁଡିକ ଉପରେ କଡ଼ା ନଜର ରଖାଯାଇଛି ବୋଲି ରବିବାର ଅନୁଷ୍ଠିତ ସାମ୍ବାଦିକ ସମ୍ମିଳନୀରେ ଡିଜିପି ଅରୁଣ କୁମାର ଷଡଙ୍ଗୀ ସୂଚନା ଦେଇଛନ୍ତି। ଏହି ଅବସରରେ ଆଇନଶୃଙ୍ଖଳା ଏଡିଜି ସଞ୍ଜୟ କୁମାର, ଏଡିଜି ଏସ୍‌ଏପି ଆର୍‌ପି କୋଚେ, ଆଇଜି ଟ୍ରେନିଂ ଏସ୍.ସାଇନି, ଆଇଜି କ୍ରାଇମ୍‌ବ୍ରାଞ୍ଚ ସଫିନ ଅହମ୍ମଦ, ଆଇଜି ପ୍ରୋଭିଜନିଂ ଯତୀନ୍ଦ୍ର କୋଏଲ୍ ଓ ମୁଖ୍ୟାଳୟ ଏଆଇଜି ବାତୁଲା ଗଙ୍ଗାଧର ଉପସ୍ଥିତ ଥିଲେ।

- ୧୧ଟି ପୁଲିସ ଜିଲ୍ଲାରେ ୯୧୬୨ ବୁଥରେ ମତଦାନ କେନ୍ଦ୍ର
- ମାଓ ପ୍ରଭାବିତ ୫ ଜିଲ୍ଲାରେ ୫୫୬ ବୁଥରେ ଦୁଇଗୁଣ ସୁରକ୍ଷା
- ୧୦୨ କମ୍ପାନୀ ଅର୍ଦ୍ଧ ସାମରିକ, ୬୬ ପ୍ଲାଟୁନ ଆର୍ମ ପୁଲିସ
- ୬୫୫ ଭ୍ରାମ୍ୟମାଣ ପାଟ୍ରୋଲିଂ ପାର୍ଟି ମୁତୟନ
- ଛତିଶଗଡ଼ ଓ ଝାଡଖଣ୍ଡର ସୀମା ସିଲ୍; ହଟୁଛି ବିବାଦୀୟ ପୋଷ୍ଟ
- ମୋବାଇଲ ନେଟ୍‌ୱାର୍କ ନଥିବା ସ୍ଥାନରେ ବିକଳ୍ପ ବ୍ୟବସ୍ଥା
- ଇଭିଏମ୍ ସୁରକ୍ଷିତ ରଖିବା ଲାଗି ୧୮ ସ୍ଥାନରେ ଷ୍ଟ୍ରଙ୍ଗରୁମ୍

# ନିର୍ବାଚନ ଆସିଲେ ମନେପଡ଼େ 'ନିର୍ବାଚନୀ ମାର୍ଗ'

### ଜନତାଙ୍କ ଏକତା ଆଗରେ ମୁଣ୍ଡ ନୁଆଁଇଥିଲେ ନେତା

**ରାମଚନ୍ଦ୍ରପୁର,୧୯।୫(ସମିସ):** ନିର୍ବାଚନ ଆସିଲେ ଗାଁରୁ ସହର ସବୁଠି ନେତା ମାଳ ମାଳ। କଥା କଥାକେ ଘୋଡ଼ା ଛୁଟେ। ଛକ ବଜାରରେ ଆସର ଜମେ। ଭୋଟ ପାଇଁ ପୁଳା ପୁଳା ପ୍ରତିଶ୍ରୁତି ଅଜାଡ଼ି ହୋଇପଡେ। କେତେ ଯେ ନିର୍ବାଚନ ଆସେ, ଯାଏ ତା'ର ହିସାବ ନଥାଏ। ଆଉ ନିର୍ବାଚନ ପରେ କେଉଁଠି ପ୍ରତିଶ୍ରୁତି ପୂରଣ ହୁଏ, ତ ଆଉ କେଉଁଠି ତାହା ଅଲୋଡା ହୋଇଯାଏ। କିନ୍ତୁ ଏକ ନିପଟ ମଫସଲ ଅଞ୍ଚଳରେ ୩୯ ବର୍ଷ ତଳେ ଘଟିଥିବା ଏକ ଘଟଣା ଆଜି ବି ନିର୍ବାଚନ ଆସିଲେ ଲୋକଙ୍କ ମନକୁ ଆନ୍ଦୋଳିତ କରେ। ଜନତାଙ୍କ ଏକତା ଆଗରେ କିପରି ନେତା ଓ ପ୍ରଶାସନକୁ ମୁଣ୍ଡ ନୁଆଁଇବାକୁ ପଡ଼ିଥିଲା ତାହା ଦର୍ଶାଇ ଦିଏ ଏହି ଘଟଣା ପରେ ନିର୍ମାଣ ହୋଇଥିବା 'ନିର୍ବାଚନୀ ମାର୍ଗ'।

କେନ୍ଦୁଝର ଜିଲ୍ଲା ଘସିପୁରା ନିର୍ବାଚନ ମଣ୍ଡଳି ଅଧୀନରେ ଥିବା ଗଡ଼ବାନ୍ଧଗୋଡ଼ା ପଞ୍ଚାୟତର କରଡ଼ାମାଳି, ନରଦା, ଗୁଡ଼ିଆଡିହ ଗାଁ। ଲୋକ ସଂଖ୍ୟା ୧୫ଶହ ପାଖାପାଖି। ସ୍ୱାଧୀନତାର ୩୮ ବର୍ଷ ପରେ ମଧ୍ୟ ତିନି ଗାଁକୁ ଭଲ ପକ୍କା ସଡ଼କଟିଏ ନଥିଲା। ଗାଁକୁ ସବୁଦିନିଆ ପକ୍କା ସଡ଼କ ନିର୍ମାଣ ପାଇଁ ସରପଞ୍ଚ ଠାରୁ ନେତା ମନ୍ତ୍ରୀ, ବିଡିଓଠୁ କଲେକ୍ଟର ସମସ୍ତଙ୍କ ନିକଟରେ ଗୁହାରି କରିଥିଲେ ମଧ୍ୟ ଗ୍ରାମବାସୀଙ୍କ ସବୁଠି ନିରାଶା ହେବାକୁ ପଡ଼ିଥିଲା। ପ୍ରଶାସନିକ ସ୍ତରରେ ଦୂରଦୃଷ୍ଟି ଅଭାବ ଯୋଗୁ ତିନି ଖଣ୍ଡି ଗାଁଲୋକେ ଯାତାୟାତରେ ନାନା ଅସୁବିଧାର ସମ୍ମୁଖିନ ହେଉଥିଲେ। ଶେଷରେ ଗାଁରେ ବୈଠକ ବସି ନିଷ୍ପତି ହେଲା ସମସ୍ତେ 'ଭୋଟ ବର୍ଜନ' କରିବେ।




୧୯୮୫ ମସିହାରେ ବିଧାନସଭା ଓ ଲୋକସଭା ନିର୍ବାଚନ ପାଇଁ ସରକାରଙ୍କ ତରଫରୁ ବିଜ୍ଞପ୍ତି ପ୍ରକାଶ ପାଇବା ସହ ତାରିଖ ଘୋଷଣା ହେଲା। ଏହି ସୁଯୋଗକୁ ଚାହିଁ ବସିଥିଲେ ତିନି ଖଣ୍ଡି ଗ୍ରାମବାସୀ। ସ୍ଥାନୀୟ ନରଦା ଗାଁର ବୁଦ୍ଧିଜୀବୀ ସ୍ୱର୍ଗତ ଉମାକାନ୍ତ ବେହେରାଙ୍କ ଆହ୍ୱାନ କ୍ରମେ ଗାଁ କୋଠ ଘରେ ଜରୁରୀ ବୈଠକ ବସି ସମସ୍ତଙ୍କ ସହମତି କ୍ରମେ ଭୋଟ ବର୍ଜନ କରିବାକୁ ନିଷ୍ପତି ନିଆଗଲା। ସରକାରଙ୍କ ତରଫରୁ ପ୍ରାର୍ଥୀଙ୍କୁ ନିର୍ବାଚିତ କରିବାକୁ ଗାଁ ସ୍କୁଲରେ ଭୋଟ ଗ୍ରହଣ କେନ୍ଦ୍ର ଖୋଲିଲା। କିନ୍ତୁ ତିନି ଖଣ୍ଡି ଗ୍ରାମର କେହି ଜଣେ ହେଲେ ବି ମତଦାନ କେନ୍ଦ୍ରକୁ ଆସିଲେ ନାହିଁ। ଅପରାହ୍ନ ବେଳକୁ ଖବର ବିଭିନ୍ନ ଆଡେ ପ୍ରସାରିତ ହୋଇଗଲା। ଗାଁକୁ ବଡ଼ ବଡ଼ ଅଫିସର, ନେତା, ମନ୍ତ୍ରୀଙ୍କ ସୁଅ ଛୁଟିଲା। ଲୋକଙ୍କୁ ଅନେକ ପ୍ରତିଶ୍ରୁତି ମିଳିଲା। ହେଲେ ଗ୍ରାମବାସୀଙ୍କ ଜିଦ୍ ଆଗରେ ପ୍ରଶାସନ ଓ ରାଜନେତା ହାର୍ ମାନିଲେ। ଲୋକେ ଭୋଟ ଦାନରୁ ବିରତ ରହିଲେ। ତହିଁ ପରଦିନ ବିଭିନ୍ନ ଆଞ୍ଚଳିକ ଗଣମାଧ୍ୟମ ସହ ଜାତୀୟ ଗଣମାଧ୍ୟମରେ ଏହି ଘଟଣା ମୁଖ୍ୟ ପ୍ରସଙ୍ଗ ହୋଇରହିଲା। ତପୂରେ ସେହି ବର୍ଷ ନରଦା ଠାରୁ ତିନିଖଣ୍ଡି ଗାଁକୁ ମିଶାଇ ପଡ଼ୋଶୀ ଅଳତି ପର୍ଯ୍ୟନ୍ତ ଦୀର୍ଘ ୫ କିଲୋମିଟର ବ୍ୟାପୀ ସବୁଦିନିଆ ରାସ୍ତା ନିର୍ମାଣ କାର୍ଯ୍ୟ ଆରମ୍ଭ ହେଲା। କାଳକ୍ରମେ ସେହି ରାସ୍ତା ଏବେକାର ବିଧାୟକ ବଦ୍ରିନାରାୟଣ ପାତ୍ରଙ୍କ ହସ୍ତକ୍ଷେପ ପରେ ପକ୍କା ସଡ଼କରେ ପରିଣତ ହୋଇ ଲୋକଙ୍କ ଜୀବନ ଜୀବିକାରେ ଲାଇଫ୍ ଲାଇନ ଭାବେ ସହଭାଗିତା ଯୋଗାଇ ଦେଇଆସୁଛି। ଆଜି ବି ଲୋକେ ସେହି ରାସ୍ତାଟିକୁ 'ନିର୍ବାଚନୀ ମାର୍ଗ' ବୋଲି ଆଖ୍ୟାଦେଇ ଆସୁଛନ୍ତି। ଏଠି ଜନତା ଏକତା ଓ ଜିଦ୍ ଆଗରେ କିପରି ମୁଣ୍ଡ ନୁଆଁଇଥିଲେ ନେତା ଓ ପ୍ରଶାସନ ତାହା ଦର୍ଶାଇ ଆସୁଛି ଏହି ନିର୍ବାଚନୀ ମାର୍ଗ।

# ନିଜ ଘରେ ଭୋଟ ଦେଲେ ୩ ଶତାୟୁ ମହିଳା ଭୋଟର

**ଡୁରୁମୁଙ୍ଗା, ୧୯।୫(ସମିସ):** ଆଗାମୀ ୨୫ ତାରିଖରେ କେନ୍ଦୁଝର ଜିଲ୍ଲାରେ ନିର୍ବାଚନ ପାଇଁ ଭୋଟ ଗ୍ରହଣ ହେବାକୁ ଥିବା ବେଳେ ପାଟଣା ନିର୍ବାଚନ ମଣ୍ଡଳୀର ୩ ଶତାୟୁ ମହିଳା ଭୋଟର ନିଜ ଘରେ ଭୋଟ ଦେଇ ଦେଶ ଗଢିବାକୁ ଗଣତନ୍ତ୍ରର ମହାପର୍ବରେ ସାମିଲ ହୋଇଛନ୍ତି।

ଚଳିତ ନିର୍ବାଚନରେ ନିର୍ବାଚନ କମିଶନଙ୍କ ନିଷ୍ପତି କ୍ରମେ ୮୫ ବର୍ଷ ଠାରୁ ଉର୍ଦ୍ଧ ବୟସ ଭୋଟରଙ୍କ ପାଇଁ ସ୍ୱତନ୍ତ୍ର ବ୍ୟବସ୍ଥା କରାଯାଇଛି। ତେଣୁ ପ୍ରଶାସନ ପକ୍ଷରୁ ପ୍ରିଜାଇଡିଂ ଅଫିସର ଓ ପୋଲିଂ ଅଫିସର ତାଙ୍କ ଘରକୁ ଯାଇ ଭୋଟ ଗ୍ରହଣ କରିଛନ୍ତି।

ଏମାନଙ୍କ ମଧ୍ୟରେ ଅଛନ୍ତି କେନ୍ଦୁଝର ଜିଲ୍ଲା ପାଟଣା ନିର୍ବାଚନ ମଣ୍ଡଳୀ ବଡ଼ନେଉଳି ପଞ୍ଚାୟତ ସିଲିଟିଆ ଗ୍ରାମର ସର୍ବ ବରିଷ୍ଠ ଭୋଟର ସୁରୁବାଳି ମହାନ୍ତ (୧୦୬)। ଝୁମ୍ପୁରା ବ୍ଲକ ଖୁଣ୍ଟାପଡ଼ା ପଞ୍ଚାୟତ ବାରଖଣ୍ଡିଆ ଗ୍ରାମର ବାସନ୍ତି ସାହୁ (୧୦୪) ଓ ସାହାରପଡ଼ା ବ୍ଲକ ମାଛଗଡ଼ ପଞ୍ଚାୟତ କମାରମରା ଗ୍ରାମର ବୁଦୁନି ମୁଣ୍ଡା (୧୦୧)। ଦେଶ ସ୍ୱାଧୀନ ହେବା ଠାରୁ ପ୍ରଥମେ ୧୯୫୧ ମସିହାରେ ଭୋଟ ଗ୍ରହଣ ଠାରୁ ଲଗାତର ଭାବରେ ଏମାନେ ତାଙ୍କର ମତାଧିକାର ସାବ୍ୟସ୍ତ କରି ଆସୁଛନ୍ତି। ପୂର୍ବରୁ ଏମାନେ ଚାଲି ଚାଲି ଯାଇ ଗଛ ମୂଳରେ ବାଲାଟ ପେପରରେ ନିଜ ଭୋଟ ଦେଉଥିବା ବେଳେ ଏବେ ସମୟ ବଦଳିଛି। ଇଭିଏମ ମେସିନରେ ଭୋଟ ଦେଉଛନ୍ତି। ତେବେ ସେବେକାର ମତଦାନ ଓ ପ୍ରଚାର ପ୍ରସାର ଏବେକାର ପ୍ରଚାର ପ୍ରସାରରେ ଆକାଶ ପାତାଳ ଫରକ ବୋଲି କହିଛନ୍ତି ଶତାୟୁ ଭୋଟର ବାସନ୍ତୀ ସାହୁ। ପୂର୍ବରୁ ନେତା ଓ ପ୍ରାର୍ଥୀମାନେ ଚାଲି ଚାଲି ସାଇକଲରେ ଭୋଟ ପାଇଁ ପ୍ରଚାର କରୁଥିବା ବେଳେ ଏବେ ଗାଡିରେ ବୁଲି ପ୍ରଚାର କରି ଭୋଟ ମାଗୁଛନ୍ତି। ସେ ବେଳର ଭୋଟ ଏବଂ ବର୍ତ୍ତମାନର ଭୋଟରଙ୍କ ମଧ୍ୟରେ ଅନେକ ପାର୍ଥକ୍ୟ ରହିଥିବା କହିଛନ୍ତି ଶତାୟୁ ଭୋଟର ବାସନ୍ତୀ ସାହୁ। ବୟସର ଅପରାହ୍ନରେ ମଧ ଏମାନଙ୍କ ମନରୁ ଦେଶ ଗଢିବାର ସ୍ୱପ୍ନ ଯାଇନଥିବା ବେଳେ ଘରେ ନିଜର ମତାଧିକର ସାବ୍ୟସ୍ତ କରିଥିବାର ସୁଯୋଗ ମିଳିଥିବାରୁ ଖୁସି ପ୍ରକଟ କରିଛନ୍ତି।





## ଗଡ଼ାଚାଲିଛି ତିନିରଥ...

# ୩୩ଟି ତୁମ୍ବର ବିନ୍ଧ କାର୍ଯ୍ୟ ଶେଷ



**ପୁରୀ, ୧୯।୫(ସମିସ):** ରଥଖଳାରେ ରଥ ନିର୍ମାଣ ଜୋର୍ ଧରିଛି। ପ୍ରଥମେ ତିନିରଥର ୪୨ଟି (ନନ୍ଦିଘୋଷ ୧୬, ତାଳଧ୍ୱଜ ୧୪ ଓ ଦର୍ପଦଳନ ୧୨) ଯାକ ତୁମ୍ବ ତିଆରି କରାଯାଇଥିବା ବେଳେ ଏଥିରେ ବିନ୍ଧ କରାଯାଉଛି। ରବିବାର ସୁଦ୍ଧା ତିନିରଥର ୩୩ଟି ତୁମ୍ବରେ ବିନ୍ଧ ସରିଛି। ତାଳଧ୍ୱଜ ରଥର ୧୧ଟି, ଦେବଦଳନ ରଥର ୧୦ଟି ଏବଂ ନନ୍ଦିଘୋଷ ରଥର ୧୨ଟି ତୁମ୍ବରେ ବିନ୍ଧି ସରିଥିବା ବେଳେ ମହାରଣାମାନେ ମାପ ଅନୁଯାୟୀ ବିନ୍ଧଗୁଡ଼ିକୁ ନିହାଣ ଦ୍ୱାରା ସାଇଜ୍ କରିଛନ୍ତି। ଏହାଦ୍ୱାରା ବିନ୍ଧଗୁଡ଼ିକରେ ଅରପଟା ଠିକ୍ ଭାବେ ସଂଯୋଗ ହୋଇପାରିବ। ସେହିପରି ଅରକଣ୍ଟା ବଡ଼ିଆ ପାଇଁ ଅଗର ବିନ୍ଧ କାର୍ଯ୍ୟ ଶେଷ ପର୍ଯ୍ୟାୟରେ ପହଞ୍ଚିଛି। ତିନିରଥର ତୁମ୍ବଗୁଡ଼ିକର ବିନ୍ଧ କାର୍ଯ୍ୟ ସମାନ୍ତରଳ ଭାବେ ଆଗେଇ ଚାଲିଛି। ଗୋଟିଏ ତୁମ୍ବରେ ୧୬ ଯାଡା ଅର୍ଥାତ୍ ୩୨ଟି ବିନ୍ଧ କରାଯାଉଛି। ସେହିପରି ବଳକା ତୁମ୍ବରେ ଘେରକଟା କାମ ମଧ୍ୟ ଶେଷ ପର୍ଯ୍ୟାୟରେ ପହଞ୍ଚିଛି। ଅନ୍ୟପକ୍ଷରେ ଦୋଳବେଦୀ କୋଣ ପରିସର ଅସ୍ଥାୟୀ କମାର ଶାଳରେ କମାର ସେବକ ଅରକଣ୍ଟା ଓ ପନ୍ଦାରୀ ନିର୍ମାଣ କରୁଛନ୍ତି। ପ୍ରାଥମିକ ଭାବେ ପ୍ରତ୍ୟେକ ରଥର ଦୁଇଟି ଲେଖାଏ ଚକ ପାଇଁ ଆବଶ୍ୟକ ଲୁହାକଣ୍ଟା ସାମଗ୍ରୀ ତିଆରି କରାଯାଇଛି। ରବିବାର ରଥଖଳାରେ ମୋଟ ୧୨୮ ଜଣ କାମ କରୁଥିଲେ। ସେମାନଙ୍କ ମଧ୍ୟରେ ୬୦ ଜଣ ମହାରଣା, ୫୦ ଜଣ ଭୋଇ, କରତି ସେବକ ୪ ଜଣ, ତୁମ୍ବ ବିନ୍ଧ କାରିଗର ଜଣେ, କମାର ସେବକ ୧୨ ଏବଂ ଜଣେ ରଥଖଳା ସହାୟକ ରହିଥିଲେ।

## ଶ୍ରୀମନ୍ଦିରର ବିକାଶ ଅଟକାଇବାକୁ ବିରୋଧୀ ରଚିଥିଲେ ଷଡ଼ଯନ୍ତ୍ର

# ଏବେ ଭୋଟ ପାଇଁ କୁମ୍ଭୀର କାନ୍ଦଣା କାନ୍ଦୁଛନ୍ତି

**ପୁରୀ, ୧୯।୫(ସମିସ):** ଶ୍ରୀମନ୍ଦିରକୁ ବିଶ୍ୱ ମାନଚିତ୍ରରେ ସ୍ୱତନ୍ତ୍ର ସ୍ଥାନ ଦେବା ପାଇଁ ଚିନ୍ତା କରିଥିଲେ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ। ଏଥିପାଇଁ ଶ୍ରୀମନ୍ଦିର ପରିକ୍ରମା ପ୍ରକଳ୍ପର ପରିକଳ୍ପନା କରିଥିଲେ। ମେଘନାଦ ପାଚେରି କଡ଼ରୁ ୭୫ ମିଟର ପରିଧିକୁ ଅବରୋଧମୁକ୍ତ କରାଯାଇ ଭକ୍ତଙ୍କ ସୁବିଧା ଏବଂ ବଡ଼ଦେଉଳର ସୁରକ୍ଷାକୁ ସୁନିଶ୍ଚିତ କରାଯିବ। ଏଥିଲାଗି ମନ୍ଦିର ଚତୁଃପାର୍ଶ୍ୱରୁ ଜମି ଅଧିଗ୍ରହଣ ସାଙ୍ଗକୁ ସମାନ୍ତରଳ ଭାବେ ଉଚ୍ଛେଦ କାର୍ଯ୍ୟ ଜାରି ରହିଥିଲା। ଠିକ୍ ଏହି ସମୟରେ ଷଡ଼ଯନ୍ତ୍ର ରଚିଥିଲେ କେନ୍ଦ୍ରର ବିଜେପି ସରକାର। କେନ୍ଦ୍ର ସଂସ୍କୃତି ମନ୍ତ୍ରଣାଳୟ ଅଧୀନ ଜାତୀୟ ସ୍ମାରକୀ କର୍ତ୍ତୃପକ୍ଷ (ଏନ୍ଏମ୍ଏ) ଶ୍ରୀମନ୍ଦିର ପାଇଁ ସ୍ୱତନ୍ତ୍ର ବାଇ ଲ' ପ୍ରସ୍ତୁତ କରିଥିଲେ। ସବୁଠୁ ଗୁରୁତ୍ୱପୂର୍ଣ୍ଣ ଥିଲା ଏହି ବାଇ ଲ' ପ୍ରସ୍ତୁତି ନେଇ ରାଜ୍ୟ ସରକାର ନା ଶ୍ରୀମନ୍ଦିର ପ୍ରଶାସନ କାହାର ବି ପରାମର୍ଶ ନିଆଯାଇ ନ ଥିଲା। ଏହାକୁ ନେଇ ରାଜ୍ୟରେ ତୁମ୍ବିତୋଫାନ ସୃଷ୍ଟି ହୋଇଥିବା ବେଳେ ଶେଷରେ ପଛଘୁଞ୍ଚା ଦେଇଥିଲେ କେନ୍ଦ୍ର ସରକାର। ଶ୍ରୀମନ୍ଦିର ପାଇଁ ପ୍ରସ୍ତୁତ ବାଇ ଲ' ପ୍ରତ୍ୟାହାର ପରେ ଆଜି ବିଶ୍ୱବାସୀଙ୍କ ନଜର ଟାଣୁଛି କୋଟି କୋଟି ଓଡ଼ିଆଙ୍କ ଆସ୍ଥା ଓ ବିଶ୍ୱାସର ପୀଠ ବଡ଼ଦେଉଳ। ଏକଦା ଶ୍ରୀମନ୍ଦିର ବିକାଶ କାମକୁ ଅଟକାଇବା ଲାଗି ଷଡ଼ଯନ୍ତ୍ର କରିଥିବା ବିରୋଧୀ ଭୋଟ ପାଇଁ ଏବେ ବଡ଼ଦେଉଳର ରତ୍ନଭଣ୍ଡାର ଏବଂ ଚାରିଦ୍ୱାର ପ୍ରସଙ୍ଗ ଉଠାଇ କୁମ୍ଭୀର କାନ୍ଦଣା କାନ୍ଦୁଛନ୍ତି।

ଶ୍ରୀମନ୍ଦିରର ସୁରକ୍ଷା ଏବଂ ସୌନ୍ଦର୍ଯ୍ୟକରଣ ସାଙ୍ଗକୁ ଶ୍ରଦ୍ଧାଳୁମାନଙ୍କୁ କିପରି ଅତ୍ୟାବଶ୍ୟକ ସେବା ସୁବିଧା ମିଳିବ ସେଥିପାଇଁ ମୁଖ୍ୟମନ୍ତ୍ରୀ ପରିକ୍ରମା ପ୍ରକଳ୍ପ କଥା ଚିନ୍ତା କରିଥିଲେ। ଯଦିଓ ଏଭଳି ନିଷ୍ପତ୍ତି ସହଜ ନ ଥିଲା ତଥାପି ମହାପ୍ରଭୁ ଚାହିଁଲେ ଅସମ୍ଭବ କିଛି ନୁହେଁ ବୋଲି ସ୍ଥିର କରି ଆଗକୁ ବଢ଼ିଥିଲେ ରାଜ୍ୟ ସରକାର। ମୁଖ୍ୟମନ୍ତ୍ରୀଙ୍କ ଆହ୍ୱାନରେ ମନ୍ଦିର ଚତୁଃପାର୍ଶ୍ୱରୁ ଶହ ଶହ ବର୍ଷର ଭିଟାମାଟି ତ୍ୟାଗ କରିଥିଲେ ପୁରୀବାସୀ। ହେଲେ ଏହାକୁ ଦେଖି ଅସହିଷ୍ଣୁ ହୋଇପଡ଼ିଥିଲେ ବିରୋଧୀ। କିଭଳି ଶ୍ରୀମନ୍ଦିର ବିକାଶ କାମକୁ



ଅଟକାଇବେ ସେଥିପାଇଁ ଷଡ଼ଯନ୍ତ୍ର ରଚିଥିଲେ। କେନ୍ଦ୍ର ସଂସ୍କୃତି ମନ୍ତ୍ରଣାଳୟ ଅଧୀନ ଜାତୀୟ ସ୍ମାରକୀ କର୍ତ୍ତୃପକ୍ଷ (ଏନ୍ଏମ୍ଏ)କୁ ଢାଲ କରି ଶ୍ରୀମନ୍ଦିର ପାଇଁ ପ୍ରସ୍ତୁତ କରିଥିଲେ ସ୍ୱତନ୍ତ୍ର ବାଇ ଲ'। ପୁରାତନ କୀର୍ତ୍ତିରାଜି ଆଇନର ଧାରା ୨୦ (ଇ) ଅନୁଯାୟୀ ଏହି ବାଇ ଲ' ପ୍ରସ୍ତୁତ କରାଯାଇଥିଲା। ଶ୍ରୀମନ୍ଦିର ଏବଂ ଏହାର ଆଖପାଖ ଅଞ୍ଚଳର ସଂରକ୍ଷଣକୁ ନେଇ ଏହା ପ୍ରସ୍ତୁତ କରାଯାଇଥିବା ଏଥିରେ ଉଲ୍ଲେଖ ଥିଲା। ପବ୍ଲିକ ନୋଟିସ୍ ଭାବେ ଏହାକୁ ୨୦୨୧ ଜାନୁୟାରୀ ୧୮ ତାରିଖରେ ଏନ୍ଏମ୍ଏର ୱେବସାଇଟରେ ଛଡାଯାଇଥିଲା। ଏହା ସମ୍ପର୍କରେ କାହାର କୌଣସି ଆପତ୍ତି ଅଭିଯୋଗ କିମ୍ବା ମତାମତ ଥିଲେ ମାସକ ମଧ୍ୟରେ ଜଣାଇବା ପାଇଁ କୁହାଯାଇଥିଲା।

ଏହି ଚିଠା ବାଇ ଲ'ରେ ଶ୍ରୀମନ୍ଦିରର ୯.୭ ଏକର ପରିମିତ ଅଞ୍ଚଳକୁ ସଂରକ୍ଷିତ ଅଞ୍ଚଳ ଭାବେ ଦର୍ଶାଯାଇଥିଲା। ଶ୍ରୀମନ୍ଦିରକୁ ଲାଗି ୧୦୦ ମିଟର ପରିଧି ଅଞ୍ଚଳକୁ ନିଷିଦ୍ଧାଞ୍ଚଳ ଏବଂ ଏହାର ପରବର୍ତ୍ତୀ ୨୦୦ ମିଟର ଅଞ୍ଚଳକୁ ନିୟନ୍ତ୍ରିତ ଅଞ୍ଚଳ ଭାବେ ଘୋଷଣା କରାଯାଇଥିଲା। ନିଷିଦ୍ଧାଞ୍ଚଳ ବା ମନ୍ଦିରଠାରୁ ୧୦୦ ମିଟର ପରିଧି ଅଞ୍ଚଳରେ କୌଣସି ସରକାରୀ ବା ବେସରକାରୀ



ସଂସ୍ଥା ପକ୍ଷରୁ ନିର୍ମାଣ କରାଯାଇପାରିବ ନାହିଁ। ୨୦୦ ମିଟର ପରିଧି ମଧ୍ୟରେ ଯେ କୌଣସି ନିର୍ମାଣ ବା ମରାମତି କାର୍ଯ୍ୟ ପାଇଁ ଏନ୍ଏମଏର ଅନୁମତି ଆବଶ୍ୟକ। ନିୟନ୍ତ୍ରିତ ୨୦୦ ମିଟର ପରିଧି ମଧ୍ୟରେ ଯେ କୌଣସି କୋଠାର ଉଚ୍ଚତା ୯ ମିଟର ମଧ୍ୟରେ ସୀମିତ ରହିବ। ଏମିତି ଅନେକ କଟକଣା ଏହି ଚିଠା ବାଇ ଲ'ରେ ରଖାଯାଇଥିଲା। ସେହିବର୍ଷ ଫେବୃୟାରୀ ୬ ତାରିଖରେ ଏହା ଜଣାପଡ଼ିବା ପରେ ଏହାକୁ ନେଇ ସବୁ ମହଲରେ ତୀବ୍ର ପ୍ରତିକ୍ରିୟା ପ୍ରକାଶ ପାଇଥିଲା। ସେବାୟତ, ଭକ୍ତ ଶ୍ରୀମନ୍ଦିର ବିକାଶ କ୍ଷେତ୍ରରେ ଏଭଳି ପ୍ରତିବନ୍ଧକକୁ ସହଜରେ ଗ୍ରହଣ କରିପାରି ନ ଥିଲେ। ରାଜ୍ୟବ୍ୟାପୀ ଏହାକୁ ତୀବ୍ର ବିରୋଧ କରାଯାଇଥିଲା। ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ଫେବୃୟାରୀ ୮ ତାରିଖରେ ଶ୍ରୀମନ୍ଦିରରେ ମହାପ୍ରଭୁଙ୍କୁ ଦର୍ଶନ କରି ସିଂହଦ୍ୱାରରେ ଗଣମାଧ୍ୟମକୁ ପ୍ରତିକ୍ରିୟା ରଖି କହିଥିଲେ 'ଶ୍ରୀକ୍ଷେତ୍ର, ଶ୍ରୀମନ୍ଦିର ହେଉଛି ଆମର ସବୁଠୁ ବଡ଼ ପରିଚୟ। ମହାପ୍ରଭୁ ହେଉଛନ୍ତି ସାଢେ ୪ କୋଟି ଓଡ଼ିଆଙ୍କ ଆରାଧ୍ୟ ଦେବତା। କୋଟି କୋଟି ହିନ୍ଦୁଙ୍କ ଭାବର ଠାକୁର। ବଡ଼ଦେଉଳ ହେଉଛି ଆସ୍ଥା ଓ ବିଶ୍ୱାସର କେନ୍ଦ୍ର। ଶ୍ରୀମନ୍ଦିର ଏବଂ ଶ୍ରୀକ୍ଷେତ୍ରର ବିକାଶ ଆମ ସମସ୍ତଙ୍କ ଲକ୍ଷ୍ୟ। ମହାପ୍ରଭୁ ଶ୍ରୀଜଗନ୍ନାଥଙ୍କ କାମକୁ କେହି ବି ଅଟକାଇପାରିବେ ନାହିଁ।' ସେହିଦିନ ହିଁ ଏହି ବାଇ ଲ' ପ୍ରତ୍ୟାହାର କରିଥିଲା କେନ୍ଦ୍ର ସରକାର।

ହେଲେ ଏବେ ଭୋଟ ରାଜନୀତିରେ ଶ୍ରୀମନ୍ଦିରକୁ ଆଳ କରିଛି ବିଜେପି। କେନ୍ଦ୍ର ଏବଂ ବିଭିନ୍ନ ରାଜ୍ୟରୁ ପ୍ରଚାର ପାଇଁ ଆସୁଥିବା ନେତା, ମନ୍ତ୍ରୀ ରତ୍ନଭଣ୍ଡାର ଚାବି ଏବଂ ଚାରିଦ୍ୱାର ଖୋଲିବା ପ୍ରସଙ୍ଗ ଉଠାଉଛନ୍ତି। ଏହା ସେମାନଙ୍କର କୁମ୍ଭୀର କାନ୍ଦଣା ବୋଲି କହିଛନ୍ତି ରାଜ୍ୟ ସଭା ସାଂସଦ ଶୁଭାଶିଷ ଖୁଣ୍ଟିଆ। ସେ କହିଛନ୍ତି, ୧୦ ବର୍ଷ ହେଲାଣି କେନ୍ଦ୍ରରେ ବିଜେପି ସରକାର କଲାଣି। ସେମାନେ ଶ୍ରୀମନ୍ଦିର ପାଇଁ କରିଛନ୍ତି କ'ଣ? ବରଂ ଶ୍ରୀମନ୍ଦିର ବିକାଶ କାମକୁ ଅଟକାଇବା ପାଇଁ କେନ୍ଦ୍ର ସରକାର ଷଡ଼ଯନ୍ତ୍ର କରିଥିଲେ। ହେଲେ ମହାପ୍ରଭୁଙ୍କ ଆଶୀର୍ବାଦରୁ ତାଙ୍କ ଷଡ଼ଯନ୍ତ୍ର ଫସର ଫାଟିଲା। ଏବେ ଭୋଟ ପାଇଁ ବିକଳରେ ରତ୍ନଭଣ୍ଡାର ଏବଂ ଚାରିଦ୍ୱାର ପ୍ରସଙ୍ଗ ଉଠାଉଛନ୍ତି। ଓଡ଼ିଶାବାସୀ ସେମାନଙ୍କ ମିଛ କଥା ବୁଝିଗଲେଣି। ପରିକ୍ରମା ପ୍ରକଳ୍ପ ଲାଗି ୪ ହଜାର କୋଟି ଟଙ୍କା ଖର୍ଚ୍ଚ ହୋଇଛି ବୋଲି ଅପପ୍ରଚାର କରୁଛନ୍ତି। ରାଜ୍ୟବାସୀ ସେମାନଙ୍କୁ ଉଚିତ୍ ଜବାବ ଦେବେ ବୋଲି କହିଛନ୍ତି ଶୁଭାଶିଷ।

# 'ଶାଳୀନତା'ର କାଠଗଡ଼ାରେ ଧର୍ମେନ୍ଦ୍ର-ଅପରାଜିତା

**ଭୁବନେଶ୍ୱର,୧୯।୫(ସମିସ):** ଶାଳୀନତାର ଲକ୍ଷ୍ମଣରେଖା ଟପି ପ୍ରତିପକ୍ଷ ବିଜେଡି ନେତାଙ୍କ ପ୍ରତି ଅଶାଳୀନ, ଅମର୍ଯ୍ୟାଦାପୂର୍ଣ୍ଣ ଓ ଅପଶବ୍ଦ ପ୍ରୟୋଗ କରୁଥିବା କେନ୍ଦ୍ରମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନ ଓ ସାଂସଦ ଅପରାଜିତା ଷଡ଼ଙ୍ଗୀଙ୍କୁ ବିଜେଡି ଶିଖାଇଛି ଶାଳୀନତାର ଶାଠ। ନିର୍ବାଚନରେ ନିଶ୍ଚିତ ପରାଜୟ ଭୟରେ ହିତାହିତ ଜ୍ଞାନ ହରାଇ ଦୁଇ ନେତା ଯେପରି କ୍ରୋଧିତ ଭାବରେ ଅପଶବ୍ଦ ପ୍ରୟୋଗ କରୁଛନ୍ତି ତାହା ଓଡ଼ିଆ ସଂସ୍କୃତି ନୁହେଁ ବୋଲି କହିଛି ବିଜେଡି।

ଶଙ୍ଖ ଭବନରେ ଦଳର ରାଷ୍ଟ୍ରୀୟ ମୁଖପାତ୍ର ସାଂସଦ ଡ. ସସ୍ମିତ ପାତ୍ର କହିଛନ୍ତି ଯେ ନିର୍ବାଚନ ଆସିବ ଯିବ, କିନ୍ତୁ ରାଜନୀତିରେ ଶାଳୀନତା ରହିବା ଜରୁରୀ। ଏହା ଏପରି ଅପସଂସ୍କାରକୁ ମୁଖ୍ୟମନ୍ତ୍ରୀ କଦାପି ପ୍ରଶ୍ରୟ ଦିଅନ୍ତି ନାହିଁ। ପ୍ରଧାନମନ୍ତ୍ରୀ ହୁଅନ୍ତୁ କିମ୍ବା ଅନ୍ୟ କୌଣସି ବିଜେପି ନେତାଙ୍କ ବିରୋଧରେ କେହି ବି ଅପମାନଜନକ ଭାଷା ବ୍ୟବହାର କରନ୍ତି ନାହିଁ। ଏହା ଓଡ଼ିଶା ସଂସ୍କୃତି ନୁହେଁ, ଯାହାକୁ ବିଜେଡି ଅନୁସରଣ କରି ଆସିଛି। ମାତ୍ର ସାଂସଦ ଅପରାଜିତା ଓ ତାଙ୍କ ଦଳର ନେତାମାନେ ଯେପରି ବିଜେଡିର ବରିଷ୍ଠ ନେତା ତଥା ଷ୍ଟାର ପ୍ରଚାରକ କାର୍ତ୍ତିକ ପାଣ୍ଡିଆନଙ୍କୁ ସମାଲୋଚନା କରୁଛନ୍ତି ତାହା ସୁସ୍ଥ ରାଜନୈତିକ ପରମ୍ପରାର ବିରୁଦ୍ଧାଚରଣ କରୁଛି। ଓଡ଼ିଶାର ରାଜଧାନୀର ସାଂସଦ ଭାବରେ ଆପଣଙ୍କ ଅବଦାନକୁ ନେଇ ଶ୍ରୀ ପାଣ୍ଡିଆନ ନମ୍ରତାର ସହ ପ୍ରଶ୍ନ ନମ୍ବର ଜାତୀୟ ରାଜପଥର ବିକାଶ ପାଇଁ କ'ଣ କରିଛନ୍ତି ? ଭୁବନେଶ୍ୱରର ଚାରିପଟେ ରିଂ ରୋଡ୍, ଉପକୂଳ ରାଜପଥ, ଭୁବନେଶ୍ୱର ଇସ୍କନ ମନ୍ଦିର ସମ୍ମୁଖରେ ଜଳବନ୍ଦୀ ସମସ୍ୟା, ଓଡ଼ିଆ ଭାଷା କିମ୍ବା ଓଡ଼ିଶୀ ସଙ୍ଗୀତକୁ ଶାସ୍ତ୍ରୀୟ ମାନ୍ୟତା ଦେବା ପାଇଁ ଆପଣ କ'ଣ କରିଛନ୍ତି? ବିଜୁବାବୁ କିମ୍ବା ଓଡ଼ିଶାର କାହାକୁ ଏହି ସରକାରର ଗତ ୧୦ ବର୍ଷ ଏବଂ ଆପଣ ସାଂସଦ ଥିବା ୫ ବର୍ଷ ମଧ୍ୟରେ କାହିଁକି ଭାରତ ରତ୍ନ ପ୍ରଦାନ କରାଗଲା ନାହିଁ? ଶ୍ରୀ ଧର୍ମେନ୍ଦ୍ର ପ୍ରଧାନ ଓ ଅନ୍ୟ ଓଡ଼ିଶା ବିଜେପି ସାଂସଦମାନେ ଦିଲ୍ଲୀ ଯାଇ ଓଡ଼ିଶାବାସୀଙ୍କୁ ମିଳିବାକୁ ଥିବା ୧୪ ଲକ୍ଷ ପିଏମ୍ଏୱାଇ ଘର କୁ କାହିଁକି ଅଟକାଇଥିଲେ ତାହାର ଉତ୍ତର ଆପଣ ଦେଉ ନାହାନ୍ତି।



- ଦୁଇ ନେତାଙ୍କୁ ବିଜେଡି ସାଂସଦ ଶିଖାଇଲେ ଶାଳୀନତାର ଶାଠ
- କାମକୁ ନେଇ ପ୍ରଶ୍ନ କଲେ ଖରାପ ଭାଷା କାହିଁକି ବ୍ୟବହାର କରୁଛନ୍ତି?
- ପ୍ରଶ୍ନର ଉତ୍ତର ଦେବା ପରିବର୍ତ୍ତେ ହଟଚମଟ ପାଇଁ କୁଭାଷା କାହିଁକି?
- କୋଟି ଓଡ଼ିଆଙ୍କ ଜନନାୟକଙ୍କୁ ଅସମ୍ମାନର ଜବାବ ଦେବେ ରାଜ୍ୟବାସୀ

ସୁସ୍ଥ ଗଣତନ୍ତ୍ରର ପରିଭାଷା। ବିଜେପି ନେତାମାନଙ୍କୁ ହାରିବା ଭୟ ଏତେ ମାତ୍ରାରେ ଘାରିଲାଣି ଯେ ସେମାନଙ୍କ ମୁହଁରୁ କେବଳ ଅସଭ୍ୟ ଭାଷା ଉଦ୍‌ଗୀରଣ ହେଉଛି। କଥା କଥା କେ ସଞ୍ଜମତା ସୀମାରେଖା ଟପି ଯାଉଛନ୍ତି। ଚଳିତ ନିର୍ବାଚନରେ ଅପରାଜିତା ଷଡ଼ଙ୍ଗୀ ନିଶ୍ଚିତ ପରାଜୟର ସମ୍ମୁଖୀନ ହେଉଛନ୍ତି। ସେଥିପାଇଁ ନିରାଶ ଓ କ୍ରୋଧିତ ହେବା ସହ ନିଜର ହିତାହିତ ଜ୍ଞାନ ହରାଇ ବସିଛନ୍ତି। ସେଥିପାଇଁ ସେ ଗତ କିଛି ଦିନ ହେବ ଅପମାନଜନକ ଭାଷା ଓ ମିଥ୍ୟା ଅଭିଯୋଗ କରି ଆସୁଛନ୍ତି। ସେ ଏଭଳି ଅପମାନଜନକ ମନ୍ତବ୍ୟ ଦେବା ଦୁର୍ଭାଗ୍ୟଜନକ।

ସେ କହିଛନ୍ତି ଯେ ଓଡ଼ିଶାର ସବୁଠାରୁ ଲୋକପ୍ରିୟ ମୁଖ୍ୟମନ୍ତ୍ରୀଙ୍କ ବୟସ, ଅଭିଜ୍ଞତା ଓ ତାଙ୍କ ଉପରେ ଥିବା ଲୋକଙ୍କ ବିଶ୍ୱାସକୁ ଅସମ୍ମାନ କରି ବିଜେପି ନେତାମାନେ ନିୟମିତ ଭାବେ କେଉଁ ପ୍ରକାର ଅପମାନଜନକ ଭାଷା ବ୍ୟବହାର କରୁଛନ୍ତି ତାହା ଓଡ଼ିଶାବାସୀ ଜାଣନ୍ତି। ଏହା ଓଡ଼ିଶାବାସୀଙ୍କୁ ଦୁଃଖ ଦେଇଛି ଏବଂ ଲୋକେ ଏହାକୁ ଭଲ ଭାବେ ଗ୍ରହଣ କରୁନାହାନ୍ତି। ସମସ୍ତେ ଜାଣନ୍ତି ଯେ ବିଜେଡି ସର୍ବସାଧାରଣରେ ଶାଳୀନତା ବଜାୟ ରଖିଛି। ପଚାରିଛନ୍ତି। ଭୁବନେଶ୍ୱର ପାଇଁ କ'ଣ କରିଛନ୍ତି ତାହା ଉତ୍ତର ଦେବା ପରିବର୍ତ୍ତେ ଆପଣ ରାଗିଯାଉଛନ୍ତି କାହିଁକି? କର୍ଣ୍ଣାଟକ କିମ୍ବା ରାଜସ୍ଥାନ କିମ୍ବା ମହାରାଷ୍ଟ୍ର ଭଳି ମେଗା ପ୍ରକଳ୍ପ ଆସିଛି କି? ଏହା ଏକ ଯଥାର୍ଥ ପ୍ରଶ୍ନ। ଆପଣ ଗୋଟିଏ ନୀତି ସହିତ କାମ କରୁଛନ୍ତି - 'କାମ କରିବୁନି, କି କାମ କରାଇଦେବୁନାହିଁ'। ଓଡ଼ିଶାକୁ ସାହାଯ୍ୟ କରିବା ପରିବର୍ତ୍ତେ ଆପଣ ଓ କେନ୍ଦ୍ରମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନ ଓଡ଼ିଶାର ସ୍ୱାର୍ଥ ବିରୋଧରେ ଯାଇଥିବା ସମସ୍ତେ ଜାଣିଛନ୍ତି।

ଶ୍ରୀ ପାଣ୍ଡିଆନ ଅତ୍ୟନ୍ତ ବିନମ୍ରତାର ସହ ଅତି ସରଳ ପ୍ରଶ୍ନ ପଚାରିଛନ୍ତି ଯାହା ଆପଣ କିମ୍ବା ଶ୍ରୀ ଧର୍ମେନ୍ଦ୍ର ପ୍ରଧାନ କେହି ଏହାର ଜବାବ ରଖୁନାହାନ୍ତି। ଅନ୍ୟପକ୍ଷରେ ଆପଣ ଦୁହେଁ ମୁଖ୍ୟମନ୍ତ୍ରୀ ଏବଂ ତାଙ୍କ ବିରୋଧରେ ଅତ୍ୟନ୍ତ ଅପମାନଜନକ ଭାଷା ବ୍ୟବହାର କରିଛନ୍ତି, ଯାହା ସମସ୍ତେ ଟିଭିରେ ଦେଖିଛନ୍ତି। ଶ୍ରୀ ପାଣ୍ଡିଆନ ମହାନଦୀ ବିଷୟରେ ତଥ୍ୟ ରଖିଥିଲେ ଏବଂ ଏହି ପ୍ରସଙ୍ଗରେ ଛତିଶଗଡ଼କୁ ସମର୍ଥନ କରିବାରେ ଶ୍ରୀ ପ୍ରଧାନଙ୍କ ଭୂମିକାକୁ ନେଇ ପ୍ରଶ୍ନ କରିଥିଲେ। ମହାନଦୀ ପ୍ରସଙ୍ଗରେ କେନ୍ଦ୍ର ସରକାର ଛତିଶଗଡ଼କୁ କାହିଁକି ସମର୍ଥନ କଲେ ତାହା ମଧ୍ୟ ଓଡ଼ିଶାବାସୀ ଜାଣିବାକୁ ଚାହିଁବେ। ଆପଣ ଏବଂ ଶ୍ରୀ ପ୍ରଧାନ ୫୫

ଶ୍ରୀ ପାଣ୍ଡିଆନଙ୍କ ଏହି ପ୍ରଶ୍ନର ଯଥାଯଥ ଉତ୍ତର ଦେବା ପରିବର୍ତ୍ତେ ଆପଣମାନେ ଅପମାନଜନକ ଭାଷାରେ କାହିଁକି ଗାଳି ଗୁଲଜ କରୁଛନ୍ତି? କୃଷକଙ୍କ ଆୟ ଦ୍ୱିଗୁଣିତ ହେବ, ସ୍ୱାମୀନାଥନ କମିଶନ ରିପୋର୍ଟ କାର୍ଯ୍ୟକାରୀ ହେବ, କୃଷକମାନଙ୍କୁ ଫସଲବୀମା ପ୍ରଦାନ କରାଯିବ, ଏମଏସପି ଦୁଇଗୁଣ କରାଯିବ, ସମସ୍ତଙ୍କ ପାଇଁ ଘର ଆଦି ପ୍ରତିଶ୍ରୁତି ଦିଆଯାଇଥିଲା ଏବଂ ଆପଣ ଏବଂ ଆପଣଙ୍କ ଦଳର ସାଂସଦ ମାନେ ସଂସଦରେ ଚୁପ୍ ରହିଥିଲେ। କେନ୍ଦ୍ରୀୟ ଅବହେଳା ପ୍ରସଙ୍ଗରେ ଭୁବନେଶ୍ୱର କିମ୍ବା ଓଡ଼ିଶାବାସୀଙ୍କ ପାଇଁ ଥରେ ବି ସ୍ୱର ଉତ୍ତୋଳନ କରିନାହାନ୍ତି। ଏସବୁ କ'ଣ ଓଡ଼ିଶା ଓ ଭୁବନେଶ୍ୱରବାସୀଙ୍କ ସମସ୍ୟା ନୁହେଁ? ଆପଣଙ୍କ ପୁରା କାର୍ଯ୍ୟକାଳ କେବଳ ସୋସିଆଲ ମିଡ଼ିଆରେ ବିତିଛି। ଆପଣ ଭୁବନେଶ୍ୱରବାସୀଙ୍କ ପାଇଁ ସେଭଳି କୌଣସି କାମ କରିନାହାଁନ୍ତି। ଉତ୍ତର ଦେବା ପରିବର୍ତ୍ତେ ଆପଣ ଏହାକୁ ନେଇ ଗାଳିଗୁଲଜ କରୁଛନ୍ତି। ତେଣୁ ଦୟାକରି ମିଛ କହିବା ଏବଂ ଅପମାନଜନକ ମନ୍ତବ୍ୟ ଦେବାରୁ ଦୂରେଇ ରୁହନ୍ତୁ। ଏହା ଓଡ଼ିଆ ସଂସ୍କୃତି ନୁହେଁ। ଏହାର ଉତ୍ତର ଆପଣମାନେ ନିଶ୍ଚିତ ପାଇବେ, ଓଡ଼ିଶାବାସୀ ଏହାର ଉତ୍ତର ଆପଣମାନଙ୍କୁ ଦେବେ ବୋଲି ଡ଼. ପାତ୍ର କହିଛନ୍ତି।

## ଭଦ୍ରାମୀ ଓ ସଂଯମତା ଭୁଲି ଯାଉଛନ୍ତି ବିଜେପି ନେତା

**ଭୁବନେଶ୍ୱର, ୧୯।୫(ସମିସ):** ଚଳିତ ନିର୍ବାଚନରେ ବିଜେପିର ଶୋଚନୀୟ ପରାଜୟ ହେବ। ଏଥିପାଇଁ ବିଜେପି ନେତା ବିଚଳିତ ଆଉ ବିବ୍ରତ ହୋଇ ଅତି ନିମ୍ନରୁଚିର ମନ୍ତବ୍ୟ ମାନ ଦେଉଛନ୍ତି। ଏହି କ୍ରମରେ ଖଲ୍ଲିକୋଟ ପ୍ରସଙ୍ଗରେ ବିଜେପି ନେତା ପୀତାମ୍ବର ଆଚାର୍ଯ୍ୟ ଅତି ତଳସ୍ତରକୁ ଚାଲିଯାଇଛନ୍ତି। ରାଜନୀତିରେ ଏହାଠାରୁ ନିମ୍ନସ୍ତର ଆଉ କିଛି ନାହିଁ ବୋଲି ବିଜେଡି ମୁଖପାତ୍ର ତୁମ୍ବନାଥ ପଣ୍ଡା କହିଛନ୍ତି। ଶ୍ରୀ ପଣ୍ଡା ଗଣମାଧ୍ୟମକୁ କହିଛନ୍ତି ଯେ ସର୍ବସାଧାରଣରେ ମନ୍ତବ୍ୟ ଦେବା ବେଳେ



- ସ୍ୱର୍ଗତ ଭି. ସୁଜ୍ଞାନ ଦେଓଙ୍କୁ ଅପମାନିତ କରିଛି ବିଜେପି
- ଅଫିସରଙ୍କୁ ଧମକ ଦେବାକୁ ପଛାଉ ନାହାନ୍ତି ନେତା
- ଖଲ୍ଲିକୋଟବାସୀ ଏହାର ଠିକଣା ଜବାବ ଦେବେ

ଭଦ୍ରାମୀ ଓ ସଂଯମତା ଅବଲମ୍ବନ ପାଇଁ ମୁଖ୍ୟମନ୍ତ୍ରୀ ଦୁଇ ଦିନ ତଳେ କହିଥିଲେ। ହେଲେ ଆଶାଳୀନ ଓ ଅରୁଚିକର ମନ୍ତବ୍ୟ ଦେବାକୁ ବିଜେପି ନେତା ସଂକଳ୍ପ ନେଇଛନ୍ତି। ଖଲ୍ଲିକୋଟ ଉଆସରେ ହତ୍ୟାକାଣ୍ଡର ଷଡଯନ୍ତ୍ର ହୋଇଥିବା ମନ୍ତବ୍ୟ ଦେଇ ପୀତାମ୍ବର ଆଚାର୍ଯ୍ୟ କେବଳ ବିଜେପିର ହୀନମନ୍ୟତା ପଦାରେ ପକାଇ ନାହାନ୍ତି ବରଂ ଖଲ୍ଲିକୋଟ ରାଣୀ ସ୍ୱର୍ଗତ ଭି. ସୁଜ୍ଞାନ କୁମାରୀ ଦେଓଙ୍କ ଅମର ଆତ୍ମାକୁ ଅପମାନିତ କରିଛନ୍ତି ବୋଲି ସେ କହିଛନ୍ତି। ସେହିଭଳି ସ୍ୱର୍ଗତ ଭି. ସୁଜ୍ଞାନ କୁମାରୀ ଦେଓଙ୍କ ଉତ୍ତରାଧିକାରୀଙ୍କ ପ୍ରତି ମଧ୍ୟ ଶ୍ରୀ ଆଚାର୍ଯ୍ୟ ଦେଇଥିବା ଅପମାନସୂଚକ ଟିପ୍ପଣୀକୁ ନେଇ ସମସ୍ତେ ଆଚମ୍ବିତ ବୋଲି ଶ୍ରୀ ପଣ୍ଡା କହିଛନ୍ତି। ସ୍ୱର୍ଗତ ଭି. ସୁଜ୍ଞାନ କୁମାରୀ ଦେଓଙ୍କର କେବଳ ଖଲ୍ଲିକୋଟ ଅଞ୍ଚଳରେ ନୁହେଁ, ବରଂ ସମଗ୍ର ଗଞ୍ଜାମ ତଥା ରାଜ୍ୟ ରାଜନୀତିରେ ଯଥେଷ୍ଟ ସମ୍ମାନ ରହିଛି। ତାଙ୍କ ପ୍ରତି ଯେଭଳି ଅରୁଚିକର ମନ୍ତବ୍ୟ ଶ୍ରୀ ଆଚାର୍ଯ୍ୟ ଦେଇଛନ୍ତି, ତାର ଜବାବ ଖଲ୍ଲିକୋଟବାସୀ ଦେବେ। ଏପରିକି ଶ୍ରୀ ଆଚାର୍ଯ୍ୟ ନିଜ ପ୍ରତିକ୍ରିୟାରେ କିଛି ନିର୍ଦ୍ଦିଷ୍ଟ ଅଫିସରଙ୍କ ନାଁ ନେଇ ଧମକ୍ ଦେଇଛନ୍ତି। ଏଥିରୁ ସ୍ପଷ୍ଟ ହେଉଛି, ବିଜେପି ଅତି ଶୋଚନୀୟ ଭାବେ ନିର୍ବାଚନ ହାରିବାକୁ ଯାଉଛି। ଅଫିସରଙ୍କୁ ଧମକ୍ ଦେଇ ନିର୍ବାଚନକୁ ପ୍ରଭାବିତ କରିବାକୁ ସେ ଉଦ୍ୟମ କରୁଛନ୍ତି ବୋଲି ତୁମ୍ବନାଥ କହିଛନ୍ତି।

## ଅପରାଜିତାଙ୍କୁ ପାଟଶାଣୀଙ୍କ ପାଲଟା ଜବାବ

# କିଛି ସୋଲାର ଲାଇଟ ଲଗାଇବା ବିକାଶ ନୁହେଁ

**ଭୁବନେଶ୍ୱର,୧୯।୫(ସମିସ):** ଭୁବନେଶ୍ୱର ସାଂସଦ ଅପରାଜିତା ଷଡ଼ଙ୍ଗୀ ଗତ କିଛିଦିନ ଧରି ଅନ୍ୟ ଦଳର ନେତାଙ୍କ ପ୍ରତି ଅଶାଳୀନ ମନ୍ତବ୍ୟ ପ୍ରଦାନ କରି ଆସୁଛନ୍ତି। ଯାହାକୁ ନେଇ ସାଧାରଣରେ ସେ ତୀବ୍ର ସମାଲୋଚିତ ହୋଇଛନ୍ତି। ଦଳମତ ନିର୍ବିଶେଷରେ ଅପରାଜିତାଙ୍କ ମନ୍ତବ୍ୟ ଓ ଟିପ୍ପଣୀକୁ ନିନ୍ଦା କରାଯାଉଛି। ଏହିକ୍ରମରେ ଅପରାଜିତା ରବିବାର ଭୁବନେଶ୍ୱରର ପୂର୍ବତନ ସାଂସଦଙ୍କ ଉଦ୍ଦେଶ୍ୟରେ ପ୍ରଦାନ କରିଥିବା ଅରୁଚିକର ଟିପ୍ପଣୀର ପାଲଟା ଜବାବ ଦେଇଛନ୍ତି ପ୍ରସନ୍ନ ପାଟଶାଣୀ। କଡ଼ା ଭାଷାରେ ପ୍ରତିକ୍ରିୟା ରଖି ସେ କହିଛନ୍ତି ଯେ ଗତ ୫ ବର୍ଷ ମଧ୍ୟରେ ସାଂସଦ ନିଜ ସଂସଦୀୟ କ୍ଷେତ୍ରରେ କେତେ ବିକାଶ କରିଛନ୍ତି, କେତେ ଦୁର୍ନୀତି ହୋଇଛି ତାର ହିସାବ ମୋ ପାଖରେ ଅଛି। ମୁଁ କେବେ ତଳସ୍ତରକୁ ଯାଇ ରାଜନୀତି କରେନାହିଁ। କାହାକୁ ଅଶାଳୀନ ଆକ୍ଷେପ ମଧ୍ୟ କରେନାହିଁ। ତେଣୁ ସାଂସଦ କୌଣସି ବିବୃତି ଦେବା ପୂର୍ବରୁ ଶାଳୀନତା ରକ୍ଷା କରନ୍ତୁ ଓ ଅପ୍ରାସଙ୍ଗିକ ଏବଂ ଭିତ୍ତିହୀନ ବିବୃତ୍ତି ଦିଅନ୍ତୁ ନାହିଁ ବୋଲି ଶ୍ରୀ ପାଟଶାଣୀ ପରାମର୍ଶ ଦେଇଛନ୍ତି।

- ସାଂସଦଙ୍କ କାମର ହିସାବ ମୋ ପାଖରେ ଅଛି
- ଶାଳୀନତା ରକ୍ଷା କରିବାକୁ ଦେଲେ ପରାମର୍ଶ

ଶ୍ରୀ ପାଟଶାଣୀ ଏକ ପ୍ରେସ ବାର୍ତ୍ତା ଜରିଆରେ ଅପରାଜିତାଙ୍କ ମନ୍ତବ୍ୟର ଉତ୍ତର ରଖିଛନ୍ତି। ସେ କହିଛନ୍ତି ଯେ ଭୁବନେଶ୍ୱର ସାଂସଦ ମୋ ଠାରୁ ବୟସ ଏବଂ ଅନୁଭବରେ ବହୁତ ସାନ, ମୁଁ ତାଙ୍କୁ କେବେବି ବିରୋଧ କରିନାହିଁ। ମାତ୍ର ଆଜି ସେ ସାମ୍ବାଦିକ ସମ୍ମିଳନୀ କରି ମୋ ବିରୋଧରେ ଯେଉଁ ଭିତ୍ତିହୀନ ଟିପ୍ପଣୀ ରଖିଛନ୍ତି ତାହା ଆଦୌ ଗ୍ରହଣୀୟ ନୁହେଁ। ମୁଁ ପାଞ୍ଚ ଥର ଭୁବନେଶ୍ୱର ସାଂସଦ ରହି କଣ କରିଛି ବୋଲି ଅପରାଜିତା ରିପୋର୍ଟ କାର୍ଡ ମାଗିଛନ୍ତି। ଲୋକସେବା ସରକାରୀ ଚାକିରୀ ନୁହେଁ ଯେ ବର୍ଷ ଶେଷରେ ଗୋଟିଏ ରିପୋର୍ଟ କାର୍ଡ ଡିଜାଇନ କରି ଉପରିସ୍ଥ ଅଧିକାରୀଙ୍କୁ ଦେବାକୁ ପଡ଼ିବ। ମୋ ରିପୋର୍ଟ କାର୍ଡ ସର୍ବଦା ଭୁବନେଶ୍ୱର ଲୋକସଭା କ୍ଷେତ୍ର ଅନ୍ତର୍ଗତ ୭ଟି ବିଧାନସଭାମଣ୍ଡଳୀର ଲୋକମାନେ ଦିଅନ୍ତି, ଯାହା ପ୍ରତି ନିର୍ବାଚନ ଭୋଟ ବ୍ୟବଧାନରୁ ପ୍ରମାଣିତ ହୋଇଛି। ନିକଟରେ ପ୍ରକାଶିତ ହେବାକୁ ଥିବା ମୋର ୪୫ ବର୍ଷର କାର୍ଯ୍ୟଜୀବନରୁ ଭୁବନେଶ୍ୱର ସଂସଦୀୟ କ୍ଷେତ୍ରରେ କେତେ ବିକାଶ ହୋଇଛି ତାହା ସାଂସଦ ଜାଣିପାରିବେ। ମୋ ସମୟରେ ହୋଇଥିବା ବିକାଶର ଫଳକମାନ ସଂସଦୀୟ କ୍ଷେତ୍ରରେ ରହିଛି। ବିଜେପି ଲୋକ ପଠାଇ ଏହାର ଅନୁଧାନ କରୁ, ସମସ୍ତ ପ୍ରମାଣ ପାଇଯିବ ବୋଲି ଶ୍ରୀ ପାଟଶାଣୀ କହିଛନ୍ତି। ସେହିପରି ଅପରାଜିତାଙ୍କୁ ସମାଲୋଚନା କରି ସେ କହିଛନ୍ତି ଯେ ପାଣି ଯନ୍ତ୍ର ଲଗାଇଦେଲେ, କିଛି ସୋଲାର ଲାଇଟ ଲଗାଇଦେଲେ କିମ୍ବା କିଛି ସାମାଜିକ ଅନୁଷ୍ଠାନ କରିଦେଲେ ବିକାଶ ହୁଏନି। ବିକାଶର ଦଳ ନଥାଏ। ଅଯଥା ରାଜନୀତି କଲେ ବିକାଶ ହୁଏନି। ଅହଙ୍କାର ରଖି ଜନସେବା କରାଯାଏ ନାହିଁ। ଲୋକଙ୍କ ଆଶୀର୍ବାଦ ପାଇବାକୁ ହେଲେ ସର୍ବଦା ଭଦ୍ର ଏବଂ ନମ୍ର ରହି ଗରିବ ଅସହାୟ ଏବଂ ବସ୍ତିବାସିନ୍ଦାଙ୍କ ପାଖେ ରହି କାମ କରାଯାଏ ବୋଲି ପାଟଶାଣୀ କହିଛନ୍ତି।

## ଲୋକକଥା



ତୁଣ୍ଡ କଣ୍ଡୁ ସତେ ମାରନ୍ତି ବିରୋଧୀ
ନବୀନଙ୍କୁ ଗାଳି ଦେଇ,
ଏକଥା କି ବୋଧେ ଅଜଣା ତାହାଙ୍କୁ
ଲୋକେ ଦେଲେଣି ଆଡ଼େଇ !
ଫଳକୁ ରହିଥା ଅନେଇ,
ମନ ମୁନ ସବୁ ଘର ଧରିଯିବ
ଛାଡ଼ିଯିବ ବାବୁ ବଡ଼େଇ !!

# ପ୍ରଧାନମନ୍ତ୍ରୀ ଅସତ୍ୟର ମହାରାଜ, ମିଥ୍ୟାର ବାଦ୍‌ଶାହା: କଂଗ୍ରେସ

**ଭୁବନେଶ୍ୱର, ୧୯।୫(ସମିସ):** ପ୍ରଧାନମନ୍ତ୍ରୀ ମୋଦୀ ଯେଉଁ ରାଜ୍ୟକୁ ଯାଉଛନ୍ତି ସେ ରାଜ୍ୟକୁ ଏକନମ୍ବର କରିବାପାଇଁ ପ୍ରତିଶ୍ରୁତି ଦେଉଛନ୍ତି। ଓଡ଼ିଶାବାସୀ ଭଲଭାବରେ ଜାଣିଛନ୍ତି ଯେ, ଯେଉଁ ରାଜ୍ୟ ମାନଙ୍କରେ ଡବଲ ଇଞ୍ଜିନ ସରକାର ଅଛି ଓ ଯେଉଁ ରାଜ୍ୟରେ ବିଜେପି ଦୀର୍ଘବର୍ଷ ଶାସନ କରୁଛି ସେହି ରାଜ୍ୟରେ ବିକାଶ ପଛୁଆ ଗତିରେ ଚାଲିଛି। କୌଣସି ରାଜ୍ୟକୁ ମୋଦୀ ଏକ ନମ୍ବର କରିବାରେ ସମର୍ଥ ହୋଇ ନାହାନ୍ତି। ତେଣୁ ପ୍ରଧାନମନ୍ତ୍ରୀ ଯେତେ ଅଧିକ ଓଡ଼ିଶା ଆସିବେ ବିଜେପିର ସେତେ ସିଟ୍ କମିବ ହେବ ବୋଲି କହିଛନ୍ତି ଓଡ଼ିଶା କଂଗ୍ରେସ ପ୍ରଭାରୀ ଡଃ ଅଜୟ କୁମାର।

କଂଗ୍ରେସ କାର୍ଯ୍ୟାଳୟରେ ଅନୁଷ୍ଠିତ ସାମ୍ବାଦିକ ସମ୍ମିଳନୀରେ ଓଡ଼ିଶା କଂଗ୍ରେସ ପ୍ରଭାରୀ ଡ. ଅଜୟ କୁମାର ସାମ୍ବାଦିକଙ୍କୁ ସମ୍ବୋଧନ କରି କହିଛନ୍ତି ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ ମିଥ୍ୟାର ଶେହେନଶାହା, ଅସତ୍ୟର ମହାରାଜ ଓ ଜୁମଲାର ବାଦଶାହା। ସେ ମିଛର ସବୁ ସୀମା ଅତିକ୍ରମ କରିଛନ୍ତି। ନିର୍ବାଚନୀ ସଭାରେ ବଡ଼ ପାଟିରେ ସେ ମିଛ କୁହନ୍ତି। ପ୍ରତି ବ୍ୟାଙ୍କ ଆକାଉଣ୍ଟକୁ ୧୫ଲକ୍ଷ ଆସିବା, କୃଷକମାନଙ୍କ



ଆୟ ଦ୍ୱିଗୁଣିତ କରିବା, ପ୍ରତି ଘରକୁ ପକ୍କାଘର ଓ ବିଜୁଳି ସଂଯୋଗ, ସ୍ମାର୍ଟ ସିଟି ନିର୍ମାଣ, ବର୍ଷକୁ ଦୁଇ କୋଟି ଯୁବକଙ୍କୁ ନିଯୁକ୍ତି, ବୁଲେଟ ଟ୍ରେନ ଚଲାଇବା ଆଦି ମୋଦୀଙ୍କ ମିଛର ଅଂଶବିଶେଷ ବୋଲି ସେ କହିଛନ୍ତି। ମିଛ କହିବାରେ ମୋଦୀ ୪୦୦ ପାର୍ କରିଛନ୍ତି। ୪୫ ବର୍ଷରେ ଦେଶରେ ସର୍ବାଧିକ ବେରୋଜଗାର ହୋଇଥିବା ବେଳେ ଦରଦାମ ବୃଦ୍ଧି ଦେଶବାସୀଙ୍କ ପାଇଁ ମୁଣ୍ଡବିନ୍ଧାର କାରଣ ପାଲଟିଛି। ଦେଶର ଅତ୍ୟାବଶ୍ୟକୀୟ ଖାଦ୍ୟ ସାମଗ୍ରୀକୁ କମ କରିବାରେ ବିଫଳ ମୋଦୀ ୬୦ ହଜାର କୋଟି ଟଙ୍କା ବିନିମୟରେ ସମଗ୍ର ଦେଶରେ ନିଜର ଦଳୀୟ କାର୍ଯ୍ୟାଳୟ ପାଇଁ ଜାଗା କିଣିବା ଏବଂ ଘର କରିବାରେ ଖର୍ଚ୍ଚ କରିଛନ୍ତି। ଦେଶ ଓ ଓଡ଼ିଶାବାସୀ ଏହାର ଜବାବ ଦେବେ। ୪ଟି ପର୍ଯ୍ୟାୟ ନିର୍ବାଚନ ସରିଥିଲା ବେଳେ ଦେଶର ଜନତାଙ୍କ ମୁଡ୍ ଦେଖି ମୋଦୀ ଏବେ ଭୟଭୀତ। ନିଜର ଚେୟାର ବଞ୍ଚାଇବା ପାଇଁ ବିଦ୍ୱେଷର ବିଷମଞ୍ଜି ବୁଣିବାରେ ଲାଗିଛନ୍ତି। ଦେଶରେ ପରିବର୍ତ୍ତନର ହାୱା ବହୁଛି ଏବଂ ଜୁନ ୪ ତାରିଖ ପରେ କେନ୍ଦ୍ରରେ ଇଣ୍ଡିଆ ମେଣ୍ଟର ସରକାର ହେବ ବୋଲି ଡଃ କୁମାର କହିଛନ୍ତି। ଆଜିର ଏହି ସାମ୍ବାଦିକ ସମ୍ମିଳନୀରେ ଗଣମାଧ୍ୟମ ବିଭାଗ ଅଧ୍ୟକ୍ଷ ଡ. ବିଶ୍ୱରଞ୍ଜନ ମହାନ୍ତି, ଏଆଇସିସି ମିଡିଆ ସଂଯୋଜକ ପ୍ରଭାତ କୁମାର, ରୀତୁ ଚୌଧୁରୀ, ଗଣମାଧ୍ୟମ ବିଭାଗ ସମ୍ପାଦକ ପ୍ରଶାନ୍ତ ଶତପଥି ଉପସ୍ଥିତ ଥିଲେ।

- ଡବଲ ଇଞ୍ଜିନ୍ ରାଜ୍ୟଗୁଡ଼ିକରେ ବିକାଶର ଗତି ପଛୁଆ ଚାଲିଛି
- ଯେଉଁ ରାଜ୍ୟକୁ ଯାଉଛନ୍ତି, ସେହି ରାଜ୍ୟକୁ ଏକନମ୍ବର କରିବାକୁ କହୁଛନ୍ତି
- ମୋଦୀ ଯେତେ ଓଡ଼ିଶା ଆସିବେ, ବିଜେପିର ଆସନ ସଂଖ୍ୟା ସେତେ କମିବ
- ଜୁନ୍ ୪ ତାରିଖ କେନ୍ଦ୍ରରେ ମୋଦୀ ସରକାରର ଶେଷ ଦିନ

## ହୃଦ୍‌ଘାତରେ ପୋଲିଂ ଅଧିକାରୀଙ୍କ ମୃତ୍ୟୁ

**ଭୁବନେଶ୍ୱର, ୧୯।୫(ସମିସ):** ବଲାଙ୍ଗିର ଜିଲ୍ଲା ଅନ୍ତର୍ଗତ କଣ୍ଟାବାଞ୍ଜି ବିଧାନସଭା କ୍ଷେତ୍ର ପାଇଁ ନିୟୋଜିତ ଜଣେ ପୋଲିଂ ଅଧିକାରୀ ସୁଶୀଲ କୁମାର ଆଚାର୍ଯ୍ୟଙ୍କର ମୃତ୍ୟୁ ଘଟିଛି। ସ୍ୱର୍ଗତଃ ଆଚାର୍ଯ୍ୟଙ୍କ ମୃତ୍ୟୁରେ ରାଜ୍ୟ ମୁଖ୍ୟ ନିର୍ବାଚନ ଅଧିକାରୀ ନିକୁଞ୍ଜ ବିହାରୀ ଧଳ ଗଭୀର ଶୋକପ୍ରକାଶ କରିବା ସହ ଶୋକସନ୍ତପ୍ତ ପରିବାରବର୍ଗଙ୍କ ପ୍ରତି ଗଭୀର ସମବେଦନା ଜଣାଇଛନ୍ତି। ଏହାସହ ତାଙ୍କ ପରିବାରଙ୍କୁ ବିଧି ମୁତାବକ ସାହାଯ୍ୟ ବ୍ୟତିରେକ ୧୫ ଲକ୍ଷ ଟଙ୍କାର ଅତିରିକ୍ତ ଅନୁକମ୍ପାମୂଳକ ସହାୟତା ରାଶି ପ୍ରଦାନ କରାଯିବ ବୋଲି ମୁଖ୍ୟ ନିର୍ବାଚନ ଅଧିକାରୀ କହିଛନ୍ତି। ସୂଚନାଯୋଗ୍ୟ ଯେ ସ୍ୱର୍ଗତଃ ଆଚାର୍ଯ୍ୟ ମତଦାନ ସମ୍ପର୍କିତ କାର୍ଯ୍ୟ ପାଇଁ ଟିଟିଲାଗଡ଼ ଡିସପର୍ସାଲ ସେଣ୍ଟରର ରେଜିଷ୍ଟ୍ରେସନ୍ କାଉଣ୍ଟର ନିକଟରେ ଥିବାବେଳେ ମୂର୍ଚ୍ଛା ହୋଇଯାଇଥିଲେ। ତାଙ୍କୁ ତୁରନ୍ତ ଟିଟିଲାଗଡ଼ ସ୍ଥିତ ଉପଖଣ୍ଡ ହସ୍‌ପିଟାଲ୍‌କୁ ନିଆଯାଇଥିଲା। ସେଠାରୁ ତାଙ୍କୁ ବଲାଙ୍ଗିର ସଦର ହସ୍‌ପିଟାଲ୍‌କୁ ଚିକିତ୍ସା ପାଇଁ ପଠାଯାଇଥିଲା। କିନ୍ତୁ ରାସ୍ତାରେ ହୃଦ୍‌ଘାତ ଯୋଗୁ ତାଙ୍କର ମୃତ୍ୟୁ ହୋଇଥିବା ଜିଲ୍ଲା ମୁଖ୍ୟ ଚିକିତ୍ସା ଓ ଜନସ୍ୱାସ୍ଥ୍ୟ ଅଧିକାରୀ ଘୋଷଣା କରିଥିଲେ।

### ୧୫ ଲକ୍ଷ ଟଙ୍କାର ଅତିରିକ୍ତ ଆର୍ଥିକ ସହାୟତା ଘୋଷଣା

# ଗଞ୍ଜାମର ୮ ବିଧାନସଭା ଆସନରେ ଆଜି ମତଦାନ

**ବ୍ରହ୍ମପୁର,୧୯ ।୫(ସମିସ):** ରାଜ୍ୟର ଦ୍ୱିତୀୟପର୍ଯ୍ୟାୟ ନିର୍ବାଚନ ଲାଗି ସୋମବାର ମତଦାନ ହେବ। ଏହିକ୍ରମରେ ଗଞ୍ଜାମ ଜିଲ୍ଲାର ୮ଟି ବିଧାନସଭାରେ ଭୋଟ ପଡ଼ିବ। ଏହି ଜିଲ୍ଲା ଅଧୀନସ୍ଥ ଆସିକା ଲୋକସଭା ଅନ୍ତର୍ଗତ ପୋଲସରା, କବିସୂର୍ଯ୍ୟନଗର, ଖଲ୍ଲିକୋଟ, ଆସିକା, ସୋରଡ଼ା, ସାନଖେମୁଣ୍ଡି ଓ ହିଞ୍ଜିଳି ବିଧାନସଭା ସମେତ କନ୍ଧମାଳ ଲୋକସଭା ଅନ୍ତର୍ଭୁକ୍ତ ଭଞ୍ଜନଗର ବିଧାନସଭାରେ ମଧ୍ୟ ମତଦାନ ହେବ। ଏଥିପାଇଁ ଭୋଟରଙ୍କ ମନରେ ନାହିଁ ନଥିବା ଉତ୍ସାହ ଦେଖିବାକୁ ମିଳିଛି। ମତଦାନକୁ ସୁରୁଖୁରୁରେ ସାରିବା ଲାଗି ପ୍ରଶାସନ ଓ ପୁଲିସ ପ୍ରଶାସନ ପକ୍ଷରୁ ସ୍ୱତନ୍ତ୍ର ଦୃଷ୍ଟି ଦିଆଯାଇଛି। ଆସିକା ଲୋକସଭା ଉପରେ ସ୍ୱତନ୍ତ୍ର ଧ୍ୟାନ ଦିଆଯାଇଥିବା ଲକ୍ଷ୍ୟ କରାଯାଇଛି। ଏହି ବିଧାନସଭା ଗୁଡ଼ିକରେ ସକାଳ ୭ରୁ ସନ୍ଧ୍ୟା ୬ଯାଏଁ ମତଦାନ ହେବ। ସମୁଦାୟ ୧୯୫୬ଟି ବୁଥରେ ୧୮ଲକ୍ଷ ୬୦ହଜାର ୬୨୭ଜଣ ଭୋଟର ମତାଧିକାର ସାବ୍ୟସ୍ତ କରିବେ। ତନ୍ମଧ୍ୟରୁ ୧୫୦ଜଣ ତୃତୀୟ ଲିଙ୍ଗୀ ଭୋଟର ଥିବା ମଧ୍ୟ ଜଣାଯାଇଛି। ଅନ୍ୟପକ୍ଷରେ ଭୋଟରଙ୍କୁ ଅଧିକ ଆକୃଷ୍ଟ କରିବା ଲାଗି ବିଭିନ୍ନ ପ୍ରକାରର ବୁଥ ନିର୍ବାଚନ କମିଶନ ଓ ଜିଲ୍ଲା ପ୍ରଶାସନ ପକ୍ଷରୁ ପ୍ରସ୍ତୁତି କରାଯାଇଛି। ୮ଟି ବିଧାନସଭାରେ ମତଦାନ ଲାଗି ୨୨୦ଟି ମହିଳା ମଡ଼େଲ ବୁଥ ହୋଇଛି। ସେହିଭଳି ୮ଟି ଇକୋ ଫ୍ରେଣ୍ଡଲି ବୁଥ ଓ ୨୪ଟି ୟୁଥ ବୁଥ ମଧ୍ୟ କରାଯାଇଥିବା ଜଣାଯାଇଛି। କନ୍ଧମାଳ ସଂସଦୀୟ କ୍ଷେତ୍ରର ଭଞ୍ଜନଗର ବିଧାନସଭାରେ ସମୁଦାୟ ୨ଲକ୍ଷ ୩୯ହଜାର ୪୫୩ଜଣ ଭୋଟର

- ପ୍ରାର୍ଥୀଙ୍କ ଭାଗ୍ୟ ନିର୍ଦ୍ଧାରଣ କରିବେ ୧୮ ଲକ୍ଷ ୬୦ ହଜାର ୬୨୭ ଭୋଟର
- ୮ ବିଧାନସଭାରେ ୨୨୦ଟି ସଖୀ ବୁଥ୍, ୮ଟି ଇକୋଫ୍ରେଣ୍ଡଲି ଓ ୨୪ଟି ୟୁଥ ବୁଥ୍
- ସକାଳ ୭ରୁ ସନ୍ଧ୍ୟା ୬ ଯାଏଁ ମତଦାନ, ସୁରକ୍ଷା କଡ଼ାକଡ଼ି

ରହିଛନ୍ତି। ତନ୍ମଧ୍ୟରୁ ୧ଲକ୍ଷ ୨୩ହଜାର ପୁରୁଷ ଓ ୧ଲକ୍ଷ ୧୫ହଜାର ପୁରୁଷ ଭୋଟର ରହିଥିବା ବେଳେ ଏଠାରେ ୨୬୦ଟି ବୁଥ ମଧ୍ୟରୁ ୪୧ଟି ମହିଳା ମଡ଼େଲ ବୁଥ ରହିଛି। ସେହିଭଳି ଆସିକା ସଂସଦୀୟ କ୍ଷେତ୍ର ଅନ୍ତର୍ଗତ ପୋଲସରା ବିଧାନସଭା ନିର୍ବାଚନ ମଣ୍ଡଳୀରେ ସମୁଦାୟ ୨ଲକ୍ଷ ୪୮ ହଜାର ୯୩୭ଜଣ ଭୋଟର ରହିଛନ୍ତି। ତନ୍ମଧ୍ୟରୁ ପୁରୁଷ ଭୋଟର ୧ଲକ୍ଷ ୨୯ହଜାର ହୋଇଥିବା ବେଳେ ମହିଳା ଭୋଟର




ସଂଖ୍ୟା ହେଉଛି ୧ଲକ୍ଷ ୧୯ହଜାର। ଏଠାରେ ୨୬୩ଟି ବୁଥରେ ମତଦାତା ସେମାନଙ୍କ ମତାଧିକାର ସାବ୍ୟସ୍ତ କରିବାକୁ ଥିବାବେଳେ ଏଠାରେ ୩୦ଟି ମହିଳା ମଡ଼େଲ ବୁଥ ପ୍ରସ୍ତୁତ କରାଯାଇଛି। ସେହିଭଳି କବିସୂର୍ଯ୍ୟନଗର ନିର୍ବାଚନ ମଣ୍ଡଳୀରେ ୨ଲକ୍ଷ ୩୮ହଜାର ୭୫ଜଣ ଭୋଟର ରହିଛନ୍ତି। ତନ୍ମଧ୍ୟରୁ ପୁରୁଷ ଭୋଟର ୧ଲକ୍ଷ ୨୪ହଜାର ଓ ମହିଳା ଭୋଟର ୧ଲକ୍ଷ ୧୩ହଜାର ବୋଲି ଜଣାଯାଇଛି। ଏଠାରେ ୨୪୬ଟି ବୁଥ ରହିଥିବା ବେଳେ ୨୪ଟି ମଡ଼େଲ ବୁଥ ହୋଇଥିବା ଜଣାଯାଇଛି। ସେହିପରି ଖଲ୍ଲିକୋଟ ବିଧାନସଭା କ୍ଷେତ୍ରରେ ୨ଲକ୍ଷ ୩୨ହଜାର ୬୭୯ଜଣ ଭୋଟର ରହିଛନ୍ତି। ଏଥିରୁ ୧ଲକ୍ଷ ୨୧ ହଜାର ପୁରୁଷ ଓ ୧ଲକ୍ଷ ୧୧ହଜାର ମହିଳା ଭୋଟର ବୋଲି ଜଣାଯାଇଛି। ୨୦ତାରିଖରେ ଏମାନେ ଏଠାକାର ୨୪୧ଟି ବୁଥରେ ମତାଧିକାର ସାବ୍ୟସ୍ତ କରିବାକୁ ଥିବାବେଳେ ତନ୍ମଧ୍ୟରୁ ୩୦ଟି ମହିଳା ମଡ଼େଲ ବୁଥ ବା ସଖୀ ବୁଥ ରହିଛି। ଅନୁରୂପଭାବେ ଆସିକା ବିଧାନସଭା ନିର୍ବାଚନ ମଣ୍ଡଳୀରେ ୨ଲକ୍ଷ ୨୭ଶହ ଭୋଟର ରହିଛନ୍ତି। ଏମାନଙ୍କ ମଧ୍ୟରୁ ୧ଲକ୍ଷ ୫ହଜାର ପୁରୁଷ ଓ ୯୬ହଜାର ମହିଳା ଭୋଟର ବୋଲି ଜଣାଯାଇଛି। ଏଠାକାର ୨୦୯ଟି ବୁଥରେ ଏମାନେ ମତଦାନ କରିବେ। ଭୋଟରଙ୍କୁ ଅଧିକ ଆକୃଷ୍ଟ କରିବା ଲାଗି ଏଠାରେ ୨୦ଟି ସଖୀ ବା ମଡ଼େଲ ବୁଥ ହୋଇଛି। ସୋରଡ଼ା ବିଧାନସଭା ନିର୍ବାଚନ ମଣ୍ଡଳୀରେ ୨ଲକ୍ଷ ୩୫ହଜାର ୩୪୧ଜଣ ଭୋଟର ରହିଥିବା ବେଳେ ଏମାନେ ଆସନ୍ତା ୨୦ତାରିଖ ଦିନ ୨୫୫ଟି ବୁଥରେ ମତାଧିକାର ସାବ୍ୟସ୍ତ କରିବେ। ଏଠାରେ ୨୧ଟି ମହିଳା ମଡ଼େଲ ବୁଥ ପ୍ରସ୍ତୁତ ହୋଇଛି। ସମୁଦାୟ ଭୋଟରଙ୍କ ମଧ୍ୟରୁ ୨ଲକ୍ଷ ୨୩ହଜାର ପୁରୁଷ ଓ ୧ଲକ୍ଷ ୧୨ ହଜାର ମହିଳା ଭୋଟର ଅଛନ୍ତି। ସାନଖେମୁଣ୍ଡି ନିର୍ବାଚନ ମଣ୍ଡଳୀ ଲାଗି ପ୍ରସ୍ତୁତ ୨୫୩ଟି ବୁଥରେ ଏଠାକାର ୨ଲକ୍ଷ ୩୧ହଜାର ୧୩୩ଜଣ ମତାଧିକାର ସାବ୍ୟସ୍ତ କରିବାକୁ ଯାଉଛନ୍ତି। ସେମାନଙ୍କ ମଧ୍ୟରୁ ୧ଲକ୍ଷ ୨୦ହଜାର ପୁରୁଷ ଓ ୧ଲକ୍ଷ ୧୦ହଜାର ମହିଳା ଭୋଟର ଥିବା ଜଣାଯାଇଛି। ଏଠାରେ ସ୍ୱତନ୍ତ୍ର ଭାବେ ୨୧ଟି ସଖୀ ବୁଥ ମଧ୍ୟ ପ୍ରସ୍ତୁତ କରାଯାଇଛି। ସେହପରି ହିଞ୍ଜିଳି ବିଧାନସଭା ନିର୍ବାଚନ ମଣ୍ଡଳୀରେ ସମଦାୟ ୨ଲକ୍ଷ ୩୨ହଜାର ୧୦୯ଜଣ ଭୋଟର ରହିଛନ୍ତି। ଏଠାରେ ୩୨ ମହିଳା ମଡ଼େଲ ବୁଥ ପ୍ରସ୍ତୁତ ହୋଇଛି। ସମୁଦାୟ ଭୋଟର ସଂଖ୍ୟା ମଧ୍ୟରୁ ୧ଲକ୍ଷ ୨୦ହଜାର ପୁରୁଷ ଓ ୧ଲକ୍ଷ ୧୦ହଜାର ମହିଳା ବୋଲି ଜଣାଯାଇଛି। ସେହିପଳି ଆସିକା ସଂସଦୀୟ କ୍ଷେତ୍ରରେ ଯୁବ ଭୋଟରଙ୍କୁ ଆକୃଷ୍ଟ କରିବା ଲାଗି ସ୍ୱତନ୍ତ୍ର ବୁଥ ସମେତ, ପରିବେଷ ଅନୁକୂଳ ବୁଥ ଆଦି ମଧ୍ୟ ପ୍ରସ୍ତୁତ ହୋଇଛି। ବିଶେଷ କରି ମତଦାନ ଲାଗି ସୁରକ୍ଷା ବ୍ୟବସ୍ଥାକୁ କଡ଼ା କଡ଼ି କରାଯାଇଛି। ପୁଲିସ ଟିମ ବିଭିନ୍ନ ସ୍ଥାନରେ ମୁତୟନ ରହିଥିବା ବେଳେ ଅବାଧ ଓ ମୁକ୍ତ ଭୋଟଗ୍ରହଣକୁ ଅଗ୍ରାଧିକାର ଦିଆଯାଇଛି। ପ୍ରକାଶଯୋଗ୍ୟ ଯେ, ସୋମବାର ମତଦାନ ଶେଷ ହେବା ପରେ ଗଞ୍ଜାମ ଜିଲ୍ଲାରେ ଭୋଟଗ୍ରହଣ ସରିବ।

## ୨୪ ପ୍ରହର ନାମଯଜ୍ଞ



**ଗଞ୍ଜାମ,୧୯ ।୫(ସମିସ):** ଗଞ୍ଜାମ ବ୍ଲକ ଅନ୍ତର୍ଗତ ଝାରେଡି ରାଧାଗୋବିନ୍ଦପୁର ଗ୍ରାମରେ ମହା ଆଡମ୍ବର ସହକାରେ ୨୪ ପ୍ରହର ନାମଯଜ୍ଞ ଆୟୋଜିତ ହୋଇଯାଇଛି। ଗତ ଗୁରବାର ସନ୍ଧ୍ୟାରେ ଅଧିବାସ ଓ ଅଙ୍କୁରାରୋପଣ ଶୁକ୍ରବାର ନାମଯଜ୍ଞ ଶୁଭାରମ୍ଭ ହୋଇଛି। ପ୍ରତ୍ୟେହ ଅନ୍ନଯଜ୍ଞ କାର୍ଯ୍ୟକ୍ରମ ଅନୁଷ୍ଠିତ ହେଉଛି। ଏହି ଅବସରରେ ବିଭିନ୍ନ ଗ୍ରାମର ସଂକୀର୍ତ୍ତନ ମଣ୍ଡଳୀଙ୍କ ଦ୍ୱାରା ନାମ ସଂକୀର୍ତ୍ତନ ସ୍ଥାନୀୟ ଅଞ୍ଚଳରେ ଆଧାତ୍ମିକ ପରିବେଶ ସୃଷ୍ଟି କରିଛି। ଗ୍ରାମରେ ସୁସଜ୍ଜିତ ଆଲୋକମାଳା ସହ ଶ୍ରଦ୍ଧାଳୁଙ୍କ ଭିଡ଼ ଜମିଛି।

## ସାମ୍ବାଦିକଙ୍କ ଅକାଳ ବିୟୋଗ



**ଶେରଗଡ଼,୧୯ ।୫(ସମିସ):** ଶେରଗଡ଼ ବ୍ଲକ ଅଧୀନସ୍ଥ ଧବଳପୁର ଗ୍ରାମର ଅଶୋକ କୁମାର ଦାସ(୪୨)ଙ୍କ ଅକାଳ ବିୟୋଗ ଘଟିଛି। ସେ ଶେରଗଡ଼ ବ୍ଲକ ଆଞ୍ଚଳିକ ସାମ୍ବାଦିକ ସଂଘର ସମ୍ପାଦକ ମଧ୍ୟ ରହିଥିଲେ। ସେ ଲିଭର ଜଣ୍ଡିସରେ ଆକ୍ରାନ୍ତ ହୋଇ କିଛି ଦିନ ହେଲା ଚିକିତ୍ସିତ ହେଉଥିଲେ। ରବିବାର ସକାଳେ ତାଙ୍କ ସ୍ୱାସ୍ଥ୍ୟାବସ୍ଥାରେ ଅବନତି ଘଟିବାରୁ ତାଙ୍କୁ ଅଧିକ ଚିକିତ୍ସା ନିମନ୍ତେ ଭୁବନେଶ୍ୱର ଏମ୍ସକୁ ନିଆଯାଉଥିଲା। ଆସିକା ନିକଟରେ ତାଙ୍କ ଅବସ୍ଥା ସଙ୍କଟାପନ୍ନ ହେବାରୁ ଆସିକା ଉପଖଣ୍ଡ ଚିକିତ୍ସାଳୟରେ ଭର୍ତ୍ତି କରାଯାଇଥିଲା। ସେଠାରେ ଉପସ୍ଥିତ ଥିବା ଡାକ୍ତର ତାଙ୍କୁ ମୃତ ଘୋଷଣା କରିଥିଲେ। ଏହା ପରେ ତାଙ୍କ ମୃତଦେହକୁ ପୈତୃକ ବାସଭବନକୁ ଅଣାଯାଇଥିଲା। ତାଙ୍କ ପରଲୋକ ଖବର ପ୍ରସାରିତ ହେବା ପରେ ଆସିକା ଲୋକସଭା କଂଗ୍ରେସ ପ୍ରାର୍ଥୀ ଦେବକାନ୍ତ ଶର୍ମା, ସ୍ଥାନୀୟ ସରପଞ୍ଚ ପ୍ରତିନିଧି ସିମାଞ୍ଚଳ ପ୍ରଧାନ, ସମିତି ସଭ୍ୟ ପ୍ରତିନିଧି ରବୀନ୍ଦ୍ର ଗୌଡ଼, ଶେରଗଡ଼ ମିଡିଆ ହାଉସ ସଭାପତି ମେଘନାଦ ଦାସ, ବରିଷ୍ଠ ସାମ୍ବାଦିକ ସୁବ୍ରତ କୁମାର ପଣ୍ଡା, ୟୁଜେଏ ଶେରଗଡ଼ ଶାଖାର ସଭାପତି ଅଖିଳ କୁମାର ପଟ୍ଟନାୟକ, ସାମ୍ବାଦିକ ଶଙ୍କର ପ୍ରସାଦ ପ୍ରଧାନ, ସାମ୍ବାଦିକ ଅଜିତ କୁମାର ପଣ୍ଡା, ଯୁବ ସମାଜସେବୀ ବାସୁଦେବ ସ୍ୱାଇଁଙ୍କ ସହ ଆଞ୍ଚଳିକ ସାମ୍ବାଦିକ ସଂଘର ସମସ୍ତ ସାମ୍ବାଦିକ ଶେଷ ଦର୍ଶନ କରିବା ସହ ଶୋକସନ୍ତପ୍ତ ପରିବାରକୁ ସମବେଦନା ଜଣାଇଥିଲେ।

● ୱାଟର୍ ପାର୍କରେ ଉତ୍ତେଜନା

## ଟିକେଟ ନପାଇ ପର୍ଯ୍ୟଟକ ନିରାଶ




**ଭଞ୍ଜନଗର,୧୯ ।୫(ସମିସ):** ଗଞ୍ଜାମ ଜିଲ୍ଲାର ଭଞ୍ଜନଗର ବିଜୁ ପଟ୍ଟନାୟକ ଶିଶୁ ଉଦ୍ୟାନ ହେଉଛି ଦକ୍ଷିଣ ଓଡ଼ିଶାର ଏକ ମାତ୍ର ୱାଟର୍ ପାର୍କ ରହିଛି। ତେଣୁ ଗ୍ରୀଷ୍ମ ପ୍ରକୋପରୁ କିଛି ସମୟ ଆସ୍ୱସ୍ତି ପାଇବା ପାଇଁ ପ୍ରତିଦିନ ଏଠାରେ ବହୁ ଲୋକଙ୍କ ଭିଡ଼ ଲାଗି ରହୁଛି। ଏଠାରେ ଟିକେଟ୍ ଦାମ ୨ଶହ ଟଙ୍କା ଥିବା ବେଳେ ଅନ୍ୟାନ୍ୟ ସମସ୍ତ ସୁବିଧା ସୁଯୋଗ ମଧ୍ୟ ରହିଛି। ବିଶେଷ କରି ରବିବାର ଓ ଛୁଟି ଦିନ ମାନଙ୍କରେ ଜିଲ୍ଲା ତଥା ଜିଲ୍ଲା ବାହାରୁ ବହୁ ସଂଖ୍ୟକ ପର୍ଯ୍ୟଟକ ନିଜ ପରିବାର, ସମ୍ପର୍କୀୟ ଓ ସାଙ୍ଗସାଥିଙ୍କ ସହ ଏଠାରେ ଆସି ବିଭିନ୍ନ ଜଳ କ୍ରୀଡ଼ାର ମଜା ଉଠାଇଥାନ୍ତି। ହେଲେ ଏଠାରେ ପ୍ରତ୍ୟେକ ଦିନ କେବଳ ୫ଶହ ଲୋକଙ୍କ ନିମନ୍ତେ ପ୍ରବେଶ ପାଇଁ ଅନୁମତି ଥିବା ବେଳେ ଦିନକୁ ଦିନ ଲୋକଙ୍କ ସଂଖ୍ୟା ଢ଼େର ବୃଦ୍ଧି ପାଇବାରେ ଲାଗିଛି। ଆଜି ରବିବାର ଥିବାରୁ ବହୁ ପର୍ଯ୍ୟଟକ ଏଠାକୁ ଆସିଥିଲେ। ହେଲେ ପ୍ରଥମେ ଆସିଥିବା ୫ଶହ ଲୋକଙ୍କୁ ପାର୍କକୁ ପ୍ରବେଶ ପାଇଁ ଟିକେଟ୍ ମିଳିଥିଲା। ଅପରପକ୍ଷେ ପ୍ରାୟ ଦୁଇ ଶହରୁ ଉର୍ଦ୍ଧ୍ୱ ଲୋକ ଟିକେଟ୍ ପାଇବାରୁ ବଞ୍ଚିତ ହୋଇଥିଲେ। ଫଳରେ ବହୁ ଦୂର ଦୁରାନ୍ତରୁ ଆସିଥିବା ଲୋକମାନେ ନିରାଶ ହୋଇଥିଲେ। ସେମାନେ ଟିକେଟ୍ କାଉଣ୍ଟର ନିକଟରେ ପାଟିତୁଣ୍ଡ କରିବା ସହ ହତାହାତି ପରିସ୍ଥିତି ସୃଷ୍ଟି ହୋଇଥିଲା। ଫଳରେ ପାର୍କ ଦାୟିତ୍ୱରେ ଥିବା ବିଡେକାର କର୍ମଚାରୀ ମାନେ ପୁଲିସକୁ ଖବର ଦେଇଥିଲେ। ପୁଲିସ ଆସି ସ୍ଥିତି ନିୟନ୍ତ୍ରଣ କରିବା ସହ ଗଣ୍ଡଗୋଳ କରୁଥିବା କିଛି ଲୋକଙ୍କୁ ଥାନାରେ ଅଟକ ରଖିଥିବା ଜଣାପଡିଛି। ହେଲେ ପାର୍କରେ କୌଣସି ସୁରକ୍ଷା ବ୍ୟବସ୍ଥା ନଥିବାରୁ ଅଧିକାଂଶ ସମୟରେ ଏଭଳି ଘଟଣା ସାମ୍ନାକୁ ଆସୁଥିବା ଜଣାପଡିଛି।

## ହିଞ୍ଜିଳି ବିଧାନସଭାରେ ୧୦ ପ୍ରାର୍ଥୀଙ୍କ ଭାଗ୍ୟ ପରୀକ୍ଷା

**ଶେରଗଡ଼,୧୯ ।୫(ସମିସ):** ଗଞ୍ଜାମରେ ଦ୍ୱିତୀୟ ପର୍ଯ୍ୟାୟ ନିର୍ବାଚନ ଆଜି ଅନୁଷ୍ଠିତ ହେବ। ଏହି ରାଜନୈତିକ ରଣଭୂମିରେ ମତଦାତା କାହାକୁ ଭୋଟ ଦେବେ, କିଏ ବିଜୟୀ ହେବ ତାହା ଭୋଟରଙ୍କ ମତଦାନରେ ଜଣାପଡ଼ିବ। ଏନେଇ ନିର୍ବାଚନ ପରିଚାଳନା କାର୍ଯ୍ୟ ଜାରି ରହିଛି। ଆସିକା ଲୋକସଭା ଆସନ ଓ ଏହାର ଅଧୀନସ୍ଥ ହିଞ୍ଜିଳି, ଆସିକା, ସାନଖେମୁଣ୍ଡି, ଖଲ୍ଲିକୋଟ, ପୋଲସରା, କବିସୂର୍ଯ୍ୟନଗର ଓ ସୋରଡା ବିଧାନସଭା ଲାଗି ନିର୍ବାଚନ ହେବ। ଭୋଟର ମାନଙ୍କ ମତାମତ ନିମନ୍ତେ ପୋଲିଂ ଅଧିକାରୀଙ୍କ ସମେତ ଟିମ୍ ବୁଥରେ ପହଞ୍ଚିଛି। ଇଭିଏମ, ଭିଭିପାଟ ସହ ବୁଥସ୍ତରୀୟ ଭୋଟର ତାଲିକା, ଆବଶ୍ୟକୀୟ ନିର୍ବାଚନୀ ଉପକରଣ ଧରି ବୁଥ ଅଭିମୁଖେ ପୋଲିଂ ପାର୍ଟି ଯାତ୍ରା କରିଛନ୍ତି। ଏହି ନିର୍ବାଚନୀ ମହାପର୍ବରେ ଆସିକା ଲୋକସଭା ଆସନ ଅଧୀନସ୍ଥ ପ୍ରାୟ ୧୫ ଲକ୍ଷ ୮୦ ହଜାର ଭୋଟର ରହିଛନ୍ତି। ସମସ୍ତ ପ୍ରସ୍ତୁତି ଚୂଡ଼ାନ୍ତ ହୋଇ ମତଦାନ ପାଇଁ ପ୍ରସ୍ତୁତି ଆରମ୍ଭ ହୋଇଯାଇଛି। ଆସିକା ଲୋକସଭା ଏବଂ ହିଞ୍ଜିଳି ବିଧାନସଭା ଲାଗି ଚଳିତ ସାଧାରଣ ନିର୍ବାଚନରେ ମୋଟ ୧୭ ଜଣ ପ୍ରାର୍ଥୀ ନିର୍ବାଚନ ରଣାଙ୍ଗନରେ ରହିଛନ୍ତି। ସେମାନଙ୍କ ମଧ୍ୟରୁ ୬ ଜଣ ସ୍ୱାଧୀନ ପ୍ରାର୍ଥୀ ରହିଛନ୍ତି। ଆସିକା ଲୋକସଭା ଆସନ ନିମନ୍ତେ ୭ ଜଣ ପ୍ରାର୍ଥୀ ପ୍ରତିଦ୍ୱନ୍ଦ୍ୱିତା କରୁଥିବା ବେଳେ ୨ ଜଣ ସ୍ୱାଧୀନ ପ୍ରାର୍ଥୀ ରହିଛନ୍ତି। ସେହିପରି ହିଞ୍ଜିଳି ବିଧାନସଭା ଆସନ ଲାଗି ସର୍ବାଧିକ ୧୦ ଜଣ ପ୍ରାର୍ଥୀ ଅବତୀର୍ଣ୍ଣ ହୋଇଥିବା ବେଳେ ସେମାନଙ୍କ ମଧ୍ୟରୁ ୪ ଜଣ ସ୍ୱାଧୀନ ପ୍ରାର୍ଥୀ ରହିଛନ୍ତି। ଆସିକା ଲୋକସଭା ଆସନରେ ୨୦୦୯ରେ ବିଜେଡି ପ୍ରାର୍ଥୀ ନିତ୍ୟାନନ୍ଦ ପ୍ରଧାନ, ୨୦୧୪ରେ ବିଜେଡିର ଲଡୁ କିଶୋର ସ୍ୱାଇଁ, ୨୦୧୯ରେ ବିଜେଡିର ପ୍ରମିଳା ବିଷୋୟୀ ବିଜୟୀ ହୋଇଥିଲେ। ୭ଟି ବିଧାନସଭା ଆସନ ମଧ୍ୟରୁ ୬ଟି ବିଜେଡି ନିଜ ଦଖଲରେ ରଖିଥିବା ବେଳେ ସାନଖେମୁଣ୍ଡି ଆସନ କଂଗ୍ରେସ ଦଖଲରେ ରହିଛି। ତେବେ ଚଳିତ ନିର୍ବାଚନରେ ଭୋଟର କାହାକୁ ପସନ୍ଦ କରୁଛନ୍ତି ତାହା ଆଗାମୀ ୪ ତାରିଖରେ ଜଣାପଡ଼ିବ।

## ନିର୍ବାଚନ ପୂର୍ବରୁ ପୁଲିସର ଫ୍ଲାଗ୍‌ମାର୍ଚ୍ଚ

**ପୋଲସରା,୧୯ ।୫(ସମିସ):** ଗଞ୍ଜାମ ଜିଲ୍ଲାରେ ଦ୍ୱିତୀୟ ପର୍ଯ୍ୟାୟ ନିର୍ବାଚନ ହେବାକୁ ଥିବାବେଳେ ଆସିକା ସଂସଦୀୟ କ୍ଷେତ୍ରର ୭ଟି ନିର୍ବାଚନ ମଣ୍ଡଳୀରେ ସୋମବାର ମତଦାନ ହେବ। ଏନେଇ ଗଞ୍ଜାମ ପୁଲିସ ପ୍ରଶାସନ ପକ୍ଷରୁ ବ୍ୟାପକ ସୁରକ୍ଷା ବ୍ୟବସ୍ଥା ଗ୍ରହଣ କରାଯାଇଛି । ଏସବୁ ମଧ୍ୟରେ ସୋମବାର ପୋଲସରା ସହରରେ ଦ୍ୱିତୀୟ ପର୍ଯ୍ୟାୟରେ ନିର୍ବାଚନ ହେବ। ଆଇନ୍ ଶୃଙ୍ଖଳା ପରିସ୍ଥିତିକୁ ନିୟନ୍ତ୍ରଣ କରି ରବିବାର ପୋଲସରା ପୁଲିସ୍ ପକ୍ଷରୁ ଏକ ବିରାଟ ଫ୍ଲାଗମାର୍ଚ୍ଚ କରାଯାଇଛି। ଅବାଧ ମୁକ୍ତ ଓ ନିରପେକ୍ଷ ନିର୍ବାଚନ କରିବା ଲକ୍ଷ୍ୟ ରଖି ପୋଲସରା ଥାନା ଅଧିକାରୀ କୌଶିକ୍ ମାଝି ୩ ପ୍ଲାଟୁନ ପୋଲିସ ଫୋର୍ସ ନେଇ ପୋଲସରା ସହର ଲୁଣିଘାଟି ପଡିଆ ଠାରୁ ଆରମ୍ଭ କରି ରାଣିପଡା ଛକ ପର୍ଯ୍ୟନ୍ତ ଧରି



ଫ୍ଲାଗମାର୍ଚ୍ଚ କରିଥିଲେ। ଫ୍ଲାଗମାର୍ଚ୍ଚରେ ପୋଲସରା ଥାନା ଏସ୍ଆଇ ଶୁଭ୍ରଜୀତ ସାମନ୍ତରାୟ, ସୁସ୍ମିତା ପଣ୍ଡା, ଜୟପ୍ରକାଶ ପଟ୍ଟନାୟକ, ଏଏସ୍ଆଇ ରମଣ ଶବର, ଅଜିତ ବେହେରା, ଦାମୋଦର ଦେହୁରୀଙ୍କ ସମେତ ପୋଲସରା ଥାନାର ସମସ୍ତ କର୍ମଚାରୀ ଉପସ୍ଥିତ ଥିଲେ।



## ମା' ବାସବୀ କନ୍ୟକା ପରମେଶ୍ୱରୀଙ୍କ ଜନ୍ମ ଉତ୍ସବ

**ରମ୍ଭା,୧୯ ।୫(ସମିସ):** ଶନିବାର ଦିନ ସ୍ଥାନୀୟ କଳିଙ୍ଗ ବୈଶ୍ୟ ପେଣ୍ଠ ଘରେ ବୈଶ୍ୟକୁଳ ଧାତ୍ରୀ ତଥା କୁଳଦେବୀ ମା 'ବାସବୀ କନ୍ୟକା ପରମେଶ୍ୱରୀଙ୍କ ଜନ୍ମ ଉତ୍ସବ ପୁରୋହିତ ଜଗନ୍ନାଥ ଦାସଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ହୋଇଯାଇଛି। ପୂର୍ବ ପ୍ରସ୍ତୁତି କ୍ରମେ ମା'ବାସବୀ କନ୍ୟକା ପରମେଶ୍ୱରୀଙ୍କୁ ନୂତନ ବସ୍ତ୍ର ପରିଧାନ କରି ରଙ୍ଗବେରଙ୍ଗର ଫୁଲମାଳ ଆଚ୍ଛାଜିତ କରାଯାଇ ସଂଘ ପକ୍ଷରୁ ତଥା ବ୍ୟକ୍ତିଗତ ଭାବେ ପୂଜାର୍ଚ୍ଚନା କରାଯାଇ ଭୋଗରାଗ କରାଯାଇଥିଲା। କର୍ତ୍ତା ରୂପେ ରାଜେନ୍ଦ୍ର କୁମାର ସେନାପତି ସହ ଧର୍ମିଣୀ ସ୍ୱର୍ଣ୍ଣଲତା ସେନାପତି ଅଧିଷ୍ଠିତ ହୋଇଥିଲେ। ପୂଜା କାର୍ଯ୍ୟକ୍ରମରେ ପରିଦର୍ଶନରେ କଳିଙ୍ଗ ବୈଶ୍ୟ ମହାସଂଘର ସଭାପତି ଟି. କେଦାରନାଥ ସୁବୁଦ୍ଧି, ଖଲ୍ଲିକୋଟ ଅଞ୍ଚଳ ସଭାପତି ଟି. ରାଜେନ୍ଦ୍ର ପୃଷ୍ଟି, ରମ୍ଭା ପେଣ୍ଠର ସମ୍ପାଦକ କେ. ମହେନ୍ଦ୍ର କୁମାର ସେନାପତି ସହିତ ବିଭିନ୍ନ ପେଣ୍ଠର ସଦସ୍ୟ/ସଦସ୍ୟା, ଯୁବକ ସଂଘ, ମହିଳା ସଂଘ ପୂଜାରେ ସାମିଲ ହୋଇଥିଲେ।

■ ଶ୍ରମିକଙ୍କୁ ନିର୍ଯାତନା ଅଭିଯୋଗ

## ୮ ଘଣ୍ଟା ବଦଳରେ ୧୨ ଘଣ୍ଟା ଖଟଣି

**ହୁମ୍ମା,୧୯ ।୫(ସମିସ):** ଗଞ୍ଜାମ ବ୍ଲକର ରମ୍ଭା ଥାନା ଅଧୀନରେ ଥିବା ଘରୋଇ କମ୍ପାନୀଗୁଡ଼ିକ ଶ୍ରମିକମାନଙ୍କୁ ଶୋଷଣ ଓ ନିର୍ଯାତନା ଦେଉଥିବା ଅଭିଯୋଗ ହୋଇଛି। ସରକାରଙ୍କ ସରକାରୀ ନୀତିକୁ ଉଲ୍ଲଂଘନ କରି ସେମାନଙ୍କୁ ୮ ଘଣ୍ଟା ସ୍ଥାନରେ ୧୨ ଘଣ୍ଟା ଖଟା ଯାଉଥିବା ଅଭିଯୋଗ ହୋଇଛି। ୧୨ ଘଣ୍ଟା ଶ୍ରମିକମାନଙ୍କୁ ଖଟା ଯାଇ ମଧ୍ୟ ସେମାନଙ୍କୁ ୮ ଘଣ୍ଟାର ପ୍ରାପ୍ୟ ମଧ୍ୟ ମିଳୁ ନାହିଁ। ସରକାରୀ ଗାଇଡ୍‌ଲାଇନ ଅନୁସାରେ ଥିବା ଅଣକୁଶଳୀ, ଅର୍ଦ୍ଧକୁଶଳୀ ଓ ଉତ୍ତମ କୁଶଳୀର ପ୍ରାପ୍ୟ ସଠିକ ରୂପେ ମିଳୁନାହିଁ। ଅଣକୁଶଳୀମାନଙ୍କୁ ଉତ୍ତମ କୁଶଳୀର କାର୍ଯ୍ୟ ଦିଆଯାଉଥିବା ବେଳେ ସେହି ଶ୍ରେଣୀର ଶ୍ରମିକମାନେ ସଠିକ ଭାବେ କରି ନପାରିଲେ ସେମାନଙ୍କୁ ଦୁର୍ବ୍ୟବହାର ସହ ନିର୍ଯାତନା ଦିଆଯାଉଛି। ଜରୁରୀକାଳୀନ ପରିସ୍ଥିତିରେ ଶ୍ରମିକମାନେ ଛୁଟି ନେଲେ ସେମାନଙ୍କୁ ତା' ପରଦିନ ଘଣ୍ଟା ଘଣ୍ଟା ଧରି ଖରାରେ ଠିଆ କରିବା ସହ ଅଧା ଦିନର ମଜୁରୀ ଟଙ୍କା ଦିଆଯାଉଛି। ଖାଇବା ସମୟ ୪୦ ମିନିଟ କିମ୍ବା ୧ ଘଣ୍ଟା ସରକାରୀ ନିୟମ ଥିବା ବେଳେ ସେମାନଙ୍କୁ ୨୫ରୁ ୩୦ ମିନିଟ ଦିଆଯାଉଛି। ଖାଦ୍ୟ ଖାଇବାରେ ଟିକେ ବିଳମ୍ବ ହେଲେ ସେମାନଙ୍କୁ ଅସହ୍ୟ ଗାଳି ସହିବାକୁ ପଡୁଛି। ଅଞ୍ଚଳରେ କାମ ମିଳୁ ନଥିବା ବେଳେ କେହି ପ୍ରତିବାଦ ଓ ଅଭିଯୋଗ କରିବା ପାଇଁ ଶ୍ରମିକମାନେ ଚାହୁଁ ନାହାଁନ୍ତି। ଏହାର ଫାଇଦା ନେଇ ଘରୋଇ କମ୍ପାନୀର ମାଲିକମାନେ ସେମାନଙ୍କୁ ଶୋଷଣ କରୁଛନ୍ତି। ଜିଲ୍ଲା ଶ୍ରମ ବିଭାଗ ଅଧିକାରୀ ଓ ରମ୍ଭା ପୁଲିସ ପକ୍ଷରୁ ଏହି କମ୍ପାନୀଗୁଡ଼ିକରେ ଆଜି ପର୍ଯ୍ୟନ୍ତ ଚଢ଼ାଉ କାହିଁକି କରୁ ନାହାଁନ୍ତି ଏନେଇ ଅଞ୍ଚଳବାସୀଙ୍କ ମନରେ ସନ୍ଦେହ ସୃଷ୍ଟି କରିଛି। ସେହିପରି ଜିଲ୍ଲା ଶ୍ରମ ବିଭାଗ ପାଖରେ କମ୍ପାନୀ ଗୁଡିକରେ କାର୍ଯ୍ୟ କରୁଥିବା ଶ୍ରମିକମାନଙ୍କ ତାଲିକାର ହିସାବ ନାହିଁ। ରମ୍ଭା ଅଞ୍ଚଳର କିଛି ଶ୍ରମିକ ଗୋପନୀୟ ଭାବେ ଘଟଣା ସମ୍ପର୍କରେ ଅଭିଯୋଗ କରିଥିଲେ। ଅଭିଯୋଗ ଅନୁଯାୟୀ ଜଣେ ସାମ୍ବାଦିକ ଏକ କମ୍ପାନୀକୁ ଯାଇ ପ୍ରତିବାଦ ପୂର୍ବକ ପ୍ରତିକ୍ରିୟା ନେବାକୁ ଉଦ୍ୟମ କରିଥିଲେ। କିନ୍ତୁ ସାମ୍ବାଦିକ ଜଣଙ୍କୁ କମ୍ପାନୀ ଭିତରକୁ ପ୍ରବେଶ କରାଇ ଦେଇନଥିଲେ। ପ୍ରଶାସନର ନିରବତାକୁ ନେଇ ସାମ୍ବାଦିକ ଜଣଙ୍କ ମୁଖ୍ୟ ଶାସନ ସଚିବ, ଓଡ଼ିଶା ଓ କେନ୍ଦ୍ର ସରକାରଙ୍କ ଶ୍ରମ ବିଭାଗର ମନ୍ତ୍ରାଳୟକୁ ଅଭିଯୋଗ କରିବେ ବୋଲି କହିଥିବା ବେଳେ କମ୍ପାନୀ କର୍ତ୍ତୃପକ୍ଷ ଓ ସାମ୍ବାଦିକ ଜଣଙ୍କ ମୁହାଁମୁହିଁ ହୋଇଥିଲେ। କିନ୍ତୁ କମ୍ପାନୀ କର୍ତ୍ତୃପକ୍ଷ ଜଣଙ୍କ କମ୍ପାନୀ ଭିତରକୁ ଚାଲି ଯାଇଥିଲେ। ତେଣୁ ଜିଲ୍ଲା ପ୍ରଶାସନ ଏଥିପ୍ରତି ଦୃଷ୍ଟି ଦେବାକୁ ଦାବି ହୋଇଛି।

## ରେଳ ଲାଇନ୍ କଡ଼ରୁ ଯୁବତୀଙ୍କ ମୃତଦେହ ଉଦ୍ଧାର

**ଖଲ୍ଲିକୋଟ,୧୯ ।୫(ସମିସ):** ରେଳ ଲାଇନ କଡ଼ରୁ ଜଣେ ଯୁବତୀଙ୍କ କ୍ଷତାକ୍ତ ମୃତଦେହ ଉଦ୍ଧାର କରାଯାଇଛି। ଯୁବତୀଙ୍କ ମୁହଁରେ ଗଭୀର କ୍ଷତ ସୃଷ୍ଟି ହୋଇଥିବାରୁ ତାଙ୍କ ମୁହଁକୁ ପଥରରେ ଛେଚି ହତ୍ୟା କରାଯାଇଥିବା ସନ୍ଦେହ କରାଯାଉଛି। ଶନିବାର ପୂର୍ବାହ୍ନରେ ରମ୍ଭା କଲେଜ ଛକ ଲେବଲ କ୍ରସିଂ ନିକଟସ୍ଥ ରେଳ ଲାଇନ କଡ଼ରେ ଜଣେ ଯୁବତୀଙ୍କ କ୍ଷତାକ୍ତ ମୃତଦେହ ପଡ଼ିଥିବା ଦେଖି ସ୍ଥାନୀୟଲୋକେ ୧୦୮କୁ ଖବର ଦେଇଥିଲେ। ଆମ୍ବୁଲାନ୍ସ ଯୋଗେ ଯୁବତୀଙ୍କ ମୃତଦେହ ଉଦ୍ଧାର କରି ଖଲ୍ଲିକୋଟ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରକୁ ଅଣାଯାଇଥିଲା। ଯୁବତୀଙ୍କ ମୁହଁକୁ ଅତି ବୀଭତ୍ସ ଭାବେ ପଥରରେ ଛେଚା ଯାଇଥିବା ଦେଖିବାକୁ ମିଳିଛି। ମୃତ ଯୁବତୀଙ୍କ ନାମ ଏମ. ସୁଜାତା ପାତ୍ର(୨୦) ଏବଂ ସେ ରମ୍ଭା ପଣସଡିହ ଗାଁର ବୋଲି ଜଣାପଡ଼ିଛି।

## ଧାର ଟଙ୍କା ମାଗିବାରୁ ଛୁରାମାଡ଼

**ଆସିକା,୧୯ ।୫(ସମିସ):** ଶନିବାର ରାତିରେ ଧରାକୋଟ ଥାନା ଜଗମୋହନ ଗ୍ରାମରେ ଏକ ଅଭାବନୀୟ ଘଟଣା ଘଟିଛି। ଧାର ଟଙ୍କା ମାଗିବାକୁ ଯାଇ ଛୁରାମାଡ଼ର ଶିକାର ହୋଇ ଆହତ ହୋଇଛନ୍ତି ଦୁଇଭାଇ। ଦୁଇ ଆହତ ଭାଇ ସେହି ଗ୍ରାମର ରାକେଶ ବଡତ୍ୟା, ଅଚ୍ୟୁତ ବଡତ୍ୟା ବୋଲି ଜଣାପଡ଼ିଛି। ଉଭୟଙ୍କୁ ଆସିକା ଉପଖଣ୍ଡ ଚିକିତ୍ସାଳୟରେ ଭର୍ତ୍ତି କରାଯାଇଥିବାବେଳେ ଧରାକୋଟ ପୁଲିସ ପହଞ୍ଚି ତଦନ୍ତ ଚଳାଇଛି। ତେବେ ଦୁଇ ଜଣଙ୍କ ମୁହଁ ଓ ହାତରେ ଆଘାତ ଲାଗିଥିବା ଦେଖିବାକୁ ମିଳିଛି।

■ ଦୁର୍ଘଟଣାରେ ଯୁବକ ମୃତ

## ପରିବାରକୁ ଭେଟିଲେ ଯୁବନେତା ସୁଧୀର

**ଗଞ୍ଜାମ,୧୯ ।୫(ସମିସ):** ଗଞ୍ଜାମ ବଡ଼ ବଜାର ହରିଜନ ସାହିର ସୁରେଶ କୁମାର ନାୟକ (କାଳିଆ )ଙ୍କ ଗତ ଶନିବାର ମୃତ୍ୟୁ ଘଟିଥିଲା। ତାଙ୍କ ମୃତ୍ୟୁ ଖବର ଶୁଣି ଯୁବ ନେତା ସୁଧୀର ପାଢ଼ୀ ତାଙ୍କ ପରିବାରଙ୍କୁ ଭେଟି ସମବେଦନା ଜଣେଇବା ସହ ଆର୍ଥିକ ସହାୟତା କରିଛନ୍ତି। ଏହି ଅବସରରେ ଏନଏସି ପୂର୍ବତନ ନଗରପାଳ ନୀଳାଞ୍ଚଳ ବାରିକି, ନଗର ବିଜେଡି ଛାତ୍ର ସଭାପତି ରାକେଶ ରଞ୍ଜନ ଦାସ, ଯୁବନେତା ବିଭୂତି ପଲାଇ, ପପୁ ପଣ୍ଡା, ମନୋଜ ପ୍ରଧାନ ପ୍ରମୁଖ ଉପସ୍ଥିତ ଥିଲେ।

## ଛାତ୍ରୀଙ୍କୁ ଅପହରଣ ଅଭିଯୋଗ

**ଦିଗପହଣ୍ଡି,୧୯ ।୫(ସମିସ):** ଦିଗପହଣ୍ଡି ଥାନା ଅଞ୍ଚଳର ଜଣେ ୧୦ମ ଶ୍ରେଣୀ ଛାତ୍ରୀଙ୍କୁ ଅପହରଣ କରାଯାଇଥିବା ଅଭିଯୋଗ ହୋଇଛି। ଛାତ୍ରୀଙ୍କ ମା' ଦିଗପହଣ୍ଡି ଥାନାରେ ଏତଲା ଦେଇଛନ୍ତି। ଏତଲାକୁ ଭିତ୍ତି କରି ଥାନା ଆଇଆଇସି ବାବା ଶଙ୍କର ସରାଫ ଥାନା ମାମଲା ନଂ.୨୧୯/୨୪ ଦଫା-୩୬୩ ଆଇପିସି ଅନୁଯାୟୀ ମକଦ୍ଦମା ରୁଜୁ କରିଛନ୍ତି। ଘଟଣାର ତଦନ୍ତକାରୀ ପୁଲିସ ଅଧିକାରୀ ଏସ.ଆଇ ସୋଫିଆ ମିଶ୍ର ସଦଳବଳେ ବିଭିନ୍ନ ଅଞ୍ଚଳରେ ଚଢଉ କରିଥିଲେ ମଧ୍ୟ ଛାତ୍ରୀ କିମ୍ବା ଅପହର୍ତ୍ତାଙ୍କ ସନ୍ଧାନ ମିଳିପାରିନାହିଁ।

■ ଦୋକାନରେ ଅଗ୍ନିକାଣ୍ଡ

## ଲକ୍ଷାଧିକ ଟଙ୍କାର ମୋବାଇଲ୍ ନଷ୍ଟ

**ବ୍ରହ୍ମପୁର,୧୯ ।୫(ସମିସ):** ବୈଦ୍ୟନାଥପୁର ଥାନା ଅନ୍ତର୍ଗତ ଖୋଡାସିଙ୍ଗିରେ ଥିବା ମହାଦେବ ମୋବାଇଲ ଦୋକନରେ ଅଗ୍ନିକାଣ୍ଡ ଘଟି ଲକ୍ଷାଧିକ ଟଙ୍କାର ମୋବାଇଲ ଜଳିପୋଡ଼ି ନଷ୍ଟ ହୋଇଯାଇଥିବା ଦେଖିବାକୁ ମିଳିଛି। ଖବର ପାଇ ଅଗ୍ନିଶମ ବିଭାଗ କର୍ମଚାରୀ ଘଟଣାସ୍ଥଳରେ ପହଞ୍ଚି ନିଆଁକୁ ଆୟତ୍ତ କରିଥିଲେ। ସଟସର୍କିଟରୁ ଏହି ଅଗ୍ନିକାଣ୍ଡ ଘଟିଥିବା ପ୍ରାଥମିକ ତଦନ୍ତରୁ ଜଣାପଡିଛି। ଦୋକାନ ଭିତରେ ଥିବା ମୋବାଇଲ ଓ ଅନ୍ୟାନ୍ୟ ସରଞ୍ଜାମ ନଷ୍ଟ ହୋଇଯାଇଛି। ଶନିବାର ସନ୍ଧ୍ୟାରେ ହଠାତ ଉକ୍ତ ଦୋକାନରୁ ଧୂଆଁ ବାହାରୁଥିବା ସ୍ଥାନୀୟ ଲୋକ ଦେଖିବାକୁ ପାଇଥିଲେ। ସେମାନେ ଦୋକାନ ମାଲିକ ବିଶ୍ୱଜିତ ଦଳାଇ ଓ ସ୍ଥାନୀୟ ପୁଲିସକୁ ଖବର କରିଥିଲେ। ଖବର ପାଇ ଅଗ୍ନିଶମ କର୍ମଚାରୀ ଘଟଣାସ୍ଥଳରେ ପହଞ୍ଚି ନିଆଁକୁ ଆୟତ୍ତ କରିଥିଲେ। ଉକ୍ତ ଦୋକାନରେ ଗ୍ରାହକଙ୍କ ମୋବାଇଲ ମରାମତି ପାଇଁ ରହିଥିଲା। ସେସବୁ ମଧ୍ୟ ଅଗ୍ନିକାଣ୍ଡରେ ଜଳିଯାଇଥିବା ଜଣାପଡିଛି। ଅଗ୍ନିକାଣ୍ଡରେ ଲକ୍ଷାଧିକ ଟଙ୍କାର ମୋବାଇଲ ଜଳିପୋଡ଼ି ନଷ୍ଟ ହୋଇଯାଇଥିବା ଅନୁମାନ କରାଯାଉଛି।

## ଦେବାଙ୍ଗା ବିଦ୍ୟା କମିଟି ପକ୍ଷରୁ ଗରିବ ଛାତ୍ରଛାତ୍ରୀଙ୍କୁ ମାଗଣାରେ ପୁସ୍ତକ ବଣ୍ଟନ



**ବ୍ରହ୍ମପୁର,୧୯ ।୫(ସମିସ):** ସ୍ଥାନୀୟ ଶ୍ରୀ ସିଦ୍ଧେଶ୍ୱର ସ୍ୱାମୀ କଲ୍ୟାଣ ମଣ୍ଡପରେ ଶ୍ରୀ ଚୌଡେଶ୍ୱରୀ ଦେବାଙ୍ଗା ସଂଘର ବିଦ୍ୟା କମିଟିର ୨୮ତମ ବାର୍ଷିକ ଉତ୍ସବ ପାଳିତ ହୋଇଯାଇଛି। ଅନୁଷ୍ଠିତ ସଭାରେ ବିଦ୍ୟା କମିଟିର ଅଧ୍ୟକ୍ଷ ଏ.ନାନ୍ଦରାଜୁ ଅଧ୍ୟକ୍ଷତା କରିଥିଲେ। ଏଥିରେ ମୁଖ୍ୟ ଅତିଥି ଭାବେ ସୁଧୀର ରାଉତ ଯୋଗ ଦେଇଥିଲେ। ସେହିପରି ସମ୍ମାନୀତ ଅତିଥି ଭାବେ ପୂର୍ବତନ ଉପବାଚସ୍ପତି ରାମଚନ୍ଦ୍ର ପଣ୍ଡା ଯୋଗ ଦେଇଥିଲେ। ଏ ଅବସରରେ ଅତିଥି ମାନଙ୍କ ଦ୍ୱାରା ବହୁ ବିଦ୍ୟାର୍ଥୀଙ୍କୁ ପୁସ୍ତକ ଦିଆଯାଇଥିଲା। କଲେଜ ଛାତ୍ରଛାତ୍ରୀଙ୍କୁ ଆଡ୍ ମିଶନ ଫିସ ମଧ୍ୟ ପ୍ରଦାନ କରାଯାଇଥିଲା। ଅନ୍ୟମାନଙ୍କ ମଧ୍ୟରେ ସଂଘର ସଭାପତି ଜିନାଗା ଦେବଦାସ, ସମ୍ପାଦକ କେ. ଜଗନ୍ନାଥ, ବିଦ୍ୟାକମିଟିର ଅନ୍ୟତମ ଅଧ୍ୟକ୍ଷ କେ.ଚେନ୍ନୟା, ଜି.ହରିହର ରାଓ, ଟି.ଗୋପୀ, ସମ୍ପାଦକ ବି.ରାଜେଶ୍ୱର ରାଓ, ଜେ. କାନ୍ତା ରାଓ, ଟି. କିଶୋର ରାଓ, କେ.ନନ୍ଦେଷୁ ସେନାପତି, କାମେଶ୍ୱର ରାଓଙ୍କ ସମେତ ଅନ୍ୟାନ୍ୟ ଉପସ୍ଥିତ ଥିଲେ।

## କଳିଙ୍ଗ କେଶରୀ ପୁରସ୍କାରରେ ସମ୍ମାନିତ ହେଲେ କୁନି ପ୍ରତିଭା ଅନ୍ୱିତା

**ବ୍ରହ୍ମପୁର,୧୯ ।୫(ସମିସ):** ବ୍ରହ୍ମପୁର ନେହେରୁ ନଗରର କୁନି ପ୍ରତିଭା ଅନ୍ୱିତା ମହାପାତ୍ର। ନିକଟରେ ଭୁବନେଶ୍ୱର କଳାକେନ୍ଦ୍ର ଅନୁଷ୍ଠାନ ପକ୍ଷରୁ ଆୟୋଜିତ ସଂଗୀତ ଓ ଏବଂ ଶିକ୍ଷା ସମ୍ପର୍କିତ ପ୍ରତିଯୋଗିତାରେ ସେ କଳିଙ୍ଗ କେଶରୀ ପୁରସ୍କାରରେ ସମ୍ମାନିତ ହୋଇଛନ୍ତି। ସୂଚନା ପ୍ରକାରେ ନେହେରୁ ନଗର ନିବାସୀ ମାତା ପ୍ରମିତା ଭଟ୍ଟମିଶ୍ର ଓ ପିତା ବିଶ୍ୱେଷ ମହାପାତ୍ରଙ୍କ ୬ବର୍ଷର କନ୍ୟା ହେଉଛି ଅନ୍ୱିତା। ଆୟୋଜିତ ଉପରୋକ୍ତ ପ୍ରତିଯୋଗିତାରେ ସେ ସବ ଜୁନିୟର ବିଭାଗରେ କଳା, ଶିକ୍ଷା, ନୃତ୍ୟ ଓ ଫେସନ ବିଭାଗରେ ପ୍ରଥମସ୍ଥାନ ଅଧିକାର କରିଥିଲେ। ଏହା ପୂର୍ବରୁ ଅନ୍ୱିତା ଆଞ୍ଚଳିକ ସ୍ତରରେ ଅନେକ ପୁରସ୍କାର ମଧ୍ୟ ପାଇଛନ୍ତି। ପିଲାଟି ଦିନରୁ ନୃତ୍ୟ ସମେତ ସାଂସ୍କୃତିକ କାର୍ଯ୍ୟକ୍ରମ ପ୍ରତି ତାଙ୍କର ବେଶ ରୁଚି ରହିଛି। ସେ ସ୍ଥାନୀୟ ଏକ ଘରୋଇ ସ୍କୁଲରେ ପ୍ରଥମ ଶ୍ରେଣୀରେ ପଢୁଥିବା ବେଳେ ଚାରମିଙ୍ଗ ଫେସ ଆମ୍ବାସଡ଼ର ଆୱାଡର୍ ପ୍ରାଉଡ୍ ଅଫ ଓଡ଼ିଶା ପୁରସ୍କାର ମଧ୍ୟ ପାଇଥିଲେ। ସେହିଭଳି ପୂର୍ବରୁ ସେ କଳାରତ୍ନ ଆୱାଡର୍, କଳାଞ୍ଜଳି ଚମ୍ପିଆନ ଆୱାଡ଼, ଚାଇଲ୍ଡ ବୁଷ୍ଟର ଆୱାଡର୍‌ରେ ସମ୍ମାନିତ ହୋଇଛନ୍ତି। ଅନ୍ୱିତା ଏହି ସମସ୍ତ ପୁରସ୍କାର ଲାଗି ସମସ୍ତ ଶ୍ରେୟ ପିତାମାତଙ୍କ ସମେତ କଳାଞ୍ଜଳିର ପ୍ରତିଷ୍ଠାତା ରାମେଶ୍ୱରୀ ନନ୍ଦ, ଗୁରୁ ଶିବ ସାରଙ୍କ ଯୋଗୁଁ ସମ୍ଭବ ହୋଇଥିବା କହିଛନ୍ତି। ଏହା ସହ ଜୀବନରେ ଜଣେ ବଡ଼ ଅଫିସର ହେବାକୁ ସେ ଆଶାବାଦୀ ରହିଛନ୍ତି।



# ପୁଲିସ କବ୍‌ଜାରେ କୁଖ୍ୟାତ ଅପରାଧୀ 'ଦଣ୍ଡ'

■ ୬ ସହଯୋଗୀ ଅଟକ; ପୁଲିସର ପଚରାଉଚରା

■ ଅପରାଧୀଙ୍କ ନିକଟରେ ଚୋରା ବନ୍ଧୁକ ଗଚ୍ଛିତ ଥିବା ସନ୍ଦେହ!

**ବ୍ରହ୍ମପୁର,୧୯ ।୫(ସମିସ):** ଗଞ୍ଜାମ ଜିଲ୍ଲାରେ ସରଗରମ ରହିଛି ନିର୍ବାଚନ ମାହୋଲ। ନିର୍ବାଚନକୁ ଶାନ୍ତିପୂର୍ଣ୍ଣ, ମୁକ୍ତ, ଅବାଧ ଓ ନିରପେକ୍ଷ ପରିଚାଳନା କରିବାକୁ ପ୍ରଶାସନିକ ସ୍ତରରେ ଚାଲିଛି ଜୋରଦାର ପ୍ରୟାସ। ତଥାପି ପୂର୍ବଶତ୍ରୁତା ହେଉ କି ରାଜନୈତିକ ବିଦ୍ୱେଶ କାରଣରୁ ନିର୍ବାଚନୀ ହିଂସା ଘଟୁଛି। ୧୩ ତାରିଖରେ ହୋଇଥିବା ପ୍ରଥମ ପର୍ଯ୍ୟାୟ ନିର୍ବାଚନ ସମୟରେ ଓ ପରେ ବିଭିନ୍ନ ସ୍ଥାନରେ ଏକାଧିକ ଅଘଟଣ ଘଟିଛି। ସୋମବାର ହେବ ଦ୍ୱିତୀୟ ପର୍ଯ୍ୟାୟ ନିର୍ବାଚନ ପାଇଁ ଭୋଟଗ୍ରହଣ। ଜିଲ୍ଲାର ଆସିକା ସଂସଦୀୟ କ୍ଷେତ୍ର ଅଧୀନସ୍ଥ ସମସ୍ତ ୭ଟି ବିଧାନସଭା ନିର୍ବାଚନ ମଣ୍ଡଳୀ ସମେତ କନ୍ଧମାଳ ସଂସଦୀୟ କ୍ଷେତ୍ରର ଭଞ୍ଜନଗର ବିଧାନସଭା ଆସନରେ ହେବ ଭୋଟଗ୍ରହଣ। ଏହି ସମସ୍ତ ଇଲାକାରେ ପ୍ରାକ୍ ନିର୍ବାଚନୀ ହିଂସା ମଧ୍ୟ ଦେଖିବାକୁ ମିଳିଛି। ନିର୍ବାଚନ ସମୟରେ ଅପରାଧିକ ଗୋଷ୍ଠୀ ସକ୍ରିୟ ରହି ବିରୋଧୀ ଗୋଷ୍ଠୀଙ୍କୁ ଏପରିକି ନିରିହ ଜନସାଧାରଣଙ୍କୁ ଭୟଭୀତ କରି ପ୍ରଭାବିତ କରିବାକୁ ଚେଷ୍ଟା କରିଥାନ୍ତି। ଏଭଳି ପରିସ୍ଥିତିକୁ ପ୍ରତିହତ କରିବାକୁ ଯାଇ ବ୍ରହ୍ମପୁର ପୁଲିସ ସଜାଗ ରହିଛି। ବ୍ରହ୍ମପୁର ଏସ୍‌ପି ଦାୟିତ୍ୱରେ ଥିବା ଡିଆଇଜି ଡା. ସାର୍ଥକ ଷଡ଼ଙ୍ଗୀଙ୍କ ନିର୍ଦ୍ଦେଶ କ୍ରମେ ସମସ୍ତ ଥାନା ଅଧିକାରୀ ନିଜ ନିଜ ଅଞ୍ଚଳରେ ବ୍ଲକିଂ ଓ ଚେକିଂ କରିବା ସହ ଆଡ୍ଡା ଜମାଉଥିବା ଅସାମାଜିକ ଯୁବକ ଓ ପୁରୁଣା ଅପରାଧୀଙ୍କୁ ଉଠାଇ ଆଣିବାକୁ ସମସ୍ତ ଥାନା ଅଧିକାରୀଙ୍କୁ ନିର୍ଦ୍ଦେଶ ଦେଇଥିବା ଜଣାପଡ଼ିଛି। ସେହିକ୍ରମରେ ରବିବାର ବିଳମ୍ବିତ ରାତିରେ ବୈଦ୍ୟନାଥପୁର ଥାନା ପୁଲିସ ପେଟ୍ରୋଲିଂ କରୁଥିବା ବେଳେ ପାୟଲ ସିନେମା ହଲ ରୋଡ୍, ନୂଆ ବସ୍‌ଷ୍ଟାଣ୍ଡ ରୋଡ୍ ଆଦି ଅଞ୍ଚଳରୁ ପୁରୁଣା ତଥା କୁଖ୍ୟାତ ଅପରାଧୀ ଦଣ୍ଡ ମହାରଣା ଓ ତା'ର ୬ ଜଣ ସହଯୋଗୀଙ୍କୁ ଉଠାଇନେଇ ଥାନାରେ ଅଟକ ରଖି ପଚରାଉଚରା କରୁଥିବା ଜଣାପଡିଛି। ଅଟକ ଅଭିଯୁକ୍ତଙ୍କ ନିକଟରେ ଚୋରା ବନ୍ଧୁକ ଥିବା ସୂଚନା ପାଇ ପୁଲିସ ପକ୍ଷରୁ ତତ୍ପରତା ପ୍ରକାଶ ପାଇଛି। ଅଟକ ଅପରାଧୀଙ୍କ ନିକଟରେ ୩ଟି ବନ୍ଧୁକ ଥିବା ଅନୁମାନ କରାଯାଇଛି। ସେମାନଙ୍କୁ ପୁଲିସ ପକ୍ଷରୁ ଜେରା କରାଯାଇଥିଲେ ହେଁ କୌଣସି ସ୍ପଷ୍ଟ ତଥ୍ୟ ହାସଲ ହୋଇପାରିନାହିଁ। ତେବେ ଖୁବ୍‌ଶୀଘ୍ର ଏନେଇ ସଫଳତା ମିଳିବ ବୋଲି ଆଶା ରଖିଛି ପୁଲିସ। ଅପରାଧିଙ୍କ ନିକଟରେ ଚୋରା ବନ୍ଧୁକ କେଉଁଠାରୁ ଆସୁଛି ଏବଂ ସୂଚନା ମୁତାବକ ଅଟକ ଅପରାଧିଙ୍କ ନିକଟରେ ବନ୍ଧୁକ ଅଛିକି ନାହିଁ ସେନେଇ ତଦନ୍ତ ଜାରି ରହିଛି। ଚୋରା ବନ୍ଧୁକ ରଖିବା କ୍ଷେତ୍ରରେ ଅନ୍ୟ କାହାରି ସମ୍ପୃକ୍ତି ଆସିଲେ ସେମାନଙ୍କ ବିରୋଧରେ ମଧ୍ୟ ଦୃଢ଼ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ ବୋଲି ଜଣାପଡିଛି।

ପ୍ରକାଶ ଥାଉକି, ପ୍ରଥମ ପର୍ଯ୍ୟାୟ ନିର୍ବାଚନ ପାଇଁ ମତଦାନ ସମୟରେ ଦଣ୍ଡ ମହାରଣାଙ୍କୁ ଗେଟ ବଜାର ଅଞ୍ଚଳରେ କିଛି କଂଗ୍ରେସ କର୍ମୀ ଆକ୍ରମଣ କରିଥିଲେ। ଏଥିରେ ଦଣ୍ଡ ମହାରଣା ଆହତ ମଧ୍ୟ ହୋଇଥିଲେ। ସେପଟେ ଗୋଇଲୁଣ୍ଡି ଅଞ୍ଚଳରେ ଏକ ବୁଥରେ ବିଜେପି କର୍ମୀ କାହ୍ନା ପାତ୍ରଙ୍କୁ ଦଣ୍ଡ ମହାରଣା ହତ୍ୟା ଧମକ ଦେଇଥିବା ନେଇ ଅଭିଯୋଗ ରହିଛି। ସେହିଭଳି କୁଖ୍ୟାତ ଅପରାଧୀ ଦଣ୍ଡଙ୍କ ନାମରେ ପୂର୍ବରୁ ବିଭିନ୍ନ ଥାନାରେ ୧୫ରୁ ଉର୍ଦ୍ଧ୍ୱ ମାମଲା ରହିଥିବା ବେଳେ ଆର୍ମସ ଆକ୍ଟରେ ସର୍ବାଧିକ ମାମଲା ରହିଥିବା ଜଣାପଡିଛି।

## ଓଏସ୍‌ଆର୍‌ଟିସି କର୍ମଚାରୀଙ୍କଠାରୁ ଲୁଟ୍ ଘଟଣାରେ ୩ ଗିରଫ

**ବ୍ରହ୍ମପୁର,୧୯ ।୫(ସମିସ):** ସ୍ଥାନୀୟ କାର୍ଗିଲ ପେଟ୍ରୋଲ ପମ୍ପ ଛକ ନିକଟରେ ଜଣେ ବ୍ୟକ୍ତିଙ୍କ ମୋବାଇଲ ଓ ଟଙ୍କା ଲୁଟ୍ ଘଟଣାରେ ଟାଉନ ଥାନା ପୁଲିସ ୩ଜଣ ଯୁବକକୁ ଗିରଫ କରି କୋର୍ଟଚାଲାଣ କରିଛି। ଗିରଫ ଅଭିଯୁକ୍ତମାନେ ହେଲେ ରାୟଗଡ଼ାର ରାମନାଗୁଡା ଅଞ୍ଚଳର ସନ୍ତୋଷ କୁମାର ମଣ୍ଡାଙ୍ଗି(୨୪), ରେଡ଼ିଓ ଷ୍ଟେସନ ରୋଡ଼ ସ୍ଥିତ ପଦ୍ମନଗରର ସଚିନ ପଟ୍ଟନାୟକ(୨୧) ଓ ଓଆରଟି କଲୋନୀର ଏ. ସନା ଭାଇ (୨୩)। ପୁଲିସ ଗିରଫ ଅଭିଯୁକ୍ତମାନଙ୍କ ନିକଟରୁ ଲୁଟ୍ ମୋବାଇଲ ଉଦ୍ଧାର କରିଛି। ଏହି ଘଟଣାରେ ଚିନୁ ନାମକ ଅନ୍ୟଜଣେ ଅଭିଯୁକ୍ତ ଫେରାର ଥିବା ଜଣାପଡିଛି। ସନ୍ତୋଷ ଜଣେ ପେଷାଦାର ଅପରାଧୀ। ତାଙ୍କ ନାମରେ ଏକାଧିକ ମାମଲା ରହିଛି। ସୂଚନାଯୋଗ୍ୟ ଯେ, ରମ୍ଭା ଥାନା ଅଧିନସ୍ଥ ଚିକରପଡ଼ା ସାହି ନିବାସୀ ଜଗଦୀଶ କୁମାର ବେହେରା ବ୍ରହ୍ମପୁର ଗାନ୍ଧୀନଗର ଅଞ୍ଚଳରେ ରହି ଓଏସଆରଟିସିର ଟିକେଟ କାଉଣ୍ଟରରେ କାମ କରନ୍ତି। ଗତ ୧୬ତାରିଖ ରାତିରେ ଜଗଦୀଶ କାମ ସାରି କାର୍ଗିଲ ପେଟ୍ରୋଲ ପମ୍ପ ସମ୍ମୁଖ ରାସ୍ତାରେ ସେ ଘରକୁ ଫେରୁଥିଲେ। ଏହି ସମୟରେ ୪ଜଣ ଯୁବକ ତାଙ୍କୁ ଅଟକାଇ ପ୍ରଥମେ ମାଡ ମାରିଥିଲେ। ପରେ ତାଙ୍କ ଠାରୁ ମୋବାଇଲ ଓ ନଗଦ ଟଙ୍କା ଲୁଟି ନେଇଥିଲେ। ଘଟଣାକୁ ନେଇ ଜଗଦୀଶ ଟାଉନ ଥାନାରେ ଲିଖିତ ଅଭିଯୋଗ କରିଥିଲେ। ଅଭିଯୋଗ ଆଧାରରେ ପୁଲିସ ଏକ ମାମଲା ରୁଜୁ କରି ତଦନ୍ତ ଚଳାଇଥିଲା। ମୋବାଇଲ ଟ୍ରାକିଂ ଓ ଘଟଣା ସ୍ଥଳରୁ ମିଳିଥିବା ସିସିଟିଭି ଫୁଟେଜରୁ ଲୁଟେରାଙ୍କୁ ଠାବ କରିବାରେ ସଫଳ ହୋଇଛି ପୁଲିସ। ରବିବାର ସନ୍ଧ୍ୟାରେ ଘଟଣାରେ ସମ୍ପୃକ୍ତ ୩ଜଣ ଅଭିଯୁକ୍ତଙ୍କୁ ଗିରଫ କରି କୋର୍ଟଚାଲାଣ କରାଯାଇଛି। ଜାମିନ ନାମଞ୍ଜୁର ପରେ ସମସ୍ତଙ୍କୁ କୋର୍ଟଙ୍କ ନିର୍ଦ୍ଦେଶରେ ବିଚାର ବିଭାଗୀୟ ହାଜତକୁ ପଠାଇ ଦିଆଯାଇଛି। ଫେରାର ଚିନୁକୁ ଧରିବା ପାଇଁ ପୁଲିସ ପକ୍ଷରୁ ବିଭିନ୍ନ ସ୍ଥାନରେ ତନାଘନା ଜାରି ରହିଛି।

## ଗ୍ରୀଷ୍ମକାଳୀନ ବକ୍ସିଂ ତାଲିମ ଶିବିର ଉଦ୍‌ଘାଟିତ




**ବ୍ରହ୍ମପୁର,୧୯ ।୫(ସମିସ):** ସ୍ଥାନୀୟ ମହାତ୍ମାଗାନ୍ଧୀ ଷ୍ଟାଡିୟମ୍ ପରିସରରେ ଗଞ୍ଜାମ ଜିଲ୍ଲା କ୍ରୀଡ଼ା ସଂସଦ ପକ୍ଷରୁ ଏକ ଗ୍ରୀଷ୍ମକାଳୀନ ଶିବିର ଉଦ୍‌ଘାଟିତ ହୋଇଯାଇଛି। ଏଥିରେ ମୁଖ୍ୟ ଅତିଥି ଭାବେ ଗଞ୍ଜାମ ଜିଲ୍ଲା ଆଥଲେଟିକ୍ ଆସୋସିଏସନର ଉପସଭାପତି ବସନ୍ତ ପାଣିଗ୍ରାହୀ ଯୋଗ ଦେଇଥିଲେ। ସେହିପରି ସମ୍ମାନିତ ଅତିଥି ଭାବେ ସମ୍ପାଦକ ସୁରେନ୍ଦ୍ରନାଥ ସାହୁ, କୋଷାଧ୍ୟକ୍ଷ ଉପେନ୍ଦ୍ର ପଟ୍ଟନାୟକ, ବଲ୍ କୋଚ୍ କାଜଲ ସାହୁ ବସ୍କେଟ, ବକ୍ସିଂ କୋଚ୍ ଲଡୁ କିଶୋର ସାହୁ, ଶିବରାମ ପାତ୍ର, ଶିଶିର ପାଣିଗ୍ରାହୀ, ବରିଷ୍ଠ କ୍ରୀଡ଼ାବିତ୍ ପୁଷ୍ପାଞ୍ଜଳି ପ୍ରହରାଜ, ରେଫରି କାଳୀ ରଥ ଉପସ୍ଥିତ ଥିଲେ। ଏହି ଶିବିର ଚଳିତମାସ ୧୯ ତାରିଖଠାରୁ ଆରମ୍ଭ ହୋଇ ଜୁନ ୨ ତାରିଖରେ ଶେଷ ହେବେ। ଏଥିରେ ଜିଲ୍ଲାର ବିଭିନ୍ନ ଅଞ୍ଚଳରୁ ୧୬ବର୍ଷରୁ କମ ୧୦୦ ଜଣ ପୁଅ ଝିଅ ଅଂଶଗ୍ରହଣ କରିଛନ୍ତି। ଶିବିରରେ ବକ୍ସିଂ କୋଚ୍ ଭାବେ ଶିଶିର କୁମାର ପାଣିଗ୍ରାହୀ ଯୋଗଦେଇ ଖେଳାଳିଙ୍କୁ ବକ୍ସିଂ ଖେଳ ସମ୍ପର୍କରେ ତାଲିମ ଦେବେ। ଅନ୍ୟମାନଙ୍କ ମଧ୍ୟରେ ସମସ୍ତ ପୁରାତନ ଖେଳାଳି ଓ ଜୁନିଅର କୋଚ୍‌ମାନେ ଶିବିର ପରିଚାଳନରେ ସହଯୋଗ କରିଥିଲେ।

## ବିଭିନ୍ନ ସଂଘ ପକ୍ଷରୁ ପଣା ବଣ୍ଟନ





**ବ୍ରହ୍ମପୁର,୧୯ ।୫(ସମିସ):** ପ୍ରଚଣ୍ଡ ଗ୍ରୀଷ୍ମ ପ୍ରବାହକୁ ଆଖି ଆଗରେ ରଖି ପ୍ରଗତିଶୀଳ ସାମାଜିକ ଅନୁଷ୍ଠାନ ସ୍ୱାମୀ ବିବେକାନନ୍ଦ ସେବା ସଂଘ ପକ୍ଷରୁ ଦହି ପଣା ବଣ୍ଟନ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ଆଙ୍କୁଶପୁର ସଦର ଥାନା ସମ୍ମୁଖରେ ଏହି ଦହି ପଣା ଆବଣ୍ଟନ କାର୍ଯ୍ୟକ୍ରମ କରାଯାଇଥିବା ବେଳେ ଏଥିରେ ବାଟୋଇମାନଙ୍କୁ ଦହି ପଣା ଦିଆଯାଇଥିଲା। କାର୍ଯ୍ୟକ୍ରମରେ ବରିଷ୍ଠ ଶିଶୁରୋଗ ବିଶେଷଜ୍ଞ ଡା. ବିମଳ କୁମାର ପଣ୍ଡା, ସଂଘର ସଭାପତି ଅନିଲ କୁମାର ଚୌଧୁରୀ, ସମ୍ପାଦକ ଡ. ସନ୍ୟାସୀ ମହାରଣା, କୋଷାଧ୍ୟକ୍ଷ ଟି. ମୁକୁନ୍ଦ ଦୋରା, କାର୍ଯ୍ୟକାରୀ ସଦସ୍ୟ ଜି. ଶ୍ରୀନିବାସ ରାଓ, ମନୋଜ କୁମାର ପଣ୍ଡା, ବସନ୍ତ କୁମାର ସାହୁ, ମିଟୁ ସାହୁ, ସୁଶାନ୍ତ କୁମାର ସାହୁ, ସୋନୁ କୁମାର ସାହୁ, ସଞ୍ଜୟ ସାହୁ, ଦୁର୍ଯ୍ୟୋଧନ ସେଠୀ, ସନ୍ତୋଷ ବେହେରା, ଆଦିତ୍ୟ, ସୁଭମ, ଅସିତ, ଅଙ୍କିତ ଓ ଭୋଲାଙ୍କ ସମେତ ଅନେକ ସ୍ଥାନୀୟ ଲୋକ ଏବଂ ଯୁବକ ସହଯୋଗ କରିଥିଲେ। ସେହିପରି ଗଞ୍ଜାମ ଜିଲ୍ଲା ବ୍ରାହ୍ମଣ ପୁରୋହିତ ସମତି ପକ୍ଷରୁ ସ୍ଥାନୀୟ ଗେଟ୍ ବଜାର ନିକଟରେ ଥିବା ଏକ ଜଳଛତ୍ର କରାଯାଇଛି। କାର୍ଯ୍ୟକ୍ରମରେ ସମିତିର ସଭାପତି ପଣ୍ଡିତ ନୀଳମାଧବ ତ୍ରିପାଠୀ, ଉପଦେଷ୍ଟା ନାରାୟଣ ରଥ, କାର୍ଯ୍ୟକାରୀ ସଭାପତି ପଣ୍ଡିତ ବାବୁଲି ଷଡ଼ଙ୍ଗୀ, ସମ୍ପାଦକ ପଣ୍ଡିତ ସନ୍ତୋଷ କୁମାର କର, ଉପସଭାପତି ପଣ୍ଡିତ କରୁଣାକର ଦାଶ, ସହ ସମ୍ପାଦକ ନରସିଂହ ପାଢ଼ୀ, ଯଜ୍ଞ କୁମାର ରଥ, ରବୀନ୍ଦ୍ର ଷଡ଼ଙ୍ଗୀ ଓ ବାଉରି ବନ୍ଧୁ ଶତପଥୀ, ଆଶୁତୋଷ ଦାସ, ଉମା ପ୍ରସାଦ ତ୍ରିପାଠୀ, ଡମ୍ବରୁଧର ପଣ୍ଡା, ବାଳକୃଷ୍ଣ ତ୍ରିପାଠୀ, କରୁଣା ଶତପଥୀ, ଦୁର୍ଗା ପ୍ରସାଦ ଆଚାର୍ଯ୍ୟ, କୃପାସିନ୍ଧୁ ମିଶ୍ର, ବିପ୍ର ଚରଣ ଷଡ଼ଙ୍ଗୀ, ବିଭୁନନ୍ଦନ ପଣ୍ଡାଙ୍କ ସମେତ ଅନ୍ୟମାନେ ଉପସ୍ଥିତ ରହି ପଣା ବଣ୍ଟନ କରିଥିଲେ।

## ଦୁର୍ଘଟଣାରେ ଯୁବକ ମୃତ

**ବ୍ରହ୍ମପୁର,୧୯ ।୫(ସମିସ):** ଆଙ୍କୁଲି ଜାତୀୟ ରାଜପଥ ନିକଟରେ ଥିବା ଏକ ପେଟ୍ରୋଲ ପମ୍ପ ସମ୍ମୁଖରେ ଦୁର୍ଘଟଣା ଘଟି ଜଣେ ଯୁବକଙ୍କ ମୃତ୍ୟୁ ଘଟିଛି। ମୃତ ଯୁବକ ଜଣକ ହେଲେ ଆମ୍ବପୁଆ ମାଳତୀ ନଗରର କୈଳାସ ଚନ୍ଦ୍ର ପାତ୍ର। ସୂଚନାଯୋଗ୍ୟ ଯେ, କୈଳାସ କୌଣସି କାମରେ ଲାଞ୍ଜିପଲ୍ଲୀ ଆସିଥିଲେ। କାମ ସାରି ଘରକୁ ଫେରୁଥିବା ବେଳେ ଉପରୋକ୍ତ ପେଟ୍ରୋଲ ପମ୍ପ ନିକଟରେ ଦୁର୍ଘଟଣାରେ ଶିକାର ହୋଇଥିଲେ। ଫଳରେ ଗୁରୁତର ଆହତ ହୋଇଥିଲେ। ସ୍ଥାନୀୟ ଲୋକେ ଉଦ୍ଧାର କରି ଏମକେସିଜି ମେଡ଼ିକାଲରେ ଭର୍ତ୍ତି କରିଥିଲେ। ଏଠାରେ ତାଙ୍କୁ ଡ଼ାକ୍ତର ମୃତ ଘୋଷଣା କରିଥିଲେ।

## ଡିଏମ୍‌ଏଲ୍‌ଟି ଓ ଡିଏମ୍‌ଆର୍‌ଟି ଛାତ୍ରଛାତ୍ରୀଙ୍କୁ ବିଦାୟକାଳୀନ ସମ୍ବର୍ଦ୍ଧନା



**ବ୍ରହ୍ମପୁର,୧୯ ।୫(ସମିସ):** ଏମ୍‌କେସିଜି ମେଡିକାଲ କଲେଜର ଡିପ୍ଲୋମା ଇନ ମେଡିକାଲ ଲାବୋରେଟୋରୀ ଟେକ୍ନୋଲୋଜି (ଡିଏମଏଲଟି) ଓ ଡିପ୍ଲୋମା ଇନ ମେଡିକାଲ ରେଡିଏସନ୍ ଟେକ୍ନୋଲୋଜି (ଡିଏମଆରଟି) ଛାତ୍ରଛାତ୍ରୀଙ୍କ ବିଦାୟକାଳୀନ ସମ୍ବର୍ଦ୍ଧନା ଉତ୍ସବ ପାଳିତ ହୋଇଯାଇଛି। ଏଥିରେ ମୁଖ୍ୟ ଅତିଥି ଭାବେ ଏମକେସିଜି ମେଡିକାଲ କଲେଜ ଡିନ୍ ପ୍ରଫେସର୍ ଡ଼ା. ସନ୍ତୋଷ କୁମାର ମିଶ୍ର ଯୋଗ ଦେଇଥିଲେ। ସେହିପରି ସମ୍ମାନିତ ଅତିଥି ଭାବେ ଏମକେସିଜି ମେଡିକାଲ କଲେଜ ରେଜିଷ୍ଟ୍ରାର ସଂଗ୍ରାମ ଶେଖର ପଣ୍ଡା, ଡ଼ା. ସୁଲତା ଚୌଧୁରୀ, ଡ଼ା. ଏମଭିକେ ରାଓ, ଡ଼ା. ବିଷ୍ଣୁ ପ୍ରସାଦ ଦାଶ, ଡ଼ା. ସଂଘମିତ୍ରା ପାଢ଼ୀ, ଡ଼ା. ଜୟନ୍ତୀ ପ୍ରଭା ବେହେରା, ଡ଼ା. ଜାମି ସାଗର ପୃଷ୍ଟି, ଡ଼ା. ନିରୁପମା ଦେବୀ, ଡ଼ା. ଯଜ୍ଞାସିନୀ ପଣ୍ଡା, ଡ଼ା. ସବିତା ପଲାଇ ପ୍ରମୁଖ ମଞ୍ଚାସିନ ଥିଲେ। ଅତିଥିମାନେ ଛାତ୍ରଛାତ୍ରୀଙ୍କୁ ଆଗାମୀ ଭବିଷ୍ୟ ସମ୍ପର୍କରେ ଆଲୋଚନା କରିବା ସହ କଠିନ ପରିଶ୍ରମ କରିବାକୁ ପରାମର୍ଶ ଦେଇଥିଲେ। ଏହା ସହ ନୂତନ ଭାବେ ନାମ ଲେଖାଇଥିବା ଛାତ୍ରଛାତ୍ରୀମାନଙ୍କୁ ସ୍ୱାଗତ ସମ୍ବର୍ଦ୍ଧନା ଜଣାଇଥିଲେ। ଅନ୍ୟମାନଙ୍କ ମଧ୍ୟରେ ଡିଏମଏଲଟି ଓ ଡିଏମଆରଟି ଛାତ୍ର ସଂଘର ସଭାପତି ପରମାନନ୍ଦ ଦଳେଇ, ସମ୍ପାଦକ ସିଦ୍ଧାନ୍ତ ସାହୁ, ରୁଦ୍ରମୋହନ ସ୍ୱାଇଁ, ଭାନୁ ପାତ୍ର ବିଶ୍ୱାଳ, ଅରବିନ୍ଦ ଦଳେଇ ଓ ଉମାଶଙ୍କର ହୋତାଙ୍କ ସମେତ ଅନ୍ୟମାନେ ଉପସ୍ଥିତ ଥିଲେ।

# ସହରରେ ବଢୁଛି ତରଭୁଜ ବ୍ୟବସାୟ



**ବ୍ରହ୍ମପୁର,୧୯ ।୫(ସମିସ):** ସହରବାସୀଙ୍କୁ ଅତିଷ୍ଠ କଲାଣି ଦିନକୁ ଦିନ ବୃଦ୍ଧି ପାଉଥିବା ଗ୍ରୀଷ୍ମପ୍ରବାହ। ଏଥିରୁ ରକ୍ଷା ପାଇବାକୁ ଲୋକେ ବିଭିନ୍ନ ପ୍ରକାରର ତରିକା ଆପଣାଉଥିବା ବେଳେ ତରଭୁଜ ଖାଇବା ଅନ୍ୟଏକ ଉପାୟ। ଯାହାଫଳରେ ସହରରେ ଦିନକୁ ଦିନ ବଢ଼ିବାରେ ଲାଗିଛି ତରଭୁଜର ବିକ୍ରୀବଟା। ସହର ତଥା ଉପକଣ୍ଠ ସବୁଠି ରାସ୍ତାକଡ ଦୋକାନ ସମେତ ଠେଲା ଗାଡ଼ିରେ ଉପଲବ୍ଧ ହେଉଛି ତରଭୂଜ। ଗତ କିଛିଦିନ ଧରି ତାପମାତ୍ରା ପାରଦ ବଢ଼ିଥିବା ବେଳେ ଏହାର ପ୍ରଭାବ ବେଶ ଦେଖିବାକୁ ମିଳିଛି। ସ୍ଥାନୀୟ ବଡ଼ବଜାର, ହନୁମାନ ବଜାର, ଗିରି ମାର୍କେଟ୍, ଇଞ୍ଜିନିୟରିଂ ସ୍କୁଲ ଛକ ସମେତ ଟାଟାବେଞ୍ଚ ଛକ ଠାରୁ ସେଲଟ୍ୟାକ୍ସ ଛକ ପର୍ଯ୍ୟନ୍ତ ସବୁଠି ବହୁ ପରିମାଣର ତରଭୂଜ ଦେଖିବାକୁ ମିଳୁଛି। ବର୍ତ୍ତମାନ ବଜାରରେ ତରଭୂଜ ଦର କିଲୋ ପିଛା ୩୦ରୁ ୩୫ଟଙ୍କା ରହିଛି। ଗୋଟା ହେଉ ଅଥବା ଖଣ୍ଡ କରି ହେଉ ପଥଚାରୀଙ୍କୁ ସୁବିଧାରେ ତରଭୂଜ ଉପଲବ୍ଧ ହେଉଥିବାରୁ ଲୋକେ ମଧ୍ୟ ବେଶ ଖୁସ। ଗୋଟିଏ କଣ୍ଡର ମୂଲ୍ୟ ସର୍ବନିମ୍ନ ୧୦ଟଙ୍କା ରହିଛି। ସହରକୁ ବେଙ୍ଗଲୁରୁ ଓ ଆନ୍ଧ୍ର ପ୍ରଦେଶର ବିଜୟନଗରମ୍, ଶ୍ରୀକାକୁଲମ୍, ନାସିକପେଟା ସମେତ ଓଡ଼ିଶାର ବୌଦ୍ଧ, ଢେଙ୍କାନାଳ ଏବଂ ବଲାଙ୍ଗୀରରୁ ବ୍ରହ୍ମପୁରକୁ ତରଭୂଜ ଆମଦାନୀ ହୋଇଥାଏ। ଖରାଦିନରେ ସହରରେ ଦୈନିକ ଅନ୍ୟୁନ ପ୍ରାୟ ୧୨ଟନ୍ ତରଭୂଜ ବିକ୍ରୀ ହେଉଥିବା ଜଣାପଡିଛି। ରାଜ୍ୟ ବାହାରୁ ତରଭୁଜ ଆସିଲେ ଆମ୍ବ ମାର୍କେଟ ଗୋଦାମରେ ଗଚ୍ଛିତ ରଖାଯାଉଛି। ତେବେ ବର୍ତ୍ତମାନ ସହରରେ ଆନ୍ଧ୍ରପ୍ରଦେଶରୁ ଆସିଥିବା ତରଭୁଜର ବିକ୍ରିବଟା ହେଉଛି। ଖରା ଯେତିକି ବଢ଼ିବ କାରବାର ସେତେ ଭଲ ହେବ ବୋଲି କହିଛନ୍ତି ବ୍ୟବସାୟୀ ନୀର ସାହୁ। ତେବେ ଅନ୍ୟ ସ୍ଥାନରୁ ଆସୁଥିବା ତରଭୂଜ ଅପେକ୍ଷା ଢେଙ୍କାନାଳ ଓ ବଲାଙ୍ଗୀର ଅଞ୍ଚଳର ତରଭୁଜ ଅପେକ୍ଷାକୃତ ମିଠା। ଏଣୁ ଉଭୟ ବଲାଙ୍ଗିର ଓ ଢେଙ୍କାନାଳର ତରଭୂଜ ପ୍ରତି ଲୋକଙ୍କର ଆଗ୍ରହ ଓ ଚାହିଦା ବେଶ ରହୁଛି। ଖରାଦିନରେ ଥଣ୍ଡା ପାନୀୟର ବିକଳ୍ପ ଭାବେ ତରଭୂଜକୁ ବ୍ୟବହାର କରାଯାଇଥାଏ। ଜଣେ ଠେଲା ବ୍ୟବସାୟ ଦୈନିକ ପ୍ରାୟ ୬୦ରୁ ୮୦ କିଲୋ ତରଭୂଜ ବିକ୍ରି କରିପାରୁଛନ୍ତି। ଏଥିରୁ ବେଶ ଦୁଇପଇସା ଲାଭ କରି ପରିବାର ଗୁଜରଣ କରିବାରେ ସମର୍ଥ ହେଉଥିବା କହିଛନ୍ତି ଖୁଚୁରା ତଥା ଠେଲା ବ୍ୟବସାୟୀ ସୁନୀଲ ପଣ୍ଡା।

**ଢେଙ୍କାନାଳ ଓ ବଲାଙ୍ଗୀର ତରଭୁଜର ଚାହିଦା ଅଧିକ**

## 'ଗଣଦୁଷ୍କର୍ମ ଭଳି ସମ୍ବେଦନଶୀଳ ଘଟଣାରେ ଗଣମାଧ୍ୟମ ଅଧିକ ଯତ୍ନବାନ ହେବା ଉଚିତ'



**ବ୍ରହ୍ମପୁର,୧୯ ।୫(ସମିସ):** ସମାଜରେ ଗଣମାଧ୍ୟମର ଭୂମିକା ଗୁରୁତ୍ୱପୂର୍ଣ୍ଣ। ତେବେ କୌଣସି ଖବର ପ୍ରକାଶନ ବା ପ୍ରସାରଣ ପୂର୍ବରୁ ଗଣମାଧ୍ୟମ ସଂସ୍ଥା ଓ ତାହାର ପ୍ରତିନିଧିଙ୍କୁ ଅଧିକ ଯତ୍ନବାନ ଓ ସତର୍କ ହେବା ଜରୁରୀ। ତଥ୍ୟ ବିହୀନ ଅଥବା କାନଶୁଣା କଥାକୁ ଆଧାର କରି କୌଣସି ଖବର ପ୍ରକାଶନ ଆଦୌ ଉଚିତ ନୁହେଁ। ନିକଟରେ ବ୍ରହ୍ମପୁରରେ ହୋଇଥିବା ନାବାଳିକା ଛାତ୍ରୀଙ୍କୁ ଗଣଦୁଷ୍କର୍ମ ଭଳି ଏକ ସମ୍ବେଦନଶୀଳ ଘଟଣାରେ ନିଜର ପ୍ରତିକ୍ରିୟା ପ୍ରକାଶ କରି କହିଛନ୍ତି ସ୍ଥାନୀୟ ଅକ୍ସଫୋର୍ଡ ପବ୍ଲିକ ସ୍କୁଲର ନିର୍ଦ୍ଦେଶକ ଇଂ. ଅଶୋକ କୁମାର ପାଳ। ଗଣଦୁଷ୍କର୍ମର ଶୀକାର ପୀଡ଼ିତା ଅଥବା ଘଟଣାରେ ଗିରଫ କୌଣସି ଅଭିଯୁକ୍ତଙ୍କର ଅକ୍ସଫୋର୍ଡ ପବ୍ଲିକ ସ୍କୁଲ ସହ ପ୍ରତ୍ୟକ୍ଷ କିମ୍ବା ପରୋକ୍ଷରେ କୌଣସି ସମ୍ପର୍କ ନାହିଁ। ତଥାପି ଏନେଇ ଗଣମାଧ୍ୟମରେ ପ୍ରଚାର ଓ ପ୍ରସାର ହୋଇଥିବାରୁ ସେ ଅତ୍ୟନ୍ତ ମର୍ମାହତ ଓ ଦୁଃଖ ପ୍ରକାଶ କରିଛନ୍ତି। ଏଭଳି ଖବର ପ୍ରଚାରପ୍ରସାର ଦ୍ୱାରା ଶିକ୍ଷାନୁଷ୍ଠାନର ପ୍ରତିଷ୍ଠା ଉପରେ ଆଞ୍ଚ ଆସିଥିବା ସେ ଦର୍ଶାଇ ଗଣମାଧ୍ୟମ ସଂସ୍ଥା ଓ ଏହାର ପ୍ରତିନିଧିମାନେ ଯେକୌଣସି ଖବର ପ୍ରକାଶନ ପୂର୍ବରୁ ତାହାର ସତ୍ୟାସତ୍ୟ ପରଖିବା ଉଚିତ ବୋଲି ସେ ପରାମର୍ଶ ଦେଇଛନ୍ତି।

ସକାଳ THE SAKALA

# ସୁସ୍ଥ ନିର୍ବାଚନ ହିଁ ସୁସ୍ଥ ଗଣତନ୍ତ୍ରର ମୂଳଦୁଆ

ଭାରତ ଏକ ବହୁଦଳୀୟ ଓ ସଂସଦୀୟ ଗଣତନ୍ତ୍ର। ଏଠାରେ ସମ୍ବିଧାନ ଓ ଆଇନର ଶାସନ ଚଳେ। ଆମ ସମ୍ବିଧାନର ମୂଳତତ୍ତ୍ୱ ହେଲା ଜନାଦେଶ ହିଁ ସାର୍ବଭୌମ ଏବଂ ଶାସନ ଜନାଦେଶ ଦ୍ୱାରା ଗଠିତ ସରକାର ହିଁ ଚଳାନ୍ତି। ଏ ସବୁତ ଗଲା ସମ୍ବିଧାନର ବର୍ଣ୍ଣନା ଓ ମୂଲ୍ୟବୋଧ। କିନ୍ତୁ ବାସ୍ତବିକ ପ୍ରୟୋଗରେ କେତେ ଗଣତନ୍ତ୍ର ଓ କେତେ ଜନମତର ଶାସନ ସମ୍ଭବ ହୁଏ, ତାହା ତର୍କର ବିଷୟ। ସବୁ ମତବାଦ, ତତ୍ତ୍ୱ ଓ ଆଦର୍ଶବାଦ, ମୂଳଦୁଆ ହୋଇ ରହିଲେ ମଧ୍ୟ ପ୍ରୟୋଗାତ୍ମକ ବାସ୍ତବିକ ରାଜନୀତି କ୍ଷେତରେ ସେ ସବୁର ଆବଶ୍ୟକମତେ ଅବମୂଲ୍ୟାୟନ କରିବାକୁ ପଡ଼ିଥାଏ। ଏହି ପ୍ରକ୍ରିୟା ଊଣାଅଧିକେ ସମସ୍ତ ଗଣତାନ୍ତ୍ରିକ ରାଷ୍ଟ୍ରରେ ପରିଲକ୍ଷିତ ହୋଇଥାଏ। ଭାରତ ମଧ୍ୟ ଏହି ପ୍ରୟୋଗାତ୍ମକ ନିୟମର ଅଧୀନ।

ବିଶ୍ୱ ପରିଦୃଶ୍ୟରେ ଗଣତନ୍ତ୍ର ଶାସନର ଅଭ୍ୟୁଦୟ ବ୍ୟକ୍ତି ସ୍ୱାଧୀନତା ଓ ବ୍ୟକ୍ତିକୈନ୍ଦ୍ରିକ ବିକାଶ ଆଦର୍ଶରୁ ଆରମ୍ଭ ହୋଇଥିଲା। ବ୍ରିଟେନ୍, ଆମେରିକା ଓ ୟୁରୋପର ଗଣତାନ୍ତ୍ରିକ ଆଦର୍ଶବାଦ ବିଂଶଶତାବ୍ଦୀର ପ୍ରଥମାର୍ଦ୍ଧ ଶେଷ ବେଳକୁ ସଂଘଟିତ ହୋଇସାରିଥିଲା। ଏହାର ପ୍ରତିଦ୍ୱନ୍ଦ୍ୱିତା କରିବାକୁ ମାର୍କ୍ସଙ୍କ ସାମ୍ୟବାଦ ଆଦର୍ଶଭିତ୍ତିକ ରାଜନୈତିକ ବ୍ୟବସ୍ଥା ସୋଭିଏତ୍ ରୁଷ ଓ ପୂର୍ବ ୟୁରୋପୀୟ ରାଷ୍ଟ୍ର ତଥା ଚୀନ୍ ଆଦି ଦେଶରେ କାର୍ଯ୍ୟାନ୍ୱିତ ହେବା ପରେ ବିଶ୍ୱରେ ଦୁଇ ମୁଖ୍ୟ ରାଜନୈତିକ ଆଦର୍ଶବାଦର ସଂଘର୍ଷ ଆରମ୍ଭ ହୋଇଥିଲା। ଏହାର ରାଜନୈତିକ, ଅର୍ଥନୈତିକ ଏବଂ ସାମାଜିକ ପ୍ରତିଦ୍ୱନ୍ଦ୍ୱିତାର ବିଭିନ୍ନ ପର୍ଯ୍ୟାୟକୁ 'ସଭ୍ୟତାର ସଂଘାତ'(କ୍ଲାଶ୍ ଅଫ୍ ସିଭିଲାଇଜେସନ୍ସ୍ - ସାମୁଏଲ୍ ହଣ୍ଟିଙ୍ଗଟନ୍) ବୋଲି ଅଭିହିତ କରିଛନ୍ତି। ଗୋଟିଏ ପଟେ ପୁଞ୍ଜିବାଦ ଓ ଅନ୍ୟପଟେ ସମାଜବାଦ ବା ସାମ୍ୟବାଦ। ଊନବିଂଶ ଓ ବିଂଶଶତାବ୍ଦୀର ପ୍ରଥମାର୍ଦ୍ଧରେ ପାଶ୍ଚାତ୍ୟ ରାଷ୍ଟ୍ରମାନଙ୍କର ଏସିଆ ଓ ଆଫ୍ରିକା ମହାଦେଶରେ ଉପନିବେଶବାଦ ମଧ୍ୟ ଏହି ପୁଞ୍ଜିବାଦର ଆଉ ଏକ ସ୍ୱରୂପ। ଭାରତ ମଧ୍ୟ ଏହି ଉପନିବେଶବାଦର ଶିକାର ପ୍ରାୟ ଦୁଇ ଶତାବ୍ଦୀ ଧରି ହୋଇଥିଲା ଏବଂ ସ୍ୱାଧୀନତା ସଂଗ୍ରାମରେ ପାଶ୍ଚାତ୍ୟ ଉପନିବେଶ ବିରୁଦ୍ଧରେ ସଂଗ୍ରାମ କରି ମଧ୍ୟ ଆମେ ସେହି ପାଶ୍ଚାତ୍ୟ ଗଣତନ୍ତ୍ରର ଶାସନ ନୀତିକୁ ଗ୍ରହଣ କରୁ। ଆମର ସଂସଦୀୟ ଗଣତନ୍ତ୍ର, ଲିଖିତ ସମ୍ବିଧାନ ଓ ସଂଘୀୟ ଶାସନ ବ୍ୟବସ୍ଥାରେ ପାଶ୍ଚାତ୍ୟ ଗଣତନ୍ତ୍ରର ବ୍ୟକ୍ତି ସ୍ୱାଧୀନତା ଓ ପୁଞ୍ଜିବାଦର ବଜାର ବ୍ୟବସ୍ଥାକୁ ଆମେ ପର୍ଯ୍ୟାୟକ୍ରମେ ଆଦରି ନେଲୁ। କିନ୍ତୁ ଆମର ବହୁଦଳୀୟ ରାଜନୀତି ସତ୍ତ୍ୱେ ବାସ୍ତବିକ କ୍ଷେତ୍ରରେ ଭାରତୀୟ ଜାତୀୟ କଂଗ୍ରେସ ଦଳର ଆଧିପତ୍ୟରେ ସ୍ୱାଧୀନତା ପରବର୍ତ୍ତୀ ପଚାଶବର୍ଷ ଶାସନକାଳ ବିତିଗଲା। ଅବଶ୍ୟ ସାମ୍ୟବାଦୀ ଓ ସମାଜବାଦୀ ଗୋଷ୍ଠୀ ତଥା ପୂର୍ବତନ ରାଜାରାଜୁଡ଼ା ଗୋଷ୍ଠୀଙ୍କ ଶାସନ କ୍ଷମତା ଅଳ୍ପକେତେକ ରାଜ୍ୟରେ ଶାସନ କ୍ଷମତାକୁ ଆସିଥିଲେ। ଷାଠିଏ ସତୁରି ଦଶକ ବେଳକୁ ଦେଶରେ ରାଜନୈତିକ ଆଦର୍ଶବାଦର ଅବକ୍ଷୟ ସ୍ପଷ୍ଟ ହୋଇଆସିଲା ତଥା ଇନ୍ଦିରା ଗାନ୍ଧୀଙ୍କ ଜରୁରୀକାଳୀନ ପରିସ୍ଥିତିର ବିଫଳ ପ୍ରୟୋଗ ପରେ ରାଜନୈତିକ ଦଳଙ୍କର ମେଣ୍ଟ ଶାସନ ଆବଶ୍ୟକ ହୋଇପଡ଼ିଲା। ବୃହତ୍ତର ରାଜନୈତିକ ଆଦର୍ଶର ନିର୍ବାଚନୀ ଉପାଦେୟତା କମିବାରେ ଲାଗିଲା। ଆରମ୍ଭ ହେଲା, ଜନାଦେଶ ହାତେଇବାର ରଣନୀତି ଓ ଅଙ୍କକଷା ତଥା ପ୍ରାକ୍ ନିର୍ବାଚନ ଓ ନିର୍ବାଚନ ପର ମେଣ୍ଟର ଅନିବାର୍ଯ୍ୟତା। ଏଥିରେ ଜାତି, ଧର୍ମ, ଭାଷା, ଅନଗ୍ରସରତା ଓ ଆଞ୍ଚଳିକତାର ବିଭିନ୍ନ ନିର୍ବାଚନ ଖେଳର ଅନୈତିକ ପ୍ରୟୋଗ।

ଏହି ପୃଷ୍ଠଭୂମିରେ ଆମେ ଯଦି ୧୯୭୭ ସାଧାରଣ ନିର୍ବାଚନ ପରଠାରୁ ସମସ୍ତ ନିର୍ବାଚନର ପ୍ରକ୍ରିୟା ଅନୁଶୀଳନ କରିବା, ତେବେ ଦେଖିବା ଯେ ମୁଖ୍ୟ ରାଜନୈତିକ ଦଳଗୁଡ଼ିକ ନିର୍ବାଚନ ଇସ୍ତାହାର ବା ସଂକଳ୍ପପତ୍ରରେ ଆଦର୍ଶଗତ ନୀତି ଅପେକ୍ଷା ସାମୟିକ ସୁବିଧାବାଦର ପଇଁତରାକୁ ପ୍ରାଧାନ୍ୟ ଦିଆଯାଇଛି। ସେହି ଅନୁସାରେ ନିର୍ବାଚନ ପ୍ରଚାର ପ୍ରସାରରେ ଆଦର୍ଶବାଦ, ନୈତିକତା, ଯୁକ୍ତିସଂଗତ ଆଲୋଚନା, ଶାଳୀନ ଭାଷାର ପ୍ରୟୋଗ ତଥା ବିନା ଧନ ଓ ବାହୁବଳରେ ଜନ ସମର୍ଥନ ହାସଲ କରିବାର ପରମ୍ପରା ଅସ୍ତମିତ ହୋଇଆସିଛି। ଅପରପକ୍ଷରେ ଜାତି, ଧର୍ମ, ଭାଷା ଆଦିକୁ ଅସ୍ତ୍ର କରି ଭୋଟବ୍ୟାଙ୍କ ସୃଷ୍ଟି କରିବା, ଧନ ଓ ବାହୁବଳରେ ଡରାଇ ଧମକାଇ ପ୍ରଲୋଭିତ କରି ଭୋଟ ହାସଲ କରିବା ତଥା ବହୁ ଆଡ଼ମ୍ବରପୂର୍ଣ୍ଣ ନିର୍ବାଚନ ରାଲି ଓ ରୋଡ୍ ଶୋ' ଆୟୋଜନ କରି ଏବଂ ନିର୍ବାଚନ ଅଭିଯାନରେ ଅନୈତିକ, ଅଶାଳୀନ ପ୍ରକ୍ରିୟା ଅବଲମ୍ବନ କରି, କୁଭାଷାର ପ୍ରୟୋଗ କରି, ହିଂସାତ୍ମକ ପନ୍ଥା ଆଚରଣ କରି, ଅପରାଧିକ ପୃଷ୍ଠଭୂମି ଥିବା ପ୍ରାର୍ଥୀମାନଙ୍କୁ ନିର୍ବାଚନରେ ଲଢ଼ିବା ପାଇଁ ମନୋନୟନ କରି ତଥା ନିର୍ବାଚନରେ ନୀତିଗତ ତର୍କକୁ ପ୍ରାୟ ସମ୍ପୂର୍ଣ୍ଣ ଏଡ଼ାଇ ଦେଇ ସାମ୍ପ୍ରତିକ ନିର୍ବାଚନ କୌଣସିମତେ ଭାରତୀୟ ଗଣତନ୍ତ୍ରର ମର୍ଯ୍ୟାଦା ପ୍ରତିପାଦନ କରୁନାହିଁ ବୋଲି ଅଭିଜ୍ଞ ପର୍ଯ୍ୟବେକ୍ଷକଙ୍କ ମତ। ନିର୍ବାଚନକୁ ଏକ ଯୁଦ୍ଧକ୍ଷେତ୍ର ମନେ କରି ଯୁଦ୍ଧ ପରିଚାଳନା ଓ ବ୍ୟୂହ ରଚନା ଆଦି ରଣନୀତିର ବହୁଳ ପ୍ରୟୋଗ ଦେଖାଯାଉଛି।

ସମ୍ପ୍ରତି ଭାରତର ଅଷ୍ଟାଦଶ ସାଧାରଣ ନିର୍ବାଚନରେ ପ୍ରାୟ ସବୁ ମୁଖ୍ୟ ରାଜନୈତିକ ଦଳମାନଙ୍କ ପକ୍ଷରୁ ଯେଉଁଭଳି ନିର୍ବାଚନ ପ୍ରଚାରର ଘୋର ପ୍ରତିଯୋଗିତା ଚାଲିଛି, ତାହା ବେଶ୍ ଦୁଃଖକର। ଚରିତ୍ର ସଂହାର, ବ୍ୟକ୍ତିଗତ ଆକ୍ଷେପ, ହିଂସାତ୍ମକ ଆକ୍ରମଣ ଓ ପ୍ରତିଆକ୍ରମଣ ଓ ଘନ କୋଳାହଳମୟ ପ୍ରଚାରକୁ ଦେଖିଲେ ଅନେକ ଅଭିଜ୍ଞ, ବରିଷ୍ଠ ନାଗରିକ ତଥା ଶିକ୍ଷିତ ଓ ସମ୍ଭ୍ରାନ୍ତ ବର୍ଗ ଯେ କାହିଁକି ନିର୍ବାଚନରେ ଭାଗ ନେଉ ନାହାନ୍ତି ତାହା ସହଜରେ ଅନୁମେୟ। ଗତ ୨୦୧୯ ସାଧାରଣ ନିର୍ବାଚନରେ୨୦ କୋଟିରୁ ଊର୍ଦ୍ଧ୍ୱ ଯୋଗ୍ୟ ଭୋଟର ଭୋଟ ଦେବାକୁ ନ ଆସିବା ନିଶ୍ଚୟ ପରିତାପର ବିଷୟ। ଚଳିତ ନିର୍ବାଚନରେ ଚତୁର୍ଥ ପର୍ଯ୍ୟାୟ ଭୋଟଦାନ ସୁଦ୍ଧା ପ୍ରାୟ ଏକ-ତୃତୀୟାଂଶ ଯୋଗ୍ୟ ଭୋଟର ଭୋଟ ଦେବାକୁ ଆସି ନାହାନ୍ତି। ଆମ ନିର୍ବାଚନ କମିଶନ୍‌ଙ୍କର ସବୁ ଚେଷ୍ଟା ସତ୍ତ୍ୱେ ନୂଆ କରି ଭୋଟ ଅଧିକାର ପାଇଥିବା ଯୁବବର୍ଗର ଏକ ବିରାଟ ଅଂଶ ଭୋଟ ପ୍ରକ୍ରିୟାରୁ ଦୂରେଇ ରହୁଥିବା ମଧ୍ୟ ଗଣତନ୍ତ୍ରର ଭବିଷ୍ୟତ ପାଇଁ ଶୁଭ ନୁହେଁ।

ନିର୍ବାଚନ ପ୍ରଚାରରେ ସୁଶାସନ ପାଇଁ ପ୍ରତିଶ୍ରୁତି, ବିକାଶର ନୀଳ ନକ୍ସା, ସମାବେଶୀ ବିକାଶ ଓ ସାମାଜିକ ନ୍ୟାୟକୁ ଅଗ୍ରାଧିକାର, ବାସ୍ତବବାଦୀ ଜନସମସ୍ୟାର ସମାଧାନ ପାଇଁ ଦୂରଦର୍ଶୀ ଯୋଜନା ତଥା ଶିକ୍ଷା, ସ୍ୱାସ୍ଥ୍ୟ, ଯୋଗାଯୋଗ, ଖାଦ୍ୟ ନିରାପତ୍ତା ଆଦି ମୌଳିକ ସୁବିଧା ପ୍ରତି ଦୃଢ଼ ପ୍ରତିଶ୍ରୁତିବଦ୍ଧତା ତଥା ମର୍ଯ୍ୟାଦାପୂର୍ଣ୍ଣ ଶାଳୀନ ଭାଷା ପ୍ରୟୋଗ ମାଧ୍ୟମରେ ନିର୍ବାଚନ ପ୍ରଚାର କରିବା କ'ଣ କଲେ ସମ୍ଭବ ହେବ ଏହା ସବୁ ରାଜନୈତିକ ଦଳର ବିଚାର୍ଯ୍ୟ ହେବା ଆବଶ୍ୟକ। ଆଦର୍ଶ ଆଚରଣ ବିଧି କେବଳ କାଗଜରେ ରହିଗଲେ ତ ହେବ ନାହିଁ ବରଂ ତାକୁ କଡ଼ାକଡ଼ି ପାଳନ କରି ଆଦର୍ଶ ନିର୍ବାଚନ ପରିଚାଳନା କରିବାକୁ ପଡ଼ିବ। ଜନହିତ ଓ ରାଷ୍ଟ୍ରହିତର ସର୍ବମାନ୍ୟ ସଂଜ୍ଞା ନିରୂପିତ କରି ସେଥିପାଇଁ ଏକ ମାର୍ଗଦର୍ଶିକା ପ୍ରସ୍ତୁତ କରିବାକୁ ହେବ ଓ ସବୁ ରାଜନୈତିକ ଦଳ ପ୍ରକାଶ୍ୟରେ ଏହି ମାର୍ଗଦର୍ଶିକା ପ୍ରତି ପ୍ରତିଶ୍ରୁତିବଦ୍ଧତା ଘୋଷଣା କରିବା ଆବଶ୍ୟକ। ଆମେ ଆଶା କରୁ ବାକିଥିବା ଆଉ ତିନି ପର୍ଯ୍ୟାୟ ମତଦାନରେ ଏଭଳି କିଛି ସକାରାତ୍ମକ ପରିବର୍ତ୍ତନ ଦେଖିବାକୁ ମିଳିବ।

# ଭାରତୀୟ ଲୋକତନ୍ତ୍ରର ଆଧାର



ଡ. କେ ଶ୍ରୀନିବାସ ରାଓ
ନୂଆଦିଲ୍ଲୀ

ଦାର୍ଶନିକ ସକ୍ରେଟିସ୍ ଗଣତନ୍ତ୍ର ବିଷୟରେ ଯାହା କହିଯାଇଛନ୍ତି, ତାହାର ପୃଷ୍ଠଭୂମି, ଉପାଦେୟତା କିମ୍ବା ମହତ୍ତ୍ୱ ତଥା ପ୍ରାସଙ୍ଗିକତା ଆଡ଼କୁ ନ ଯାଇ ଏବଂ ଗତ ସାତଦଶକ ମଧ୍ୟରେ ଆମ ଦେଶର ରାଜନୈତିକ ପରିବେଶ ସମ୍ପର୍କରେ ଗଭୀରତାକୁ ନ ଯାଇ ଏହା କହିବାରେ ଦ୍ୱିମତ ନାହିଁ ଯେ ଭାରତ ବିଶ୍ୱର ସର୍ବବୃହତ୍ ଗଣତନ୍ତ୍ର ଏବଂ ଆଗକୁ ଦୀର୍ଘ ସମୟ ପର୍ଯ୍ୟନ୍ତ ଏହି ସ୍ଥିତିରେ ରହିବ।

ବିଶ୍ୱ ଦୃଷ୍ଟିରେ ସ୍ୱାଧୀନୋତ୍ତର ଭାରତ ଏକ ତରୁଣ ଗଣତାନ୍ତ୍ରିକ ରାଷ୍ଟ୍ର ହୋଇଥାଇପାରେ, କିନ୍ତୁ ଭାରତୀୟ ଗଣତନ୍ତ୍ର ପାଶ୍ଚାତ୍ୟ ରାଷ୍ଟ୍ରର ଗଣତନ୍ତ୍ର ଅପେକ୍ଷା ଅଧିକ ଉନ୍ନତ। କାରଣ ଭାରତରେ ଏକ ବହୁଦଳୀୟ ନିର୍ବାଚନୀ ବ୍ୟବସ୍ଥା କାମ କରେ। ଭାରତୀୟ ଗଣତନ୍ତ୍ର ସହିତ ତୁଳନା କଲେ ବିଶ୍ୱର ସର୍ବପୁରାତନ ତଥା ବହୁଚର୍ଚ୍ଚିତ ଆମେରିକାର ଗଣତନ୍ତ୍ର ମଳିନ ଦେଖାଯାଏ। କାରଣ ସେଠାକାର ଦ୍ୱିଦଳୀୟ ଗଣତାନ୍ତ୍ରିକ ବ୍ୟବସ୍ଥାରେ ଭୋଟରମାନେ ମାତ୍ର ଦୁଇଟି ଦଳରୁ ଗୋଟିଏ ଦଳକୁ ବାଛିବାକୁ ବାଧ୍ୟ ହୁଅନ୍ତି। ଅପରପକ୍ଷରେ ଭାରତୀୟ ଗଣତାନ୍ତ୍ରିକ ବ୍ୟବସ୍ଥାରେ ବହୁସଂଖ୍ୟକ ଦଳଙ୍କୁ ଭାଗ ନେବାର ସୁଯୋଗ ରହିଛି ଏବଂ ଆମ ଭୋଟରମାନେ ପସନ୍ଦ ନାପସନ୍ଦର ପରିସୀମାକୁ ପ୍ରଶସ୍ତ କରି ଭୋଟ ଦେବାର ସୁବିଧା ପାଆନ୍ତି। ତେଣୁ ଭାରତୀୟ ନିର୍ବାଚନ ବ୍ୟବସ୍ଥା ଯେ ଉନ୍ନତତର ଗଣତନ୍ତ୍ର ଏହା କେହି ଅସ୍ୱୀକାର କରିବେ ନାହିଁ।

ଗଣତନ୍ତ୍ରର ଚକକୁ ଗତିଶୀଳ କରୁଥିବା ପ୍ରକ୍ରିୟା ହେଉଛି ଭୋଟଦାନ। ତେଣୁ ଦେଶର ଏକ ଗୁରୁତ୍ୱପୂର୍ଣ୍ଣ ଅଂଶ ଯଦି ଭୋଟଦାନରୁ ବିରତ ରହିବେ, ତେବେ ଗଣତନ୍ତ୍ର ଓ ନିର୍ବାଚିତ ସରକାର କେବଳ ଏକ ପ୍ରହସନ ଭଳି ହେବ। ହୁଏତ ଜଣେ ଦୀର୍ଘ ଆଲୋଚନା କରିପାରେ ଯେ କ'ଣ କେବଳ ମୁକ୍ତ ଓ ବ୍ୟାପକ ଭୋଟଦାନ ହାର ଏକ ଗଣତାନ୍ତ୍ରିକ ଶାସନ ବ୍ୟବସ୍ଥାକୁ ଶକ୍ତିଶାଳୀ କିମ୍ବା ଶକ୍ତିହୀନ କରିପାରେ? କିନ୍ତୁ ଭୋଟଦାନ ହିଁ ହେଉଛି ମୂଳ ବା କେନ୍ଦ୍ର ଯାହାକୁ ଆଧାର କରି ଗଣତନ୍ତ୍ର ପରିପୁଷ୍ଟ ହୁଏ। ଭୋଟଦାନ ହାରର ସଠିକ୍ ପରିସଂଖ୍ୟାନ ପାଇବା ପାଇଁ ଆମକୁ ହୁଏତ କିଛିଦିନ ଅପେକ୍ଷା କରିବାକୁ ପଡ଼ି ପାରେ ଏବଂ ଆନୁମାନିକ ଭୋଟଦାନ ହାର ଓ ବାସ୍ତବ ଭୋଟଦାନ ଭିତରେ ତଫାତ୍ ରହିବ, କିନ୍ତୁ ୨୦୨୪ ନିର୍ବାଚନ ଯେ ବିଶ୍ୱର ସର୍ବବୃହତ୍ ଗଣତାନ୍ତ୍ରିକ ନିର୍ବାଚନ ଏହା ସମସ୍ତେ ସ୍ୱୀକାର କରିବାକୁ ପଡ଼ିବ, କାରଣ ଏଠାରେ ୯୬୯ ନିୟୁତ ଭୋଟର ମତଦାନ ପାଇଁ ପଞ୍ଜୀକୃତ ହୋଇଛନ୍ତି।

ନିର୍ବାଚନ ପ୍ରକ୍ରିୟାରେ କେତେକ ଦୋଷ ଦୁର୍ବଳତା ରହିଛି ବୋଲି ଆମର ଧାରଣା ଓ ତିକ୍ତ-ମଧୁର ଅନୁଭୂତି ମଧ୍ୟ ରହିଆସିଛି। ଏହାସତ୍ତ୍ୱେ ଗଣତନ୍ତ୍ର ଯେ ସାଧାରଣ ନାଗରିକଙ୍କୁ ପ୍ରତ୍ୟକ୍ଷ ଭାବେ ସଶକ୍ତ କରିଛି ଏବଂ ନିର୍ବାଚନ ବେଳେ ସେହି ସାଧାରଣ ବର୍ଗର ଭୋଟ-ଶକ୍ତି ଯେ ସାର୍ବଭୌମ, ତାହା ଅସ୍ୱୀକାର କରା ଯାଇ ନପାରେ। କିନ୍ତୁ ଭୋଟଦାନର ଏହି ବିଶେଷତ୍ତ୍ୱ ବିଷୟରେ ଆତ୍ମପ୍ରଶଂସାରେ ଆମ ଗଣତନ୍ତ୍ରକୁ ସୀମିତ କରିଦେଲେ ହେବ ନାହିଁ, ବରଂ ସମସ୍ତେ କିପରି ଏହି ପ୍ରକ୍ରିୟାରେ ବାସ୍ତବରେ ସାମିଲ୍ ହୋଇପାରିବେ ସେ ବିଷୟରେ ଚିନ୍ତା କରିବାକୁ ପଡ଼ିବ। କାରଣ ଭୋଟଦାନରୁ ବିରତ ରହିବା ଯୋଗୁ ଭୋଟଦାନର ମୂଲ୍ୟବୋଧ ପ୍ରଭାବିତ ହୁଏ। ଜନସଂଖ୍ୟାର ଏକ ବୃହତ୍ ଅଂଶ ଭୋଟଦାନରୁ ବିରତ ରହିବା ଦ୍ୱାରା ଏକ ଦୁର୍ବଳ ସରକାର କିମ୍ବା ଏକ ଝୁଲା ବିଧାନ ପାଳିକା ଜନ୍ମନିଏ। ଏପରି ଏକ ଦୁର୍ବଳ ସରକାର ଗଠନ ପାଇଁ ଜନାଦେଶଠାରୁ ବରଂ ସରକାର ଗଠନ ପାଇଁ ଆଦୌ ଜନାଦେଶ ନଦେବା ଶ୍ରେୟସ୍କର। ଅସ୍ପଷ୍ଟ ଜନାଦେଶ ବା ଦୁର୍ବଳ ସରକାର ପାଇଁ ଜନାଦେଶ ଫଳରେ ଦେଶରେ ଉଭୟ ସ୍ୱଳ୍ପକାଳୀନ ଓ ଦୀର୍ଘକାଳୀନ ଅସ୍ଥିରତା ସୃଷ୍ଟି ହୁଏ। ଯେତେବେଳେ ଗୋଟିଏ ଦେଶ ଅସ୍ଥିର ହୁଏ ତେବେ ଦୁଇଟି ସ୍ଥିତିକୁ ଜନ୍ମଦିଏ। ପ୍ରଥମତଃ, ସାମାଜିକ, ରାଜନୈତିକ, ନ୍ୟାୟିକ ଅନୁଷ୍ଠାନଗୁଡ଼ିକ ମଧ୍ୟରେ ସଂହତି ଓ ସମନ୍ୱୟ ବିଭ୍ରାଟ ଘଟେ। ଦ୍ୱିତୀୟତଃ, ଦେଶରେ ରାଜନୈତିକ ଅସ୍ଥିରତା ଲାଗି ରହିଲେ ବାହ୍ୟଶତ୍ରୁ ଆକ୍ରମଣର ଆଶଙ୍କା ବଢ଼େ ଏବଂ ଉଗ୍ରବାଦୀ ସଂଗଠନମାନେ ମଧ୍ୟ ଦେଶର ଶାସନ କ୍ଷମତା ହାସଲ କରିବା ପାଇଁ ଅପଚେଷ୍ଟା କରିବାକୁ ସାହସ କରନ୍ତି। ଜନାଦେଶ ସଘନ ଓ ଦୃଢ଼ ହେଲେ ଉପରୋକ୍ତ ଦୁଇ ସ୍ଥିତିକୁ ପ୍ରତିହତ କରିହୁଏ।

ନିର୍ଣ୍ଣାୟକ ଓ ବହୁସଂଖ୍ୟାରେ ମତଦାନ ଗଣତନ୍ତ୍ରର ଭିତ୍ତିସ୍ତମ୍ଭଗୁଡ଼ିକୁ ସଶକ୍ତ କରେ। ସେହିପରି ଦୃଢ଼ ମତଦାନ ଗଣତନ୍ତ୍ରକୁ ସୁଦୃଢ଼ କରିଥାଏ, ଯାହାଦ୍ୱାରା ଆଲୋଚନା ଓ ଭାବ ବିନିମୟ ଦ୍ୱାରା ସହଯୋଗ ର ବାତାବରଣ ଦେଶରେ ସୃଷ୍ଟି ହୁଏ ତଥା ଦେଶରେ ଶାନ୍ତି ଓ ଜାତିଧର୍ମବର୍ଣ୍ଣ ନିର୍ବିଶେଷରେ ଏକତା ପ୍ରତିଷ୍ଠା ହୁଏ। ଯେଉଁଠାରେ ଶାନ୍ତି ବଜାୟ ରହେ, ଗଣତନ୍ତ୍ର ତିଷ୍ଠିରହେ, ଆଲୋଚନା ଓ ଭାବ ବିନିମୟ ହୋଇପାରେ, ସେଠାରେ ପ୍ରଗତିର ପ୍ରକ୍ରିୟା ନିଶ୍ଚୟ ତ୍ୱରାନ୍ୱିତ ହୁଏ। ପ୍ରଗତିର ଅର୍ଥ କେବଳ ବସ୍ତୁବାଦୀ ସମ୍ପଦର ବୃଦ୍ଧି କିମ୍ବା ଏହି ଢାଞ୍ଚାର ବିକାଶକୁ ବୁଝାଯାଏ ନାହିଁ। ଶାନ୍ତିପୂର୍ଣ୍ଣ ଗଣତାନ୍ତ୍ରିକ ସମାଜରେ ହିଁ ବାସ୍ତବ ପ୍ରଗତି ନିହିତ ଥାଏ, ଯାହାର ଉଦାହରଣ ଭାରତ। ମତାନ୍ତର, ଭିନ୍ନ ଦୃଷ୍ଟିକୋଣର ପରିପ୍ରକାଶ ଓ ସୁସ୍ଥ ବଜାର ପ୍ରତିଯୋଗିତାକୁ ଗଣତନ୍ତ୍ର ଅନୁମତି ଦିଏ। ପସନ୍ଦ କରିବାର ସ୍ୱାଧୀନତା, ଅଭିବ୍ୟକ୍ତିର ସ୍ୱାଧୀନତା ପ୍ରଦାନ ଆଦି ଜରିଆରେ ଗଣତନ୍ତ୍ର ତାହାର ନାଗରିକମାନଙ୍କୁ ସଶକ୍ତ କରିଥାଏ। ଏହା ହିଁ ପ୍ରଗତିର ପ୍ରକୃତ ଅର୍ଥ।

ବିଗତ ସାତ ଦଶନ୍ଧି ମଧ୍ୟରେ ପ୍ରତିଟି ଗଣତାନ୍ତ୍ରିକ ନିର୍ବାଚନ ପ୍ରକ୍ରିୟାରେ କେତେକ ଅନିୟମିତତା ଓ ହିଂସା ଦେଖାଯାଉଥିବା କେତେକାଂଶରେ ଅଭିଯୋଗ ହୋଇ ଆସୁଛି। କିନ୍ତୁ ସେଥିପାଇଁ ନାଗରିକମାନେ ଗଣତନ୍ତ୍ର ପ୍ରତି ଏକ ଭ୍ରାନ୍ତ ଧାରଣା ରଖିବା ଉଚିତ ନୁହେଁ। ପୂର୍ବତନ ଭାରତୀୟ ମୁଖ୍ୟ ନିର୍ବାଚନ ଆୟୁକ୍ତ ଟି ଏନ୍ ଶେଷାନ୍ ବିଭିନ୍ନ ସାକ୍ଷାତକାରରେ ଦେଇଥିବା ଏକ ମନ୍ତବ୍ୟକୁ ନିକଟରେ ଭାରତର ଖ୍ୟାତନାମା ଲେଖକ ରାଜୀବ ମେହେରୋତ୍ରା ଉଦ୍ଧାର କରିଛନ୍ତି, ଯେଉଁଥିରେ ଶ୍ରୀଯୁକ୍ତ ଶେଷାନ କହିଥିଲେ ଯେ ଅତୀତରେ ଅନେକ ତ୍ରୁଟି ହୋଇଛି, କିନ୍ତୁ ନିରନ୍ତର ନିରୀକ୍ଷଣ ଓ ଉଦ୍ୟମ ବଳରେ ସେହି ତ୍ରୁଟି ସବୁକୁ ସୁଧାରି ପ୍ରତିଟି ନିର୍ବାଚନକୁ ଅଧିକରୁ ଅଧିକ ଉନ୍ନତ ଓ ବ୍ୟବସ୍ଥିତ କରାଯାଇପାରିଛି। ଆମ ଆଗରେ ବହୁତ ଲମ୍ବା ରାସ୍ତା ପଡ଼ିଛି ଏବଂ ଆମକୁ ଆହୁରି ଅନେକ ଆହ୍ୱାନର ସମ୍ମୁଖୀନ ମଧ୍ୟ ହେବାକୁ ପଡ଼ିବ।

ନିର୍ବାଚନରେ ଶତପ୍ରତିଶତ ମତଦାନ ବା ଭୋଟଦାନ ଭାରତକୁ ଏକ ସକ୍ରିୟ ଗଣତାନ୍ତ୍ରିକ ଦେଶ ଭାବେ ସୁନାମ ଆଣିବାରେ ସହାୟକ ହୋଇପାରିବ। ସମସ୍ତେ ନିଜର ଭୋଟଦାନ ଅଧିକାର ସାବ୍ୟସ୍ତ କଲେ ସମାଜ ବ୍ୟବସ୍ଥା ସୁଦୃଢ଼ ହେବା ସହିତ ସାମ୍ବିଧାନିକ ଅନୁଷ୍ଠାନଗୁଡ଼ିକ ସୁଦୃଢ଼ ହୋଇପାରିବ ଏବଂ ଆଲୋଚନା, ମତ ବିନିମୟ ମଧ୍ୟ ସୁସଂହତ ହୋଇପାରିବ। ଆହୁରି ମଧ୍ୟ ସମସ୍ତେ ଭୋଟଦାନ ପ୍ରକ୍ରିୟାରେ ଭାଗନେଲେ, ଦେଶରେ ଶାନ୍ତି, ସଂହତି, ସମନ୍ୱୟ, ଓ ସହଯୋଗ ବୃଦ୍ଧି ପାଇ ଦେଶ ସ୍ଥିର, ସୁଦୃଢ଼ ତଥା ବିକାଶମୁଖୀ ହୋଇପାରିବ।

ଦେଶରେ ସବୁ ନାଗରିକଙ୍କ ର ଭୋଟଦାନ ଅଧିକାର ରହିଛି। ଆମେ ସତରେ ଭାଗ୍ୟବାନ ଯେ ଭୋଟଦାନ ପାଇଁ ଆମକୁ ସାମ୍ବିଧାନିକ ଅଧିକାର ମିଳିଛି। ଆମେ କାହାକୁ ଶାସନ କ୍ଷମତା ପାଇଁ ଚୟନ କରିବୁ ଏବଂ କାହାକୁ ପରିବର୍ତ୍ତନ କରିବୁ, ଭୋଟଦାନ ମାଧ୍ୟମରେ ତାହା ସାବ୍ୟସ୍ତ କରିବାକୁ ସମ୍ବିଧାନ ଆମକୁ ଅଧିକାର ଦେଇଛି। ଭୋଟଦାନ ହେଉଛି ପରିବର୍ତ୍ତନର ମଞ୍ଚ ଏବଂ ଭୋଟଦାନ ପ୍ରତ୍ୟେକ ନାଗରିକଙ୍କ କର୍ତ୍ତବ୍ୟ। ଭୋଟଦାନର କର୍ତ୍ତବ୍ୟ ସହିତ ଉପଯୁକ୍ତ ପ୍ରାର୍ଥୀ ଚୟନ କରିବାର ଦାୟିତ୍ୱବୋଧ ମଧ୍ୟ ଆମର ରହିଛି। ଯେଉଁଠାରେ ଲୋକେ ଭୋଟ ଦିଅନ୍ତି ନାହିଁ ସେଠାରେ ବିଶୃଙ୍ଖଳା ଓ ହିଂସା ଜନ୍ମ ନିଏ। ଭୋଟଦାନ ହାର ନିରୁତ୍ସାହଜନକ ହେଲେ ମଧ୍ୟ ଦେଶର ଆର୍ଥିକ ସ୍ଥିତି ବ୍ୟାହତ ହୁଏ।

ନିଜ ପାଇଁ, ନିଜ ପରିବାର ପାଇଁ, ନିଜ ଦେଶ ପାଇଁ କଣ ହିତକର ସେ ସମ୍ପର୍କରେ ନିଷ୍ପତ୍ତି ନେବାର କ୍ଷମତା ପ୍ରତି ନାଗରିକଙ୍କର ରହିଛି। ତେଣୁ ସୁଲଭ ବାସଗୃହ, ମହିଳାଙ୍କ ସୁରକ୍ଷା, ଅର୍ଥନୈତିକ ନ୍ୟାୟ, ପରିବେଶ ସୁରକ୍ଷା ଓ ଗୁଣାତ୍ମକ ଶିକ୍ଷା ଭଳି ଆମେ ସବୁବେଳେ ଗୁରୁତ୍ୱ ଦେଉଥିବା ବିଷୟଗୁଡ଼ିକ ର ଉପଯୁକ୍ତ କ୍ରିୟାନ୍ୱୟନ ନିମନ୍ତେ ଭୋଟଦାନ ଆମକୁ ସୁଯୋଗ ପ୍ରଦାନ କରେ। ଅନେକ ଲୋକ ଭୋଟଦାନର ଅନନ୍ୟ ଶକ୍ତିକୁ ଅନୁଭବ କରିପାରି ନଥା'ନ୍ତି। ପ୍ରତ୍ୟକ୍ଷ ହେଉ ଅବା ପରୋକ୍ଷ ଭାବରେ ଆମେ ସମସ୍ତେ ଟିକସ ଦେଉଛେ। ତେଣୁ ଆମେ ଦେଉଥିବା ଅର୍ଥ ଯେ ସମାଜମଙ୍ଗଳ କାର୍ଯ୍ୟରେ ସଠିକ୍ ଭାବେ ବିନିଯୋଗ ହେଉଛି ଏହା ନିଶ୍ଚିତ କରିହେବ କେବଳ ଆମ ଭୋଟଦାନ ଦାୟିତ୍ୱ ଜରିଆରେ। ଆମେ ଦେଉଥିବା ଅର୍ଥ ଆମ ପରିବାର, ସମାଜ ଓ ଦେଶ ପାଇଁ ବିଭିନ୍ନ ଯୋଜନାରେ ଖର୍ଚ୍ଚ କରିବା ନିମନ୍ତେ ଭୋଟଦାନ ଅଧିକାର ଜରିଆରେ ହିଁ ଆମେ ସରକାରଙ୍କ ଉପରେ ଚାପ ପକାଇପାରିବା।

ଭୋଟଦାନ କେବଳ ଏକ ନାଗରିକ କର୍ତ୍ତବ୍ୟ ନୁହେଁ, ଏହାଠାରୁ ଆହୁରି ମହତ୍ତର। ଏହା ଏପରି ଏକ ଅନନ୍ୟ ଦାୟିତ୍ୱବୋଧ, ଯାହାଦ୍ୱାରା ଆମେ କେବଳ ଆମ ନିଜକୁ ପ୍ରତିନିଧିତ୍ୱ କରୁନାହୁଁ, ବରଂ ଶିଶୁ, ବୃଦ୍ଧ ଓ ପରିଜନ ଭଳି ଆମ ଉପରେ ନିର୍ଭରଶୀଳ, ବନ୍ଧୁ ପରିଜନ ବର୍ଗଙ୍କ ପ୍ରତିନିଧି ସାଜୁଛୁ। କାରଣ ନିର୍ବାଚନ ଫଳାଫଳ ଦ୍ୱାରା ସେମାନେ ମଧ୍ୟ ପ୍ରଭାବିତ ହୁଅନ୍ତି। ପ୍ରତିଟି ଭୋଟ ଗୁରୁତ୍ୱପୂର୍ଣ୍ଣ ଓ ନିର୍ଣ୍ଣାୟକ। ଏହା କେବଳ ରାଜନେତା କିମ୍ବା ରାଜନୈତିକ ଦଳ ପାଇଁ ନୁହେଁ, ବରଂ ସ୍ୱାଧୀନ, ପ୍ରଗତିଶୀଳ, ଗଣତାନ୍ତ୍ରିକ ଓ ଦୃଢ଼ ଭାରତ ବର୍ଷ ପାଇଁ ମଧ୍ୟ ପ୍ରଯୁଜ୍ୟ। ପ୍ରତିଟି ଭୋଟ ଦ୍ୱାରା ହିଁ ଭାରତ ବିଶ୍ୱର ସର୍ବଶ୍ରେଷ୍ଠ ଗଣତାନ୍ତ୍ରିକ ଦେଶ ମାନ୍ୟତାର ପଥରେ ଅଗ୍ରସର ହୋଇପାରିବ। ସବୁସ୍ତରରେ ପ୍ରଗତି ହେଲେ ଦେଶ ଏକ ନୂତନ ଶିଖରକୁ ଛୁଇଁ ପାରିବ ଏବଂ ଏହା ସମ୍ଭବ ହେବ ଆମର ସାର୍ବଜନୀନ ଭୋଟଦାନ ଓ ଭୋଟଦାନ ଦାୟିତ୍ୱ ନିର୍ବହନ ଦ୍ୱାରା। ଏକ ଦୃଢ଼ ଓ ଉନ୍ନତ ଭାରତ ଗଠନ ପାଇଁ ଆମେ ସମସ୍ତେ ଭୋଟ ଦେବା ଉଚିତ।

ଜୟ ହିନ୍ଦ।

# ବୁଦ୍ଧାବତାର ଶ୍ରୀଜଗନ୍ନାଥ



ସ୍ୱପ୍ନେଶ୍ୱର ଗୋଛି
ପୁରୀ, ମୋ: ୯୯୦୦୦୮୩୪୩୩

ମହାରାଜା ମଦନ ମହାଦେବ ଥିଲେ ଓଡ଼ିଶାରେ ଗଙ୍ଗବଂଶର ପ୍ରତିଷ୍ଠାତା ଚୋଳଗଙ୍ଗ ଦେବଙ୍କ ତୃତୀୟ ସନ୍ତାନ ଓ ସେ ବଂଶର ଚତୁର୍ଥ ନରପତି। ତାଙ୍କ ପୂର୍ବରୁ ସିଂହାସନ ଆରୋହଣ କରିଥିବା ତାଙ୍କର ଦୁଇ ଭାଇ ନିସନ୍ତାନ ଥିଲେ। ତେଣୁ ତାଙ୍କର ଦ୍ୱିତୀୟ ଭାଇ ରାଘବ ଦେବଙ୍କ ପରେ ସେ ସିଂହାସନ ଅଳଙ୍କୃତ କଲେ। ସେ ମଧ୍ୟ ଅପୁତ୍ରିକ ଥିବାରୁ ତାଙ୍କପରେ ଚୋଳଗଙ୍ଗ ଦେବଙ୍କ ଚତୁର୍ଥ ପୁତ୍ର ରାଜ ଗାଦିରେ ବସିଥିଲେ। ଚାରିଭାଇ ମିଶି ଓଡ଼ିଶାକୁ ପ୍ରାୟ ଷାଠିଏ ବର୍ଷ ଶାସନ କରିଥିଲେ ଓ ତା' ଭିତରୁ ସର୍ବାଧିକ ପଚିଶ ବର୍ଷ ଥିଲା ମଦନ ମହାଦେବ ବା ରାଜ ରାଜ ଦେବଙ୍କର। ଇତିହାସ ତାଙ୍କୁ ରାଜ ରାଜ ଦେବ ରୂପେ ବର୍ଣ୍ଣନା କରୁଥିବା ବେଳେ ମାଦଳା ପାଞ୍ଜିରେ ସେ ମଦନ ମହାଦେବ ନାମରେ ବର୍ଣ୍ଣିତ ହୋଇଛନ୍ତି।

ମହାରାଜା ମଦନ ମହାଦେବ ତାଙ୍କ ବାପା ଓ ଭାଇମାନଙ୍କ ପରି ପରମ ବୈଷ୍ଣବ ଥିଲେ। ମହାପ୍ରଭୁ ଜଗନ୍ନାଥଙ୍କ ପ୍ରତି ଅଚଳା ଭକ୍ତି ସେ ଉତ୍ତରାଧିକାର ସୂତ୍ରରେ ବାପା ଓ ଭାଇମାନଙ୍କଠାରୁ ପାଇଥିଲେ। ବୈଷ୍ଣବ ଗୁରୁ ରାମାନୁଜାଚାର୍ଯ୍ୟଙ୍କ ଶିଷ୍ୟ ମହାରାଜା ଚୋଳଗଙ୍ଗ ଦେବଙ୍କ ସମୟରୁ ଶ୍ରୀଜଗନ୍ନାଥ ବିଷ୍ଣୁ ରୂପେ ଗୃହୀତ ହୋଇଥିବାରୁ ବୈଦିକ ରୀତିରେ ତାଙ୍କର ପୂଜାର୍ଚ୍ଚନା କରିବା ପାଇଁ ଏକପ୍ରକାର ଉଦ୍ୟମ ଆରମ୍ଭ ହୋଇ ସାରିଥିଲା। ମଦନ ମହାଦେବ ମଧ୍ୟ ସେହି ପଥ ଅନୁସରଣ କରୁଥିଲେ। ମହାରାଜା ଓ ମହାରାଣୀ ପରସ୍ପରକୁ ଅତ୍ୟନ୍ତ ଭଲ ପାଉଥିଲେ ଓ ଆଦର୍ଶ ପତିପତ୍ନୀର ଜୀବନ ଯାପନ କରୁଥିଲେ। ମହାରାଣୀ ମଧ୍ୟ ଥିଲେ ମହାପ୍ରଭୁଙ୍କର ଅନନ୍ୟା ଭକ୍ତ। କିନ୍ତୁ ପତିପତ୍ନୀଙ୍କର ଶ୍ରୀଜଗନ୍ନାଥଙ୍କ ପ୍ରତି ଆଭିମୁଖ୍ୟ ସମ୍ପୂର୍ଣ୍ଣ ଅଲଗା ଥିଲା। ମହାରାଣୀ ଥିଲେ ବୌଦ୍ଧଧର୍ମର ସମର୍ଥକ। ସେ ବିଶ୍ୱାସ କରୁଥିଲେ ଯେ ମହାପ୍ରଭୁ ବିଷ୍ଣୁଙ୍କର ନବମ ଅବତାର ଗୌତମ ବୁଦ୍ଧଙ୍କର ପ୍ରତୀକାତ୍ମକ ବିଗ୍ରହ ଥିଲେ। ତେଣୁ ତାଙ୍କ ଆରାଧନାରେ ବୌଦ୍ଧ ପ୍ରଭାବ ଆନୁପାତିକ ଭାବେ ରହିବା ଉଚିତ। ଏ ବିଷୟକୁ ନେଇ ରାଜା ଓ ରାଣୀଙ୍କ ଭିତରେ ମଝିରେ ମଝିରେ ଯୁକ୍ତିତର୍କ ହୁଏ। କିନ୍ତୁ ତାଙ୍କର ବ୍ୟକ୍ତିଗତ ଜୀବନ ସେ ଯୁକ୍ତିତର୍କ ଦ୍ୱାରା ପ୍ରଭାବିତ ହେଉ ନ ଥିଲା। ରାଜାଙ୍କର ମତ ଥିଲା ଯେ ମହାପ୍ରଭୁ ଥିଲେ ମହାବିଷ୍ଣୁ। ତେଣୁ ବେଦ ବିଶାରଦ ପଣ୍ଡିତମାନେ ତାଙ୍କର ଆରାଧନା ବୈଦିକ ରୀତିରେ କରିବା ସର୍ବାଦୌ ଉଚିତ। ତା' ଉପରେ ମହାରାଣୀ ଯୁକ୍ତି କରୁଥିଲେ ଯେ ମହାତ୍ମା ଆଦିଶଙ୍କର ବୁଦ୍ଧଦେବଙ୍କୁ ବିଷ୍ଣୁଙ୍କର ନବମ ଅବତାର ଓ ଜଗନ୍ନାଥଙ୍କୁ ତାଙ୍କର ପ୍ରତୀକାତ୍ମକ ବିଗ୍ରହ ରୂପେ ଗ୍ରହଣ କରିଛନ୍ତି। ତେଣୁ ତାଙ୍କର ଆରାଧନାରେ ବୌଦ୍ଧ ଶ୍ରମଣମାନଙ୍କର ଯୋଗଦାନ ରହିବା ଠିକ ହେବ। ସେମାନେ ସତ୍ୟପରାୟଣ। ଲୋଭ, ମୋହ ଓ ହିଂସା ପରିତ୍ୟାଗ କରି ସେମାନେ ଆଦର୍ଶ ଜୀବନଯାପନ କରନ୍ତି। ରାଜବାଟୀର ବିଳାସବ୍ୟସନ ଓ ସୁନ୍ଦରୀ ସ୍ତ୍ରୀପୁତ୍ରଙ୍କୁ ତ୍ୟାଗ କରି ସନ୍ନ୍ୟାସ ଗ୍ରହଣ କରିଥିବା ମହାତ୍ମା ଗୌତମ ସେମାନଙ୍କର ଇଷ୍ଟ। ତେଣୁ ମହାପ୍ରଭୁଙ୍କୁ ଆରାଧନାର ଯୋଗ୍ୟତା ତାଙ୍କ ପାଖରେ ବେଶୀ ଅଛି।

ରାଣୀଙ୍କ ଯୁକ୍ତିରେ ରାଜା ବିରକ୍ତ ହେଲେ, କିନ୍ତୁ ତାଙ୍କୁ ଭଲ ପାଉଥିବାରୁ ଉପରକୁ ବିରକ୍ତି ପ୍ରକାଶ କଲେ ନାହିଁ। ସେ କହିଲେ, 'ରାଣୀ, କାହାର ଯୋଗ୍ୟତା ଅଧିକ ବା କମ କେବଳ ତମେ କି ମୁଁ କହିଦେଲେ ହେବ ନାହିଁ। ମୁଁ ଭାବୁଛି ସେଥିପାଇଁ ଗୋଟେ ପରୀକ୍ଷା କରିବା। କ୍ଷେତ୍ରର ଜନ ସାଧାରଣଙ୍କ ଆଗରେ ହିନ୍ଦୁ ଭଟ୍ଟମିଶ୍ର ଓ ବୌଦ୍ଧ ଶ୍ରମଣମାନେ ସେ ପରୀକ୍ଷାର ସମ୍ମୁଖୀନ ହେବେ। ସେ ପରୀକ୍ଷାରେ ଯିଏ ଉତ୍ତୀର୍ଣ୍ଣ ହେବ ତାଙ୍କୁ ଅଧିକ ଯୋଗ୍ୟ ବୋଲି ଘୋଷଣା କରାଯିବ।' 'କି ପରୀକ୍ଷା କଥା ଆପଣ କହୁଛନ୍ତି?' ରାଣୀ ପଚାରିଲେ। ରାଜା କହିଲେ, 'ଗୋଟିଏ ମାଟି ହାଣ୍ଡିରେ ଗୋଟିଏ ଜୀବନ୍ତ ସାପ ରଖି ମାଟି ପଲମ ଘୋଡ଼େଇ ଦିଆଯିବ। ଏ କଥା ଆମ ଦୁଇଜଣଙ୍କ ବ୍ୟତୀତ ଆଉ କେହି ଜାଣିବେ ନାହିଁ। ତାକୁ ନେଇ ସଭା ମଝିରେ ରଖି ଦିଆଯିବ। ସେ ହାଣ୍ଡିରେ କ'ଣ ଅଛି ବୋଲି ଦୁଇଗୋଷ୍ଠୀଙ୍କୁ ପଚରା ଯିବ। ତୁମେ ତ କହୁଛ ବୌଦ୍ଧମାନେ ସତ୍ୟ ପରାୟଣ। ସେମାନେ ଏହି ସତ୍ୟ ଉଦ୍‌ଘାଟନ କରି ପାରିଲେ ସେମାନଙ୍କୁ ଶ୍ରେଷ୍ଠତ୍ୱ ଦିଆଯିବ। ଭଟ୍ଟମିଶ୍ରମାନେ ପରୀକ୍ଷାରେ ଉତ୍ତୀର୍ଣ୍ଣ ହେଲେ ତାଙ୍କୁ ଶ୍ରେଷ୍ଠ ବୋଲି ଘୋଷଣା କରାଯିବ।' ରାଣୀ ରାଜାଙ୍କ କଥାରେ ରାଜି ହେଲେ। ରାଜ୍ୟରେ ଡେଙ୍ଗୁରା ଦେଇ ସେ ବିଷୟ ଘୋଷଣା କରାଗଲା। ସ୍ଥାନ ଓ ସମୟ ସମସ୍ତଙ୍କୁ ଜଣେଇ ଦିଆଗଲା।

ନିର୍ଦ୍ଦିଷ୍ଟ ଦିନ ବଡ଼ଦାଣ୍ଡରେ ହଜାର ହଜାର ଲୋକ ରୁଣ୍ଡ ହେଲେ। ସଭାର ମଝିରେ ରାଜା ଓ ରାଣୀଙ୍କ ପାଇଁ ଆସନ ପଡ଼ିଲା। ଆସନର ଗୋଟିଏ ପଟେ ଭଟ୍ଟମିଶ୍ରମାନେ ଓ ବିପରୀତ ପଟେ ବୌଦ୍ଧ ଶ୍ରମଣମାନେ ଆସୀନ ହେଲେ। ତା' ପରେ ବିଜେ କାହାଳୀ ବାଜିଲା ଓ ପାଲିଙ୍କି ସବାରୀରେ ରାଜାରାଣୀ ଆସି ପହଞ୍ଚିଲେ। ତା' ପରେ ଜଣେ କର୍ମଚାରୀ ଘୋଡ଼ା ହୋଇଥିବା ଏକ ହାଣ୍ଡି ଆଣି ମଣ୍ଡପ ମଝିରେ ରଖିଲା। ତା' ପରେ ଘୋଷକ ଘୋଷଣା କଲା, 'ମହାରାଜା ମଦନ ମହାଦେବଙ୍କର ଜୟ ହେଉ। ଉପସ୍ଥିତ ଭଦ୍ରମଣ୍ଡଳୀ! ଏହି ମାଟି ହାଣ୍ଡିରେ ଏକ ଅଜଣା ଜିନିଷ ରଖାଯାଇଛି। ସେଥିରେ ଯାହା ଅଛି, କେବଳ ମହାରାଜା ଓ ମହାରାଣୀ ଜାଣନ୍ତି। ବୌଦ୍ଧ ଶ୍ରମଣ ଓ ଭଟ୍ଟମିଶ୍ରମାନଙ୍କୁ ସେ ସତ୍ୟ ଉଦ୍‌ଘାଟନ କରିବା ପାଇଁ ସୁଯୋଗ ଦିଆଯିବ। ଯେଉଁମାନେ ଏ ସତ୍ୟ ଉଦ୍‌ଘାଟନ କରି ପାରିବେ, ସେମାନଙ୍କୁ ଶ୍ରେଷ୍ଠ ବୋଲି ଘୋଷଣା କରାଯିବ। ଏ ପରୀକ୍ଷାର ସମ୍ମୁଖୀନ ହେବା ପାଇଁ ମୁଁ ପ୍ରଥମେ ବୌଦ୍ଧ ଶ୍ରମଣମାନଙ୍କୁ ନିମନ୍ତ୍ରଣ କରିବାକୁ ମହାରାଜା ମୋତେ ଅନୁମତି ଦେଇଛନ୍ତି।' ଏ କଥା ଶୁଣି ସଭା ଭିତରେ ଏକ ଗୁଞ୍ଜରଣ ସୃଷ୍ଟି ହେଲା। ତା' ପରେ ସମସ୍ତେ ବୌଦ୍ଧ ଶ୍ରମଣମାନଙ୍କୁ ଚାହିଁ ରହିଲେ। ସେମାନଙ୍କ ଭିତରୁ ଜଣେ ପ୍ରୌଢ଼ ଶ୍ରମଣ ଠିଆ ହୋଇ କହିଲେ, 'ମହାରାଜ! ସତ୍ୟାନୁସନ୍ଧାନ ଆମମାନଙ୍କର ଜୀବନର ପରମ ଲକ୍ଷ୍ୟ। ଏ ଦିଗରେ ଆମେ ଭଗବାନ ବୁଦ୍ଧଙ୍କର ପଦାଙ୍କ ଅନୁସରଣ କରୁ। ମହାତ୍ମା ବୁଦ୍ଧଙ୍କ କରୁଣା ଭିକ୍ଷା କରି ମୁଁ କହିବାକୁ ଚାହେଁ ଯେ ହାଣ୍ଡି ଭିତରେ ଏକ ଜୀବନ୍ତ ସାପ ଅଛି।' ଏ କଥା ଶୁଣି ମହାରାଜାଙ୍କ ମୁହଁ ମଳିନ ପଡ଼ିଗଲା ଓ ରାଣୀଙ୍କ ମୁହଁରେ ଗୋଟିଏ ଛୋଟ ହସ ଖେଳିଗଲା। ରାଜା ବାହାରକୁ କୌଣସି ପ୍ରତିକ୍ରିୟା ପ୍ରକାଶ ନ କରି କହିଲେ, 'ଠିକ ଅଛି। ବର୍ତ୍ତମାନ ଭଟ୍ଟମିଶ୍ରମାନେ କୁହନ୍ତୁ ତା' ଭିତରେ କ'ଣ ଅଛି।' ଭଟ୍ଟମିଶ୍ରମାନଙ୍କ ଭିତରେ ଏକ ପ୍ରକାରର ହଇଚଇ ଖେଳିଗଲା। ସେମାନେ ଜାଣିଥିଲେ ଯେ ଶ୍ରମଣମାନେ ଯାହା କହିଲେ, ତାହା ହିଁ ସତ୍ୟ। ସେମାନଙ୍କ କଥାରେ ଏକମତ ହେବା ମାନେ ପରାଜୟ ସ୍ୱୀକାର କରିବା। ତେଣୁ ସେମାନଙ୍କର ମୁଖ୍ୟ କାଳାନ୍ତକ ବିଦ୍ୟା ପ୍ରୟୋଗ କରି ସାପଟିକୁ ଭସ୍ମ କରିଦେଲେ। ତା' ପରେ ଗଳା ଖଙ୍କାରି କହିଲେ, 'ମହାରାଜ, ହାଣ୍ଡି ଭିତରେ ମୁଠାଏ ପାଉଁଶ ଅଛି।' ଏ କଥା ଶୁଣି ରାଜାଙ୍କ ମୁହଁ ପାଉଁଶିଆ ପଡ଼ିଗଲା। କିନ୍ତୁ ମହାରାଣୀଙ୍କ ମୁହଁ ଆନନ୍ଦରେ ଆଲୋକିତ ହୋଇଉଠିଲା। ସେ କର୍ମଚାରୀକୁ ଘୋଡ଼ଣି ଖୋଲି ଦେବା ପାଇଁ ଆଦେଶ ଦେଲେ। ଘୋଡ଼ଣି ଖୋଲିବା ପରେ ଦେଖାଗଲା ଯେ ସତକୁ ସତ ହାଣ୍ଡିରେ ମୁଠାଏ ପାଉଁଶ ଥିଲା।

ଉପସ୍ଥିତ ଜନତା ନିଃଶ୍ୱାସ ବନ୍ଦ କରି ତା' ପର କାର୍ଯ୍ୟକ୍ରମକୁ ଚାହିଁ ରହିଲେ। ମହାରାଣୀ କିଛି କହିବାକୁ ଚାହୁଁଥିଲେ, କିନ୍ତୁ ରାଜାଙ୍କ ଇଶାରାରେ ଚୁପ ରହିଲେ। ସେତିକିବେଳେ ଜଣେ ବୌଦ୍ଧଶ୍ରମଣ କହିଲେ, 'ମହାରାଜ, ଆମର ବିବେକୀ ମହାରାଜାଙ୍କ ବିବେକକୁ ଏ ମୋର ବିନମ୍ର ନିବେଦନ। ଆପଣ ଜାଣନ୍ତି ସତ୍ୟ କ'ଣ। ଏଠାରେ କାଳାନ୍ତକ ବିଦ୍ୟା ପ୍ରୟୋଗ କରି ସତ୍ୟର କଣ୍ଠରୁଦ୍ଧ କରାଯାଇଛି। ଅସତ୍ୟକୁ ସତ୍ୟରେ ପରିଣତ କରିବା ପାଇଁ ପ୍ରୟାସ କାରାଯାଇଛି। ଆପଣ ବୁଦ୍ଧାବତାର ଶ୍ରୀଜଗନ୍ନାଥଙ୍କୁ ସାକ୍ଷୀ ରଖି ନିଜର ବିବେକାନୁମୋଦିତ ନିଷ୍ପତ୍ତି ଘୋଷଣା କରନ୍ତୁ।' ରାଜା କହିଲେ, 'ଶ୍ରମଣ ମହାଶୟ! ଏଠାରେ ଉପସ୍ଥିତ ସମସ୍ତେ ଯାହା ଦେଖିଲେ ତାହା ହିଁ ସତ୍ୟ। ଆପଣଙ୍କ ଅଭିଯୋଗ ଅମୂଳକ। ଭଟ୍ଟମିଶ୍ରମାନେ ମହାପ୍ରଭୁଙ୍କୁ ସେବା କରିବା ପାଇଁ ଅଧିକ ଯୋଗ୍ୟ। ତାହା ପ୍ରମାଣିତ ହୋଇ ସାରିଛି।' ତା' ପରେ ଶ୍ରମଣମାନଙ୍କୁ ସେଠାରୁ ବାହାର କରିଦେବା ପାଇଁ ସେ ପ୍ରହରୀମାନଙ୍କୁ ନିର୍ଦ୍ଦେଶ ଦେଲେ। ରାଣୀ ମୁଣ୍ଡପୋତି ଅସହାୟ ଭାବେ ଦେଖୁଥିଲେ। ପ୍ରହରୀମାନେ ଶ୍ରମଣମାନଙ୍କ ହାତ ଧରି ବାହାରକୁ ନେବାକୁ ଆରମ୍ଭ କଲେ। ଭଟ୍ଟମିଶ୍ରମାନେ ଏହି ସୁଯୋଗକୁ ଅପେକ୍ଷା କରିଥିଲେ। ସେମାନେ ଗହଳିର ସୁଯୋଗ ନେଇ ଶ୍ରମଣମାନଙ୍କୁ ନିର୍ଦ୍ଦୟ ଭାବେ ମାରିବାକୁ ଲାଗିଲେ। ବୌଦ୍ଧଗୁରୁ ମହାପ୍ରାଜ୍ଞ ସେ ପର୍ଯ୍ୟନ୍ତ ଚୁପଚାପ କାର୍ଯ୍ୟକ୍ରମ ଦେଖୁଥିଲେ। ଶିଷ୍ୟମାନେ ମାଡ଼ ଖାଉଥିବାର ଦେଖି ତାଙ୍କର ଧୈର୍ଯ୍ୟଚ୍ୟୁତି ଘଟିଲା। ସେ ଗୁରୁଗମ୍ଭୀର ସ୍ୱରରେ କହିଲେ, 'ମହାରାଜ! ଆପଣ ଜାଣନ୍ତି ଶ୍ରମଣମାନେ ନିର୍ଦ୍ଦୋଷ। ତଥାପି ଆପଣଙ୍କ ସାମନାରେ ସେମାନେ ଦଣ୍ଡିତ ଓ ଅପମାନିତ ହେଉଛନ୍ତି। ମୁଁ ମୋର ସାରାଜୀବନର ସାଧନାର ଫଳକୁ ବାଜି ଲଗେଇ ଘୋଷଣା କରୁଛି ଯେ ଯଦି ବୌଦ୍ଧ-ଜଗନ୍ନାଥ ସତ୍ୟ, ଆପଣ ଯେଉଁ ମୁହଁରେ ଶ୍ରମଣମାନଙ୍କୁ ପକ୍ଷପାତିତା କରିଛନ୍ତି, ସେ ମୁହଁ କୀଟଦ୍ରଂଷ୍ଟ ହେବ।' ଏତିକି କହିବା ପରେ ସେ ତୀବ୍ର ବେଗରେ ସ୍ଥାନ ତ୍ୟାଗ କଲେ। ଅପ୍ରତ୍ୟାଶିତ ଭାବେ ସଭା ସାଙ୍ଗ ହେଲା।

ଘଟଣାର କିଛିଦିନ ପରେ ରାଜାଙ୍କ ମୁଖ ଗହ୍ୱରରେ ଏକ ଛୋଟ ବ୍ରଣ ସୃଷ୍ଟି ହେଲା। ଦୁଇତିନି ଦିନରେ ବ୍ରଣଟା ବଢ଼ିଯାଇ ଭୀଷଣ ଯନ୍ତ୍ରଣା ଦେଲା। ରାଜବୈଦ୍ୟଙ୍କର ସମସ୍ତ ଚିକିତ୍ସା ବିଫଳ ହେଲା। କାଳକ୍ରମେ ବ୍ରଣ ଫୁଲି ମୁଖ ଗହ୍ୱରକୁ ବନ୍ଦ କରି ଦେଲା ଓ ସେଥିରୁ ଭୀଷଣ ଦୁର୍ଗନ୍ଧ ବାହାରିଲା। ଖାଦ୍ୟପାନୀୟ ଗ୍ରହଣ କରିବା ସମ୍ଭବ ହେଲା ନାହିଁ। ଶେଷକୁ ଶଯ୍ୟାରୁ ଉଠିବା ସମ୍ଭବ ହେଲା ନାହିଁ। ଦିନେ ସେ ଅନୁତପ୍ତ ହୃଦୟରେ ମହାପ୍ରଭୁଙ୍କୁ ପ୍ରାର୍ଥନା କଲେ, 'ମହାବାହୁ! ଆପଣଙ୍କୁ କେବଳ ବୈଷ୍ଣବ ଦେବତା ରୂପେ ପ୍ରତିପାଦନ କରି ମୁଁ ଅପରାଧ କରିଛି। ମୋର ଅହଙ୍କାର ଆପଣଙ୍କ ବୌଦ୍ଧତ୍ୱକୁ ଅସ୍ୱୀକାର କରିବାକୁ ପ୍ରୟାସ କରିଛି। ଆପଣ କରୁଣା ବରୁଣାଳୟ। ମୋର ଅପରାଧ କ୍ଷମା କରନ୍ତୁ, ମହାପ୍ରଭୁ।' କିଛିସମୟ ପରେ ମହାରାଜା ଛାଇ ନିଦରେ ଥିବା ବେଳେ ସ୍ୱପ୍ନରେ ମହାପ୍ରାଜ୍ଞ ତାଙ୍କୁ ଦର୍ଶନ ଦେଇ କହିଲେ, 'ମହାରାଜ, କରୁଣାସାଗର ବୁଦ୍ଧ ଆପଣଙ୍କୁ କ୍ଷମା କରି ଦେଇଛନ୍ତି।'

ରାଜା ଦେଖିଲେ ଯେ ମହାପ୍ରଭୁ ଜଗନ୍ନାଥ ମହାପ୍ରାଜ୍ଞଙ୍କ ପୃଷ୍ଠଭାଗରେ ଠିଆ ହୋଇ ରଙ୍ଗ ଅଧରରେ ମନ୍ଦ ମନ୍ଦ ହସୁଥିଲେ। ତା'ପରଦିନ ସକାଳେ ରାଜା ସମ୍ପୂର୍ଣ୍ଣ ସୁସ୍ଥ ହୋଇଯାଇ ଥିଲେ। ମହାପ୍ରଭୁଙ୍କର ନୀଳକାନ୍ତ ମଣି ସେଠାରେ ପଡ଼ି ରହିଥିଲା। ତାହା ସୂଚିତ କରୁଥିଲା ଯେ ସେ ସେଠାକୁ ଆସିଥିଲେ। ରାଜାଙ୍କର ପରୀକ୍ଷା ପୂର୍ବର ସ୍ୱାସ୍ଥ୍ୟ ଫେରି ଆସିଥିଲା। ସେ ସସ୍ତ୍ରୀକ ମନ୍ଦିରକୁ ଯାଇ ମହାପ୍ରଭୁଙ୍କୁ ଦର୍ଶନ କରି ତାଙ୍କର ମଣି ଫେରାଇଲେ। ରାଜାଙ୍କ ଆଦେଶରେ ପରୀକ୍ଷାରେ ବ୍ୟବହୃତ ହାଣ୍ଡିଟି ଭୋଗମଣ୍ଡପର ଶୀର୍ଷରେ ସ୍ଥାନିତ କରାଗଲା। ଆଜି ମଧ୍ୟ ସେ ହାଣ୍ଡି ଭୋଗ ମଣ୍ଡପର ଶୀର୍ଷରେ ରହି ମହାପ୍ରଭୁଙ୍କୁ ବୁଦ୍ଧ ବୋଲି ଘୋଷଣା କରୁଛି।

ସକାଳ THE SAKALA
ଯୋଗାଯୋଗ ଠିକଣା
NEWS & INFO
news@thesakala.com
CIRCULATION
circulation@thesakala.com
ADVERTISEMENT
advt@thesakala.com
THE SAKALA
(A Unit of Nandighosha Network Pvt. Ltd.)
At: IDCO Plot No. 90 & 91, Bhagabanpur I/E, BBSR-751019
Ph.: 0674-2954342 | 2955342

ଲେଖା ଓ ଲୋକମତ ପାଇଁ: sakalaeditorial@gmail.com

# ଟିଟିଲାଗଡ଼ ବିଜେପି ବିଧାୟକ ପ୍ରାର୍ଥୀଙ୍କ ଆଚରଣ ବିଧି ଉଲ୍ଲଂଘନ

**ନିର୍ବାଚନ ଅଧିକାରୀଙ୍କ ନିକଟରେ ଫେରାଦ ହେଲା ବିଜେଡି**

**ସାଇଲେଣ୍ଟ ପିରିୟଡରେ ପ୍ରଚାର, ବିଜେଡି କର୍ମୀଙ୍କୁ ମରଣାନ୍ତକ ଆକ୍ରମଣ**

**ଉଭୟ ଘଟଣାରେ ତ୍ୱରିତ୍ କାର୍ଯ୍ୟାନୁଷ୍ଠାନ ନିମନ୍ତେ ବିଜେଡିର ଦାବି**

**ଭୁବନେଶ୍ୱର,୧୯ ।୫(ସମିସ):** ସାଇଲେଣ୍ଟ ପିରିୟଡ଼ରେ (ପ୍ରଚାର ନିଷେଧ ଅବଧି ସମୟ) ପ୍ରଚାର କାର୍ଯ୍ୟ ସମ୍ପୂର୍ଣ୍ଣ ନିଷେଧ ଥିବାବେଳେ ଏହାକୁ ଖୋଲାଖୋଲି ଉଲ୍ଲଂଘନ କରୁଛନ୍ତି ଟିଟିଲାଗଡ଼ ବିଜେପି ବିଧାୟକ ପ୍ରାର୍ଥୀ ନବୀନ ଜୈନ। ଯାହା ନିର୍ବାଚନ ଆଚରଣ ବିଧିକୁ ସ୍ପଷ୍ଟ ଭାବେ ଉଲ୍ଲଂଘନ କରୁଛି। ନିଜେ ନବୀନ ସବୁ ନିୟମକୁ ଫୁ କରି ପ୍ରଚାର କାର୍ଯ୍ୟରେ ଲିପ୍ତ ରହିବା ସହ ଭୋଟରଙ୍କୁ ପ୍ରଭାବିତ କରିବାକୁ ଚେଷ୍ଟା କରୁଛନ୍ତି। ଅତଏବ ଏହା ବିରୋଧରେ କଡ଼ା କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବାକୁ ରାଜ୍ୟ ମୁଖ୍ୟ ନିର୍ବାଚନ ଅଧିକାରୀ(ସିଇଓ)ଙ୍କ ନିକଟରେ ଦାବି କରିଛି ବିଜେଡି।

ଅଭିଯୋଗ ଅନୁସାରେ ସାଇଲେଣ୍ଟ ପିରିୟଡ଼ରେ ନବୀନ ସମସ୍ତ ପ୍ରଚାର କାର୍ଯ୍ୟକ୍ରମରେ ଲିପ୍ତ ଅଛନ୍ତି। ଯାହା ନିର୍ବାଚନ ଆଚରଣ ବିଧିର ଖୋଲା ଉଲ୍ଲଂଘନ । ସାଧାରଣତଃ ଏହି ସାଇଲେଣ୍ଟ ପିରିୟଡ ଭୋଟରଙ୍କୁ ନିଜ ନିଷ୍ପତ୍ତି ନେବା ପାଇଁ ଏକ ଅନୁକୂଳ ପରିବେଶ ପ୍ରଦାନ କରିଥାଏ। ମାତ୍ର ବିଜେପି ପ୍ରାର୍ଥୀ ପ୍ରଚାର କାର୍ଯ୍ୟରେ ଲିପ୍ତ ରହି ସାଧାରଣ ଲୋକଙ୍କୁ ପ୍ରଭାବିତ କରିବାକୁ ଚେଷ୍ଟା କରୁଛନ୍ତି। ଅତଏବ ଶ୍ରୀ ଜୈନ ଯେପରି ତୁରନ୍ତ ପ୍ରଚାର କାର୍ଯ୍ୟରୁ କ୍ଷାନ୍ତ ରହିବେ ସେନେଇ ନିର୍ଦ୍ଦେଶ ଦିଆଯାଉ। ସେହିପରି ଶ୍ରୀ ଜୈନ ନିୟମର ଉଲ୍ଲଂଘନ କରିଥିବା ବେଳେ ଏହାର ତଦନ୍ତ କରାଯାଇ ଆବଶ୍ୟକୀୟ ଆଇନଗତ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବାକୁ ପ୍ରତିନିଧି ଦଳ ଦାବି କରିଛି।

ସେହିପରି ଅନ୍ୟ ଏକ ଦାବିପତ୍ର ନେଇ ବିଜେଡିର ଏକ ପ୍ରତିନିଧି ଦଳ ସିଇଓଙ୍କ ତ୍ୱରିତ୍ କାର୍ଯ୍ୟାନୁଷ୍ଠାନ ଦାବି କରିଛି। ଟିଟିଲାଗଡ଼ରେ ବିଜେଡି କର୍ମୀ ଗୌରାଙ୍ଗ ଚରଣ ରଣା ଏବଂ ତାଙ୍କର ସହଯୋଗୀଙ୍କୁ ବିଜେପି ପ୍ରାର୍ଥୀ ନବୀନ ଜୈନଙ୍କ କେତେକ ସମର୍ଥକ ଗତ ୧୭ ତାରିଖରେ ମରଣାନ୍ତକ ଆକ୍ରମଣ କରିଛନ୍ତି। ୧୭ ତାରିଖରେ ଗୌରାଙ୍ଗ ନିଜ ସହଯୋଗୀ ଏବଂ ଡ୍ରାଇଭର ସହ ବଲାଙ୍ଗୀର ଜମୂତ ଗ୍ରାମକୁ ଫେରୁଥିଲେ। ଏହି ସମୟରେ ପ୍ରାୟ ୫୦ରୁ ୬୦ ଜଣ ଲୋକ ସେମାନଙ୍କୁ ଘେରିଯାଇ ମରଣାନ୍ତକ ଆକ୍ରମଣ କରିଥିଲେ। ସେମାନଙ୍କ ନିକଟରୁ ୭୫୦୦ ଟଙ୍କା ଓ ସୁନାଚେନ୍ ମଧ୍ୟ ଲୁଟି ନେଇଥିଲେ।

ନବୀନଙ୍କ ସମର୍ଥକଙ୍କ ଏତାଦୃଶ ଆଚରଣ ମୁକ୍ତ, ଅବାଧ ଏବଂ ନିରପେକ୍ଷ ନିର୍ବାଚନ ପରିଚାଳନାରେ ଅନ୍ତରାୟ ସୃଷ୍ଟି କରୁଛି। ସେମାନଙ୍କ ବିରୋଧରେ ଦୃଢ଼ କାର୍ଯ୍ୟାନୁଷ୍ଠାନ ନେବାକୁ ବିଜେଡି ପ୍ରତିନିଧି ଦଳ ଦାବି କରିଛି। ଏନେଇ ସ୍ଥାନୀୟ ତୁଷରା ପୁଲିସ ଥାନାରେ ଅଭିଯୋଗ ମଧ୍ୟ କରାଯାଇଛି। ଅତଏବ ଆକ୍ରମଣକାରୀଙ୍କ ବିରୁଦ୍ଧରେ କଡ଼ା ଏବଂ ତ୍ୱରିତ୍ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବାକୁ ପ୍ରତିନିଧି ଦଳ ଦାବି କରିଛି। ଏହି ପ୍ରତିନିଧି ଦଳରେ ରାଜ୍ୟସଭା ସାଂସଦ ସୁଲତା ଦେଓ, ଇପ୍ସିତା ସାହୁ, ମଧୁସ୍ମିତା ନାୟକ, ଡ. ପ୍ରିୟବ୍ରତ ମାଝୀ, ମିହିର ରାୟ, ତୁମ୍ବନାଥ ପଣ୍ଡା, ଓମପ୍ରକାଶ ସାହୁ ପ୍ରମୁଖ ଉପସ୍ଥିତ ଥିଲେ।

# ତୃତୀୟ ପର୍ଯ୍ୟାୟ ଭୋଟ୍‌ରେ ବର୍ଷା ଆଶଙ୍କାକୁ ନେଇ ଦ୍ୱନ୍ଦ୍ୱ

**ଭୁବନେଶ୍ୱର,୧୯ ।୫(ସମିସ):** ରାଜ୍ୟର ତୃତୀୟ ପର୍ଯ୍ୟାୟ ନିର୍ବାଚନ ବେଳେ ବାତ୍ୟା ଆଶଙ୍କା ମୁଣ୍ଡ ଟେକିଛି। ୨୨ ତାରିଖ ବେଳକୁ ଲଘୁଚାପ ସୃଷ୍ଟି ହୋଇ ୨୪ ତାରିଖରେ ଏହା ଅବପାତର ରୂପ ନେବ ଓ ପରବର୍ତ୍ତୀ ସମୟରେ ଅଧିକ ଘନୀଭୂତ ହେବ ବୋଲି ଆକଳନ କରାଯାଉଛି। ତେଣୁ ୨୫ ତାରିଖର ସ୍ଥିତିକୁ ନେଇ ଚିନ୍ତା ବଢ଼ିଛି। ଯଦିଓ ଆଇଏମ୍‌ଡି ବର୍ତ୍ତମାନ ପର୍ଯ୍ୟନ୍ତ ବାତ୍ୟା ହେବା ନେଇ ସ୍ପଷ୍ଟ ସୂଚନା ଜାରି କରିନାହିଁ, ମାତ୍ର ପାଣିପାଗର ସ୍ଥିତି ଓ ବିଶେଷଜ୍ଞମାନଙ୍କ ମତାମତକୁ ଗ୍ରହଣ କଲେ ବାତ୍ୟା ଆଶଙ୍କା ଏଡ଼ାଇ ଦିଆଯାଇ ନ ପାରେ। ଅନ୍ୟପଟେ ବାତ୍ୟା ସୃଷ୍ଟି ହେଲେ ଏହା କେଉଁଠାରେ ସ୍ଥଳଭାଗ ଛୁଇଁବ, ଏହାର ତୀବ୍ରତା କେତେ ରହିବ, ବର୍ଷା କେବେଠାରୁ ଆରମ୍ଭ ହେବ ଓ ସର୍ବୋପରି ଓଡ଼ିଶା ଉପରେ କ'ଣ ପ୍ରଭାବ ରହିବ ତାକୁ ନେଇ ଚର୍ଚ୍ଚା ଆରମ୍ଭ ହୋଇଯାଇଛି। ସାଧାରଣ ଲୋକଙ୍କ ସମେତ ରାଜନୈତିକ ଦଳ ଓ ରାଜ୍ୟ ସରକାରଙ୍କ ଉଚ୍ଚସ୍ତରୀୟ ଅଧିକାରୀମାନେ ମଧ୍ୟ ଏହାକୁ ନେଇ ଚିନ୍ତିତ। ୨୫ ତାରିଖରେ ରାଜ୍ୟର ତୃତୀୟ ପର୍ଯ୍ୟାୟ ନର୍ବାଚନ ପାଇଁ ଭୋଟ୍ ଗ୍ରହଣ ହେବାକୁ ଥିବାରୁ ଯଦି ଏହି ସମୟରେ ବାତ୍ୟା ଜନିତ କୌଣସି ପ୍ରଭାବ ରହେ ତେବେ ଭୋଟଗ୍ରହଣ ଏହା ଏକ ଆହ୍ୱାନ ହୋଇପାରେ।

ପାଣିପାଗ ବିଶେଷଜ୍ଞ ପ୍ରଫେସର ସୁରେନ୍ଦ୍ରନାଥ ପଶୁପାଳକ କହିଛନ୍ତି ଯେ ଆସନ୍ତା ୨୧ ତାରିଖରେ ସୃଷ୍ଟି ହେବାକୁ ଥିବା ଘୂର୍ଣ୍ଣିବଳୟ ୨୨ ତାରିଖରେ ଲଘୁଚାପର ରୂପ ନେବ। ୨୩ରେ ଏହା ଅବପାତ ଓ ୨୪ରେ ଏହା ଗଭୀର ଅବପାତରେ ପରିଣତ ହେବ। ତେବେ ଏହି ଗଭୀର ଅବପାତଟି ୨୫ ତାରିଖ ସୁଦ୍ଧା ଅଧିକ ଘନୀଭୂତ ହେବା ପାଇଁ ପାଗ ଅନୁକୂଳ ରହୁଛି। ଏପରିକି ଏହା ବାତ୍ୟାରେ ପରିଣତ ହେବାର ସମ୍ଭାବନାକୁ ଏଡ଼ାଇ ଦିଆଯାଇ ନ ପାରେ। ବିଭିନ୍ନ ମଡେଲ୍‌ର ତଥ୍ୟକୁ ବିଶ୍ଳେଷଣ କରି ପ୍ରଫେସର ପଶୁପାଳକ କହିଛନ୍ତି ଯେ ଏହା ପ୍ରଥମେ ଉତ୍ତର-ପୂର୍ବ ଏବଂ ୨୩ ତାରିଖ ପରେ ଉତ୍ତର-ପଶ୍ଚିମ ଦିଗରେ ଗତି କରିବ ଏବଂ ୨୫ରେ ଉପକୂଳ ଛୁଇଁବ। ପ୍ରାକ୍ ମୌସୁମୀ ବାତ୍ୟା ସମୁଦ୍ରରେ କମ୍ ସମୟ ରହିଲେ ମଧ୍ୟ ଶୀଘ୍ର ଘନୀଭୂତ ହୋଇଥାଏ। ତେବେ ସମ୍ଭାବ୍ୟ ବାତ୍ୟା ସମ୍ପର୍କରେ ଆସନ୍ତା ୨ ଦିନ ପରେ ହିଁ ଗତିପଥ ଓ ଘନୀଭୂତର ମାତ୍ରା ସ୍ପଷ୍ଟ କହିହେବ ବୋଲି ସେ କହିଛନ୍ତି। ବର୍ତ୍ତମାନ ସୁଦ୍ଧା ରାଜ୍ୟର ବିଭିନ୍ନ ସ୍ଥାନରେ ପ୍ରବଳ ବର୍ଷାର ସମ୍ଭାବନା ରହିଛି। ଗତିପଥ ସ୍ପଷ୍ଟ ହେଲେ ପବନର ବେଗ କହି ହେବ ବୋଲି ପ୍ରଫେସର ପଶୁପାଳକ କହିଛନ୍ତି।

**ବାତ୍ୟା ନେଇ ଆକଳନ ଜାରି କରି ନାହିଁ ଆଇଏମ୍‌ଡି**

**ଆଉ ଦୁଇ ଦିନ ପରେ ଆସିବ ବାତ୍ୟା ସଂକ୍ରାନ୍ତ ସ୍ପଷ୍ଟ ଚିତ୍ର**

**ନିର୍ବାଚନ ପୂର୍ବରୁ ଗଣ୍ଡଗୋଳ**

# କଂଗ୍ରେସ କର୍ମୀଙ୍କ ମାଡ଼ରେ ବିଜେଡି କର୍ମୀଙ୍କ ପରିବାର ଗୁରୁତର

**ବଲାଙ୍ଗିର, ୧୯ ।୫(ସମିସ):** ବଲାଙ୍ଗିର ସଦରଥାନା ମାୟାବର୍ହା ଗାଁରେ ନିର୍ବାଚନ ପୂର୍ବରୁ ଗଣ୍ଡଗୋଳ ଘଟିଛି। ଏହି ଗାଁର ବିଜେଡି କର୍ମୀ ବିଭୂତି ପଟେଲ ଓ ତାଙ୍କ ପରିବାରକୁ କଂଗ୍ରେସର କିଛି କର୍ମୀ ଆକ୍ରମଣ କରିଥିବା ଅଭିଯୋଗ ହୋଇଛି। ଆକ୍ରମଣରେ ୪ ଜଣ ପୀଡ଼ିତ ଭୀମଭୋଇ ମେଡିକାଲ କଲେଜ୍ ଡାକ୍ତରଖାନାରେ ଭର୍ତ୍ତି ହୋଇଛନ୍ତି। ରବିବାର ସନ୍ଧ୍ୟାରେ ସଦରଥାନା ମାୟାବର୍ହା ଗାଁର ବିଭୂତି ପଟେଲଙ୍କୁ କିଛି ଯୁବକ ଆସି ଧମକ ଦେଇଥିଲେ। ନିର୍ବାଚନ ଥିବାରୁ ବିଭୂତି ନୀରବ ରହିଥିଲେ। ପରବର୍ତ୍ତୀ ସମୟରେ ଗାଁର ଭରତ ରାଉତ ଓ ତାଙ୍କ ପରିବାର ଆସି ବିଭୂତି ଓ ତାଙ୍କ ପରିବାରକୁ ମରଣାନ୍ତକ ଆକ୍ରମଣ କରିଥିଲେ। ଏଥିରେ ବିଭୂତିଙ୍କ ସହ ତାଙ୍କ ସ୍ତ୍ରୀ ମନିଷା ପଟେଲ, ବାପା ଜଗନ୍ନାଥ ପଟେଲ, ରାମନାଥ ପଟେଲ, ମଧୁ ପଟେଲ, ବିବେକା ପଟେଲ ଓ ସୁରେଖା ପଟେଲ ଆହତ ହୋଇଛନ୍ତି। ବିଭୂତି ବିଜେଡିର ଜଣେ କର୍ମୀ ହୋଇଥିବାବେଳେ ଭରତ କଂଗ୍ରେସ କର୍ମୀ ବୋଲି ଅଭିଯୋଗ ହୋଇଛି। ରାଜନୈତିକ କାରଣରୁ ଏହି ଘଟଣା ଘଟିଥିବା ବିଭୂତି ଅଭିଯୋଗ କରିଛନ୍ତି। ଏହି ଘଟଣାରେ ପୁଲିସ ଜଣକୁ ଅଟକ ରଖିଛି।




# ମୟୂରଭଞ୍ଜ ବିଜେଡି ନେତାଙ୍କୁ ଗୁରୁତ୍ୱପୂର୍ଣ୍ଣ ଦାୟିତ୍ୱ

**ଭୁବନେଶ୍ୱର,୧୯ ।୫(ସମିସ):** ବିଜେଡି ସୁପ୍ରିମୋ ତଥା ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକଙ୍କ ଅନୁମୋଦନକ୍ରମେ ମୟୂରଭଞ୍ଜ ଜିଲ୍ଲାର ବିଜେଡି ନେତାଙ୍କୁ ବିଭିନ୍ନ ଦାୟିତ୍ୱ ପ୍ରଦାନ କରାଯାଇଛି। ସୂଚନା ଅନୁସାରେ ପ୍ରିୟନାଥ ମାର୍ଣ୍ଡି ଏବଂ ବିଶ୍ୱନାଥ ହେମ୍ବ୍ରମ୍‌ଙ୍କୁ ଜିଲ୍ଲା କମିଟି ସମ୍ପାଦକ ଦାୟିତ୍ୱ ମିଳିଛି। ସେହିପରି ସୁନୀଲ ଦାସ ବାଙ୍ଗିରିପୋଷି ବିଧାନସଭା କ୍ଷେତ୍ର ପାଇଁ ବିଜେଡିର ନିର୍ବାଚନ ସଂଯୋଜକ ଏବଂ ନରେନ୍ଦ୍ର ହାଂସଦା କୁଳିଅଣା ବ୍ଲକ ନିର୍ବାଚନ ସଂଯୋଜକ ଦାୟିତ୍ୱ ନିର୍ବାହ କରିବେ। ବିଜେଡି ସଂଗଠନ ସମ୍ପାଦକ ପ୍ରବଣ ପ୍ରକାଶ ଦାସ ଏକ ପ୍ରେସ୍ ବିଜ୍ଞପ୍ତିରେ ଏହି ସୂଚନା ଦେଇଛନ୍ତି।

# ଅବଶିଷ୍ଟାଂଶ...

## ଆଣ୍ଡାମାନ-ନିକୋବର...

ନିକୋବର ଦ୍ୱୀପ ପୁଞ୍ଜ ଏବଂ ଦକ୍ଷିଣ ଆଣ୍ଡାମାନ ସାଗରର କିଛି ଅଂଶ ଦେଇ ଆଗକୁ ବଢ଼ିଛି। ଏହା ଜୁନ୍ ୧ରୁ ୫ ମଧ୍ୟରେ ତାମିଲନାଡୁ, ୪ରୁ ୧୧ ମଧ୍ୟରେ ଆନ୍ଧ୍ର ପ୍ରଦେଶ, ୩ରୁ ୮ ମଧ୍ୟରେ କର୍ଣ୍ଣାଟକ, ୧୧ରୁ ୧୬ ଭିତରେ ଓଡ଼ିଶା ଏବଂ ୧୩ରୁ ୧୮ ମଧ୍ୟରେ ବିହାରରେ ପ୍ରବେଶ କରିବ।

ଏବେ ଆଣ୍ଡାମାନରେ ପ୍ରବଳ ବର୍ଷା ହେଉଥିବାବେଳେ ରାଜଧାନୀ ଦିଲ୍ଲୀ ଦେଶର ସବୁଠାରୁ ଉତ୍ତପ୍ତ ନଗର ପାଲଟି ଯାଇଛି। ଗତକାଲି ଦିଲ୍ଲୀରେ ସର୍ବୋଚ୍ଚ ତାପମାତ୍ରା ୪୭.୮ ଡିଗ୍ରୀ ସେଲସିୟସ୍ ରେକର୍ଡ କରାଯାଇଥିଲା। ଅସହ୍ୟ ଗରମ ସାଙ୍ଗକୁ ଗୁଳୁଗୁଳିରେ ଲୋକେ ଏବଂ ପଶୁପକ୍ଷୀ ଛଟପଟ ହୋଇଥିଲେ। ସେହିପରି ଦିଲ୍ଲୀ, ପଞ୍ଜାବ, ହରିୟାଣା, ରାଜସ୍ଥାନ, ଉତ୍ତରପ୍ରଦେଶ, ହିମାଚଳ ପ୍ରଦେଶ, ଗୁଜରାଟ ଓ ମଧ୍ୟପ୍ରଦେଶର ଅନ୍ୟୂନ ୨୦ଟି ନଗର ଓ ସହରରେ ତାପମାତ୍ରା ମଧ୍ୟ ୪୫ ଡିଗ୍ରୀ ସେଲସିୟସ୍ ଠାରୁ ଅଧିକ ରହିଥିଲା। ଏହି ଗ୍ରୀଷ୍ମ ଲହର ଆହୁରି ୩/୪ ଦିନ ଲାଗିରହିବ ବୋଲି ପାଣିପାଗ ବିଭାଗ ସତର୍କ ସୂଚନା ଦେଇଛି। ହରିୟାଣା, ଦିଲ୍ଲୀ, ଚଣ୍ଡିଗଡ଼, ପଞ୍ଜାବ ଓ ପଶ୍ଚିମ ରାଜସ୍ଥାନରେ ରେଡ୍ ଆଲର୍ଟ ଏବଂ ଉତ୍ତରପ୍ରଦେଶ ଓ ପୂର୍ବ ରାଜସ୍ଥାନରେ ଅରେଞ୍ଜ ଆଲର୍ଟ ଜାରି କରାଯାଇଛି।

## ମିଛ ଓ ଅପପ୍ରଚାର...

ବିରୋଧୀ ଦଳ ନେତା ମାନେ ମିଛ କଥା କହୁଛନ୍ତି ଓ ଅପପ୍ରଚାର କରୁଛନ୍ତି। ଆପଣମାନେ ସେମାନଙ୍କ ପ୍ରତି ସତର୍କ ହୋଇ ରୁହନ୍ତୁ। ମୁଖ୍ୟମନ୍ତ୍ରୀ ପଚାରିଥିଲେ ନବୀନ ପଟ୍ଟନାୟକ ଭଲ କି? ଉତ୍ତରରେ ଉତ୍ସାହିତ ଜନତା ଭାବବିହ୍ୱଳ ହୋଇ କରତାଳି ଦେଇ "ହଁ' ଧ୍ୱନୀରେ ସଭାସ୍ଥଳକୁ ପ୍ରକମ୍ପିତ କରିଥିଲେ। ମୁଖ୍ୟମନ୍ତ୍ରୀ ବିଏସ୍‌କେୱାଇ, ମିଶନ ଶକ୍ତି, ମମତା, ଲକ୍ଷ୍ମୀ ବସ୍, ୫-ଟି ସ୍କୁଲ ରୂପାନ୍ତରଣ, ଛାତ୍ରବୃତ୍ତି, ଚାଷୀଙ୍କ ପାଇଁ କାଳିଆ, ମଧୁବାବୁ ପେନ୍‌ସନ୍ ଓ ଚାଉଳ କାର୍ଡ ପରି ଜନକଲ୍ୟାଣକାରୀ ଯୋଜନାର ସୁଫଳ ସଂପର୍କରେ ଲୋକମାନଙ୍କ ଠାରୁ ମତାମତ ନେଇଥିଲେ। ମୁଖ୍ୟମନ୍ତ୍ରୀ ପୁଣି କହିଥିଲେ ଯେ ଜୁଲାଇ ମାସରୁ ବିଜୁଳି ବିଲ୍ ଆସିବ ନାହିଁ। ବିଜୁ ଜନତା ଦଳ ସରକାର ବିଜୁଳି ମାଗଣାରେ ଦେବେ। ଏଥିରେ ଆପଣମାନେ ଖୁସି ତ ବୋଲି ଲୋକଙ୍କୁ ପଚାରିଥିଲେ। ସମବେତ ଜନତା ଉଚ୍ଚସ୍ୱରରେ ହଁ ଭରିଥିଲେ। ପୁରୀ ଶ୍ରୀମନ୍ଦିର କାମ ଓ ମା ସମଲେଇଙ୍କ ପ୍ରକଳ୍ପ କାମ କିଭଳି ଲାଗୁଛି ବୋଲି ଲୋକଙ୍କ ମତ ନେଇଥିଲେ ମୁଖ୍ୟମନ୍ତ୍ରୀ। ଶେଷରେ ଭଦ୍ରକ ଲୋକସଭା ନିର୍ବାଚନ ମଣ୍ଡଳୀର ବିଜୁ ଜନତା ଦଳର ସାଂସଦ ଓ ସମସ୍ତ ବିଧାୟକ ପ୍ରାର୍ଥୀଙ୍କୁ ବିପୁଳ ସଂଖ୍ୟାରେ ଭୋଟ ଦେଇ ଆଶୀର୍ବାଦ କରିବାକୁ ଅନୁରୋଧ କରିଥିଲେ ମୁଖ୍ୟମନ୍ତ୍ରୀ।

## ମୁଖ୍ୟମନ୍ତ୍ରୀଙ୍କ ପ୍ରତି...

ହେବ ଓଡିଶାର ୯୦ ପ୍ରତିଶତ ପରିବାର ପାଇଁ ବିଜୁଳି ବିଲ୍ ଛାଡ। ଦ୍ୱିତୀୟ ଦସ୍ତଖତ ହେବ ସମସ୍ତେ ବିଏସ୍‌କେୱାଇରେ ସାମିଲ ହେବେ। ସମସ୍ତଙ୍କୁ ବିଏସ୍‌କେୱାଇ ନବୀନ କାର୍ଡ ମିଳିବ। ତୃତୀୟ ଦସ୍ତଖତ ହେବ ୬୦ ବର୍ଷ ପରେ ମିଶନ ଶକ୍ତି ସଦସ୍ୟା ଓ କର୍ମୀମାନଙ୍କ ପାଇଁ ପେନ୍‌ସନ ବ୍ୟବସ୍ଥା। ଆପଣମାନଙ୍କ ମୁହଁରେ ହସ ଫୁଟାଇବା ପାଇଁ ମୁଖ୍ୟମନ୍ତ୍ରୀ ଦିନରାତି ୨୪ ଘଣ୍ଟା କଠିନ ପରିଶ୍ରମ କରୁଛନ୍ତି। ୫ ବର୍ଷରେ ଥରେ ଆପଣମାନଙ୍କ ପାଖକୁ ସୁଯୋଗ ଆସିଛି ତାଙ୍କୁ ଆଶୀର୍ବାଦ କରିବାକୁ। ଆପଣମାନେ ବିପୁଳ ସଂଖ୍ୟାରେ ତାଙ୍କୁ ଆଶୀର୍ବାଦ କରନ୍ତୁ, ମୁଖ୍ୟମନ୍ତ୍ରୀଙ୍କ ହାତମୁଠା ମଜବୁତ ହେବ ଓ ସେ ଆହୁରି ସଶକ୍ତ ହେବେ। ୯୦ ପ୍ରତିଶତ ଭୋଟ ବ୍ୟବଧାନରେ ଉଭୟ ସାଂସଦ ଓ ବିଧାୟକ ପ୍ରାର୍ଥୀଙ୍କୁ ଜିତାଇବା ପାଇଁ ସେ ଅନୁରୋଧ କରିଥିଲେ।

କେନ୍ଦୁଝରରେ ଶ୍ରୀ ପାଣ୍ଡିଆନ୍ କହିଥିଲେ, ମୁଖ୍ୟମନ୍ତ୍ରୀଙ୍କ ବିଶାଳ ହୃଦୟରେ ସବୁଠାରୁ ଭଲ ଜାଗାରେ ଅଛନ୍ତି ଆଦିବାସୀ ଭାଇଭଉଣୀମାନେ। ସେମାନଙ୍କର କଳା, ସଂସ୍କୃତି, ପୂଜାସ୍ଥଳୀର ରକ୍ଷଣାବେକ୍ଷଣ ଓ ବିକାଶ ପାଇଁ ସ୍ୱତନ୍ତ୍ର ଉନ୍ନୟନ ପରିଷଦ ଗଠନ କରିଛନ୍ତି, ଭାରତବର୍ଷର କୌଣସି ରାଜ୍ୟରେ ହୋଇନାହିଁ। ଆଦିବାସୀ ଭାଇଭଉଣୀ ମାନଙ୍କ ଉପରୁ ୫୦ ହଜାର ଛୋଟ ବଡ ପୋଲିସ କେସ୍ ରଦ୍ଦ କରିଛନ୍ତି। ଜଙ୍ଗଲ ଉପରେ ନିର୍ଭରଶୀଳ ଆଦିବାସୀ ଭାଇଭଉଣୀମାନେ ଠକାମୀର ଶିକାର ନ ହେବା ପାଇଁ "ଲାଭ' ଯୋଜନା ଆରମ୍ଭ କରିଛନ୍ତି। ହଜାର ହଜାର ହଷ୍ଟେଲ ମାଧ୍ୟମରେ ଲକ୍ଷ ଲକ୍ଷ ଆଦିବାସୀ ପିଲା ପାଠ ପଢୁଛନ୍ତି ବୋଲି କହିଥିଲେ।

ଭଦ୍ରକ ଅଞ୍ଚଳର ବିକାଶର ହିସାବ ଦେଇ ସେ କହିଲେ ଯେ ଭଦ୍ରକ ରିଙ୍ଗ ରୋଡ ପାଇଁ ମୁଖ୍ୟମନ୍ତ୍ରୀ ୪୦୦ କୋଟି ମଞ୍ଜୁର କରିଛନ୍ତି। ଭଦ୍ରକାଳୀ ମନ୍ଦିର ପାଇଁ ୪୦ କୋଟି ଟଙ୍କା ମଞ୍ଜୁର କରାଯାଇଛି। ମୁଖ୍ୟମନ୍ତ୍ରୀଙ୍କ ବିକାଶର ଏହି ବାର୍ତ୍ତାକୁ ଘରେ ଘରେ ପହଞ୍ଚାଇବା ପାଇଁ ଶ୍ରୀ ପାଣ୍ଡିଆନ ଅନୁରୋଧ କରିଥିଲେ। କାର୍ଯ୍ୟକ୍ରମରେ ଭଦ୍ରକ ଲୋକସଭା ନିର୍ବାଚନ ମଣ୍ଡଳୀର ସାଂସଦ ପ୍ରାର୍ଥୀ ମଞ୍ଜୁଲତା ମଣ୍ଡଳ, ଭଣ୍ଡାରିପୋଖରୀ ବିଧାୟକ ପ୍ରାର୍ଥୀ ସଞ୍ଜିବ ମଲ୍ଲିକ, ଭଦ୍ରକ ବିଧାୟକ ପ୍ରାର୍ଥୀ ପ୍ରଫୁଲ୍ଲ ସାମଲ, ସିମୁଳିଆ ବିଧାୟକ ପ୍ରାର୍ଥୀ ସୁଭାଶିନୀ ସାହୁ, ଧାମନଗର ବିଧାୟକ ପ୍ରାର୍ଥୀ ସଂଜୟ କୁମାର ଦାସ, ବାସୁଦେବପୁର ବିଧାୟକ ପ୍ରାର୍ଥୀ ବିଷ୍ଣୁବ୍ରତ ରାଉତରାୟ, ଚାନ୍ଦବାଲି ବିଧାୟକ ପ୍ରାର୍ଥୀ ବ୍ୟୋମକେଶ ରାୟ ଓ ସୋରର ବିଧାୟକ ପ୍ରାର୍ଥୀ ମାଧବ ଧଡା ପ୍ରମୁଖ ନିଜ ନିଜର ଅଭିଭାଷଣରେ ବିଜୁ ଜନତା ଦଳକୁ ବିପୁଳ ସଂଖ୍ୟାରେ ଭୋଟ ଦେଇ ଓଡିଶାର ବିକାଶ ରଥକୁ ଆହୁରି ଗତିଶୀଳ କରିବା ପାଇଁ ଅନୁରୋଧ କରିଥିଲେ।

## କାମର ହିସାବ...

ଆପଣମାନେ କେବଳ ଶଙ୍ଖ ଚିହ୍ନକୁ ଚିହ୍ନନ୍ତୁ, ମୁଖ୍ୟମନ୍ତ୍ରୀଙ୍କ କାମକୁ ଦେଖନ୍ତୁ। ୨୫ ତାରିଖରେ ବିଜେଡିର ସାଂସଦ ପ୍ରାର୍ଥୀ ପ୍ରଣବ ପ୍ରକାଶ ଦାସ, କୁଚିଣ୍ଡା ବିଧାୟକ ପ୍ରାର୍ଥୀ ରାଜେନ୍ଦ୍ର ଛତ୍ରିଆଙ୍କୁ ଜୋରଦାର୍ ଆଶୀର୍ବାଦ କରନ୍ତୁ। ପ୍ରଣବ ବାବୁ ଚୁପ୍‌ଚାପ୍ କାମ କରନ୍ତି, ୧୦୦ ଗୁଣ ଅଧିକ କାମ କରନ୍ତି। ତାଙ୍କୁ ଆଶୀର୍ବାଦ କଲେ ବିକାଶର ଗତି ତୀବ୍ର ହେବ ବୋଲି ଶ୍ରୀ ପାଣ୍ଡିଆନ୍ କହିଛନ୍ତି।

ସେ କହିଛନ୍ତି ଯେ ବିଜେପି ନେତାଙ୍କ ପାଇଁ ବ୍ୟକ୍ତିଗତ ସ୍ୱାର୍ଥ ଆଗ। ଲୋକଙ୍କ ସ୍ୱାର୍ଥ ସେମାନଙ୍କ ପାଇଁ କିଛି ଗୁରୁତ୍ୱ ରଖେ ନାହିଁ। ବିଜେପିକୁ ସମର୍ଥନ ଦେଲେ କୁଚିଣ୍ଡା ଆହୁରି ୨୦ ବର୍ଷ ପଛକୁ ଚାଲିଯିବ। ନିଜ କାମର ହିସାବ ବି ଦେଇପାରୁ ନାହାନ୍ତି। କୁଚିଣ୍ଡାର ଯଦି କେହି ବିକାଶ କରିଛି, ଲୋକଙ୍କ ସମସ୍ୟା ଦୂର କରିଛି ସେ ହେଉଛନ୍ତି ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ। କେନ୍ଦ୍ରମନ୍ତ୍ରୀ ସବୁ କାମରେ ନିଜ ଫାଇଦା ଦେଖନ୍ତି; କିନ୍ତୁ ଆମ ମୁଖ୍ୟମନ୍ତ୍ରୀ ସର୍ବଦା ସେବାରେ ବିଶ୍ୱାସ ରଖନ୍ତି। ଗତ ୧୦ ବର୍ଷ ବିଜେପି ଶାସନରେ ଲୋକେ କେବଳ ଦୁର୍ଦ୍ଦଶା ପାଇଛନ୍ତି। ଅତ୍ୟାବଶ୍ୟକ ଖାଉଟି ସାମଗ୍ରୀର ଦରଦାମ ବଢ଼ାଇଲେ, ଏଲପିଜି, ପେଟ୍ରୋଲ, ଡିଜେଲ ସବୁ ଦର ବଢ଼ାଇଲେ। ପ୍ରତିଶ୍ରୁତି ରକ୍ଷା କରି ଲୋକଙ୍କୁ ରୋଜଗାର ଦେଇପାରିଲେ ନାହିଁ। ଯାହା ଯାହା କହିଥିଲେ, ସେଥିରୁ ଗୋଟିଏ ବି କାମ କଲେ ନାହିଁ। ଏପରି ଦଳକୁ ଯଦି ଆଉ ଥରେ ଆଶୀର୍ବାଦ କରିବେ, ତା ହେଲେ ଦରଦାମ ପୁଣି ବଢ଼ିବ। ଲୋକଙ୍କ ଦୁର୍ଦ୍ଦଶାର ଅନ୍ତ ହେବ ନାହିଁ।

କୁଚିଣ୍ଡାରେ କାମର ହିସାବ ଦେଇ ଶ୍ରୀ ପାଣ୍ଡିଆନ୍ କହିଛନ୍ତି ଯେ ଆପଣଙ୍କ ଅଞ୍ଚଳର କାମ କରି ମୁଖ୍ୟମନ୍ତ୍ରୀ ବହୁତ ଖୁସି। କୁଚିଣ୍ଡାରେ ୫୦ ହଜାର ଚାଷୀ ଲଙ୍କା ଚାଷ କରନ୍ତି, ମୁଖ୍ୟମନ୍ତ୍ରୀ ସେମାନଙ୍କ ପାଇଁ ସ୍ୱତନ୍ତ୍ର ପ୍ୟାକେଜ ଆଣିବେ। ଶୀତଳଭଣ୍ଡାର ପାଇଁ ସ୍ୱତନ୍ତ୍ର ବ୍ୟବସ୍ଥା ହେବ। ବାମରାକୁ ଏନ୍‌ଏସି କରାଯାଇଛି। ବୁରୁବୁଡା ମହାବୀର ଧାମ, କିରଣସନ ସ୍ୱପ୍ନେଶ୍ୱର ବାବା ଶିବ ମନ୍ଦିର, ପାନପାଲ୍ଲି ଶିବ ମନ୍ଦିର ରୂପାନ୍ତର କରାଯାଇଛି। କୁଚିଣ୍ଡା କମ୍ୟୁନିଟି ସେଣ୍ଟର ନିର୍ମାଣ ହୋଇଛି। ମୁଖ୍ୟମନ୍ତ୍ରୀ ସ୍ୱତନ୍ତ୍ର ଭାବେ କୁଚିଣ୍ଡା ପାଇଁ ୨୯ କୋଟି ଟଙ୍କାର ସହାୟତା ଦେଇ ପ୍ରକଳ୍ପ କରିଛନ୍ତି। ଏହା ସବୁଠାରୁ ଅଧିକ। ଅନ୍ୟ ଅଞ୍ଚଳ ଠାରୁ କୁଚିଣ୍ଡାକୁ ଦୁଇ ଗୁଣା ସହାୟତା ଦିଆଯାଇଛି। କୁଚିଣ୍ଡାରେ ୧୪ କୋଟି ଟଙ୍କାରେ ଆଇଟିଆଇ ପ୍ରତିଷ୍ଠା ହୋଇଛି। ଜଳସେଚନ ପାଇଁ ବିଭିନ୍ନ ସ୍ଥାନରେ ଆଡିବନ୍ଧ କରାଯାଇଛି। ବୁଡୁଲାପାଲ୍ଲୀ ଆଡିବନ୍ଧ ପାଇଁ ୧୨୮ କୋଟି ଟଙ୍କା ଦିଆଯାଇଛି। ବୁଢ଼ାରଜା ଆଡିବନ୍ଧ ପାଇଁ ୫୮ କୋଟି, କିରଣସନ ଆଡିବନ୍ଧ ପାଇଁ ୪୭ କୋଟି, ସଇଡା ଆଡିବନ୍ଧ ପାଇଁ ୩୮ କୋଟି ଓ ଗୋଚର ଆଡିବନ୍ଧ ପାଇଁ ୩୫ କୋଟି ଟଙ୍କା ମୁଖ୍ୟମନ୍ତ୍ରୀ ଦେଇଛନ୍ତି।

କୁଚିଣ୍ଡା, ବାମରା ଓ ଜମନକିରାର ୫୧ଟି ପଞ୍ଚାୟତରେ ପାଇପ୍ ପାଣି ପାଇଁ ୩୧୦ କୋଟି ଟଙ୍କାର କାମ ଚାଲିଛି। ନରେନ୍ଦ୍ରରୁ କୁଚିଣ୍ଡା ରାସ୍ତା କାମ ପାଇଁ ୪୨ କୋଟି, ଫସିମଲରୁ ଲଇଡା ରାସ୍ତା ପାଇଁ ୨୨.୫୦ କୋଟି, କେସାଇବାହାଲରୁ ସରଗିଡିହି ରାସ୍ତା ପାଇଁ ୧୬ କୋଟି, ଲାଡଫାସିମାଲରୁ ଷଣ୍ଢ ପଥର ରାସ୍ତା ପାଇଁ ୬ କୋଟି, ୬୦ଟି କଂକ୍ରିଟ୍ ରାସ୍ତା ପାଇଁ ୫ କୋଟି, ୪ ଟି ବୃହତ ସେତୁ ପାଇଁ ୪୦ କୋଟି, ହକି ଟ୍ରେନିଂ ସେଣ୍ଟର ଓ ଇଣ୍ଡୋର ଷ୍ଟାଡିୟମ୍ ପାଇଁ ୨୦ କୋଟି ଦିଆଯାଇଛି। ଏହି ଅଞ୍ଚଳରେ ହାଇଟେକ୍ ସର୍ଭେ କରାଯାଇଛି, ସମସ୍ତଙ୍କୁ ଶୀଘ୍ର ଜମି ପଟ୍ଟା ମିଳିବ। କୁଚିଣ୍ଡାର ୭୨ଟି ହାଇସ୍କୁଲ, ୧୮ ଟି ହାୟର୍ ସେକେଣ୍ଡାରୀ ସ୍କୁଲ ଓ କଲେଜର ରୂପାନ୍ତର କରାଯାଇଛି। ୫୦ ହଜାର ଚାଷୀଙ୍କୁ କାଳିଆ ସହାୟତା ମିଳିଛି। ୩୧୫୦ ଛାତ୍ରଛାତ୍ରୀଙ୍କୁ ନୂଆ ଓ ଛାତ୍ରବୃତି ମିଳିଛି। ୨୩ ହଜାର ଚାଷୀ ଫସଲ ବୀମା ପାଇଁ ମୁଖ୍ୟମନ୍ତ୍ରୀ ପ୍ରିମିୟମ୍ ଭରିଛନ୍ତି। କୁଚିଣ୍ଡାର ୨୪୦୦ ମିଶନ ଶକ୍ତି ଗୋଷ୍ଠୀର ମା' ମାନଙ୍କୁ ୧୩୫ କୋଟି ଟଙ୍କା ଋଣ ବିନା ସୁଧରେ ଦିଆଯାଇଛି। ବିଏସ୍‌କେୱାଇରେ ୭୧,୫୦୦ ଲୋକ ସୁବିଧା ପାଉଛନ୍ତି। ଗତବର୍ଷ ୫ ହଜାର ଲୋକଙ୍କ ପାଇଁ ବିଏସ୍‌କେୱାଇରୁ ୧୯ କୋଟି ଟଙ୍କା ଖର୍ଚ୍ଚ ହୋଇଛି।

## ଆଜି ଭୋଟ୍...

ସରିବାକୁ ଥିବାବେଳେ ସନ୍ଧ୍ୟା ୬ଟା ସୁଦ୍ଧା ୬୫୪୦ଟି କେନ୍ଦ୍ରରେ ଭୋଟଗ୍ରହଣ ଶେଷ ହେବ। ସଂପୂର୍ଣ୍ଣ ସୁରକ୍ଷିତ ପରିବେଶ ମଧ୍ୟରେ ମତଦାନ ପାଇଁ ସୁରକ୍ଷା ବ୍ୟବସ୍ଥା ଉପରେ ବିଶେଷ ଗୁରୁତ୍ୱ ଦିଆଯାଇଛି। ଏହି ପର୍ଯ୍ୟାୟରେ ମୋଟ ୧୦୨ କମ୍ପାନୀ ସିଏପିଏଫ୍ (ସେଣ୍ଟ୍ରାଲ ଆର୍ମଡ୍ ପୋଲିସ ଫୋର୍ସ) ନିୟୋଜିତ ହେବେ। କନ୍ଧମାଳରେ ସର୍ବାଧିକ ୨୨ କମ୍ପାନୀ ସିଏପିଏଫ୍ ନିୟୋଜିତ ହେବାକୁ ଥିବାବେଳେ ଗଞ୍ଜାମରେ ୨୦ କମ୍ପାନୀ ସିଏପିଏଫ୍ ନିୟୋଜିତ ହେବ। ଅପରପକ୍ଷେ ରାଜ୍ୟ ପୁଲିସର ମଧ୍ୟ ୩୩ ହଜାର ପୁଲିସ ବାହିନୀ ସୁରକ୍ଷାରେ ନିୟୋଜିତ ହେବେ। ସେହିପରି ସମ୍ଭାବ୍ୟ ଅଂଶୁଘାତ ପରିସ୍ଥିତିର ମୁକାବିଲା ପାଇଁ ନିର୍ବାଚନ କମିଶନଙ୍କ ପକ୍ଷରୁ ବ୍ୟାପକ ପଦକ୍ଷେପ ଗ୍ରହଣ କରାଯାଇଛି।

# ବିଜେଡିରେ ଯୋଗଦେଲେ ସୋର ନିର୍ବାଚନମଣ୍ଡଳୀର ବହୁ ନିର୍ବାଚିତ ବିଜେପି କର୍ମକର୍ତ୍ତା ଓ କର୍ମୀ

**ଭୁବନେଶ୍ୱର, ୧୯ ।୫(ସମିସ):** ବାଲେଶ୍ୱର ଜିଲ୍ଲା ଅନ୍ତର୍ଗତ ସୋର ନିର୍ବାଚନ ମଣ୍ଡଳୀର ଶତାଧିକ ବିଜେପି କର୍ମୀ ଓ କର୍ମକର୍ତ୍ତା ଆଜି ଶଙ୍ଖଭବନ ଠାରେ ରାଜ୍ୟସଭା ସାଂସଦ ଡକ୍ଟର ସସ୍ମିତ ପାତ୍ର, ବାଲେଶ୍ୱର ଜିଲ୍ଲା ବିଜେଡି ଉପସଭାପତି ଅଶୋକ ନାୟକ ଓ ସୋର ବ୍ଲକ ସହସଂଯୋଜକ କମଳାକାନ୍ତ ଘଡାଇଙ୍କ ଉପସ୍ଥିତିରେ ବିଜେଡିରେ ଯୋଗ ଦେଇଛନ୍ତି। ଆଜି ବିଜେପି କର୍ମୀଙ୍କ ଯୋଗଦାନ ଫଳରେ ବିଶେଷକରି ସୋର ନିର୍ବାଚନମଣ୍ଡଳୀରେ ଦଳୀୟ ସଂଗଠନ ଆହୁରି ମଜଭୂତ ହେବ ବୋଲି ଡକ୍ଟର ପାତ୍ର, ଶ୍ରୀ ନାୟକ ଓ ଶ୍ରୀ ଘଡାଇ କହିଥିଲେ। ଏହି ଅବସରରେ ବିଜେଡିରେ ସାମିଲ ହୋଇଥିବା ବିଜେପି କର୍ମକର୍ତ୍ତା ଓ କର୍ମୀମାନେ ନିଜ ନିଜ ପ୍ରତିକ୍ରିୟାରେ କହିଥିଲେ ଯେ, ମୁଖ୍ୟମନ୍ତ୍ରୀ ତଥା ବିଜେଡି ସୁପ୍ରିମୋ ନବୀନ ପଟ୍ଟନାୟକଙ୍କ ଲୋକାଭିମୁଖୀ କାର୍ଯ୍ୟ, ସ୍ୱଚ୍ଛ ଶାସନ, ନିର୍ମଳ ଭାବମୂର୍ତ୍ତି ଓ ନୀତି ଆଦର୍ଶରେ ଅନୁପ୍ରାଣିତ ହୋଇ ଆଜି ବିଧିବଦ୍ଧ ଭାବେ ବିଜେଡିରେ ଯୋଗ ଦେଲୁ। ନୂତନ ଓଡ଼ିଶା ଗଠନ ଦିଗରେ ମୁଖ୍ୟମନ୍ତ୍ରୀ ଆମକୁ ଯାହା ଦାୟିତ୍ୱ ଦେବେ ତାକୁ ସୂଚାରୁ ରୂପେ ତୁଲାଇବୁ। ଦଳରେ ଆମ ସହିତ ଯୋଗ ଦେଇଥିବା ସମସ୍ତ ବିଜେପି କର୍ମୀଙ୍କୁ ଗ୍ରହଣ କରିଥିବାରୁ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ, ଦଳର ସାଂଗଠନିକ ସମ୍ପାଦକ ପ୍ରଣବ ପ୍ରକାଶ ଦାସ ଏବଂ ସମସ୍ତ ନେତୃବୃନ୍ଦଙ୍କୁ କୃତଜ୍ଞତା ଜ୍ଞାପନ କରୁଛୁ। ଏହି ମିଶ୍ରଣ ପର୍ବରେ ସୋର ମ୍ୟୁନିସପାଲଟିର ଉପାଧ୍ୟକ୍ଷା ସସ୍ମିତା ଦାସ, ରଂଜନ କୁମାର ଦାସ, ଉର୍ମିଳା ରାଉତ, ପବିତ୍ର ସେଠୀ, ତନୟାରାଣୀ ମହାପାତ୍ର, ଲୋକନାଥ ରାଉତ, ବିଶ୍ୱରଂଜନ ଦାସ, ଦେବୀରଥ ମହାପାତ୍ର, ଓ କ୍ଷେତ୍ରମୋହନ ସେଠୀଙ୍କ ସହ ଶତାଧିକ ବିଜେପି କର୍ମୀ ବିଜେଡିରେ ସାମିଲ ହୋଇଥିଲେ। ଶେଷରେ ବିଜେଡି ମୁଖପାତ୍ର ଡ. ପ୍ରିୟବ୍ରତ ମାଝୀ ଧନ୍ୟବାଦ ଦେଇଥିଲେ।



**FORMAT C-1**
**Declaration About Criminal Cases**

(As per the judgement dated 25th September, 2018, of Hon'ble Supreme Court in WP (Civil) No. 536 of 2011 (Public Interest Foundation & Ors. Vs. Union of India & Anr.)

Name and Address of Candidate : **VARSHA PRIYADARSHINI**
**At-75, Bepari Sahi, P.O-Buxi Bazaar, PS- Cantonment, Cuttack-753001**
Name of Political Party : **Biju Janata Dal**
Name of Election : **Odisha Legislative Assembly General Election-2024**
Name of Constituency : **50- Barachana Assembly Constituency**

I, **VARSHA PRIYADARSHINI** a candidate for the above mentioned election, declare for public information the following details about my criminal antecedents.

**(A) Pending Criminal cases**

| | |
|---|---|
| 1 | Name of Court -SDJM, Cuttack, Case No. and dated- GR Case No. 332/2023 dtd.27.05.2023, Status of case(s)-For Investigation, Section(s) of Acts concerned and brief description of offence(s)- Section 186 of IPC - Obstructing Public Servant , Section 341 of IPC- wrongful restrain, Section 34 of IPC- Common intention. |
| 2 | Name of Court -SDJM, Cuttack, Case No. and dated- GR Case No. 280/2023 dtd.12.05.2023, Status of case(s)- For Investigation, Section(s) of Acts concerned and brief description of offence(s)- Section 500 of IPC – Defamation, Section 341 of IPC - wrongful restrain, Section 170 of IPC-Personating a Public Servant, Section 186 of IPC- Obstructing Public Servant, Section 34 of IPC- Common intention. |
| 3 | Name of Court- SDJM, Cuttack, Case No. and dated- GR Case No.1676/2022 dtd.31.12.2022, Status of case(s)-Final Form/Report Filed On dtd.27.06.2023 (FR- Mistaken of Fact), Section(s) of Acts concerned and brief description of offence(s)- Section 448 of IPC- House Trespass, Section 461 of IPC,1860- Dishonestly breaking open receptacle containing property, Section 120-B of IPC, 1860- Criminal conspiracy. |
| 4 | Name of the Court -Additional Sessions Judge, New Delhi District, Patiala House Court, New Delhi, Case No. And dated-Sessions Case No. 544 of 2022 dtd.11.05.2022, Status of Case(s)- For Investigation, Section(s) of Acts concerned and brief description of offence(s)-Section 506 of IPC- criminal intimidation, Section 3(1) (r) of SC ST Act, 1989- Insult or humiliate a member of a SC or a ST, Section 3(1)(s) of SC ST Act-Abuse any member of a SC or ST by caste name. |
| 5 | Name of Court - JMFC – III, Bhubaneswar, Case No and dated-CT Case No. 7378/2022 dtd. 4.12.2022, Status of Case (s) - Inquiry Completed, Section(s) of Acts concerned and brief description of offence(s)- Section 420 of IPC – Cheating and Dishonestly, Section 294 of IPC – Obscene Acts and songs, Section 506 of IPC– Criminal intimidation, Section 34 of IPC- Common intention |

In the case of election to Council of States or election to Legislative Council by MLAs, mention the election concerned in place of name of constituency.

Sd/-
Varsha Priyadarshini

# ପୂର୍ବ ଶତ୍ରୁତାରୁ ଯୁବକଙ୍କୁ ହତ୍ୟା

## ପୁଲିସ ଓ ସାଇଣ୍ଟିଫିକ୍ ଟିମ୍‌ର ତନାଘନା





**ପାରଳାଖେମୁଣ୍ଡି/ଗୋଷାଣି, ୧୯ ।୫(ସମିସ)**

ଗଜପତି ଜିଲ୍ଲା ଗୋଷାଣି ବ୍ଲକ ଗୁରାଣ୍ଡି ଥାନା ଅନ୍ତର୍ଗତ ଶରଧାପୁର ଶ୍ମଶାନଘାଟ ନିକଟରେ ଶନିବାର ରାତିରେ ପ୍ରଶାନ୍ତ ଜେନା(୨୪) ନାମକ ଜଣେ ଯୁବକଙ୍କୁ ସଂଘବଦ୍ଧ ଆକ୍ରମଣ ହୋଇଥିଲା। ଏହି ଆକ୍ରମଣରେ ଯୁବକଙ୍କ ମୃତ୍ୟୁ ହୋଇଛି। ପୂର୍ବ ଶତ୍ରୁତାକୁ ନେଇ ଭିନ୍ନଳା ଗ୍ରାମର କିଛି ଯୁବକ ପ୍ରଶାନ୍ତକୁ କାଠଫାଳିଆ, ଲୁହାଛଡ ଏବଂ କାତିରେ ଆକ୍ରମଣ କରିଥିଲେ। ଏହି ଖବର ଭିନ୍ନଳା ଗ୍ରାମରେ ପହଞ୍ଚିବା ପରେ ଯୁବକଙ୍କ ପରିବାର ଏବଂ ଭିନ୍ନଳା ଗ୍ରାମବାସୀ ଘଟଣାସ୍ଥଳରେ ପହଞ୍ଚି ଗୁରାଣ୍ଡି ପୁଲିସକୁ ଖବର ଦେବା ସହ ଆକ୍ରମଣରେ ଗୁରୁତର ଆହତ ହୋଇଥିବା ପ୍ରଶାନ୍ତଙ୍କୁ ତୁରନ୍ତ ପାରଳାଖେମୁଣ୍ଡି ସ୍ଥିତ ଜିଲ୍ଲା ମୁଖ୍ୟ ଚିକିତ୍ସାଳୟକୁ ନେଇଥିଲେ। ହେଲେ ଅବସ୍ଥା ସଙ୍କଟାପନ୍ନ ଥିବାରୁ ବିଶାଖାପାଟଣା ସ୍ଥାନାନ୍ତର କରାଯାଉଥିବା ସମୟରେ ବାଟରେ ପ୍ରଶାନ୍ତଙ୍କ ମୃତ୍ୟୁ ଘଟିଥିଲା। ମୃତ ଯୁବକ ପ୍ରଶାନ୍ତଙ୍କ ପରିବାର ଲୋକଙ୍କ ଅଭିଯୋଗ କ୍ରମେ ଗୁରାଣ୍ଡି ପୁଲିସ ଥାନା ଅଧିକାରୀ ରବୀନ୍ଦ୍ର ପାତ୍ର ସଦଳବଳେ ପହଞ୍ଚି ଘଟଣା ସମ୍ପର୍କରେ ଅନୁଧ୍ୟାନ କରି ତଦନ୍ତ ଆରମ୍ଭ କରିଛନ୍ତି। ଏହା ସହ ଘଟଣାସ୍ଥଳରେ ସାଇଣ୍ଟିଫିକ୍ ଟିମ୍ ସହ ପାରଳାଖେମୁଣ୍ଡି ଏସ୍‌ଡିପିଓ ମାଧବାନନ୍ଦ ନାୟକ ପହଞ୍ଚି ତଦନ୍ତ କରୁଥିବାର ଜଣାପଡ଼ିଛି।

ହତ୍ୟାର କାରଣ ପୂର୍ବ ଶତ୍ରୁତା ବୋଲି କୁହାଯାଉଥିଲେ ମଧ୍ୟ ପ୍ରେମ ବ୍ୟାପାରକୁ ନେଇ ସଂଘବଦ୍ଧ ଭାବେ ଆକ୍ରମଣ ଏବଂ ଯୁବକଙ୍କୁ ହତ୍ୟା କରାଯାଇଥିବା ଗ୍ରାମବାସୀଙ୍କ ମଧ୍ୟରେ ଆଲୋଚନା ହେଉଛି। ଘଟଣାରେ ୫ରୁ ଅଧିକ ଯୁବକ ସମ୍ପୃକ୍ତ ଥିବା କୁହାଯାଉଛି। ଗ୍ରାମବାସୀଙ୍କ କହିବା ମୁତାବକ ମୃତ ପ୍ରଶାନ୍ତ ଅଭିଯୁକ୍ତମାନଙ୍କର ଘନିଷ୍ଠ ବନ୍ଧୁ ଥିଲେ। ହେଲେ ଅଭିଯୁକ୍ତ ଯୁବକଙ୍କ ମଧ୍ୟରୁ ଜଣେ ଅଭିଯୁକ୍ତଙ୍କ ବିବାହିତ ପତ୍ନୀଙ୍କ ସହ ପ୍ରଶାନ୍ତଙ୍କ ପ୍ରେମ ସମ୍ପର୍କ ଗଢି ଉଠିଥିଲା। ଯାହାକୁ ନେଇ ବନ୍ଧୁମାନଙ୍କ ମଧ୍ୟରେ ଫାଟ ସୃଷ୍ଟି ହୋଇଥିଲା। ସମ୍ପୃକ୍ତ ମହିଳାଙ୍କୁ ଅଭିଯୁକ୍ତ ଯୁବକ କଡା ତାଗିଦ ମଧ୍ୟ କରିଥିଲେ। ଇତି ମଧ୍ୟରେ ମହିଳାଙ୍କ କୌଣସି କାରଣରୁ ମତ ମୃତ୍ୟୁ ଘଟିଥିଲା। ଅଭିଯୁକ୍ତମାନେ ମୃତ୍ୟୁ ପାଇଁ ପ୍ରଶାନ୍ତ ହିଁ ମୁଖ୍ୟ କାରଣ ବୋଲି ଧରି ନେଇଥିଲେ। ଫଳରେ ମୃତ ପ୍ରଶାନ୍ତ କିଛି ମାସ ହେଲା ନିଜ ଗ୍ରାମ ଛାଡି କଟକ ଚାଲିଯାଇଥିଲେ। ହେଲେ କୌଣସି କାରଣରୁ ପ୍ରଶାନ୍ତ ପୁଣି ନିଜ ଗ୍ରାମକୁ ଆସିଥିଲେ। ଖବର ପାଇ ପ୍ରଶାନ୍ତଙ୍କୁ ହଟାଇବା ପାଇଁ ପୂର୍ବରୁ ଯୋଜନା କରିଥିବା ଅଭିଯୁକ୍ତ ଶନିବାର ରାତିରେ ଯୋଜନା ମୁତାବକ ସଂଘବଦ୍ଧ ଭାବେ ଆକ୍ରମଣ କରିଥିଲେ। ଆକ୍ରମଣସ୍ଥଳ ଭିନ୍ନଳା ଗ୍ରାମ ଠାରୁ ପ୍ରାୟ ଦୁଇ କିମି ହୋଇଥିବାରୁ ଅଭିଯୁକ୍ତ ଏବଂ ମୃତକ କାହିଁକି ଏବଂ କିପରି ଗଲେ ତାହାକୁ ନେଇ ଆଲୋଚନା ଜୋର୍ ଧରିଛି। ଅନ୍ୟପକ୍ଷରେ ଏକମାତ୍ର ରୋଜଗାରିଆ ପୁଅକୁ ହରାଇ ମା ହେମ ଜେନା ଦୁଃଖରେ ଭାଙ୍ଗି ପଡ଼ିଥିବା ବେଳେ ତିନି ଜଣ ବିବାହିତ ଭଉଣୀଙ୍କ କାନ୍ଦବୋବାଳିରେ ଗାଁରେ ଶୋକାକୁଳ ପରିବେଶ ସୃଷ୍ଟି ହୋଇଛି।

# ଅଣଓସାରିଆ ରାସ୍ତାରେ ଫସିଲା ନଳକୂପ ଖନନ ଗାଡ଼ି

**ପାରଳାଖେମୁଣ୍ଡି, ୧୯ ।୫(ସମିସ):** ଗଜପତି ଜିଲ୍ଲା ଗୋଷାଣି ବ୍ଲକ ଉପଲଡା ପଞ୍ଚାୟତ ପାଟିକୋଟା ଠାରୁ ଚନ୍ଦନଖଳା ରାସ୍ତା ମଧ୍ୟରେ ଏକ ନଳକୂପ ଖନନ ଗାଡି ଅଣ ଓସାରିଆ ମାଟିରାସ୍ତାରେ ଦବି ଯିବାରୁ ଘଣ୍ଟା ଘଣ୍ଟା ଧରି ଟ୍ରାଫିକ ସମସ୍ୟା ଉପୁଜିଥିଲା। ସୂଚନା ଯୋଗ୍ୟ ଯେ, ଏହି ପାଟିକୋଟା-ଚନ୍ଦନଖଳା ରାସ୍ତାର ୭୦୦ ମିଟର ମାଟି ଏବଂ ଅଣଓସାରିଆ ରାସ୍ତା ଯୋଗୁଁ ନାନାଦି ସମସ୍ୟା ଉପୁଜୁଛି। ରାସ୍ତା ନିର୍ମାଣକୁ ନେଇ ବାରମ୍ବାର ଅଞ୍ଚଳବାସୀ ଦାବି କରିଆସୁଥିଲେ ମଧ୍ୟ କୌଣସି କାମ ହେଉନାହିଁ। ଏପରିକି ଚଳିତ ସାଧାରଣ ନିର୍ବାଚନରେ ଭୋଟଦାନ କରିବେ ନାହିଁ ବୋଲି ନିଷ୍ପତ୍ତି ନେଇଥିଲେ ମଧ୍ୟ ପ୍ରଶାସନିକ ସ୍ତରରେ ପ୍ରତିଶ୍ରୁତି ଦିଆଯାଇଥିବାରୁ ଭୋଟବର୍ଜନ ନିଷ୍ପତ୍ତିରୁ ନିବୃତ୍ତ ହୋଇଥିଲେ। ମାତ୍ର ୭୦୦ ମିଟର ମାଟି ତଥା ଅଣଓସାରିଆ ରାସ୍ତା ପକ୍କା ରାସ୍ତା ହୋଇପାରୁ ନ ଥିବାରୁ ଗୋଷାଣି ଏବଂ ଗୁମ୍ମା ବ୍ଲକର ପ୍ରାୟ ୧୦ ଖଣ୍ଡ ଗ୍ରାମବାସୀ ଯାତାୟତରେ ଅସୁବିଧାର ସମ୍ମୁଖୀନ ହେଉଛନ୍ତି। ପ୍ରାୟ ୩୦ବର୍ଷରୁ ଅଧିକ ସମୟ ଧରି ଚନ୍ଦନଖଳା ଗ୍ରାମକୁ ରାସ୍ତା ନ ଥିବା ଅଞ୍ଚଳବାସୀ ଅଭିଯୋଗ କରିଛନ୍ତି। ଏପରିକି ଏହି ରାସ୍ତା ଦେଇ ଆମ୍ବୁଲାନ୍ସ, ଅଗ୍ନିଶମ ଗାଡି ଆଦି ଜରୁରୀ ପରିସ୍ଥିତିରେ ଯାତାୟାତ କରିପାରୁନାହିଁ। ଭାରୀଯାନ ଗଲେ ଅଣଓସାରିଆ ମାଟିରାସ୍ତାରେ ଦବି ଯାଉଥିବାରୁ ଲୋକେ ନାହିଁ ନଥିବା ଅସୁବିଧାର ସମ୍ମୁଖୀନ ହେଉଛନ୍ତି। ରବିବାର ନଳକୂପ ଖନନ ଗାଡି ମାଟିରେ ଦବି ଯିବାରୁ ଘଣ୍ଟା ଘଣ୍ଟା ଧରି ଟ୍ରାଫିକ ସମସ୍ୟା ଦେଖାଦେବା ସହ ଉଭୟ ବ୍ଲକର ଚଳାଚଳ କରୁଥିବା ଶତାଧିକ ଦୁଇଚକିଆ ଯାନ ଚାଳକ ଅଟକି ରହିଥିଲେ। ପରେ ବହୁ କଷ୍ଟରେ ଦବି ଯାଇଥିବା ଗାଡିକୁ ବାହାର କରିବା ପରେ ଚଳାଚଳ ସ୍ୱାଭାବିକ ହୋଇଥିଲା। ଏହି ଗ୍ରାମ୍ୟ ରାସ୍ତା ଜିଲ୍ଲା ସଦର ମହକୁମା ପାରଳାଖେମୁଣ୍ଡି ଠାରୁ ମାତ୍ର ୮ କିମି ଦୂରରେ ରହିଥିବାରୁ ଗୋଷାଣି ଏବଂ ଗୁମ୍ମା ବ୍ଲକର ପ୍ରାୟ ୧୦ଖଣ୍ଡ ଗ୍ରାମବାସୀ ଯାତାୟାତ ପାଇଁ ନିର୍ଭରଶୀଳ। ଏହା ସହ ଉଭୟ ବ୍ଲକର ସଂଯୋଗୀ ରାସ୍ତା। ଏହି ୭୦୦ ମିଟର ରାସ୍ତାକୁ ନିର୍ମାଣକୁ ନେଇ ତୁରନ୍ତ ପଦକ୍ଷେପ ନେବାକୁ ଅଞ୍ଚଳବାସୀ ଦାବି କରିଛନ୍ତି।




# ଆଜିଠୁ ଓଡ଼ିଆ ସାହିରେ ମା' କମଳା ଦେବୀଙ୍କ ଠାକୁରାଣୀ ଯାତ୍ରା

**ରାୟଗଡ଼, ୧୯ ।୫(ସମିସ):** ଗଜପତି ଜିଲ୍ଲା ରାୟଗଡ଼ ବ୍ଲକ ସଦରମହକୁମାର ଓଡ଼ିଆ ସାହିରେ ମା କମଳା ଦେବୀଙ୍କ ଯାତ୍ରା ସୋମବାର ଆରମ୍ଭ ହେଉଛି। ବାପ ଘରକୁ ଆସିବେ ମା ସାଆନ୍ତାଣୀ। ଏଥିନିମନ୍ତେ ପୁରା ଗାଁ ଉତ୍ସବମୁଖର ହୋଇଛି ଓ ଅସ୍ଥାୟୀ ମଣ୍ଡପ ନିର୍ମାଣ ଶେଷ ହୋଇଛି। ଶାଶୂଘରରୁ ବାପା ଘରକୁ ଆସିଥାନ୍ତି ମା। ଏହାକୁ ନେଇ ଯାତ୍ରା ଆୟୋଜିତ ହୋଇଛି। ବାପ ଘର ନିକଟ ଅସ୍ଥାୟୀ ମଣ୍ଡପରେ ରହି ଶ୍ରଦ୍ଧାଳୁଙ୍କୁ ମା' ଦର୍ଶନ ଦେବେ। ମା'ଙ୍କ ଆଗମନ ପାଇଁ ଅଞ୍ଚଳବାସୀ ଉତ୍ସାହିତ ରହିଛନ୍ତି। ପ୍ରାୟ ସାତବର୍ଷର ବ୍ୟବଧାନ ପରେ ଉକ୍ତ ସାହିରେ ଠାକୁରାଣୀ ଯାତ୍ରା ଅନୁଷ୍ଠିତ ହେଉଥିବାରୁ ସମସ୍ତଙ୍କ ମନରେ ଆନନ୍ଦ ଉତ୍ସାହ ଦେଖିବାକୁ ମିଳିଛି। ରଙ୍ଗବେରଙ୍ଗ ଆଲୋକ ମାଳାରେ ସୁସଜ୍ଜିତ ହୋଇଛି ସାହି ଓ ପ୍ରତ୍ୟେକ ଦିନ ମନୋରଞ୍ଜନ ପାଇଁ ବିଭିନ୍ନ ସାଂସ୍କୃତିକ କାର୍ଯ୍ୟକ୍ରମ

**● ବାପ ଘରକୁ ଆସିବେ ମା' ସାଆନ୍ତାଣୀ; ଗାଁ ଉତ୍ସବମୁଖର**

ରଖାଯାଇଛି ବୋଲି ପୂଜା କମିଟି ସଭାପତି ଚିତ୍ରସେନ ଲେଙ୍କା କହିଛନ୍ତି। ସାହିର ସମସ୍ତ ଯୁବକ ଯାତ୍ରା ପରିଚାଳନା କରିଥିବା ବେଳେ ସମସ୍ତ ସାହି ବାସିନ୍ଦା ସହଯୋଗ କରୁଛନ୍ତି।



# କାର୍ଯ୍ୟକ୍ଷମ ହେଉନି ମୋବାଇଲ୍ ଟାୱାର; ବଢୁଛି ଅସନ୍ତୋଷ

**ଗୁମ୍ମା, ୧୯ ।୫(ସମିସ):** ଆଦିବାସୀ ଅଧ୍ୟୁଷିତ ଗଜପତି ଜିଲ୍ଲାର ଅନେକ ଅଞ୍ଚଳରେ ଏବେ ମଧ୍ୟ ଲୋକେ ଇଣ୍ଟରନେଟ ସେବା ପାଇବାରୁ ବଞ୍ଚିତ ରହିଛନ୍ତି। ଆଜିକା ଦିନରେ ବିନା ଇଣ୍ଟରନେଟରେ ବଞ୍ଚିବା କଷ୍ଟକର ହେଉଛି। ଛାତ୍ରଛାତ୍ରୀଙ୍କ ଅନଲାଇନ ପାଠପଢ଼ା, ଜରୁରୀକାଳୀନ ଯୋଗାଯୋଗ, ବ୍ୟାଙ୍କସେବା ଓ ସମ୍ପର୍କୀୟ ଯୋଗାଯୋଗ ଆଦି ବିଭିନ୍ନ କ୍ଷେତ୍ର ପାଇଁ ଇଣ୍ଟରନେଟର ଆବଶ୍ୟକତା ରହିଥିବା ବେଳେ ଗଜପତି ଜିଲ୍ଲା ଗୁମ୍ମା ବ୍ଲକ ଅନେକ ପଞ୍ଚାୟତରେ ଇଣ୍ଟରନେଟ ସୁବିଧା ଉପଲବ୍ଧ ହେଉନାହିଁ। ଉଲ୍ଲେଖଯୋଗ୍ୟ ଯେ ଗୁମ୍ମା ବ୍ଲକ ଅଜୟଗଡ଼, ତୁମୁଲ, ମୁନୁସିଂ ଓ ଉଖୁରା ପଞ୍ଚାୟତରେ ବର୍ଷେ ହେଲା ଜିଓ ଓ ଏୟାରଟେଲ ଟାୱାର ସ୍ଥାପନ ହୋଇଥିଲେ ମଧ୍ୟ ଏ ପର୍ଯ୍ୟନ୍ତ ଲୋକଙ୍କ ସେବାରେ2 ଆସିପାରୁନି। ଗୁମ୍ମା ବ୍ଲକ ଉପାନ୍ତ ଅଞ୍ଚଳ ତଥା ବାହାଡ଼ି ଅଞ୍ଚଳ ଭାବେ ପରିଚିତ ହେଲେ ବିଭାଗୀୟ ଅଧିକାରୀଙ୍କ ଅବହେଳା ମନୋଭାବ ଯୋଗୁଁ ଟାୱାରର ଉପଯୋଗ ହୋଇପାରୁନି। ଏସମ୍ପର୍କରେ ବ୍ଲକ ଓ ଜିଲ୍ଲା ପ୍ରଶାସନ ଏବଂ ସ୍ଥାନୀୟ ଲୋକ ପ୍ରତିନିଧିଙ୍କୁ ଲିଖିତ ଭାବରେ ଅଭିଯୋଗ କରିଥିଲେ ମଧ୍ୟ କୌଣସି ସୁଫଳ ମିଳୁନି ବୋଲି ଅଞ୍ଚଳବାସୀ କହିଛନ୍ତି। ନିର୍ବାଚନ ପୂର୍ବରୁ ଅନେକ ଥର ବହୁ ରାଜନେତା ଏବିଷୟରେ ପ୍ରତିଶ୍ରୁତି ଦେଉଛନ୍ତି। କିନ୍ତୁ ନିର୍ବାଚନ ପରେ ସେମାନଙ୍କ ପ୍ରତିଶ୍ରୁତି ପାଣିର ଗାର ହେଉଛି। ଯଥାଶୀଘ୍ର ମୋବାଇଲ ଟାୱର କାର୍ଯ୍ୟକ୍ଷମ ନ ହେଲେ ଆଗାମୀ ଦିନରେ ରାଜରାସ୍ତାକୁ ଓହ୍ଲାଇବା ନିମନ୍ତେ ଅଞ୍ଚଳବାସୀ ଚେତାବନି ଦେଇଛନ୍ତି।



# ବାଲିଗୁଡ଼ାରେ ପୁଲିସର ଫ୍ଲାଗ୍‌ମାର୍ଚ୍ଚ

**ବାଲିଗୁଡ଼ା, ୧୯ ।୫(ସମିସ):** ସାଧାରଣ ନିର୍ବାଚନକୁ ଦୃଷ୍ଟିରେ ରଖି କନ୍ଧମାଳ ଜିଲ୍ଲା ବାଲିଗୁଡ଼ା ସହରରେ ପୁଲିସ୍ ପକ୍ଷରୁ ଫ୍ଲାଗମାର୍ଚ୍ଚ କରାଯାଇଛି। କନ୍ଧମାଳ ଏସ୍‌ପି ଶୁଭେନ୍ଦୁ ପାତ୍ରଙ୍କ ଅଧକ୍ଷତାରେ ବାଲିଗୁଡ଼ା ଉପଖଣ୍ଡ ଆରକ୍ଷୀ ଅଧୀକ୍ଷକ, ଥାନା ଅଧିକାରୀ ସୁଶାନ୍ତ ସାହୁଙ୍କ ସମେତ ସମସ୍ତ ଅଫିସର, ବିଏସଏଫ ଓ ଆଇଆରବିଏନ୍ ଫୋର୍ସ ସହ ଫ୍ଲାଗମାର୍ଚ୍ଚ କରାଯାଇଛି। ବାଲିଗୁଡ଼ା ନିର୍ବାଚନ ମଣ୍ଡଳୀରେ ଶାନ୍ତିପୂର୍ଣ୍ଣ ମତଦାନ କରିବା ପାଇଁ ପୁଲିସ୍ ପକ୍ଷରୁ ପ୍ରୟାସ ଜାରି ରହିଛି। କନ୍ଧମାଳ ଜିଲ୍ଲାରେ ସମୁଦାୟ ବିଏସଏଫ ଓ ସିଆରପିଏଫ୍‌ର ୧୯ କମ୍ପାନୀ ସମେତ ଅନ୍ୟ ୫ଟି କମ୍ପାନୀ ନିୟୋଜିତ ଅଛନ୍ତି। ଏଥିସହିତ ଜିଲ୍ଲା ପୁଲିସର ୧୪ ପ୍ଲାଟୁନ୍ ନିୟୋଜିତ ଅଛନ୍ତି। ଶାନ୍ତି ଶୃଙ୍ଖଳାର ସହ ବହୁ ମାତ୍ରାରେ ଭୋଟ୍ ଦିଅନ୍ତୁ ବୋଲି କନ୍ଧମାଳ ଆରକ୍ଷୀ ଅଧୀକ୍ଷକ ଶ୍ରୀ ପାତ୍ର ଭୋଟରଙ୍କୁ ନିବେଦନ କରିଛନ୍ତି।

# ଦାରିଙ୍ଗବାଡ଼ି ବ୍ଲକରେ ୧୦୭ ବୁଥ୍



**ଦାରିଙ୍ଗବାଡ଼ି, ୧୯।୫(ସମିସ):** ସୋମବାର ସାଧାରଣ ନିର୍ବାଚନ ପାଇଁ ଭୋଟ ଗ୍ରହଣ କରାଯିବାକୁ ଥିବା ବେଳେ କନ୍ଧମାଳ ଲୋକସଭା ଓ ଜି.ଉଦୟଗିରି ବିଧାନସଭା ନିର୍ବାଚନମଣ୍ଡଳୀ ଅନ୍ତର୍ଗତ ଦାରିଙ୍ଗବାଡି ବ୍ଲକରେ ୧୦୭ଟି ବୁଥ ରହିଥିବା ଜଣାଯାଇଛି।

ଏଥି ମଧ୍ୟରେ ୫ଟି ସଖୀ, ଗୋଟିଏ ବିଷୟଭୁକ୍ତ ଓ ଗୋଟିଏ ଇକୋ ଫ୍ରେଣ୍ଡ ବୁଥ ରହିଛି। ବ୍ଲକରେ ମୋଟ ଭାବେ ୮୪, ୭୪୬ ଭୋଟର ଅଛନ୍ତି। ଏଥି ମଧ୍ୟରେ ପୁରୁଷ ଭୋଟର ସଂଖ୍ୟା ୪୦, ୮୫୦ ଏବଂ ମହିଳା ଭୋଟର ସଂଖ୍ୟା ୪୩, ୮୮୧ ଅଛନ୍ତି। ଏଥିସହ ୧୫ ଜଣ ତୃତୀୟ ଲିଙ୍ଗ ଭୋଟର ରହିଛନ୍ତି। ୧୦୭ ବୁଥ ମଧ୍ୟରୁ ୬୪ଟି ବୁଥରେ ସିସିଟିଭି ଲଗାଯାଇଛି। ପ୍ରତ୍ୟେକ ବୁଥରେ ବିଦ୍ୟୁତ, ପାନୀୟ ଜଳ ବ୍ୟବସ୍ଥା କରାଯାଇଛି। ଏଥିସହ ଭିନ୍ନକ୍ଷମ ଭୋଟର ଯିବା ଆସିବା ପାଇଁ ସୁବିଧା କରାଯାଇଛି। ୧୦୭ ବୁଥରେ ସମସ୍ତ ସୁବିଧା ଯୋଗାଇ ଦିଆଯାଇଥିବା ବିଡିଓ ଗଦାଧର ପାତ୍ର କହିଛନ୍ତି। ସେହିପରି ସମସ୍ତ ବୁଥରେ ପୁଲିସ ପକ୍ଷରୁ ସୁରକ୍ଷା ବ୍ୟବସ୍ଥାକୁ କଡ଼ାକଡ଼ି କରାଯାଇଥିବା ସୂଚନା ପ୍ରଦାନ କରାଯାଇଛି।



# ଜି.ଉଦୟଗିରି ବ୍ଲକ୍‌ରେ ୬ ସଖୀ ମତଦାନ କେନ୍ଦ୍ର



**ଜି.ଉଦୟଗିରି, ୧୯ ।୫(ସମିସ):** ରାତି ପାହିଲେ ମତଦାନ। ଏଥିପାଇଁ ସମସ୍ତ ପ୍ରକାର ପ୍ରସ୍ତୁତି ଶେଷ ହୋଇଛି। ଦିନକ ପୂର୍ବରୁ ମତଦାନ କେନ୍ଦ୍ରରେ ପହଞ୍ଚିଛନ୍ତି ପୋଲିଂ ପାର୍ଟି। ଜି. ଉଦୟଗିରି ବ୍ଲକରେ ମତଦାନ ପାଇଁ ୩୩ ବୁଥ ପ୍ରସ୍ତୁତ ହୋଇଥିବା ବେଳେ ଏନଏସିରେ ୭ ବୁଥ ରହିଛି। ବ୍ଲକ ଏବଂ ଏନଏସିରେ ୬ ସଖୀ ବୁଥ ଖୋଲା ଯାଇଛି। ଏହି ବୁଥ ମହିଳା କର୍ମଚାରୀ ପରିଚାଳନା କରିବେ। ଏହି ସଖୀ ମତଦାନ କେନ୍ଦ୍ର ମଧ୍ୟରେ ହବାକ ହାଇସ୍କୁଲରେ ଦୁଇଟି, ହାତୀଶାଳରେ ଗୋଟିଏ, ଗ୍ରେସିଙ୍ଗିଆରେ ଦୁଇଟି ଏବଂ ବାଡ୍ରେନାଜୁରେ ଗୋଟିଏ। ଏହିଭଳି ୬ଟି ସଖୀ ବୁଥ ଖୋଲାଯାଇଛି। ବୁଥ୍‌ଗୁଡିକରେ ଶୃଙ୍ଖଳିତ ମତଦାନ ପାଇଁ ସମସ୍ତ ପ୍ରକାର ବ୍ୟବସ୍ଥା କରାଯାଇଛି। ମତଦାନକୁ ଲକ୍ଷ୍ୟ କରି ସୁରକ୍ଷା ବ୍ୟବସ୍ଥା କଡାକଡି କରାଯାଇଛି। ନିର୍ବାଚନକୁ ନେଇ ସାଧାରଣ ଲେକଙ୍କ ମଧ୍ୟରେ ଉତ୍ସାହ ରହିଥିବା ବେଳେ ସମସ୍ତେ ମତଦାନ କରିବାକୁ ବ୍ୟାପକ ସଚେତନତା କରାଯାଇଛି।

# ୨୪ ପ୍ରହର ନାମଯଜ୍ଞ ପାଇଁ କଳସ ଯାତ୍ରା

**ଚକାପାଦ, ୧୯ ।୫(ସମିସ):** କନ୍ଧମାଳ ଜିଲ୍ଲା ଚକାପାଦ ବ୍ଲକ କୁସୁମେଣ୍ଡି ପଞ୍ଚାୟତ ବରସାହିରେ ସୋମବାର ଆରମ୍ଭ ହେବାକୁଥିବା ୨୪ ପ୍ରହର ବିଶ୍ୱ ଶାନ୍ତି ଯଜ୍ଞ ନିମନ୍ତେ ରବିବାର ଯଥାରୀତି କଳସଯାତ୍ରା ଅନୁଷ୍ଠିତ ହୋଇଥିଲା। ଶତାଧିକ ମା' କଳସଯାତ୍ରାରେ ଭାଗ ନେଇଥିଲେ। ମା ମାନେ କଳସି ପଇଡ଼ ଧରି ଖୁଦୁଡେନ୍ତୁଳିରେ ଥିବା ବରଡ଼ା ବାଲୁଙ୍କେଶ୍ୱର ମନ୍ଦିର ନିକଟରେ ଥିବା ଜଳାଶୟରୁ ହୋମ କରି ଜଳ ଉଠାଇଥିଲେ। ମହିଳାମାନେ ପୂର୍ଣ୍ଣ କଳସ ଧାରଣ କରି ବରଡ଼ା ବାଲୁଙ୍କେଶ୍ୱର ମନ୍ଦିର ପରିକ୍ରମା କରିଥିଲେ। ଏହାପରେ ଖୁଦୁଡେନ୍ତୁଳିରେ ଥିବା ନୃସିଂହ ମଣ୍ଡପ ପରିକ୍ରମା କରିଥିଲେ। କୁସୁମେଣ୍ଡି କାମନା ଘର ମଧ୍ୟ ପରିକ୍ରମା କରି ସ୍ଥାନୀୟ ବରସାହି ତ୍ରିନାଥ ମଣ୍ଡପ ପରିକ୍ରମା କରି କରିବା ପରେ ସମଫ କଳସ ଆଣି ନାମକୁଞ୍ଜ ନିକଟରେ ସ୍ଥାପନ କରିଥିଲେ। ଏଥିରେ କୁସୁମେଣ୍ଡିର ପୂର୍ବତନ ସରପଞ୍ଚ କିଶୋର ଚନ୍ଦ୍ର କହଁର, ଭୁବନେଶ୍ୱର ମଳିକ ଯୋଗ ଦେଇଥିଲେ। ଏଥିସହିତ କୁସୁମେଣ୍ଡି ରାଜସ୍ୱ ଗ୍ରାମ ଅଷ୍ଟ ଶମ୍ଭୁ କମିଟ ସଭାପତି ସରୋଜ କୁମାର ଭୋଇ, ଉପ ସଭାପତି ତାରିଣୀ ଚରଣ ବେହେରା, ସମ୍ପାଦକ ବିନୋଦ ବିହାରୀ ନାଏକ, କୋଷାଧକ୍ଷ ସନ୍ତୋଷ କୁମାର ଭୋଇ ଏବଂ ଯଜ୍ଞ କମିଟି ସଭାପତି ଦାନ ବିହାରୀ ନାଏକ ଓ ସଦସ୍ୟ ଚକ୍ରପାଣି ନାଏକ ସହଯୋଗ କରିଥିଲେ। ମୁଖ୍ୟ କଳସକୁ ବରସାହି ଯଜ୍ଞକର୍ତ୍ତା ପୂର୍ଣ୍ଣଚନ୍ଦ୍ର ନାଏକ ଏବଂ ଘାସିରାମ ନାଏକ ଢୋଲବାଜା, ଘଣ୍ଟ ବଜାଇ ନେଇଥିଲେ। ଶାନ୍ତିଶୃଙ୍ଖଳା ର ସହିତ କଳସ ଯାତ୍ରା ସମ୍ପର୍ଣ୍ଣ ହୋଇଥିଲା। ସୋମବାର ସକାଳ ସାତ ଘଣ୍ଟା ସମୟରେ ନାମଯଜ୍ଞ ଆରମ୍ଭ ହୋଇ ଆସନ୍ତା ୨୩ ତାରିଖରେ ନାମଯଜ୍ଞର ପୂର୍ଣ୍ଣାହୁତି ହେବାର କାର୍ଯ୍ୟକ୍ରମ ରହିଛି ବୋଲି କମିଟି ସଭାପତି ଦାନ ବିହାରୀ ନାଏକ ପ୍ରକାଶ କରିଛନ୍ତି।



# ନାକେଦମ୍ କଲେଣି ୧୮ ଟିକିଆ ହାତୀପଲ





**ଜି.ଉଦୟଗିରି, ୧୯।୫(ସମିସ)**

ଗତବର୍ଷ ଭଳି ଚଳିତ ବର୍ଷ ନାକେଦମ କଲେଣି ୧୮ ଟିକିଆ ହାତୀପଲ। ଉତ୍ତର ଘୁମୁସର ବନଖଣ୍ଡରୁ ଗୁରୁବାର ବିଳମ୍ବିତ ରାତିରେ ହାତୀପଲ ଆସି କୁର୍ମିଙ୍ଗିଆ ଅଞ୍ଚଳରେ ରହୁଛନ୍ତି। ଅଞ୍ଚଳବାସୀ ବନବିଭାଗକୁ ଏ ନେଇ ଖବର ଦେବା ପରେ ବନପାଳ ରଶ୍ମିତା ବକ୍ସି, ବନରକ୍ଷୀ ବିଭୁ ରଞ୍ଜନ ସାମନ୍ତରାୟ ଓ ପାରା ଗାର୍ଡ ଘଟଣାସ୍ଥଳରେ ପହଞ୍ଚି ହାତୀପଲର ଗତିବିଧି ଅନୁଧ୍ୟାନ କରିଥିବା ବିଭାଗ ତରଫରୁ ସୂଚନା ମିଳିଛି। ହାତୀପଲ ମଧ୍ୟରେ ୩ ଦନ୍ତା, ୧୦ ମାଇ ହାତୀ, ୫ ଛୁଆହାତୀ ଥିବା ଜଣାପଡ଼ିଛି। ଜଙ୍ଗଲରେ ହାତୀ ରହିଥିବାରୁ ଅଞ୍ଚଳବାସୀଙ୍କୁ ଜଙ୍ଗଲଜାତ ଦ୍ରବ୍ୟ ସଂଗ୍ରହ ପାଇଁ ଯିବାକୁ ବାରଣ କରାଯାଇଛି। ହେଲେ ହାତୀପଲ ରାଇପଦାସ୍ଥିତ ରାଧାମୋହନ ସାହୁଙ୍କ ବଗିଚାରେ ପଶି କଦଳୀ, ବାଉଁଶ, ଆମ୍ବ, ଅମୃତଭଣ୍ଡା ଗଛ ନଷ୍ଟ କରିଛନ୍ତି। ସେହିପରି ବିକ୍ରମ ପ୍ରଧାନ, ହିରବତୀ ପ୍ରଧାନ, ଅମିୟ କୁମାର ପ୍ରଧାନ ଓ ଜଗୁ ସାହୁଙ୍କ ଫସଲ ନଷ୍ଟ କରିଥିବା ଜଣାପଡ଼ିଛି। ଉତ୍ତର ଘୁମୁସର ବନଖଣ୍ଡରେ ମାତ୍ରାଧିକ ଗରମ ଓ ଖାଦ୍ୟ ସନ୍ଧାନ ପାଇଁ ହାତୀପଲ କନ୍ଧମାଳ ମୁହାଁ ହୋଇଥିବା କୁହାଯାଉଛି। ଗତବର୍ଷ ମଧ୍ୟ ୧୭ ଟିକିଆ ହାତୀପଲ ଆସି କ୍ଷୟକ୍ଷତି କରିବା ସହ ୧୫ ଦିନ ଧରି ଉପଦ୍ରବ କରିଥିବା ବେଳେ ବର୍ତ୍ତମାନ ୧୮ ଟିକିଆ ହାତୀପଲର ଉପଦ୍ରବରେ ଅଞ୍ଚଳବାସୀ ଆତଙ୍କିତ ହୋଇପଡ଼ିଛନ୍ତି। ରବିବାର ଗତିବିଧି ଲକ୍ଷ୍ୟ କରିବା ପାଇଁ ଡ୍ରୋନ କ୍ୟାମେରା ବ୍ୟବହାର କରାଯାଇଛି। ଯାହା ହାତୀଙ୍କ ଗତିବିଧି ଲକ୍ଷ୍ୟ କରିବାରେ ସହାୟକ ହେବା ସହ ବଡ଼ ଅଘଟଣକୁ ରୋକାଯାଇ ପାରିବ ବୋଲି ବନ ବିଭାଗ କହିଛି।

**● କୁର୍ମିଙ୍ଗିଆ ଓ ରାଇପଦା ଅଞ୍ଚଳରେ ବ୍ୟାପକ କ୍ଷୟକ୍ଷତି**
**● ଜଙ୍ଗଲକୁ ଯିବାକୁ ବାରଣ**
**● ଗତିବିଧି ଲକ୍ଷ୍ୟ ପାଇଁ ଡ୍ରୋନ୍ କ୍ୟାମେରା**

# ଇନ୍ଦିରା ନଗର ମଣ୍ଡପରେ ମା' ମଝିଘରିଆଣୀଙ୍କ ଘଟଯାତ୍ରା





**ରାୟଗଡ଼ା,୧୯।୫(ସମିସ):**

ରାୟଗଡ଼ା ସହରର ଇନ୍ଦିରା ନଗରର ମା' ମଝିଘରିଆଣୀ ମଣ୍ଡପଠାରେ ଶନିବାରଠାରୁ ଅଧିଷ୍ଠାତ୍ରୀ ଦେବୀ ମା' ମଝିଘରିଆଣୀଙ୍କ ଘଟଯାତ୍ରା ଆରମ୍ଭ ହୋଇଛି। ଏହି ଯାତ୍ରା ଆସନ୍ତା ବୁଧବାର ପର୍ଯ୍ୟନ୍ତ ଚାଲିବ ବୋଲି ପୂଜା କମିଟି ପକ୍ଷରୁ ସୂଚନା ଦିଆଯାଇଛି। ଶନିବାର ସନ୍ଧ୍ୟାରେ ମା' ମଝିଘରିଆଣୀ ମନ୍ଦିରରେ ପୂଜାର୍ଚ୍ଚନା ଓ ଆବାହନ ପରେ ମା'ଙ୍କ ଘଟ ଅଣାଯାଇ ମଣ୍ଡପରେ ସ୍ଥାପନ କରାଯାଇଥିଲା। ୫ଦିନ ବ୍ୟାପୀ ଏହି ମଣ୍ଡପରେ ଭକ୍ତମାନେ ମା'ଙ୍କ ପୂଜା କରିବା ସହ ଗ୍ରାମରେ ସମସ୍ତଙ୍କ ମଙ୍ଗଳ ପାଇଁ ପ୍ରାର୍ଥନା କରି ରୀତିନୀତି ଅନୁଯାୟୀ ପୂଜାପାଠ କରିଥାନ୍ତି। ରବିବାର ସନ୍ଧ୍ୟାରୁ ମା'ଙ୍କ ଖଣ୍ଡା, ଘଟ ଇନ୍ଦିରା ନଗର ଓ ଗାନ୍ଧୀ ନଗରର ସମସ୍ତ ସାହିଗଳିରେ ପରିକ୍ରମା କରାଯାଇଥାଏ। ପ୍ରତ୍ୟେକ ସାହିରେ ଏହି ଘଟକୁ ଲୋକେ ପୂଜାର୍ଚ୍ଚନା କରି ମା'ଙ୍କ ଆଶିଷ ମନାସିଥାନ୍ତି। ଇନ୍ଦିରା ନଗର ଓ ଗାନ୍ଧୀ ନଗର ପୂଜା କମିଟି ପକ୍ଷରୁ ମା'ଙ୍କ ଏହି ଘଟଯାତ୍ରା ଅବସରରେ ଅଞ୍ଚଳକୁ ସୁନ୍ଦର ଆଲୋକମାଳାରେ ସୁସଜ୍ଜିତ କରାଯାଇଛି।

## ମା' ମଝିଘରିଆଣୀଙ୍କ ମନ୍ଦିରରେ ପ୍ରବଳ ଭିଡ଼

# ଟାଣ ଖରାରେ ମା'ଙ୍କ ଦର୍ଶନ ପାଇଁ ଶ୍ରଦ୍ଧାଳୁଙ୍କ ଲମ୍ବା ଧାଡ଼ି






**ରାୟଗଡ଼ା,୧୯।୫(ସମିସ):** ରାୟଗଡ଼ାର ଅଧିଷ୍ଠାତ୍ରୀ ଦେବୀ ମା' ମଝିଘରିଆଣୀଙ୍କ ମନ୍ଦିରରେ ରବିବାର ହଜାର ହଜାର ଶ୍ରଦ୍ଧାଳୁ ତଥା ପର୍ଯ୍ୟଟକଙ୍କ ପ୍ରବଳ ଭିଡ଼ ଦେଖିବାକୁ ମିଳିଛି। ମା'ଙ୍କ ଦର୍ଶନ ଓ ଆଶୀର୍ବାଦ ଲାଭ କରିବା ପାଇଁ ୩୮ ଡିଗ୍ରୀ ଉପରେ ତାପମାତ୍ରାର ଟାଣ ଖରାରେ ମନ୍ଦିର ପ୍ରାଙ୍ଗଣରୁ ନେଇ ରାସ୍ତା ଉପରେ ଶ୍ରଦ୍ଧାଳୁଙ୍କ ଲମ୍ବା ଧାଡ଼ି ଦେଖିବାକୁ ମିଳିଥିବାବେଳେ ଖରାରେ ଠିଆ ହୋଇ ରହୁଥିବା ଶ୍ରଦ୍ଧାଳୁଙ୍କ ନିମନ୍ତେ ମନ୍ଦିର ପରିଚାଳନା କମିଟି ପକ୍ଷରୁ କୌଣସି ଛାଇର ଅସ୍ଥାୟୀ ବ୍ୟବସ୍ଥା କରାଯାଇ ନ ଥିବା ଦେଖିବାକୁ ମିଳିଥିଲା। ସ୍ୱତନ୍ତ୍ର ଦର୍ଶନ ନିମନ୍ତେ ଟିକଟ କାଟିଥିବା ଶ୍ରଦ୍ଧାଳୁମାନେ ମଧ୍ୟ ଲମ୍ବାଧାଡ଼ିରେ ଠିଆ ହୋଇ ନ ପାରି ମନ୍ଦିର ବାହାରେ ପୂଜାର୍ଚ୍ଚନା କରି ଫେରି ଯାଇଥିବା ଦେଖିବାକୁ ମିଳିଥିଲା।

ମା' ମଝିଘରିଆଣୀ ମନ୍ଦିରକୁ ପ୍ରତିବର୍ଷ ଏହି ସମୟରେ ପଡ଼ୋଶୀ ଆନ୍ଧ୍ର ପ୍ରଦେଶ, ତେଲଙ୍ଗାନା, ଛତିଶଗଡ଼ ଭଳି ବାହାର ରାଜ୍ୟ ସମେତ ଜିଲ୍ଲାର କୋଣ ଅନୁକୋଣରୁ ଶ୍ରଦ୍ଧାଳୁମାନେ ହଜାର ହଜାର ସଂଖ୍ୟାରେ ମା'ଙ୍କ ଦର୍ଶନ ପାଇଁ ଆସିଥାନ୍ତି। ଚଳିତ ବର୍ଷ ପଡ଼ୋଶୀ ଆନ୍ଧ୍ର ପ୍ରଦେଶରେ ନିର୍ବାଚନ ଶେଷ ହୋଇଥିବାବେଳେ ଚାଷ କାମ ମଧ୍ୟ ବନ୍ଦ ଅଛି। ସମସ୍ତ ସ୍କୁଲ କଲେଜ ମଧ୍ୟ ଛୁଟି ରହିଥିବାରୁ ହଜାର ହଜାର ସଂଖ୍ୟକ ପର୍ଯ୍ୟଟକ ତଥା ଶ୍ରଦ୍ଧାଳୁ ରାୟଗଡ଼ାର ଅଧିଷ୍ଠାତ୍ରୀ ଦେବୀ ମା' ମଝିଘରିଆଣୀଙ୍କ ଆଶିଷ ଲାଭ ତଥା ନିଜ ମାନସିକ ରଖିବା ଓ ପୂରଣ ପାଇଁ ଆସୁଛନ୍ତି। ତେବେ ହଜାର ହଜାର ସଂଖ୍ୟକ ଶ୍ରଦ୍ଧାଳୁଙ୍କ ଭିଡ଼ ଜମିବା ନେଇ ମନ୍ଦିର ପରିଚାଳନା କମିଟି ଅବଗତ ରହିଥିଲେ ମଧ୍ୟ ଶ୍ରଦ୍ଧାଳୁଙ୍କ ନିମନ୍ତେ ସ୍ୱତନ୍ତ୍ର ବ୍ୟବସ୍ଥା କରାଯାଇ ନ ଥିବାରୁ ଶ୍ରଦ୍ଧାଳୁମାନେ ନାନା ଅସୁବିଧାର ସମ୍ମୁଖୀନ ହେଉଥିବା ପରିଲକ୍ଷିତ ହୋଇଛି। ବିଶେଷ କରି ମା'ଙ୍କ ଦର୍ଶନ ନିମନ୍ତେ ସ୍ୱତନ୍ତ୍ର ଓ ସାଧାରଣ ବ୍ୟବସ୍ଥାରେ ଆହୁରି ସୁଗମ କରିବାକୁ ଶ୍ରଦ୍ଧାଳୁଙ୍କ ମହଲରେ ଦାବି ଉଠିଛି। ଏ ନେଇ ମନ୍ଦିର ପରିଚାଳନା କମିଟିର ପ୍ରତିକ୍ରିୟା ମିଳିପାରିନାହିଁ।



# ଯବାନ ଓ ଗ୍ରାମବାସୀଙ୍କ ହତ୍ୟାରେ ସାମିଲ ଦୁଇ ମାଓବାଦୀ ଗିରଫ



**ମାଲକାନଗିରି,୧୯।୫(ସମିସ):** ମାଲକାନଗିରି ଜିଲ୍ଲା ସୀମାନ୍ତ ଛତିଶଗଡ଼ ବିଜାପୁର ଜିଲ୍ଲାରେ ପୁଲିସ ଦ୍ୱାରା ଚାଲିଥିବା ମାଓଦମନ କାର୍ଯ୍ୟକ୍ରମରେ ଦୁଇଜଣ ମାଓବାଦୀ ଗିରଫ ହୋଇଛନ୍ତି। ଉକ୍ତ ଦୁଇ ମାଓବାଦୀ ହେଲେ ଦଶରୁ ଆର୍କି ଓ ମଙ୍ଗଲୁ କବାସୀ। ଏହି ଦୁଇଜଣ ଜଣେ ଯବାନ ଓ ଜଣେ ଗ୍ରାମବାସୀଙ୍କୁ ହତ୍ୟା କରିଥିବା ମାମଲାରେ ଜଡ଼ିତ ଥିବାବେଳେ ଏମାନଙ୍କ ନାମରେ ମାମଲା ରୁଜୁ ହୋଇଥିଲା। ଏହି ଦୁଇଜଣ ଫେରାର୍ ହୋଇଯାଇଥିବା ବେଳେ ପୁଲିସ ଏହାର ତଦନ୍ତ କରି ରବିବାର ଏହି ଦୁଇ ଜଣଙ୍କୁ ଗିରଫ କରିଛନ୍ତି। ପ୍ରକାଶ ଥାଉ କି, ଗତ ଫେବୃଆରୀ ୭ ତାରିଖ ଦିନ ବିଜାପୁର ଜିଲ୍ଲା ଜଙ୍ଗଲା ଥାନା ଅନ୍ତର୍ଗତ ବେଚରମ ଗ୍ରାମରେ ସ୍ଥାପିତ ହୋଇଥିବା ଟାୱାରକୁ ନିଆଁ ଲଗାଇବା ଘଟଣାରେ ଏହି ଦୁଇଜଣ ସାମିଲ ଥିଲେ। ଗତ ଫେବୃଆରୀ ୧୮ ତାରିଖ ଦିନ ଦର୍ଭା ଗ୍ରାମର ଛସବଲ କ୍ୟାମ୍ପର କାର୍ଯ୍ୟରତ ଯବାନ ତିଜଠ ରାମଙ୍କୁ ହତ୍ୟା କରିବା ଓ କୁଟ୍ରୁ ଥାନା ଅଞ୍ଚଳରେ ଗତ ମାର୍ଚ୍ଚ ୮ ତାରିଖ ଦିନ ତେଲିପେଠା ଗ୍ରାମର ପୁସୁ ହେମଲା ନାମକ ଜଣେ ବ୍ୟକ୍ତିଙ୍କୁ ହତ୍ୟା କରିବା ଘଟଣାରେ ସାମିଲ ଥିଲେ।

# ସିନାରୀଙ୍କୁ ଆବାସ ସ୍ୱପ୍ନ; ଭଙ୍ଗାଦଦରା ଘରେ ୫ ପ୍ରାଣୀ କୁଟୁମ୍ବ

**ମୁନିଗୁଡ଼ା,୧୯।୫(ସମିସ)**



ଭୟଭୀତ ଅବସ୍ଥାରେ କଟୁଛି ଦିନ

ଆର୍ଥିକ ଅନଗ୍ରସର ମହିଳାଙ୍କୁ ଆବାସ ଯୋଜନା ସ୍ୱପ୍ନ। ଦୀର୍ଘଦିନରୁ ଭଙ୍ଗାଦଦରା ଘରେ ପରିବାର ସହ କାଟୁଛନ୍ତି ଦିନ। ଅଦିନିଆ ବର୍ଷା ପବନରେ ଦୁର୍ଘଟଣା ଆଶଙ୍କା ଥିବାବେଳେ ଭୟଭୀତ ଅବସ୍ଥାରେ ଜୀବନ କାଟୁଛନ୍ତି ଅସହାୟ ମହିଳା। ସମ୍ପ୍ରତି ରାଜ୍ୟ ସରକାର ଗରିବଗୁରୁବା ଲୋକଙ୍କ ପାଇଁ ଲାଗୁ କରିଛନ୍ତି ବିଭିନ୍ନ ଯୋଜନା। ଅନେକ ସମୟରେ ଅଞ୍ଚଳରେ ବସବାସ କରୁଥିବା ସାଧାରଣ ଗରିବ ଶ୍ରେଣୀର ଲୋକଙ୍କୁ ମୌଳିକ ସୁବିଧା ଯୋଗାଇ ଦେଉଥିବାବେଳେ ଆଜି ବି ସାଧାରଣ ଲୋକଟିଏ ଆଶ୍ରୟ ନେବା ପାଇଁ ବାରଦୁଆର ହେଉଥିବା ଦେଖିବାକୁ ମିଳିଛି। ରାୟଗଡ଼ା ଜିଲ୍ଲା ମୁନିଗୁଡ଼ା ବ୍ଲକ୍ ଇଚ୍ଛାପୁର ପଞ୍ଚାୟତ ଅନ୍ତର୍ଗତ ପୁରୁଣାପାଣି ଗ୍ରାମର ସିନାରୀ ଶିକକାଙ୍କ ପରିବାର ପାଇଁ ଆବାସ ଯୋଜନା ପାଲଟିଛି ସାତ ସପନ। ପୂର୍ବପୁରୁଷରୁ ରହିଥିବା ଝାଟିମାଟି ଭଙ୍ଗାଦଦରା ଘରେ ୫ ପ୍ରାଣୀ କୁଟୁମ୍ବଙ୍କ ଜୀବନ ବିତୁଛି।

ଗୋଟିଏ ବଖରା ଘରକୁ ଛାଡ଼ିଦେଲେ ସମ୍ପତ୍ତିବାଡ଼ି ବୋଲି କିଛି ନାହିଁ। ମୂଲମଜୁରୀ କଲେ ଯାହା କିଛି ରୋଜଗାର ହୁଏ ସେଥିରେ ପରିବାର ଚଳିବା କଷ୍ଟକର। ସିନାରୀଙ୍କ ସ୍ୱାମୀ ଦୁଇ ବର୍ଷ ପୂର୍ବରୁ ଏକ ସଡ଼କ ଦୁର୍ଘଟଣାରେ ପ୍ରାଣ ହରାଇଥିବାବେଳେ ପରିବାରରେ ରୋଜଗାରିଆ ପୁରୁଷ ନାହାନ୍ତି। ଏଭଳି ସ୍ଥିତିରେ ସିନାରୀ ନିଜ ପିଲାଙ୍କ ପେଟ ପୋଷିପାରୁ ନ ଥିବାବେଳେ ଘରଖଣ୍ଡିକ ମରାମତି ମଧ୍ୟ କରିପାରୁ ନାହାନ୍ତି। ବର୍ଷା ପବନରେ ଘର ଭାଙ୍ଗିଯିବାର ଆଶଙ୍କା ରହିଥିବାରୁ ଆତଙ୍କିତ ଅବସ୍ଥାରେ ଦିନ କାଟୁଛନ୍ତି ପରିବାର। ଆବାସ ଯୋଜନାରେ ସାମିଲ୍ ପାଇଁ ସେ ପଞ୍ଚାୟତରୁ ବ୍ଲକ୍ କାର୍ଯ୍ୟାଳୟ ଦୌଡ଼ି ଦୌଡ଼ି ନିରାଶ ହୋଇ ପଡ଼ିଛନ୍ତି। ଅନେକ ସ୍ୱଚ୍ଛଳ ବର୍ଗର ଲୋକେ ଆବାସ ଯୋଜନାରେ ଅନ୍ତର୍ଭୁକ୍ତ ହୋଇ ଗୃହ ନିର୍ମାଣ କରୁଥିବାବେଳେ ଅସହାୟ ସିନାରୀ ଶିକକା ଆବାସ ଯୋଜନାରୁ ବଞ୍ଚିତ ହୋଇଛନ୍ତି। ପଞ୍ଚାୟତ ନିର୍ବାଚନ ସମୟରେ ଜନପ୍ରତିନିଧିମାନେ ପ୍ରତିଶ୍ରୁତି ଦେଇଥିବାବେଳେ ପରବର୍ତ୍ତି ସମୟରେ ଭୁଲି ଯାଉଥିବା ଦେଖିବାକୁ ମିଳୁଛି। ଆବାସ ଯୋଜନାରେ ତାଙ୍କୁ ସାମିଲ୍ କରିବା ପାଇଁ ସିନାରୀଙ୍କ ପରିବାର ବିଭାଗୀୟ ଅଧିକାରୀଙ୍କୁ ଆକୁଳ ନିବେଦନ କରିଛନ୍ତି।

# ଯୁବତୀଙ୍କ ଆତ୍ମହତ୍ୟା; ସ୍ୱାମୀଙ୍କ ବିରୋଧରେ ମାମଲା

**ଜୟପୁର,୧୯।୫(ସମିସ):** କୋରାପୁଟ ଜିଲ୍ଲା ଜୟପୁର ସଦର ଥାନା ଅଞ୍ଚଳର ବାରିଣିପୁଟ ଗ୍ରାମରେ ଜଣେ ବିବାହିତା ଯୁବତୀ ଘରୋଇ ଗଣ୍ଡଗୋଳକୁ ନେଇ କୀଟନାଶକ ବିଷ ପିଇ ଆତ୍ମହତ୍ୟା କରିଥିବା ନେଇ ଯୁବତୀଙ୍କ ପରିବାର ଅଭିଯୋଗ କ୍ରମେ ସ୍ୱାମୀଙ୍କ ବିରୁଦ୍ଧରେ ଏକ ମାମଲା ରୁଜୁ କରାଯାଇଛି। ମୃତକ ତୁଳସା ପରଜା (୧୯) ବର୍ଷକ ପୂର୍ବେ ବୁଦୁରା ରଣା (୨୨)ଙ୍କୁ ପ୍ରେମ ବିବାହ କରିଥିଲେ। କିଛିଦିନ ହେବ ଉଭୟ ସ୍ୱାମୀ ଓ ସ୍ତ୍ରୀଙ୍କ ମଧ୍ୟରେ ତିକ୍ତତା ଯୋଗୁଁ ଗଣ୍ଡଗୋଳ ଲାଗି ରହିଥିଲା। ଶେଷରେ ଗତ ଗୁରୁବାର ଯୁବତୀ ବିଷପିଇ ଆତ୍ମହତ୍ୟା ଉଦ୍ୟମ କରିଥିଲେ। ଏନେଇ ଯୁବତୀଙ୍କ ପରିବାର ପକ୍ଷରୁ ସ୍ୱାମୀଙ୍କ ବିରୋଧରେ ଥାନାରେ ଏତଲା ଦିଆଯାଇଥିଲା। ପରିବାର ଲୋକ ପୀଡ଼ିତାଙ୍କୁ ଜିଲ୍ଲା ଚିକିତ୍ସାଳୟରେ ଭର୍ତ୍ତି କରି ସେଠାରୁ କୋରାପୁଟ ମେଡିକାଲ ଓ କଲେଜକୁ ଚିକିତ୍ସା ପାଇଁ ନେଇଥିଲେ। ଶନିବାର ତାଙ୍କର ମୃତ୍ୟୁ ହୋଇଯାଇଛି। ବ୍ୟବଚ୍ଛେଦ ପରେ ପରିବାର ଲୋକଙ୍କୁ ପୁଲିସ ଶବ ହସ୍ତାନ୍ତର କରିଛନ୍ତି। ତଦନ୍ତ ଜାରି ରହିଥିବା ସଦର ଥାନା ଅଧିକାରୀ ଦାୟିତ୍ୱରେ ଥିବା ଟାଉନ ଥାନା ଆଇଆଇସି ରମଣୀ ରଞ୍ଜନ ଦଳେଇ ସୂଚନା ଦେଇଛନ୍ତି।

# ପୁଣି ଅନ୍‌ଲାଇନ୍ ଗେମ୍ ଖେଳି ଆଉ ଜଣେ ଯୁବକଙ୍କ ଆତ୍ମହତ୍ୟା

**ମାଲକାନଗିରି,୧୯।୫(ସମିସ):** ଗତ ଦୁଇଦିନ ପୂର୍ବେ ମାଲକାନଗିରି ଜିଲ୍ଲା କୋରୁକୋଣ୍ଡା ଥାନା ଅନ୍ତର୍ଗତ ଏମଭି ୨୮ ଗ୍ରାମର ଜଣେ ଯୁବକ ଅନଲାଇନ୍ ଗେମ୍ ଖେଳି ଟଙ୍କା ହାରିଯିବାରୁ ଆତ୍ମହତ୍ୟା କରିଥିବା ଘଟଣା ଦୁଇଦିନ ନ ପୂରୁଣ ଆଉ ଏକ ଘଟଣା ରବିବାର ଘଟିଯାଇଛି। ମାଲକାନଗିରି ଜିଲ୍ଲା ବାଲିମେଳା ବିଜ୍ଞାପିତ ଅଞ୍ଚଳ ପରିଷଦ ୱାର୍ଡ ନଂ. ୧ ସ୍ଥିତ ନୂଆସାହିର ଜଣେ ଯୁବକ ବେକରେ ରଶି ଲଗାଇ ଆତ୍ମହତ୍ୟା କରିଛନ୍ତି। ମୃତ ଯୁବକ ଜଣକ ହେଲେ ଉକ୍ତ ସାହିର ପୂର୍ଣ୍ଣଚନ୍ଦ୍ର ବାଘଙ୍କ ପୁଅ ସରୋଜ ବାଘ (୨୨)।

ତଥ୍ୟ ଅନୁଯାୟୀ, ସରୋଜ ନିଜ ସ୍ତ୍ରୀ ସନ୍ତୋଷୀ ବାଘ ଓ ଦୁଇଟି ସନ୍ତାନ ସହ ସୁଖରେ ପରିବାର ଚଳାଉଥିବାବେଳେ ସେ କିଛି ଧାରକରଜ ହୋଇଥିବା ଯୋଗୁଁ ନିଜର କରଜ ସୁଝିବା ପାଇଁ ସାପ୍ତାହିକ ଗ୍ରୁପରୁ ଟଙ୍କା ଋଣ ଆକାରରେ ନେଇଥିଲେ। ତେବେ ଉକ୍ତ ଟଙ୍କାରେ ସେ କିଛି ଉଦ୍ଧାର ପୂରଣ କରିଥିବାବେଳେ ବଳକା ଟଙ୍କା ନିଜ ଆକାଉଣ୍ଟରେ ରଖିଥିଲେ। ପୂର୍ବରୁ ସରୋଜଙ୍କୁ ଅନଲାଇନ୍ ଗେମ୍ ଖେଳିବାର ନିଶା ଥିବାବେଳେ ନିଜ ଆକାଉଣ୍ଟରେ ଟଙ୍କା ଜମା କରିବା ପରେ ପୁନର୍ବାର ସେ ଅନଲାଇନ୍ ଗେମ୍ ଖେଳିବାକୁ ଲାଗିଲେ। ଫଳରେ ଉକ୍ତ ଗେମରେ ସେ ସମସ୍ତ ଟଙ୍କା ହାରିଯାଇଥିଲେ। ରବିବାର ସକାଳେ ତାଙ୍କ ସ୍ତ୍ରୀ ସନ୍ତୋଷୀ କାମ କରିବା ପାଇଁ ବାହାରକୁ ଯାଇଥିବାବେଳେ ତାଙ୍କ ମାଆ ମଧ୍ୟ ଘର ଦାଣ୍ଡରେ କାମ କରୁଥିଲେ। କିଛି ସମୟ ପରେ ତାଙ୍କ ପଡ଼ୋଶୀ ଘର ଝିଅ ସରୋଜଙ୍କ ଘରକୁ ଆସି ସରୋଜଙ୍କ ଘର କବାଟ ବନ୍ଦ ଥିବା ଦେଖି ତାଙ୍କ ମା'ଙ୍କୁ କହିବାରୁ ତାଙ୍କ ମାଆ ବହୁବାର କବାଟକୁ ବାଡ଼େଇବା ସତ୍ତ୍ୱେ ସରୋଜ ଖୋଲି ନ ଥିଲେ। ପରେ ପଡ଼ୋଶୀମାନଙ୍କୁ ଡାକି କବାଟ ଭାଙ୍ଗି ଦେଖିବାରୁ ସେ ରଶି ଲଗାଇ ଆତ୍ମହତ୍ୟା କରିଥିବା ଦେଖିବାକୁ ପାଇଥିଲେ। ସଙ୍ଗେ ସଙ୍ଗେ ତାଙ୍କୁ ସ୍ଥାନୀୟ ଚିକିତ୍ସାଳୟକୁ ନେଇଥିବାବେଳେ ସେଠାରେ ଡାକ୍ତର ତାଙ୍କୁ ମୃତ ଘୋଷଣା କରିଥିଲେ। ବାଲିମେଳା ପୁଲିସ ଘଟଣାସ୍ଥଳରେ ପହଞ୍ଚି ଶବ ଜବତ କରିବା ସହ ବ୍ୟବଚ୍ଛେଦ କରିବା ପରେ ପରିବାର ବର୍ଗଙ୍କୁ ହସ୍ତାନ୍ତର କରି ଏ ସମ୍ବନ୍ଧରେ ଏକ ଅପମୃତ୍ୟୁ ମାମଲା ରୁଜୁ କରି ତଦନ୍ତ ଜାରି ରଖିଛନ୍ତି।

## ଚାଲିବା ସୁସ୍ଥ ରହିବା

# ୱାକର୍ସ କ୍ଲବ୍ ରାୟଗଡ଼ା ପକ୍ଷରୁ ହାଫ୍ ମାରାଥନ୍ ୱାକ୍




**ରାୟଗଡ଼ା,୧୯।୫(ସମିସ):** ରାୟଗଡ଼ା ୱାକର୍ସ କ୍ଲବ୍ ପକ୍ଷରୁ ହାଫ୍ ମାରାଥନ୍ ୱାକ୍ କାର୍ଯ୍ୟକ୍ରମ ରବିବାର ସକାଳେ ଅନୁଷ୍ଠିତ ହୋଇଯାଇଛି। କ୍ଲବ୍ ସଭାପତି ୱାକର୍ସ ଦୁଷ୍ମନ୍ତ କୁମାର ମହାନ୍ତିଙ୍କ ନେତୃତ୍ୱରେ ରିଙ୍ଗରୋଡ୍ ସ୍ଥିତ ଲାୟନ୍ସ କ୍ଲବ୍ ଛକଠାରୁ ଏହି ୱାକ୍ ଆରମ୍ଭ ହୋଇ କଲେକ୍ଟରେଟ୍ ଛକ, ଜାତୀୟ ରାଜପଥ ମୁଖ୍ୟ ରାସ୍ତା, କପିଳାସ ଛକ ଦେଇ ପୁଣି ଲାୟନ୍ସ କ୍ଲବ୍ ଛକଠାରେ ସମାପ୍ତ ହୋଇଥିଲା। ପ୍ରତିଦିନ ଚାଲିବା ଦ୍ୱାରା ଶରୀର ସୁସ୍ଥ ରହିବା ସହ ଅନେକ ନିରୋଗୀ ହୋଇ ରହିବେ। ନିଜ ସ୍ୱାସ୍ଥ୍ୟ ପ୍ରତି ଯତ୍ନବାନ ହେବା ପାଇଁ ସମସ୍ତେ ସଚେତନ ରହିଥିଲେ ମଧ୍ୟ ବ୍ୟସ୍ତବହୁଳ ଜୀବନରେ ପ୍ରତିଦିନ ଚାଲିବା ସହ ଅନ୍ୟ ବ୍ୟାୟାମ କରିବା ପାଇଁ ସମୟ ବାହାର କରିପାରନ୍ତି ନାହିଁ। ତେବେ ୱାକର୍ସ କ୍ଲବ୍ ପକ୍ଷରୁ ସମସ୍ତ ସଦସ୍ୟଙ୍କ ସ୍ୱାସ୍ଥ୍ୟ ପ୍ରତି ଦୃଷ୍ଟି ଦିଆଯାଇ ପ୍ରତି ମାସର ତୃତୀୟ ରବିବାର ସକାଳେ ଏଭଳି ଚାଲିବା କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇ ଆସୁଛି ବୋଲି ସଭାପତି ଶ୍ରୀ ମହାନ୍ତି ପ୍ରକାଶ କରିଛନ୍ତି। ଏହି କାର୍ଯ୍ୟକ୍ରମରେ ଅନ୍ୟମାନଙ୍କ ମଧ୍ୟରେ ୱାକର୍ସ କିଶୋର ଚନ୍ଦ୍ର ପଣ୍ଡା, ସତ୍ୟବାଦୀ ପତି, ଟି.ଜୟରାମ, ବି.ଡାଲି ରାଜୁଙ୍କ ସମେତ ୫୮ଜଣ ସଦସ୍ୟ ଯୋଗଦେଇଥିଲେ।

## ୫ ମାସରେ ୧୦ ପ୍ରତିଶତ କମିଛି ଜିଲ୍ଲା ଚିକିତ୍ସାଳୟରୁ ମେଡିକାଲ କଲେଜକୁ ରୋଗୀ ସ୍ଥାନାନ୍ତର

# ହୃଦ୍‌ରୋଗ, ଅସ୍ତ୍ରୋପଚାର, ଶଲ୍ୟ ବିଭାଗରେ ରହିଛି ବିଶେଷଜ୍ଞଙ୍କ ଆବଶ୍ୟକତା

**ଜୟପୁର,୧୯।୫(ସମିସ):** କୋରାପୁଟ ଜିଲ୍ଲା ଜୟପୁର ସ୍ଥିତ ଜିଲ୍ଲା ମୁଖ୍ୟ ଚିକିତ୍ସାଳୟ ପୂର୍ବରୁ ରୋଗୀ ରିଫେରାଲ କେନ୍ଦ୍ର ତଥା ଚିକିତ୍ସାଳୟ ଭାବେ ସାଧାରଣରେ ଚର୍ଚ୍ଚା ରହିଥିଲା। କିନ୍ତୁ ବର୍ତ୍ତମାନ ପରିସ୍ଥିତିରେ ପରିବର୍ତ୍ତନ ଆସିଛି। ଗତ ୫ ମାସ ମଧ୍ୟରେ ଜିଲ୍ଲା ଚିକିତ୍ସାଳୟରୁ କୋରାପୁଟ ସହିଦ ଲକ୍ଷ୍ମଣ ନାୟକ ମେଡିକାଲ କଲେଜକୁ ରୋଗୀ ସ୍ଥାନାନ୍ତର ପ୍ରାୟ ୧୦ରୁ ୧୧ ପ୍ରତିଶତ କମିଥିବା ନେଇ ଚିକିତ୍ସାଳୟ ପକ୍ଷରୁ ସୂଚନା ମିଳିଛି। ସୂଚନାପ୍ରକାରେ, ଜୟପୁର ଜିଲ୍ଲା ଚିକିତ୍ସାଳୟ ୨୦୧୯ରେ ସ୍ଥାପିତ ହୋଇଥିଲା। କିନ୍ତୁ ଆବଶ୍ୟକ ଡାକ୍ତର ଏବଂ ବିଶେଷଜ୍ଞ ଡାକ୍ତରଙ୍କ ଅଭାବ ଯୋଗୁଁ ଏଠାକୁ ଆସୁଥିବା ରୋଗୀମାନଙ୍କୁ ଚିକିତ୍ସା କରାଯାଉଥିଲେ ସୁଦ୍ଧା କିଛି ରୋଗୀଙ୍କୁ ଅଧିକ ଚିକିତ୍ସା ଆବଶ୍ୟକତା ନେଇ କୋରାପୁଟ ସ୍ଥିତ ସହିଦ ଲକ୍ଷ୍ମଣ ନାୟକ ମେଡିକାଲ କଲେଜକୁ ସ୍ଥାନାନ୍ତରିତ କରାଯାଉଥିଲା। ମୁଖ୍ୟତଃ ଜିଲ୍ଲା ଚିକିତ୍ସାଳୟରେ ଆବଶ୍ୟକ ବିଶେଷଜ୍ଞ ଡାକ୍ତର ଅଭାବ ଯୋଗୁଁ ଏଠାରୁ ରୋଗୀମାନଙ୍କୁ କୋରାପୁଟ ମେଡିକାଲ କଲେଜକୁ ସ୍ଥାନାନ୍ତରିତ କରାଯାଉଛି। ତେଣୁ ଜିଲ୍ଲା ଚିକିତ୍ସାଳୟ ଜଣେ ହୃଦରୋଗ ବିଶେଷଜ୍ଞ ଡାକ୍ତର ନିଯୁକ୍ତି ସହିତ ଆବଶ୍ୟକ ଅନୁଯାୟୀ ଅସ୍ତ୍ରୋପଚାର, ଶଲ୍ୟ ବିଭାଗ ଏବଂ ମେଡିସନ ବିଭାଗର ଜଣେ ବରିଷ୍ଠ ଡାକ୍ତର ପଦ ପୂରଣ କରାଗଲେ ଜିଲ୍ଲାଚିକିତ୍ସାଳୟ ଉପରେ ରୋଗୀ ଏବଂ ସାଧାରଣ ଲୋକଙ୍କ ଆସ୍ଥା ଅଧିକ ବୃଦ୍ଧିପାଇବ। ସେହିପରି ଜିଲ୍ଲା ଚିକିତ୍ସାଳୟରେ ଆଇସିୟୁ ସିଟି ସ୍କାନିଂ ଏବଂ ଏମ୍ଆର୍ଆଇ ମେସିନ୍ ବ୍ୟବସ୍ଥା ସହିତ ଜଣେ ବିଶେଷଜ୍ଞ ଡାକ୍ତର ନିଯୁକ୍ତି ବ୍ୟବସ୍ଥାର ମଧ୍ୟ ଆବଶ୍ୟକତା ରହିଥିବା ନେଇ ଜୟପୁର ବୁଦ୍ଧିଜୀବୀମାନେ ବାରମ୍ବାର ଦାବି କରୁଛନ୍ତି।



ଗତ ଜାନୁଆରୀ ମାସ ପୂର୍ବରୁ ଜୟପୁର ଜିଲ୍ଲା ଚିକିତ୍ସାଳୟରୁ ଆସୁଥିବା ରୋଗୀଙ୍କ ମଧ୍ୟରୁ ପ୍ରାୟ ୨୫ରୁ ୨୬ ପ୍ରତିଶତ ରୋଗୀଙ୍କୁ ଆବଶ୍ୟକ ବିଶେଷଜ୍ଞ ଡାକ୍ତର ଏବଂ ଅନ୍ୟାନ୍ୟ ବ୍ୟବସ୍ଥା ନ ଥିବା ଯୋଗୁଁ କୋରାପୁଟ ମେଡିକାଲ କଲେଜକୁ ସ୍ଥାନାନ୍ତରିତ କରାଯାଉଥିଲା। କିନ୍ତୁ ଜାନୁଆରୀଠାରୁ ମେ' ମାସ ମଧ୍ୟରେ ପର୍ଯ୍ୟାୟ କ୍ରମେ ରୋଗୀଙ୍କୁ ସ୍ଥାନାନ୍ତର ସଂଖ୍ୟା କମି କମି ଆସିଛି। ମେ' ମାସ ସୁଦ୍ଧା ରୋଗୀ ସ୍ଥାନାନ୍ତର ପ୍ରତିଶତ କମି କମି ୧୬ ପ୍ରତିଶତରେ ପହଞ୍ଚିଥିବା ନେଇ ଜିଲ୍ଲା ଚିକିତ୍ସାଳୟ ପକ୍ଷରୁ ସୂଚନା ପ୍ରାପ୍ତ ହୋଇଛି। କେବଳ ହୃଦରୋଗ ସମ୍ବନ୍ଧୀୟ ଯାଞ୍ଚ ମେସିନ୍ ନ ଥିବାବେଳେ ବିଶେଷଜ୍ଞ ଡାକ୍ତର ନ ଥିବା ଯୋଗୁଁ ରୋଗୀଙ୍କୁ ସ୍ଥାନାନ୍ତରିତ କରାଯାଉଛି। ଆଗାମୀ ଦିନରେ ଉକ୍ତ ଆବଶ୍ୟକ ବିଶେଷଜ୍ଞ ଡାକ୍ତର ପଦ ପୂରଣ ହେଲେ ଜୟପୁର ଜିଲ୍ଲା ଚିକିତ୍ସାଳୟ ରାଜ୍ୟରେ ସୁନାମ ଅର୍ଜନ କରିବାର ସମ୍ଭାବନା ଅଧିକ ରହିଛି। ଜିଲ୍ଲା ଚିକିତ୍ସାଳୟରେ ଖରାଦିନ ପୂର୍ବରୁ ସମସ୍ତ ବିଭାଗର ରୋଗୀ ରହୁଥିବା ୱାର୍ଡ ଏବଂ ବହିଃବିଭାଗରେ ରୋଗୀ ଅପେକ୍ଷା କକ୍ଷରେ ଶୀତତାପ ନିୟନ୍ତ୍ରଣ ମେସିନ ସଂଯୋଗ କରାଯାଇଛି।

## କନ୍ଧମାଳ ସଂସଦୀୟ କ୍ଷେତ୍ରରେ ଆଜି ମତଦାନ

# ୮ ସାଂସଦ ଓ ୩୦ ବିଧାୟକ ପ୍ରାର୍ଥୀଙ୍କ ଭାଗ୍ୟ ପରୀକ୍ଷା

ଫୁଲବାଣୀ, ୧୯।୫(ସମିସ): ସୋମବାର କନ୍ଧମାଳ ସଂସଦୀୟ କ୍ଷେତ୍ର ସହିତ ୩ ବିଧାନସଭା ଆସନ ପାଇଁ ଅନୁଷ୍ଠିତ ହେଉଛି ମତଦାନ। ଇଭିଏମରେ ସିଲ୍ ହେବ ୮ ସାଂସଦ ପ୍ରାର୍ଥୀଙ୍କ ସହ ୩୦ ବିଧାୟକ ପ୍ରାର୍ଥୀଙ୍କ ଭାଗ୍ୟ। ଫୁଲବାଣୀ ବିଧାନସଭା ଆସନ ପାଇଁ ୯ ଜଣ ପ୍ରାର୍ଥୀ ଥିବାବେଳେ ଜି.ଉଦୟଗିରିରେ ୮ ଜଣ ଓ ବାଲିଗୁଡା ପାଇଁ ୫ ଜଣ ପ୍ରାର୍ଥୀ ନିର୍ବାଚନ ମଇଦାନରେ ଅଛନ୍ତି। ମତଦାନକୁ ସ୍ୱଚ୍ଛ ଓ ଅବାଧ କରିବା ପାଇଁ କନ୍ଧମାଳ ଜିଲ୍ଲା ପ୍ରଶାସନ ପକ୍ଷରୁ ବୁଥ ମାନଙ୍କରେ ସମସ୍ତ ପ୍ରସ୍ତୁତି ଶେଷ ହୋଇଛି। ଜିଲ୍ଲାର ସମୁଦାୟ ୫ ଲକ୍ଷ ୬୮ ହଜାର ୯୬୧ ଭୋଟର ସେମାନଙ୍କ ମତାଧିକାର ସାବ୍ୟସ୍ତ କରିବେ। ଗ୍ରାମାଞ୍ଚଳରେ ସକାଳ ସାତଟାରୁ ଅପରାହ୍ନ ଚାରିଟା ପର୍ଯ୍ୟନ୍ତ ବୁଥ ମାନଙ୍କରେ ଭୋଟ ଦେବା ବ୍ୟବସ୍ଥା ଥିବା ବେଳେ ସହରାଞ୍ଚଳରେ ସକାଳ ସାତଟାରୁ ଅପରାହ୍ନ ୫ଟା ପର୍ଯ୍ୟନ୍ତ ମତଦାନ ହେବ। ଜିଲ୍ଲାରେ ଥିବା ସମ୍ବେଦନଶୀଳ ଓ ଅତିସମ୍ବେଦନଶୀଳ ବୁଥ ମାନଙ୍କରେ ସ୍ୱତନ୍ତ୍ର ସୁରକ୍ଷା ବ୍ୟବସ୍ଥା କରାଯାଇଛି। ବୁଥଠାରୁ ଦୁଇଶହ ମିଟର ଦୂର ପର୍ଯ୍ୟନ୍ତ ୧୪୪ ଧାରା ଜାରି କରାଯାଇଛି। ସମସ୍ତ ମତଦାନ କେନ୍ଦ୍ରରେ ପହଞ୍ଚି ସାରିଛନ୍ତି ପୋଲିଂ ପାର୍ଟି। ଏଥିପାଇଁ ବୁଥଗୁଡିକୁ ପୁଲିସ ପକ୍ଷରୁ ପାଟ୍ରୋଲିଂ କରାଯାଉଛି।

ନିର୍ବାଚନ କାର୍ଯ୍ୟର ସୁପରିଚାଳନା ପାଇଁ ସମୁଦାୟ ୩ ହଜାର ୯୬୬ ଜଣ ଜଣ ପୋଲିଂ ଅଧିକାରୀ ମୁତୟନ ହୋଇଛନ୍ତି। ଭାରତର ନିର୍ବାଚନ ଆୟୋଗଙ୍କ ନିର୍ଦ୍ଦେଶ କ୍ରମେ ୱେବ କାଷ୍ଟିଂ ପାଇଁ ୩୯୫ ଟି ବୁଥ୍ ପ୍ରସ୍ତୁତ କରାଯାଇଛି ଓ କେତେକ ବୁଥ୍‌ରେ ମାଇକ୍ରୋଅବ୍‌ଜର୍‌ଭର୍ ଏବଂ ୮୬ ଜଣ ସେକ୍ଟର ମାଜିଷ୍ଟ୍ରେଟ୍‌ଙ୍କୁ ମଧ୍ୟ ମୁତୟନ କରାଯାଇଛି। ଏହାସହିତ ଅଧିକ ୪୦୦ ଅଧିକାରୀଙ୍କୁ ରିଜର୍ଭରେ ରଖାଯାଇଛି। ଅନ୍ୟପକ୍ଷରେ ପୋଲିଂ ଅଧିକାରୀ ବୁଥ ମାନଙ୍କରେ ସମସ୍ତ ପ୍ରସ୍ତୁତି ସାରିଥିବା କହିଛନ୍ତି ଦାୟିତ୍ୱରେ ଥିବା ନିର୍ବାଚନ ଅଧିକାରୀ। ପ୍ରତି ମତଦାନ କେନ୍ଦ୍ରକୁ ହ୍ୱିଲ୍ ଚେୟାର ଯୋଗାଇ ଦିଆଯାଇଛି। ଭିନ୍ନକ୍ଷମ ଭୋଟରମାନଙ୍କୁ ସହଯୋଗ କରିବା ପାଇଁ ସ୍ୱେଚ୍ଛାସେବୀ ମୁତୟନ କରାଯାଇଛି। ଏହା ସହିତ ଖରା ହେଉଥିବାରୁ ପ୍ରତ୍ୟେକ ବୁଥରେ ପାନୀୟ ଜଳର ବ୍ୟବସ୍ଥା କରିବା ସହିତ ମେଡିକାଲ୍ ଟିମ୍ ମଧ୍ୟ ସଜାଗ ରହିଥିବା କନ୍ଧମାଳ ଜିଲ୍ଲାପାଳ କହିଛନ୍ତି। ଜିଲାରେ ସମୁଦାୟ ୨୨ ପ୍ଲାଟୁନ ଫୋର୍ସ ମୁତୟନ କରାଯାଇଛି।

## ଫିରିଙ୍ଗିଆ ବ୍ଲକରେ ୭୬ ବୁଥ୍‌ରେ ଭୋଟଦେବେ ୬୨, ୪୭୫ ଭୋଟର

ଫିରିଙ୍ଗିଆ, ୧୯।୫(ସମିସ): କନ୍ଧମାଳ ଜିଲ୍ଲା ଫିରିଙ୍ଗିଆ ବ୍ଲକ ପ୍ରଶାସନ ପକ୍ଷରୁ ସାଧାରଣ ନିର୍ବାଚନ ପାଇଁ ସମସ୍ତ ପ୍ରକାର ବ୍ୟବସ୍ଥା କରାଯାଇଛି। ଗୋଷ୍ଠୀ ଉନ୍ନୟନ ଅଧିକାରୀ ଅନୁପ ଅଭିଷେକ ବେହେରା ତତ୍ତ୍ୱାବଧାନରେ ପ୍ରସ୍ତୁତି ହୋଇଛି। ଶାନ୍ତି ଶୃଙ୍ଖଳା ରକ୍ଷା କରିବା ପାଇଁ ଫିରିଙ୍ଗିଆ ପୁଲିସ ବିଭିନ୍ନ ଜାଗାରେ ଗାଡିମଟର ଯାଞ୍ଚ କରିବା ସହ ବିଭିନ୍ନ ଅପରାଧିକ କାର୍ଯ୍ୟକଳାପ ଉପରେ ନଜର ରଖିଛି। ଫିରିଙ୍ଗିଆ ବ୍ଲକ କନ୍ଧମାଳ ସଂସଦୀୟ କ୍ଷେତ୍ର ଫୁଲବାଣୀ ନିର୍ବାଚନମଣ୍ଡଳୀର ସର୍ବ ବୃହତ ବ୍ଲକ ହୋଇଥିବା ବେଳେ ଏହି ବ୍ଲକରେ ସମୁଦାୟ ୭୬ଟି ବୁଥ ରହିଥିବା ବେଳେ ଭୋଟର ସଂଖ୍ୟା ୬୨୪୭୫ ରହିଛି। ସେମାନଙ୍କ ମଧ୍ୟରୁ ୩୦୧୫୭ ପୁରୁଷ ୩୨୩୧୩ ମହିଳା ଓ ଛଅ ଜଣ କିନ୍ନର ଭୋଟର ରହିଛନ୍ତି। ବ୍ଲକର କିଛି ଅଞ୍ଚଳ ମାଓ ଅଧ୍ୟୁଷିତ ଅଞ୍ଚଳ ହୋଇଥିବାରୁ ସମ୍ବେଦନଶୀଳ ଓ ଅତି ସମ୍ବେଦନଶୀଳ ବୁଥ ଚିହ୍ନଟ କରାଯାଇଛି। ଗ୍ରୀଷ୍ମ ପ୍ରବାହକୁ ଆଖିଆଗରେ ରଖି ବୁଥମାନଙ୍କରେ ଟେଣ୍ଟର ବ୍ୟବସ୍ଥା କରାଯାଇଥିବା ଗୋଷ୍ଠି ଉନ୍ନୟନ ଅଧିକାରୀ ସୂଚନା ଦେଇଛନ୍ତି। ଅନ୍ୟପଟେ ରାଜ୍ୟ ନିର୍ବାଚନ କମିଶନଙ୍କ ନିର୍ଦ୍ଦେଶ କ୍ରମେ ବ୍ଲକର ଟେଲାପାଲି, ଡିଣ୍ଡିରାଗାଁ, ରତଙ୍ଗ ପଞ୍ଚାୟତର ଦୁଇଟି, ବନ୍ଧଗଡ଼ ପଞ୍ଚାୟତର ଦୁଇଟି ଓ କରଣ୍ଡାଗଡ଼ ପଞ୍ଚାୟତରେ ସମୁଦାୟ ସାତଟି ସଖୀ ବୁଥ କରାଯାଇଥିବା ବେଳେ ଫିରିଙ୍ଗିଆ ବ୍ଲକ ମୁଖ୍ୟାଳୟରେ ଗୋଟିଏ ବୁଥକୁ ଇକୋ ଫ୍ରେଣ୍ଡଲୀ ବୁଥ ଓ କେଳାପଡ଼ା ପଞ୍ଚାୟତର ଗୋଟିଏ ବୁଥକୁ ୟୁଥ ବୁଥ କରାଯାଇଛି। ବିଡ଼ିଓ ଶ୍ରୀ ବେହେରା, ତହସିଲଦାର ଅନାମିକା ପାଣ୍ଡେ, ଅତିରିକ୍ତ ତହସିଲଦାର ଅଭିନାଶ ମିଶ୍ର, ଥାନା ଅଧିକାରୀ ଗୋପୀନାଥ ପ୍ରଧାନ ବିଭିନ୍ନ ତଦାରଖ କରୁଛନ୍ତି।

## ବଜ୍ରପାତରେ ଭାଉଜ ମୃତ; ଦିଅର ଗୁରୁତର



ଆସିକା, ୧୯।୫(ସମିସ): କୋଟିନଡ଼ା ଥାନା ଖାରିଆ ପଞ୍ଚାୟତ ହୁମୁକି ଗ୍ରାମରେ ରବିବାର ବଜ୍ରପାତରେ ଜଣେ ମହିଳାଙ୍କ ମୃତ୍ୟୁ ଘଟିଛି। ଗ୍ରାମର ରୁନୁ ଜେନା ନିକଟସ୍ଥ କଣୀ ବିଲକୁ ରାଶି ଗୋଟାଇବା ପାଇଁ ଯାଇଥିବା ବେଳେ ବଜ୍ରାଘାତରେ ତାଙ୍କର ମୃତ୍ୟୁ ଘଟିଛି। ତାଙ୍କ ଦିଅର ବିଜୟ ଜେନା ମଧ୍ୟ ଆହତ ହୋଇଛନ୍ତି। ଖବର ପାଇ ସ୍ଥାନୀୟ ଲୋକେ ଆହତ ବିଜୟଙ୍କୁ ଆସିକା ମେଡିକାଲରେ ଭର୍ତ୍ତି କରିଥିଲେ। ରୁନୁ ଖାରିଆ କଣିକୁ ତାଙ୍କ ସାନ ଦିଅର ବିଜୟଙ୍କ ସହ ରାଶି ଗୋଟାଇବା ପାଇଁ ଆସିଥିବା ସମୟରେ ବଜ୍ରାଘାତର ଶିକାର ହୋଇଥିଲେ। ଫଳରେ ଘଟଣାସ୍ଥଳରେ ରୁନୁଙ୍କ ମୃତ୍ୟୁ ଘଟିଥିଲା। ଖବର ପାଇ କୋଟିନଡ଼ା ଥାନା ପୁଲିସ ଘଟଣାସ୍ଥଳରେ ପହଞ୍ଚି ମୃତଦେହ ଜବତ କରିବା ସହ ବ୍ୟବଚ୍ଛେଦ ପାଇଁ ଆସିକା ଉପଖଣ୍ଡ ଚିକିତ୍ସାଳୟକୁ ପଠାଇ ତଦନ୍ତ ଜାରି ରଖିଛି।

## ବଜ୍ରପାତରେ ୬ ଗାଈ ମୃତ



ଧରାକୋଟ, ୧୯।୫(ସମିସ): ଧରାକୋଟ ବ୍ଲକ ଅଞ୍ଚଳରେ ରବିବାର ଅପରାହ୍ନରେ କାଳବୈଶାଖୀ ଜନିତ ବର୍ଷା ସହ ବଜ୍ରାଘାତ ହୋଇଛି। ଏଥିରେ ବ୍ଲକ ଅନ୍ତର୍ଗତ ବଳରାମପୁର ପଞ୍ଚାୟତର ଲଳିତପୁର ଗ୍ରାମର ହରି ପ୍ରଧାନଙ୍କ ୬ଟି ଗାଈ ମୃତ୍ୟୁବରଣ କରିଛନ୍ତି। ନିକଟସ୍ଥ ଓଷ୍ଟା ଗ୍ରାମ ନିକଟସ୍ଥ ମହାନ୍ତି ପଡ଼ିଆକୁ ରବିବାର ଗାଈ ଚରାଇବା ପାଇଁ ନେଇଥିବାବେଳେ ଅପରାହ୍ନ ୩ଟାରେ ହଠାତ ବଜ୍ରାଘାତ ହେବାରୁ ଘଟଣାସ୍ଥଳରେ ୬ଟି ଗାଈ ମରି ଯାଇଥିବା ଦେଖିବାକୁ ମିଳିଛି। ହରି ପ୍ରଧାନ ଜଣେ ଗରିବ ଶ୍ରେଣୀର ଚାଷୀ ହୋଇଥିବାରୁ ତାଙ୍କୁ ସରକାରୀ ସହାୟତା ପ୍ରଦାନ ପାଇଁ ଦାବି ହେଉଛି।

● ଖଲ୍ଲିକୋଟ ରାଜନୈତିକ ହିଂସା

## ଆଉ ଦୁଇ ଗିରଫ



ଛତ୍ରପୁର/ଖଲ୍ଲିକୋଟ, ୧୯।୫(ସମିସ): ଗତ ୧୫ ତାରିଖ ଦିନ ଗଞ୍ଜାମ ଜିଲ୍ଲା ଖଲ୍ଲିକୋଟ ଥାନା ଅନ୍ତର୍ଗତ ଶ୍ରୀକୃଷ୍ଣଶରଣପୁର ଗ୍ରାମରେ ଘଟିଥିବା ହିଂସା ଘଟଣାରେ ପୂର୍ବରୁ ୯ ଜଣ ଅଭିଯୁକ୍ତଙ୍କୁ ଗିରଫ କରାଯାଇଥିବାବେଳେ ଏବେ ଆଉ ଦୁଇ ଜଣ ଅଭିଯୁକ୍ତଙ୍କୁ ଗିରଫ କରାଯାଇଛି। ଏନେଇ ଗଞ୍ଜାମ ଏସ୍‌ପି ଜଗମୋହନ ମିନା ସାମ୍ବାଦିକ ସମ୍ମିଳନୀରେ ସୂଚନା ଦେଇଛନ୍ତି। ଗିରଫ ଅଭିଯୁକ୍ତମାନେ ହେଲେ ଶ୍ରୀ କୃଷ୍ଣଶରଣପୁର ଗ୍ରାମର ସୁଦର୍ଶନ ପାହାନ (୨୦) ଓ ରାମଚନ୍ଦ୍ରପୁର ଗ୍ରାମର ପପୁ ତରାଇ। ଖଲ୍ଲିକୋଟ ଥାନା ପୁଲିସ ଉଭୟଙ୍କୁ ଗିରଫ କରି ଏସ୍‌ଆଇଟିକୁ ହସ୍ତାନ୍ତର କରିଥିବା ନେଇ ଏସ୍‌ପି କହିଛନ୍ତି।

## ସୁରକ୍ଷା ପାଇଁ ପୁଲିସ ପ୍ରସ୍ତୁତ: ସ୍ୱାତି କୁମାରୀ

### ଦାୟିତ୍ୱରେ ୩ ଏଏସ୍‌ପି ଓ ୬ ଡିଏସ୍‌ପି



ଭଞ୍ଜନଗର, ୧୯।୫ (ସମିସ): ସୋମବାର ଆସିକା, ଭଞ୍ଜନଗର, ସୋରଡ଼ା ବିଧାନସଭା ଆସନ ପାଇଁ ନିର୍ବାଚନ ହେବ। ଏଥିସହ କନ୍ଧମାଳ ଓ ଆସିକା ଲୋକ ସଭା ନିର୍ବାଚନ ହେବ। ଉକ୍ତ ୩ଟି ନିର୍ବାଚନମଣ୍ଡଳୀରେ ୭୨୪ଟି ବୁଥ ରହିଛି। ସେଥିମଧ୍ୟରେ ୬ଲକ୍ଷ ୭୩ ହଜାର ୬୫୩ ଭୋଟର ଅଛନ୍ତି। ଚଳିତ ବର୍ଷ ପିଙ୍କ ବୁଥ ବଦଳରେ ୧୨୧ଟି ସଖୀ ବୁଥ ହୋଇଛି। ଉକ୍ତ ବୁଥ ଗୁଡ଼ିକରେ ନିର୍ବାଚନ ପରିଚାଳନା ପାଇଁ କେବଳ ମହିଳା କର୍ମଚାରୀ ନିୟୋଜିତ ହୋଇଛନ୍ତି। ୩୦ଟି ଆଦର୍ଶ ବୁଥ ଏବଂ ୩ଟି ପରିବେଶ ସଚେତନତା ବୁଥ ନିର୍ମାଣ ହୋଇଛି। ନିର୍ବାଚନ କିଭଳି ଶାନ୍ତି ଶୃଙ୍ଖଳାର ସହ ହୋଇପାରିବ ସେଥିପାଇଁ ବ୍ୟାପକ ପୁଲିସ ଫୋର୍ସ ମୁତୟନ କରାଯାଇଛି। ଏଥିସହ ବିଭିନ୍ନ ଅଞ୍ଚଳରେ ପୁଲିସ ପକ୍ଷରୁ ଫ୍ଲାଗ ମାର୍ଚ୍ଚ ଜୋରଦାର କରାଯାଇଛି। ଭଞ୍ଜନଗର, ସୋରଡ଼ା ଓ ପୋଲସରା ନିର୍ବାଚନମଣ୍ଡଳୀରେ ସୁରକ୍ଷା ଦାୟିତ୍ୱରେ ଗଜପତି ଜିଲ୍ଲା ଆରକ୍ଷୀ ଅଧୀକ୍ଷକ ସ୍ୱାତି ଏସ୍. କୁମାରୀ ରହିଛନ୍ତି। ତାଙ୍କ ଅଧୀନରେ ୩ଜଣ ଆଡିସିନାଲ ଏସପି, ୬ଜଣ ଡ଼ିଏସପି ରହିଛନ୍ତି। ଏଥିସହ ବିଭିନ୍ନ ପୁଲିସ ଅଧିକାରୀ ଓ ମୋବାଇଲ ପାର୍ଟି ସ୍ଥିତି ଉପରେ ନଜର ରଖିଛନ୍ତି। ଶାନ୍ତି ଶୃଙ୍ଖଳା ରକ୍ଷା କରି କିଭଳି ସୁରୁଖୁରୁରେ ନିର୍ବାଚନ ହେବ ସେଥିପ୍ରତି ଗୁରୁତ୍ୱ ଦିଆଯାଉଛି। ଏଥିରେ ଯଦି କେହି ବିଶୃଙ୍ଖଳା ସୃଷ୍ଟି କରେ ସେଠାରେ ପୁଲିସ ତୁରନ୍ତ ପହଞ୍ଚି ତା ବିରୁଦ୍ଧରେ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବାକୁ ପୁଲିସ ପ୍ରସ୍ତୁତ ଅଛି। ତେଣୁ ସମସ୍ତେ ନିର୍ବାଚନରେ ସହଯୋଗ କରିବା ପାଇଁ ଦାୟିତ୍ୱରେ ଥିବା ଗଜପତି ଏସପି ସ୍ୱାତି ଏସ. କୁମାରୀ ସାମ୍ବାଦିକ ମାନଙ୍କୁ ସୂଚନା ଦେଇଛନ୍ତି।

## ଗ୍ୟାସ ଚୁଲା ପାଇପ୍ ଫାଟି ପୋଲିଂ କର୍ମଚାରୀ ଆହତ



ଧରାକୋଟ, ୧୯।୫(ସମିସ): ସାନଖେମୁଣ୍ଡି ନିର୍ବାଚନମଣ୍ଡଳୀ ଅନ୍ତର୍ଗତ ଧରାକୋଟ ବ୍ଲକର ମଚ୍ଛାକୋଟ ପଞ୍ଚାୟତର ୧୦୩ ନମ୍ବର ମଥୁରା ପଦ୍ମନାଭପୁର ବୁଥରେ ନିର୍ବାଚନ ପରିଚାଳନା ପାଇଁ ଯାଇଥିବା ପୋଲିଂ ପାର୍ଟି କର୍ମଚାରୀ ସୁବାସ ଚନ୍ଦ୍ର ପାତ୍ର ଆହତ ହୋଇଛନ୍ତି। ରବିବାର ସେ ନିଜ ସହକର୍ମୀ ମାନଙ୍କ ପାଇଁ ରୋଷେଇ କରୁଥିବାବେଳେ ଅଚାନକ ଗ୍ୟାସ ଚୁଲାର ପାଇପ୍ ଫାଟି ଯିବାରୁ ନିଆଁ ବ୍ୟାପି ଯାଇଥିଲା। ଏଥିରେ ସୁବାସଙ୍କ ଦୁଇଗୋଡ଼ ପୋଡ଼ିଯିବା ଯୋଗୁଁ ପ୍ରିଜାଇଡିଂ ଅଫିସର ତୁରନ୍ତ ତାଙ୍କୁ ପ୍ରଥମେ ଶେରଗଡ଼ ମେଡିକାଲରେ ଚିକିତ୍ସା କରାଇଥିଲେ। ଏହା ପରେ ସେକ୍ଟର ଅଫିସର ତାଙ୍କୁ ଧରାକୋଟ ମେଡିକାଲକୁ ଆଣି ଚିକିତ୍ସା କରିବା ପରେ ଡାକ୍ତରଙ୍କ ପରାମର୍ଶ ଅନୁସାରେ ତାଙ୍କୁ ବ୍ରହ୍ମପୁର ମେଡ଼ିକାଲକୁ ସ୍ଥାନାନ୍ତର କରାଯାଇଛି।

## ସତ୍ୟସାଇ ସେବା ସଂସ୍ଥା ପକ୍ଷରୁ ୩୯ ୟୁନିଟ୍ ରକ୍ତ ସଂଗ୍ରହ

ଜୟପୁର,୧୯।୫(ସମିସ): କୋରାପୁଟ ଜିଲ୍ଲା ଜୟପୁର ରକ୍ତ ଭଣ୍ଡାରରେ ରକ୍ତ ଅଭାବ ସମସ୍ୟା ଦେଖାଦେଇଥିବା ବେଳେ ସ୍ଥାନୀୟ ସତ୍ୟସାଇ ସେବା ସଂସ୍ଥା ପକ୍ଷରୁ ସ୍ଥାନୀୟ ସଂସ୍ଥାର ଭବନଠାରେ ରବିବାର ସ୍ୱେଚ୍ଛାକୃତ ରକ୍ତଦାନ ଶିବିର 'ଅମୃତ ବିନ୍ଦୁ' କାର୍ଯ୍ୟକ୍ରମ ଆୟୋଜିତ ହୋଇଯାଇଛି। ଏହି ଶିବିରରେ ପୂର୍ବାହ୍ନ ୧୦ଟାରୁ ଅପରାହ୍ନ ୨ଟା ମଧ୍ୟରେ ୩୯ ୟୁନିଟ୍ ରକ୍ତ ସଂଗ୍ରହ କରାଯାଇଥିଲା। ଏଥିରେ ସତ୍ୟସାଇ ସେବା ଭକ୍ତ ଓ ସଦସ୍ୟମାନେ ଉପସ୍ଥିତ ରହିବା ସହିତ ରକ୍ତଦାନ କରିଥିଲେ। ଏହି କାର୍ଯ୍ୟକ୍ରମକୁ ରକ୍ତଦାତା ପ୍ରବର୍ତ୍ତକ ପ୍ରମୋଦ କୁମାର ରାଉଳ ଉପସ୍ଥିତ ରହିବା ସହିତ ରକ୍ତଦାତାଙ୍କୁ ଉତ୍ସାହିତ କରିଥିଲେ। ସମିତିର ସେବା ସଂଯୋଜକ କେ. ମୋହନ ଆଚାରୀ, ସଦସ୍ୟ କେ. ମାର୍କଣ୍ଡେଶ୍ୱର, ପି. ରାମପ୍ରସାଦ ପଟ୍ଟନାୟକ, ଏସ୍. ରବିଶଙ୍କର, ଏସ୍. ସ୍ୱର୍ଣ୍ଣଲତା, କନକ ଦାଶ ଶିବିର ପରିଚାଳନା କରିଥିଲେ। ଅନ୍ୟପକ୍ଷରେ ରକ୍ତ ଭଣ୍ଡାର ଦାୟିତ୍ୱରେ ରହିଥିବା ଡା. ସୂର୍ଯ୍ୟ ଶେଖର ମିଶ୍ର, ପ୍ରମୋଦ ଖିଲ, ଗୁରୁ ପରଜା, ପ୍ରତିଭା ପାତ୍ର ଉପସ୍ଥିତ ରହି ରକ୍ତ ସଂଗ୍ରହ କରିଥିଲେ। ଜୟପୁର ରକ୍ତଭଣ୍ଡାରରେ ରକ୍ତ ଅଭାବ ବେଳେ ଏପରି କାର୍ଯ୍ୟକ୍ରମ ସତ୍ୟସାଇ ସେବା ସଂସ୍ଥା ପକ୍ଷରୁ ଆୟୋଜନ କରାଯାଇଥିବାରୁ ରକ୍ତଭଣ୍ଡାର କର୍ତ୍ତୃପକ୍ଷ କୃତଜ୍ଞତା ଜ୍ଞାପନ କରିଛନ୍ତି। ଏପରି ଆଗାମୀ ଦିନରେ ମଧ୍ୟ ଆୟୋଜନ ନେଇ ଅନୁରୋଧ କରିଛନ୍ତି।

## କଳିଙ୍ଗ ସାହିତ୍ୟ ସମାଜର ସାହିତ୍ୟ ଆସର




ବ୍ରହ୍ମପୁର, ୧୯।୫(ସମିସ): ଦକ୍ଷିଣାଞ୍ଚଳର ସର୍ବ ପୁରାତନ ସାହିତ୍ୟାନୁଷ୍ଠାନ କଳିଙ୍ଗ ସାହିତ୍ୟ ସମାଜର ମେ' ମାସ ସାହିତ୍ୟ ଆସର ଆଜି ସନ୍ଧ୍ୟାରେ ଉତ୍କଳ ଆଶ୍ରମ ସଭାଗୃହରେ ଅନୁଷ୍ଠିତ ହୋଇଯାଇଛି। ପ୍ରାରମ୍ଭରେ ବୈଦିକ ମନ୍ତ୍ରୋଚାରଣ ମଧ୍ୟରେ ଦାରୁ ଦେବତା ଶ୍ରୀଜଗନ୍ନାଥଙ୍କ ବିଗ୍ରହ ସମ୍ମୁଖରେ ପ୍ରଦୀପ ପ୍ରଜ୍ୱଳନ ପୂର୍ବକ ଆସରର ଆରମ୍ଭ କରାଯାଇଥିଲା। ସାହିତ୍ୟ ସମାଜର ଉପ-ସଭାପତି ଡ. ବନମାଳୀ ପାଣିଗ୍ରାହୀଙ୍କ ପୌରୋହିତ୍ୟରେ ଅନୁଷ୍ଠିତ ଏହି ଆସରରେ ଯଶସ୍ୱୀ କବି ମନୋରଞ୍ଜନ ପାଣିଗ୍ରାହୀ ସମ୍ମାନିତ ଅତିଥି ରୂପେ ଯୋଗଦେଇ ଉତ୍ତର ଆଧୁନିକ ଓଡ଼ିଆ କବିତାର ପ୍ରସଙ୍ଗ ଓ ପ୍ରକରଣ ବିଷୟରେ ଆଲୋଚନା କରିଥିଲେ। ପ୍ରାଚୀନ ଓଡ଼ିଆ ସାହିତ୍ୟ ଆଲୋଚନା କ୍ରମରେ ପ୍ରାରମ୍ଭରେ ଉଚ୍ଚ ମାଧ୍ୟମିକ ଶିକ୍ଷା ପରିଷଦର ଦକ୍ଷିଣାଞ୍ଚଳ ଉପସଚିବ ତଥା କବି ଓ ଆଲୋଚକ ଡ. କୁଳମଣି ଓଝା ଓଡ଼ିଆ ଶୈବ ବା ନାଥଧର୍ମ ସାହିତ୍ୟ ସମ୍ପର୍କରେ ସବିଶେଷ ଆଲୋଚନା କରିଥିଲେ। ଡ. ଓଝା ଉକ୍ତ ଆସରରେ ପଠିତ ସମସ୍ତ ଗଳ୍ପ ଓ କବିତାର ସମୀକ୍ଷା କରିଥିଲେ। ସଂଗଠନ ସମ୍ପାଦକ ଦିନବନ୍ଧୁ ଶ୍ରୀପଲ୍ଲବ ଅତିଥି ଆମନ୍ତ୍ରଣ ଓ ସ୍ୱାଗତ ସୂଚନା ପ୍ରଦାନ କରିଥିଲେ। କବୟିତ୍ରୀ ପଦ୍ମିନୀ ମିଶ୍ରଙ୍କ ସଂଯୋଜନାରେ ସଞ୍ଚାଳିତ ଏହି ସାହିତ୍ୟ ଆସରରେ ଗାଳ୍ପିକା ଭାଗ୍ୟଲକ୍ଷ୍ମୀ ମହାରଣା ଓ ଗାଳ୍ପିକା ସ୍ୱର୍ଣ୍ଣମୟୀ ପାଢ଼ୀ ସ୍ୱରଚିତ କ୍ଷୁଦ୍ରଗଳ୍ପ ପାଠ କରିଥିବା ବେଳେ ଶରତ କୁମାର ଦାସ, ବିରୁପାକ୍ଷ ଦାଶ, ଡ. ବନମାଳୀ ପାଣିଗ୍ରାହୀ, ହରିକୃଷ୍ଣ ପଣ୍ଡା, ମୋହନ ଚରଣ ସ୍ୱାଇଁ, ନୀଳକଣ୍ଠ ସାହୁ, ସୁନୀଲ କୁମାର ପ୍ରଧାନ, ସୁଚେତା ପାଣିଗ୍ରାହୀ, ଆର୍. ସୁନନ୍ଦା ଚୌଧୁରୀ, ନୀହାରିକା ସାହୁ, ଶଙ୍କର୍ଷଣ ତ୍ରିପାଠୀ, ବିଜୟ ମିଶ୍ର, ବଂଶୀଧର ସେଠୀ, ମଧୁସ୍ମିତା ସାହୁ, ବିଷ୍ଣୁ ପ୍ରସାଦ ମିଶ୍ର ପ୍ରମୁଖ ସ୍ୱରଚିତ କବିତା ଆବୃତ୍ତି କରିଥିଲେ। ଶେଷରେ ସାହିତ୍ୟ ସମାଜର ସଂଗଠନ ସମ୍ପାଦକ ଦିନବନ୍ଧୁ ଶ୍ରୀପଲ୍ଲବ ଧନ୍ୟବାଦ ଅର୍ପଣ କରିଥିଲେ।

## ରାସ୍ତା ନ ଥିବାରୁ ଓ ଦୂରରେ ପୋଲିଂ ବୁଥ୍

# ୪ ଗ୍ରାମବାସୀଙ୍କ ଭୋଟ ବର୍ଜନ ନିଷ୍ପତ୍ତି



ଫିରିଙ୍ଗିଆ, ୧୯।୫(ସମିସ): ରାତି ପାହିଲେ ଭୋଟ। ତେବେ କନ୍ଧମାଳ ଜିଲ୍ଲା ଫିରିଙ୍ଗିଆ ବ୍ଲକ ପବିଙ୍ଗିଆ ପଞ୍ଚାୟତର ୪ ଗ୍ରାମ ୱାତଡପାଙ୍ଗା, ଦଣୀ, ଟାଲୁପଦର ଓ ସିନ୍ଧୁପଦର ଗ୍ରାମବାସୀ ବିଭିନ୍ନ ସମସ୍ୟା ଯୋଗୁଁ ଭୋଟ ବର୍ଜନ ନିଷ୍ପତ୍ତି ନେଇଥିବା ଜଣାପଡ଼ିଛି। ଭୋଟ ଗ୍ରହଣର ମାତ୍ର କିଛି ଘଣ୍ଟା ରହିଥିବା ବେଳେ ବୁଥକୁ ତରଫରୁ ପୋଲିଂ ପାର୍ଟି ପଠାସରିଛି। ହେଲେ ୪ ଗ୍ରାମବାସୀ ରାସ୍ତା ନିର୍ମାଣ ପାଇଁ ବାରମ୍ବାର ଅଭିଯୋଗ କରିଥିଲେ ମଧ୍ୟ ରାସ୍ତା ନିର୍ମାଣ କିମ୍ବା କୌଣସି କାର୍ଯ୍ୟ ହୋଇ ନ ଥିବାରୁ ଭୋଟ ବର୍ଜନ ନିଷ୍ପତ୍ତି ଗ୍ରହଣ କରିଥିବା କହିଛନ୍ତି ଅଞ୍ଚଳର କିଛି ବାସିନ୍ଦା।

■ ବିଡିଓଙ୍କୁ ଲିଖିତ ଭାବେ ଜଣାଇଲେ

ସୂଚନା ଅନୁସାରେ ପବିଙ୍ଗିଆ ପଞ୍ଚାୟତର ୪ ଗ୍ରାମବାସୀଙ୍କ ଯିବା ଆସିବା ପାଇଁ ରାସ୍ତା ନିର୍ମାଣ ହୋଇ ନ ଥିବାରୁ ଗ୍ରାମବାସୀ ପଞ୍ଚାୟତ, ବ୍ଲକ ଓ ଜିଲ୍ଲାପାଳଙ୍କ କାର୍ଯ୍ୟାଳୟରେ ଲିଖିତ ଅଭିଯୋଗ କରିଥିଲେ। କିନ୍ତୁ ଆଜି ପର୍ଯ୍ୟନ୍ତ କାର୍ଯ୍ୟ ହୋଇପାରିନାହିଁ। ୪ ଗ୍ରାମରେ ୩୫୦ରୁ ଅଧିକ ଭୋଟର ରହିଥିବା ବେଳେ କରାଯାଇଥିବା ପୋଲିଂ ବୁଥ ମଧ୍ୟ ଗ୍ରାମ ଠାରୁ କେଉଁ ଗ୍ରାମକୁ ୮ କିଲୋମିଟର ତ କେଉଁ ଗ୍ରାମକୁ ୫ରୁ ୬ କିଲୋମିଟର ଦୂର। ତେଣୁ ଠିକ ରାସ୍ତା ନ ଥିବାରୁ ଭୋଟ ଦେବାକୁ ଯିବା ପାଇଁ ମଧ୍ୟ ଅସମ୍ଭବ ହୋଇପଡ଼ିବ ବୋଲି ଗ୍ରାମବାସୀ କହିଛନ୍ତି। ରାସ୍ତା ନ ଥିବାରୁ ଗ୍ରାମବାସୀଙ୍କ ମଧ୍ୟରେ ଅସନ୍ତୋଷ ଦେଖା ଦେଇଥିବା ବେଳେ ବାଧ ହୋଇ ଭୋଟ ବର୍ଜନ ନିଷ୍ପତ୍ତି ଗ୍ରହଣ କରିଥିବା ଗ୍ରାମବାସୀ କହିଛନ୍ତି। ଏ ସମ୍ପର୍କରେ ଫିରିଙ୍ଗିଆ ବ୍ଲକ କାର୍ଯ୍ୟାଳୟରେ ଗୋଷ୍ଠୀ ଉନ୍ନୟନ ଅଧିକାରୀଙ୍କ ଅନୁପସ୍ଥିତରେ ସହକାରୀ ଯନ୍ତ୍ରୀ ଜୟ ପ୍ରକାଶ ଜେନାଙ୍କୁ ଭେଟି ଏକ ଲିଖିତପତ୍ର ପ୍ରଦାନ କରିଛନ୍ତି। ଏ ସମ୍ପର୍କରେ ଗୋଷ୍ଠୀ ଉନ୍ନୟନ ଅଧିକାରୀଙ୍କୁ ପ୍ରଶ୍ନ କରାଯିବାରେ ଆଲୋଚନା ମାଧ୍ୟମରେ କିଭଳି ସମାଧାନ ହୋଇ ପାରିବ ସେ ନେଇ ଚେଷ୍ଟା କରାଯିବ ବୋଲି କହିଛନ୍ତି।

## ମୁଦ୍ରା ବିନିମୟ ମୂଲ୍ୟ



ମୁଦ୍ରା ବିନିମୟ ମୂଲ୍ୟ (ଟଙ୍କାରେ)

- ଡଲାର ୮୩.୨୮ ● ପାଉଣ୍ଡ ୧୦୫.୭୧
- ୟୁରୋ ୯୦.୫୧ ● ୟେନ୍ ୦.୫୩

## ସୁନା, ରୁପା ଦର



୧୦ ଗ୍ରାମ ପିଛା (ଟଙ୍କାରେ)


- ସୁନା : ୬୮,୪୦୦ (ନୂଆଦିଲ୍ଲୀ)
- ରୁପା : ୯୬,୫୦୦ (କେଜି)



## ଷ୍ଟକ୍ ମାର୍କେଟ୍

ବଜାର କାରବାର (ପଏଣ୍ଟରେ)

- ସେନ୍‌ସେକ୍ସ ୭୪,୦୦୫.୦୦
- ନିଫ୍ଟି ୨୨,୫୦୨.୦୦



## ପେଟ୍ରୋଲ-ଡିଜେଲ୍

ଲିଟର ପିଛା (ଟଙ୍କାରେ)

- ପେଟ୍ରୋଲ୍- ୧୦୧.୩୭ (ଭୁବନେଶ୍ୱର)
- ଡିଜେଲ୍ - ୯୨.୮୬



■ ଇଣ୍ଡିଆ ରେଟିଂ ଆଣ୍ଡ ରିସର୍ଚ୍ଚର ଆକଳନ

# ୨୦୨୩-୨୪ ବର୍ଷର ଶେଷ ତ୍ରୟମାସରେ ୬.୭% ଅଭିବୃଦ୍ଧି

ନୂଆଦିଲ୍ଲୀ,୧୯।୫(ଏଜେନ୍ସି): ୨୦୨୩-୨୪ ଆର୍ଥିକ ବର୍ଷର ଅଭିବୃଦ୍ଧିକୁ ନେଇ ଏବେ ବିଭିନ୍ନ ସ୍ତରରେ ଆକଳନଭିତ୍ତିକ ରିପୋର୍ଟ ପ୍ରକାଶ ପାଇ ଚାଲିଛି । ଚଳିତ ମେ' ମାସ ଶେଷ ସୁଦ୍ଧା କେନ୍ଦ୍ର ସରକାର ଏହି ବର୍ଷର ଅନ୍ତରୀଣ ଆକଳନ ରିପୋର୍ଟ ପ୍ରକାଶ କରିବାକୁ ଯାଉଥିବା ବେଳେ ବହୁ ରେଟିଂ ସଂସ୍ଥାଙ୍କ ପକ୍ଷରୁ ମଧ୍ୟ ଏହି ବର୍ଷର ଅଭିବୃଦ୍ଧିକୁ ନେଇ ଆକଳନ କରାଯାଇଛି । ଏହିକ୍ରମରେ ଇଣ୍ଡିଆ ରେଟିଂ ଆଣ୍ଡ ରିସର୍ଚ୍ଚ (ଇଣ୍ଡ-ଆରଏ) ପକ୍ଷରୁ କରାଯାଇଥିବା ଆକଳନ ଅନୁସାରେ କଥିତ ଆର୍ଥିକ ବର୍ଷର ଶେଷ ତଥା ଚତୁର୍ଥ ତ୍ରୟମାସର ଅଭିବୃଦ୍ଧି ହାର ୬.୭ ପ୍ରତିଶତ ରହିବ ବୋଲି କୁହାଯାଇଛି । ସେହିପରି ୨୦୨୩-୨୪ ଆର୍ଥିକ ବର୍ଷର ହାରାହାରି ଅଭିବୃଦ୍ଧି ୬.୯ ରୁ ୭ ପ୍ରତିଶତ ରହିବ ବୋଲି କୁହାଯାଇଛି । ଏହି ଆର୍ଥିକ ବର୍ଷର ପ୍ରଥମ ତ୍ରୟମାସ( ଏପ୍ରିଲ-ଜୁନ) ର ଅଭିବୃଦ୍ଧି ୮.୨ ପ୍ରତିଶତ ରହିବା ସହିତ ଦ୍ୱିତୀୟ ତ୍ରୟମାସ( ଜୁଲାଇ-ସେପ୍ଟମ୍ବର) ରେ ଅଭିବୃଦ୍ଧି ୮.୧ ପ୍ରତିଶତ ଏବଂ ତୃତୀୟ ତ୍ରୟମାସ(ଅକ୍ଟୋବର-ଡିସେମ୍ବର) ରେ ଅଭିବୃଦ୍ଧି ହାର ୮.୪ ପ୍ରତିଶତ ରହିଥିଲା । ତେବେ ଚତୁର୍ଥ ତଥା ଶେଷ ତ୍ରମାସରେ ଅଭିବୃଦ୍ଧି କିଛିଟା ହ୍ରାସ ପାଇ ୬.୭ ପ୍ରତିଶତ ରହିବା ସହିତ ହାରାହାରି ଭାବେ ଏହି ବର୍ଷରେ ଅଭିବୃଦ୍ଧି ୬.୯ ରୁ ୭ ପ୍ରତିଶତ ରହିବ ବୋଲି ଇଣ୍ଡ-ଆରଏ ପକ୍ଷରୁ କୁହାଯାଇଛି । ଉଲ୍ଲେଖଯୋଗ୍ୟ ଯେ, ଗତ ଏପ୍ରିଲରେ ଜିଡିପିକୁ ନେଇ ଭାରତୀୟ ରିଜର୍ଭ ବ୍ୟାଙ୍କ ପକ୍ଷରୁ ସମୀକ୍ଷା କରାଯାଇଥିଲା ବେଳେ ଅଭିବୃଦ୍ଧି ହାର ୭ ପ୍ରତିଶତ ରହିବା ନେଇ ଆକଳନ କରାଯାଇଥିଲା । ତେବେ ବିଭିନ୍ନ ତ୍ରୟମାସରେ ଜିଭିଏ ଏବଂ ଜିଡିପି ଅଭିବୃଦ୍ଧିକୁ ନେଇ ହାରାହାରି ଭାବେ ଏହି ହାର ୭ ପ୍ରତିଶତ ରହିବ ବୋଲି କୁହାଯାଇଛି ।



# ଏଲ୍‌ଭି ପ୍ରସାଦ ଚକ୍ଷୁ ପ୍ରତିଷ୍ଠାନ ପକ୍ଷରୁ 'ରେଟିନୋବ୍ଲାଷ୍ଟୋମା' ସଚେତନତା କାର୍ଯ୍ୟକ୍ରମ

ଭୁବନେଶ୍ୱର, ୧୯।୫(ସମିସ): ଏଲ୍‌ଭି ପ୍ରସାଦ ଆଇ ଇନଷ୍ଟିଚ୍ୟୁଟ୍ (ଏଲଭିପିଇଆଇ) ପକ୍ଷରୁ ଶିଶୁମାନଙ୍କଠାରେ ରେଟିନୋବ୍ଲାଷ୍ଟୋମା (ଚକ୍ଷୁ କର୍କଟ) ର ପ୍ରାରମ୍ଭିକ ଚିହ୍ନଟ ଓ ଚିକିତ୍ସା ସମ୍ପର୍କରେ ସଚେତନତା ସୃଷ୍ଟି କରିବା ଉଦ୍ଦେଶ୍ୟରେ 'ହ୍ୱାଇଟାଥନ୍' କାର୍ଯ୍ୟକ୍ରମ ଆୟୋଜିତ ହୋଇଯାଇଛି । ପ୍ରତିବର୍ଷ ମେ' ମାସରେ ପାଳନ କରାଯାଉଥିବା ବିଶ୍ୱ ରେଟିନୋବ୍ଲାଷ୍ଟୋମା ସଚେତନତା ସପ୍ତାହ ଅବସରରେ ଏହି କାର୍ଯ୍ୟକ୍ରମ ପାଳନ କରାଯାଇଛି । ଚଳିତ ବର୍ଷ ୧୮୦ ରୁ ଅଧିକ ଉତ୍ସାହୀ ବ୍ୟକ୍ତି ଏହି କାର୍ଯ୍ୟକ୍ରମରେ ଯୋଗ ଦେଇ ନିଜର ଦୃଢ଼ ସମର୍ଥନ ପ୍ରଦର୍ଶନ କରିଥିଲେ ବୋଲି ଅନୁଷ୍ଠାନ ପକ୍ଷରୁ କୁହାଯାଇଛି । ରେଟିନୋବ୍ଲାଷ୍ଟୋମା ଏକ ବିରଳ ଚକ୍ଷୁ କର୍କଟ ରୋଗ ଯାହା ମୁଖ୍ୟତଃ ତିନି ବର୍ଷରୁ କମ୍ ବୟସର ପିଲାଙ୍କୁ ପ୍ରଭାବିତ କରିଥାଏ । ଏହି ଚିକିତ୍ସାରେ ସାଧାରଣତଃ ଏକାଧିକ ବ୍ୟୟବହୁଳ ପଦ୍ଧତି ଏବଂ ଅସ୍ତ୍ରୋପଚାର ଅନ୍ତର୍ଭୁକ୍ତ । ଗତ ଦଶନ୍ଧି ମଧ୍ୟରେ ଏଲଭିପିଇଆଇ ଏହି ଚକ୍ଷୁ କର୍କଟ ଦ୍ୱାରା ପ୍ରଭାବିତ ୨୫୦୦ ରୁ ଅଧିକ ଶିଶୁଙ୍କ ଚିକିତ୍ସା କରିଛି । ସେମାନଙ୍କ ମଧ୍ୟରୁ ପ୍ରାୟ ୬୦-୬୫% ରୋଗୀଙ୍କୁ ବିନା ମୂଲ୍ୟରେ ଚିକିତ୍ସା ପ୍ରଦାନ କରାଯାଇଛି ।ହ୍ୱାଇଟାଥନ୍ ଶିଶୁମାନଙ୍କ ଜୀବନ ପ୍ରତି ବିପଦ ସୃଷ୍ଟି କରିବା ସହିତ ଦୃଷ୍ଟିଶକ୍ତି ନଷ୍ଟ କରିବାର କାରଣ ହୋଇଥିବାରୁ ରେଟିନୋବ୍ଲାଷ୍ଟୋମା ଚକ୍ଷୁ କର୍କଟ ରୋଗର ପ୍ରାରମ୍ଭିକ ନିରୂପଣ ଏବଂ ଚିକିତ୍ସା ପାଇଁ ସଚେତନତା ସୃଷ୍ଟି କରିବା ଉଦ୍ଦେଶ୍ୟରେ ଏଲଭିପିଇଆଇ ପକ୍ଷରୁ ପ୍ରତିବର୍ଷ ଏହି କାର୍ଯ୍ୟକ୍ରମ ଆୟୋଜନ କରାଯାଉଛି ।

# କର୍ଣ୍ଣାଟକ ବ୍ୟାଙ୍କ ଉପରେ ଆର୍‌ବିଆଇର କାର୍ଯ୍ୟାନୁଷ୍ଠାନ

ନୂଆଦିଲ୍ଲୀ,୧୯।୫(ଏଜେନ୍ସି): ଘରୋଇ କ୍ଷେତ୍ରର ବ୍ୟାଙ୍କ କର୍ଣ୍ଣାଟକ ବ୍ୟାଙ୍କ ଉପରେ ଆରବିଆଇ ଏକ ବଡ଼ଧରଣର କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିଛି । କିଛି ନିୟମ ଉଲ୍ଲଂଘନ କାରଣରୁ ବ୍ୟାଙ୍କ ବିରୁଦ୍ଧରେ ଏହି ପଦକ୍ଷେପ ଗ୍ରହଣ କରାଯାଇଛି । କର୍ଣ୍ଣାଟକ ବ୍ୟାଙ୍କ ଉପରେ କେନ୍ଦ୍ରୀୟ ବ୍ୟାଙ୍କ ୫୯ ଲକ୍ଷରୁ ଅଧିକ ଜରିମାନା ଲାଗୁ କରିଛି । ମେ ୧୪ ତାରିଖରେ ଏହି ଜରିମାନା ଲାଗୁ କରାଯାଇଥିବା ନେଇ ଆରବିଆଇ ପକ୍ଷରୁ ସୂଚନା ଦିଆଯାଇଛି । କର୍ଣ୍ଣାଟକ ବ୍ୟାଙ୍କ ଲିମିଟେଡକୁ ୫୯,୧୦,୧୦୦୦ ଟଙ୍କା ଦାଖଲ କରିବାକୁ ନିର୍ଦ୍ଦେଶ ଦିଆଯାଇଛି । ଜମା ସୁଧ ହାର, ଆସେଟ୍ କ୍ଲାସିଫିକେସନ ଓ ଆଡଭାନ୍ସ ସହ ଜଡ଼ିତ କିଛି ନିୟାମବଳୀ କର୍ଣ୍ଣାଟକ ବ୍ୟାଙ୍କ ପାଳନ କରି ନ ଥିଲା । ତେଣୁ ବ୍ୟାଙ୍କିଂ ରେଗୁଲେସନ ଆକ୍ଟ, ୧୯୪୯ ଅନୁସାରେ କେନ୍ଦ୍ରୀୟ ବ୍ୟାଙ୍କ ଏହି ଆକ୍ସନ ନେଇଥିବା ଜଣାପଡ଼ିଛି । ଗତ ୨୦୨୨ ମସିହା ମାର୍ଚ୍ଚ ମାସ ୩୧ ତାରିଖ ଆର୍ଥିକ ରେଜଲ୍ଟ ଆଧାରରେ କେନ୍ଦ୍ରୀୟ ବ୍ୟାଙ୍କ ଯାଞ୍ଚ ଆରମ୍ଭ କରିଥିଲା ।

# ୮ କମ୍ପାନୀର ବଜାର ପୁଞ୍ଜି ୧.୪୭ ଲକ୍ଷ କୋଟି ବୃଦ୍ଧି

ମୁମ୍ବାଇ,୧୯।୫(ଏଜେନ୍ସି)

କିଛି ଦିନର ଅନ୍ତରରେ ଭାରତୀୟ ଶେୟାର ବଜାରରେ ଉନ୍ନତି ଘଟିବା ସହିତ ବହୁ ପ୍ରମୁଖ କମ୍ପାନୀଙ୍କ ଶେୟାର କାରବାରରେ ବୃଦ୍ଧି ପରିଲକ୍ଷିତ ହୋଇଛି । ଏହାକୁ ନେଇ ବିଏସଇ ତାଲିକାଭୁକ୍ତ ପ୍ରମୁଖ ୧୦ କମ୍ପାନୀଙ୍କ ମଧ୍ୟରୁ ୮ କମ୍ପାନୀଙ୍କ ବଜାର ପୁଞ୍ଜି (ଏମ୍-କ୍ୟାପ୍) ରେ ୧.୪୭ ଲକ୍ଷ କୋଟି ଟଙ୍କା ବୃଦ୍ଧି ଘଟିଛି । ଅଧିକ ଲାଭବାନ ହୋଇଥିବା କମ୍ପାନୀଙ୍କ ମଧ୍ୟରେ ଏଲଆଇସି ,ରିଲାଏନ୍ସ ଇଣ୍ଡଷ୍ଟ୍ରିଜ୍ , ଭାରତୀ ଏୟାରଟେଲ ଏବଂ ଏଚଡିଏଫସି ଭଳି କମ୍ପାନୀ ରହିଛନ୍ତି । ଗତ ସପ୍ତାହରେ ବମ୍ବେ ଷ୍ଟକ୍ ଏକ୍ସଚେଞ୍ଜ(ବିଏସଇ) ତାଲିକାଭୁକ୍ତ କମ୍ପାନୀଙ୍କ କାରବାରରେ ୧.୮୪ ପ୍ରତିଶତ ବୃଦ୍ଧି ପରିଲକ୍ଷିତହେ୍ାା ସହିତ ହାରାହାରି ଭାବେ ଏହି ସପ୍ତାହରେ ପ୍ରମୁଖ ସୂଚକାଙ୍କ ସେନସେକ୍ସରେ ୧୩୪୧ ପଏଣ୍ଟ ବୃଦ୍ଧି ଘଟିଥିଲା । ଉଭୟ ବମ୍ବେ ଷ୍ଟକ୍ ଏକ୍ସଚେଞ୍ଜ(ବିଏସଇ) ଏବଂ ନ୍ୟାସନାଲ ଷ୍ଟକ୍ ଏକ୍ସଚେଞ୍ଜ (ଏନଏସଇ)ରେ ସ୍ୱତନ୍ତ୍ର ଟ୍ରେଡିଂ ସେସନ ପରିଚାଳନା କରାଯାଇ ଇକ୍ୱିଟି ଓ ଇକ୍ୱିଟି ଡେରିଭେଟିଭ୍‌କୁ ନେଇ ସ୍ୱତନ୍ତ୍ର ପର୍ଯ୍ୟାୟରେ କାରବାର କରାଯାଇଥିଲା ।



ତେବେ ଏହି ସପ୍ତାହରେ ଏଲଆଇସି ସବୁଠୁ ଅଧିକ ଲାଭବାନ ହେବା ସହିତ ଏହାର ବଜାର ପୁଞ୍ଜିରେ ୪୦ ହଜାର ୧୬୩ କୋଟି ଟଙ୍କା ବୃଦ୍ଧି ହେବା ସହିତ ଏହାର ମୋଟ୍ ବଜାର ପୁଞ୍ଜି ପରିମାଣ ୬ ଲକ୍ଷ ୧୬ ହଜାର ୨୧୨ କୋଟି ଟଙ୍କାରେ ପହଞ୍ଚିଛି ।ଏହାପଛକୁ ରିଲାଏନ୍ସ ଇଣ୍ଡଷ୍ଟ୍ରିଜ୍ ବଜାର ପୁଞ୍ଜିରେ ୩୬ ହଜାର ୪୬୭ କୋଟି ଟଙ୍କା ବୃଦ୍ଧି ଘଟି ଏହାର ମୋଟ ପରିମାଣ ୧୯ ଲକ୍ଷ ୪୧ ହଜାର ୧୧୦ କୋଟି ଟଙ୍କାରେ ପହଞ୍ଚିଥିଲା ବେଳେ ଭାରତୀ ଏୟାରଟେଲର ୨୬ ହଜାର ୪୯୨ କୋଟି ଟଙ୍କା ବୃଦ୍ଧିରେ ମୋଟ ବଜାର ପୁଞ୍ଜି ପରିମାଣ ୭ ଲକ୍ଷ ୬୪ ହଜାର ୯୧୭, ଏଚଡିଏଫସିର ୨୧ ହଜାର ୧୩୬ କୋଟି ଟଙ୍କା ବୃଦ୍ଧିରେ ମୋଟ ବଜାର ପୁଞ୍ଜି ପରିମାଣ ୧୧ ଲକ୍ଷ ୧୪ ହଜାର ୧୬୩ କୋଟିରେ ପହଞ୍ଚିଛି । ଅନ୍ୟ କମ୍ପାନୀଙ୍କ ମଧ୍ୟରେ ଆଇସିଆଇସିଆଇ ବ୍ୟାଙ୍କର ୯ ହଜାର ୫୭୦ କୋଟି ବୃଦ୍ଧିରେ ମୋଟ ବଜାର ପୁଞ୍ଜି ପରିମାଣ ୭ ଲକ୍ଷ ୯୪ ହଜାର ୪୦୪ କୋଟି,ଇନଫୋସିସ୍ ୭ ହଜାର ୮୧୫ କୋଟି ବୃଦ୍ଧିରେ ୫ ଲକ୍ଷ ୯୯ ହଜାର ୩୭୬ କୋଟି, ଆଇଟିସିର ୪ ହଜାର ୫୭ କୋଟି ଟଙ୍କା ବୃଦ୍ଧିରେ ୫ ଲକ୍ଷ ୪୪ ହଜାର ୮୯୫ କୋଟି ଏବଂ ଷ୍ଟେଟ ବ୍ୟାଙ୍କ ଅଫ୍ ଇଣ୍ଡିଆର ୨୨୩୧ କୋଟି ଟଙ୍କା ବୃଦ୍ଧିରେ ଏହାର ମୋଟ ବଜାର ପୁଞ୍ଜି ପରିମାଣ ୭ ଲକ୍ଷ ୩୨ ହଜାର ୫୭୬ କୋଟି ଟଙ୍କାରେ ପହଞ୍ଚିଥିବା କୁହାଯାଇଛି ।

ତେବେ ଟିସିଏସ୍ ଏବଂ ହିନ୍ଦୁସ୍ତାନ ୟୁନିଲିଭର କମ୍ପାନୀଙ୍କ ଭଳି ଅନ୍ୟ କେତେକ ପ୍ରମୁଖ କମ୍ପାନୀଙ୍କ ବଜାର ପୁଞ୍ଜିରେ ହ୍ରାସ ପରିଲକ୍ଷିତ ହୋଇଛି । ଗତ ସପ୍ତାହରେ ହୋଇଥିବା କାରବାରରେ ଟିସିଏସ୍‌ର ବଜାର ପୁଞ୍ଜିରେ ୧୬ ହଜାର ୫୮୮ କୋଟି ଟଙ୍କା ହ୍ରାସ ଘଟି ଏହା ୧୩ ଲକ୍ଷ ୯୨ ହଜାର ୯୬୩ କୋଟି ଟଙ୍କାକୁ ହ୍ରାସ ପାଇଥିଲା ବେଳେ ହିନ୍ଦୁସ୍ତାନ ୟୁନିଲିଭରର ୬ ହଜାର ୯୭୮ କୋଟି ଟଙ୍କା ହ୍ରାସରେ ଏହାର ମୋଟ ବଜାର ପୁଞ୍ଜି ପରିମାଣ ୫ ଲକ୍ଷ ୪୬ ହଜାର ୮୪୩ କୋଟି ଟଙ୍କାରେ ପହଞ୍ଚିଛି । ଏହି ସପ୍ତାହରେ ଶେୟାର ମୂଲ୍ୟ ଦୃଷ୍ଟିରୁ ରିଲାଏନ୍ସ ଇଣ୍ଡଷ୍ଟ୍ରିଜ୍ ସବୁଠୁ ମୂଲ୍ୟବାନ କମ୍ପାନୀ ଭାବେ ସ୍ଥାନିତ ହୋଇଛି ।

■ ନିର୍ବାଚନ ଫଳାଫଳକୁ ନେଇ ଆଶଙ୍କାରେ ନିବେଶକାରୀ

# ଇକ୍ୱିଟିରୁ ୨୮ ହଜାର କୋଟି ପ୍ରତ୍ୟାହାର କଲେ ଏଫ୍‌ପିଆଇ

ନୂଆଦିଲ୍ଲୀ,୧୯।୫(ଏଜେନ୍ସି)


ଭାରତରେ ଏବେ ସାଧାରଣ ନିର୍ବାଚନ ଚାଲିଥିଲା ବେଳେ ଖୁବଶୀଘ୍ର ଫଳାଫଳ ପ୍ରକାଶ ପାଇବ । କିନ୍ତୁ ନିର୍ବାଚନ ଫଳାଫଳକୁ ନେଇ ନିବେଶକାରୀମାନେ ଏବେଠୁ ସତର୍କତା ଅବଲମ୍ବନ କରିବା ଆରମ୍ଭ କରିଦେଇଛନ୍ତି । ବିଶେଷକରି ଭାରତୀୟ କର୍ପୋରେଟ୍ କ୍ଷେତ୍ରର ବିଭିନ୍ନ ଅଂଶରେ ନିବେଶ କରୁଥିବା ବିଦେଶୀ ପୋର୍ଟଫୋଲିଓ (ଏଫପିଆଇ) ନିବେଶକାରୀ ନିର୍ବାଚନ ଫଳାଫଳକୁ ନେଇ ଆଶଙ୍କିତ ରହିବା ସହିତ ଅଧିକରୁ ଅଧିକ ପରିମାଣରେ ଶେୟାର ବଜାରରୁ ପୁଞ୍ଜି ପ୍ରତ୍ୟାହାର କରିବାରେ ଲାଗିଥିବା ଜଣାପଡ଼ିଛି । ମିଳିଥିବା ଏକ ରିପୋର୍ଟ ଅନୁସାରେ ଚଳିତ ମାସରେ ଏଫପିଆଇଙ୍କ ଦ୍ୱାରା ବର୍ତ୍ତମାନ ସୁଦ୍ଧା ଇକ୍ୱିଟି କ୍ଷେତ୍ରରୁ ପ୍ରାୟ ୨୮ ହଜାର ୨୦୦ କୋଟି ଟଙ୍କା ପ୍ରତ୍ୟାହାର କରିନିଆଯାଇଛି । ଯାହାକି ଗତ ଏପ୍ରିଲ ମାସର ହାରାହାରି ପୁଞ୍ଜି ପ୍ରତ୍ୟାହାର ତୁଳନାରେ ସର୍ବାଧିକ ।




ଗତ ମାସରେ ମରିସସ୍ ସହିତ ଭାରତର ଟିକସ ବୁଝାମଣା ଏବଂ ଆମେରିକାର ବଣ୍ଡ ବ୍ୟବସ୍ଥାକୁ ନେଇ ଆନ୍ତର୍ଜାତିକ ନିବେଶ ବଜାର ଅସ୍ଥିର ରହିଥିଲା । ଏହାକୁ ଦୃଷ୍ଟିରେ ରଖି ଏଫପିଆଇଙ୍କ ଦ୍ୱାରା ଭାରତୀୟ ଶେୟାର ବଜାରରୁ ପ୍ରାୟ ୮୭୦୦ କୋଟି ଟଙ୍କର ପ୍ରତ୍ୟାହାର କରାଯାଇଥିଲା । କିନ୍ତୁ ଚଳିତ ମାସରେ ଏହି ପରିମାଣ ୨୮ ହଜାର କୋଟି ଟଙ୍କା ଟପିବା ନିବେଶ କ୍ଷେତ୍ର ପାଇଁ ନିରୁତ୍ସାହ ଆଣିଛି ବୋଲି ବଜାର ବିଶେଷଜ୍ଞମାନେ କହିଛନ୍ତି । ଏଫପିଆଇଙ୍କ ଦ୍ୱାରା ଗତ ମାର୍ଚ୍ଚରେ ୩୫ ହଜାର ୯୮ କୋଟି ଟଙ୍କା ନିବେଶ କରାଯାଇଥିଲା ବେଳେ ଫେବୃଆରୀ ମାସରେ ମାତ୍ର ୧୫୩୯ କୋଟି ନିବେଶ କରାଯାଇଥିଲା । କିନ୍ତୁ ବର୍ତ୍ତମାନ ନିର୍ବାଚନକୁ ନେଇ ନିବେଶ ପରିମାଣ କିଛିଟା ହ୍ରାସ ପାଇଥିଲା ବେଳେ ପୁଞ୍ଜି ପ୍ରତ୍ୟାହାର ପରିମାଣ ବଢିବାରେ ଲାଗିଛି ।

# 'ଆଇସ୍‌କ୍ରିମ୍ ମ୍ୟାନ୍ ଅଫ୍ ଇଣ୍ଡିଆ'ଙ୍କ ଦେହାନ୍ତ

ମୁମ୍ବାଇ, ୧୯।୫(ଏଜେନ୍ସି)



ନାଚୁରାଲ ଆଇସକ୍ରିମ୍‌ର ପ୍ରତିଷ୍ଠାତା ଭାବେ ପରିଚିତ ରଘୁନନ୍ଦନ ଶ୍ରୀନିବାସନ କାମତ୍ଙ୍କ ପରଲୋକ ହୋଇଛଇ । ସେ କିଛି ଦିନ ଅସୁସ୍ଥ ରହି ମୁମ୍ବାଇର ଏଚଏନ ରିଲିୟାନ୍ସ ଫାଉଣ୍ଡେସନ ହସ୍ପିଟାଲରେ ଚିକିତ୍ସାଧୀନ ଥିଲେ । ତେବେ ଗତକାଲି ତାଙ୍କର ମୃତ୍ୟୁ ହୋଇଥିବା କୁହାଯାଇଛି । ମୃତ୍ୟୁବେଳକୁ ତାଙ୍କୁ ୭୦ ବର୍ଷ ବୟସ ହୋଇଥିଲା । ଶନିବାର ପଶ୍ଚିମ ଅନ୍ଧେରିରେ ତାଙ୍କର ଶେଷକୃତ୍ୟ ସମ୍ପନ୍ନ ହୋଇଛି । ରଘୁନନ୍ଦନ ଭାରତର ଆଇସକ୍ରିମ ମ୍ୟାନ ଭାବେ ଜଣାଶୁଣା ଥିଲେ । ତାଙ୍କ ଜୀବନ ବହୁତ ସଂଘର୍ଷମୟ ଥିଲା । କର୍ଣ୍ଣାଟକର ମାଙ୍ଗାଲୋରର ଏକ ଗାଁରେ ଜନ୍ମ ଗ୍ରହଣ କରିଥିବା ରଘୁନନ୍ଦନଙ୍କ ବାପା ଜଣେ ଆମ୍ବ ବେପାରୀ ଥିଲେ । ଗାଁରେ ଥିବା ସମୟରେ ସେ ତାଙ୍କ ବାପାଙ୍କ ବ୍ୟବସାୟରେ ସହାୟତା କରୁଥିଲେ । ୧୪ ବର୍ଷ ବୟସରେ ରଘୁନନ୍ଦନ କାମ କରିବା ପାଇଁ ତାଙ୍କ ଭାଇଙ୍କ ରେସ୍ତୁରାଁକୁ ଚାଲିଯାଇଥିଲେ ସେଠାରୁ ସେ ଫଳ ସ୍ୱାଦକୁ ନେଇ ଆଇସକ୍ରିମ୍ ପ୍ରସ୍ତୁତ କରିବାକୁ ଚିନ୍ତା କରିଥିଲେ । ସେ ତାଙ୍କର ପ୍ରଥମ ଆଇସକ୍ରିମ ଫ୍ଲେବର ପାର୍ଲର ୧୯୮୪ରେ ୬ଜଣ କର୍ମଚାରୀଙ୍କୁ ନେଇ ଖୋଲିଥିଲେ ଏବଂ ୧୨ ପ୍ରକାରର ସ୍ୱାଦରେ ବିକ୍ରି ଆରମ୍ଭ କରିଥିଲେ । ବ୍ୟବସାୟରେ ଭଲ ଲାଭ ହେବା ପରେ ୧୯୯୪ ମସିହାରେ ମୁମ୍ବାଇରେ ଆଉ ୬ଟି ନୂତନ ଷ୍ଟୋର ଖୋଲିଥିଲେ । ବର୍ତ୍ତମାନ ଦେଶରେ ୧୫ଟି ସହରରେ ୧୬୫ଟି ନାଚୁରାଲ ଆଇସକ୍ରିମର ଷ୍ଟୋର ଅଛି । ଏବେ ତାଙ୍କ କମ୍ପାନୀ ୪୦୦ କୋଟିର ବ୍ୟବସାୟରେ ପହଞ୍ଚିଛି ।

## ବନ୍ଦ ହେବ ସାଇବର ଅପରାଧ ସହ ଜଡ଼ିତ ୨୮ ହଜାର ମୋବାଇଲ୍ ଫୋନ




ନୂଆଦିଲ୍ଲୀ,୧୯।୫(ଏଜେନ୍ସି): ସାଇବର ଅପରାଧ ସହ ଜଡ଼ିତ ହଜାର ହଜାର ମୋବାଇଲ ଫୋନ ସମ୍ପର୍କରେ ତଥ୍ୟ ସଂଗ୍ରହ କରାଯାଇଥିଲା ବେଳେ ଏଭଳି ୨୮ ହଜାର ଫୋନକୁ ବନ୍ଦ କରିବାକୁ କେନ୍ଦ୍ର ସରକାର ନିଷ୍ପତ୍ତି ନେଇଛନ୍ତି । ଟେଲିକମ୍ ସମ୍ବଳକୁ କ୍ଷତି ପହଞ୍ଚାଇବା ସହିତ ଆର୍ଥିକ ସ୍ତରରେ ଘୋଟାଲା ଏବଂ ସାଇବର ଅପରାଧ ସହ ଜଡିତ ୨୮ ହଜାର ୨୦୦ ଫୋନକୁ କେନ୍ଦ୍ର ସରକାର ଚିହ୍ନଟ କରିବା ପରେ ଏଗୁଡିକୁ ଉପରେ ପ୍ରତିବନ୍ଧକ ଲଗାଇବାକୁ ପଦକ୍ଷେପ ନିଆଯାଉଥିବା କୁହାଯାଇଛି । ଏଥିପାଇଁ ସରକାରଙ୍କ ପକ୍ଷରୁ ରିଲାଏନ୍ସ ଜିଓ, ଭାରତୀୟ ଏୟାରଟେଲ ଏବଂ ଭୋଡାଫୋନ ଭଳି ସବୁ ଟେଲିକମ୍ ଅପରେଟରମାନଙ୍କୁ ନୋଟିସ୍ ଜାରି କରାଯାଇଛି । ଖାଲି ସେତିକି ନୁହେଁ ତତ୍କାଳ ପ୍ରଭାବରେ ୨୦ ଲକ୍ଷ ମୋବାଇଲ କନେକ୍ସନର 'ରି-ଭେରିଫିକେସନ' କରିବାକୁ କୁହାଯାଇଛି ।ସୂଚନାଯୋଗ୍ୟ ଯେ, ଟେଲିକମ୍ ବିଭାଗ, କେନ୍ଦ୍ର ଗୃହ ମନ୍ତ୍ରାଳୟ ଏବଂ ରାଜ୍ୟ ପୁଲିସକୁ ନେଇ ସାଇବର କ୍ରାଇମ୍ ଏବଂ ଅନଲାଇନ୍ ଫ୍ରଡକୁ ରୋକିବାକୁ ଏକ ଟିମ୍ ଗଠନ କରାଯାଇଥିଲା । କେନ୍ଦ୍ର ଗୃହ ମନ୍ତ୍ରାଳୟ ଏବଂ ବିଭିନ୍ନ ରାଜ୍ୟ ପୁଲିସର ମିଳିତ ସହଯୋଗରେ ପ୍ରାୟ ୨୮ ହଜାର ୨୦୦ ମୋବାଇଲ୍ ଫୋନ ଚିହ୍ନଟ କରାଯାଇଥିଲା । ଯାହାକି ସାଇବର କ୍ରାଇମରେ ସାମିଲ ଥିଲା । ଏହାପରେ ଏହି ସବୁ ମୋବାଇଲକୁ ତୁରନ୍ତ ବନ୍ଦ କରିବାକୁ କେନ୍ଦ୍ର ସରକାର ପଦକ୍ଷେପ ନେବା ଆରମ୍ଭ କରିଛନ୍ତି ।

## ଚାବାହାର ବନ୍ଦରକୁ ନେଇ ଭାରତ-ଇରାନ ବୁଝାମଣା

# କେନ୍ଦ୍ରୀୟ ଏସିଆରେ ସଂପ୍ରସାରିତ ହେବ ଲଜିଷ୍ଟିକ୍ କ୍ଷମତା

ନୂଆଦିଲ୍ଲୀ,୧୯।୫(ଏଜେନ୍ସି)

ଇରାନର ଚାବାହାର ବନ୍ଦରର ଅବସ୍ଥିତି ଭୌଗୋଳିକ ଦୃଷ୍ଟି କୋଣରୁ ଅତ୍ୟନ୍ତ ମହତ୍ତ୍ୱପୂର୍ଣ୍ଣ । ବିଶେଷକରି ଆରବ ସାଗର ଦେଇ ଦକ୍ଷିଣ ଏସିୟାରୁ କେନ୍ଦ୍ରୀୟ ଏସୀୟ ରାଷ୍ଟ୍ରମାନଙ୍କୁ ଏହି ବନ୍ଦର ମାଧ୍ୟମରେ ପରିବହନ ଲାଗି ଯଥେଷ୍ଟ ସୁଯୋଗ ରହିଥିବାରୁ ଏହାକୁ ସର୍ବାଧିକ ଗୁରୁତ୍ୱ ଦିଆଯାଉଛି । କେବଳ କେନ୍ଦ୍ରୀୟ ଏସିଆ ନୁହେଁ ; ଆବଶ୍ୟକ ସ୍ଥଳେ ରୁଷିଆ ପର୍ଯ୍ୟନ୍ତ ମଧ୍ୟ ସ୍ଥଳ ପଥରେ ଏହି ବନ୍ଦର ଦେଇ ପରିବହନ କରାଯାଇପାରିବ । ଏହାକୁ ଦୃଷ୍ଟିରେ ରଖି ଭାରତ ଚାବାହାର ବନ୍ଦର ପରିଚାଳନାକୁ ନେଇ ଇରାନ ସହ ୧୦ ବର୍ଷିଆ ବୁଝାମଣା କରିଛି । ନିକଟରେ ଉଭୟ ପକ୍ଷ ମଧ୍ୟରେ ଏନେଇ ଚୁକ୍ତି ସ୍ୱାକ୍ଷରିତ ହୋଇଥିଲା ବେଳେ ଏହାଦ୍ୱାରା କେନ୍ଦ୍ରୀୟ ଏସିଆରେ ଭାରତ ଲଜିଷ୍ଟିକ୍ କ୍ଷେତ୍ରରେ ଯଥେଷ୍ଟ ସୁଯୋଗ ହାସଲ କରିବ ବୋଲି ଗ୍ଲୋବାଲ ଟ୍ରେଡ୍ ରିସର୍ଚ୍ଚ ଇନିସିଏଟିଭ୍(ଜିଟିଆରଆଇ) ଥିଙ୍କ ଟ୍ୟାଙ୍କ ପକ୍ଷରୁ କୁହାଯାଇଛି । ଚାବାହାର ଇରାନର ଏକମାତ୍ର ସାମୁଦ୍ରିକ ବନ୍ଦର ହୋଇଥିଲା ବେଳେ ଏହା ଉପରେ ସମସ୍ତଙ୍କ ଦୃଷ୍ଟି ରହିଛି । କିନ୍ତୁ ଏହି ବନ୍ଦର ମାଧ୍ୟମରେ କାରବାର ପାଇଁ ଆମେରିକା କଟକଣା ଜାରି କରିଛି । ଏହାସତ୍ତ୍ୱେ ଭାରତ ଏହାର ଭିତ୍ତିଭୂମି ବିକାଶ ସହ ପରିଚାଳନା ପାଇଁ ଚୁକ୍ତିବଦ୍ଧ ହେବା ଆନ୍ତର୍ଜାତିକ ମହଲରେ ଚାଞ୍ଚଲ୍ୟ ସୃଷ୍ଟି କରିଛି । ବିଶେଷକରି ଚୀନ୍ ଭାରତର ଏହି ପଦକ୍ଷେପକୁ ନେଇ ଇର୍ଷାନ୍ୱିତ ହୋଇପଡ଼ିଛି । ଚୀନ ପାକିସ୍ତାନର ଗ୍ୱାଦର ବନ୍ଦର ବିକାଶ କରି ଏହା ମାଧ୍ୟମରେ ଏହି ଅଞ୍ଚଳରେ ନିଜର ଦବଦବା ଜାହିର କରିବାକୁ ମସୁଧା କରିଛି ।



କିନ୍ତୁ ଭାରତ ଚାବାହାର ବନ୍ଦରରେ ପ୍ରବେଶ କରିବା ପରେ ଚୀନ୍‌ର ଏହି ସ୍ୱପ୍ନ ଏକପ୍ରକାର ଧୂଳିସାତ୍ ହୋଇଯାଇଛି । ଭାରତର ଇଣ୍ଡିଆନ ପୋର୍ଟସ ଗ୍ଲୋବାଲ ଲିଃ(ଆଇପିଜିଏଲ) ଏହି ବନ୍ଦର ବିକାଶ ପାଇଁ ୧୨୦ ନିୟୁତ ଡଲାର ନିବେଶ କରିବା ସହିତ ଋଣ ମାଧ୍ୟମରେ ସଂଗ୍ରହ ହେବାକୁ ଥିବା ଆଉ ୨୫୦ ନିୟୁତ ଡଲାର ପରବର୍ତ୍ତୀ ସମୟରେ ନିବେଶ ହେବ ।

ଏହି ବନ୍ଦର ବିକାଶ ଦ୍ୱାରା ଭାରତ ଗୁଜରାଟ କିମ୍ବା ମୁମ୍ବାଇ ବନ୍ଦରରୁ ସିଧାସଳଖ ଆଫଗାନିସ୍ତାନ ସମେତ କେନ୍ଦ୍ରୀୟ ଏସୀୟ ରାଷ୍ଟ୍ରମାନଙ୍କୁ ବିଭିନ୍ନ ସାମଗ୍ରୀ ପରିହବନ କରିପାରିବ । ଏହାଛଡ଼ା ପାକିସ୍ତାନକୁ ବାଦ୍ ଦେଇ ଇଣ୍ଟରନ୍ୟାସନାଲ ନର୍ଥ-ସାଉଥ ଟ୍ରାନ୍ସପୋର୍ଟ କରିଡର ଦେଇ ରୁଷିଆ ସୀମା ପର୍ଯ୍ୟନ୍ତ ମଧ୍ୟ ପଣ୍ୟ ପରିବହନ କରିପାରିବାକୁ ସୁଯୋଗ ପାଇବ । ଏହାଦ୍ୱାରା ଏସିଆ ମହାଦେଶର ଏହି ଅଞ୍ଚଳରେ ଭାରତର ଲଜିଷ୍ଟିକ୍ କ୍ଷମତା ବହୁଗୁଣରେ ସଂପ୍ରସାରିତ ହେବ ବୋଲି କୁହାଯାଇଛି ।

# ରିଲାଏନ୍ସ ଜିଓ'ର ଫ୍ୟାନ୍‌କୋଡ୍ ମାଗଣା ସବ୍‌ସ୍କ୍ରିପସନ୍ ଅଫର୍

ମୁମ୍ବାଇ,୧୯।୫(ଏଜେନ୍ସି)

ରିଲାଏନ୍ସ ଜିଓ ପକ୍ଷରୁ ଜିଓ ଏୟାରଫାଇବର, ଜିଓ ଫାଇବର ଏବଂ ଜିଓ ପ୍ରିପେଡ୍ ମୋବାଇଲ ଗ୍ରାହକଙ୍କ ପାଇଁ ପ୍ରିମିୟମ୍ ଓଟିଟି ଆପ୍ ଫ୍ୟାନକୋଡ ମାଗଣା ସବସ୍କ୍ରିପସନ୍ ଅଫର ଆରମ୍ଭ କରାଯାଇଛି । ନିର୍ଦ୍ଦିଷ୍ଟ ପ୍ଲାନ ସହିତ ଉପଲବ୍ଧ ଜିଓର ଏହି ସୁବିଧା ଉପଭୋକ୍ତାମାନଙ୍କୁ ଏକ ବର୍ଷ ପାଇଁ ପ୍ରିମିୟମ୍ ଓଟିଟି ଆପ୍ ଫ୍ୟାନକୋଡର ମାଗଣା ସବସ୍କ୍ରିପସନରେ ଉପଲବ୍ଧ ହେବ । ଜିଓ ଏୟାରଫାଇବର ଓ ଜିଓ ଫାଇବର ଗ୍ରାହକମାନେ ୧୧୯୯ ଟଙ୍କା କିମ୍ବା ତା'ଠାରୁ ଅଧିକ ମୂଲ୍ୟର ପ୍ଲାନ ସହିତ ଫ୍ୟାନକୋଡର ମାଗଣା ସବସ୍କ୍ରିପସନ୍ ପାଇପାରିବେ । ସେହିଭଳି ଜିଓ ପ୍ରିପେଡ୍ ମୋବାଇଲ ଉପଭୋକ୍ତା ଏଥିସହିତ ଜିଓ ପ୍ରିପେଡ୍ ମୋବାଇଲ ଉପଭୋକ୍ତାମାନେ ମଧ୍ୟ ୩୯୮ ଟଙ୍କା, ୧୧୯୮ ଟଙ୍କା, ୪୪୯୮ ଟଙ୍କା ପ୍ଲାନ ଏବଂ ନୂତନ ୩୩୩୩ ଟଙ୍କା ବାର୍ଷିକ ପ୍ଲାନ ସହିତ ଫ୍ୟାନକୋଡ ଆପ୍ସର ମାଗଣା ସବସ୍କ୍ରିପସନର ଲାଭ ନେଇପାରିବେ । ଫ୍ୟାନକୋଡ ଆପ୍ସର ମାଗଣା ସବସ୍କ୍ରିପସନ ସହିତ ଏହି ନୂତନ ଜିଓ ପ୍ଲାନରେ ଜିଓ ଟିଭି, ଜିଓ ସିନେମା ଏବଂ ଜିଓ କ୍ଲାଉଡ୍ ଭଳି ଆପ୍ସର ସୁବିଧା ମଧ୍ୟ ଉପଲବ୍ଧ ହେବ । ବିନା କୌଣସି ଅତିରିକ୍ତ ମୂଲ୍ୟରେ ଉଭୟ ବର୍ତ୍ତମାନ ରହିଥିବା ଗ୍ରାହକ ଏବଂ ନୂତନ ବ୍ୟବହାରକାରୀଙ୍କ ପାଇଁ ଏହା ଉପଲବ୍ଧ ହେବ ।ଫର୍ମୁଲା ୱାନ ଆଡଭେଞ୍ଚର କ୍ରୀଡା କ୍ଷେତ୍ରରେ ଫ୍ୟାନକୋଡ୍ ଅତ୍ୟନ୍ତ ଲୋକପ୍ରିୟ ଏବଂ ଏହା ପାଖରେ ୨୦୨୪ ଓ ୨୦୨୫ ବର୍ଷ ପାଇଁ ଭାରତରେ ଏଫ ୱାନର ସ୍ୱତନ୍ତ୍ର ପ୍ରସାରଣ ଅଧିକାର ରହିଛି । ଉପଭୋକ୍ତାମାନେ ବାସ୍ତବ ସମୟରେ ମ୍ୟାଚ୍ ହାଇଲାଇଟ୍ସ, ପୂର୍ଣ୍ଣ ମ୍ୟାଚ୍ ଭିଡିଓ ଉପଭୋଗ କରିପାରିବେ । ଏହା ସହିତ କ୍ରିକେଟ୍ ହାଇଲାଇଟ୍ସ , ଡାଟା ପରିସଂଖ୍ୟାନ, ସବିଶେଷ ବିଶ୍ଲେଷଣ, ଫାଣ୍ଟାସି କ୍ରୀଡା ସୂଚନା ଏବଂ କ୍ରୀଡା ଜଗତରୁ ବ୍ରେକିଙ୍ଗ୍ ଖବର ମଧ୍ୟ ଫ୍ୟାନକୋଡରେ ପ୍ରସାରିତ ହେଉଥିବାରୁ ଏହାର ସୁବିଧା ମଧ୍ୟ ଉପଲବ୍ଧ ହେବ । ଜିଓ ପକ୍ଷରୁ ଏକ ବର୍ଷ ବୈଧତା ବିଶିଷ୍ଟ ନୂତନ ଜିଓ ୩୩୩୩ ପ୍ରିପେଡ୍ ପ୍ଲାନ ଆରମ୍ଭ କରାଯାଇଛି ଯେଉଁଥିରେ ଉପଭୋକ୍ତାମାନେ କମ୍ପାନୀର ସ୍ପୋର୍ଟସ୍ ଷ୍ଟ୍ରିମିଂ ପ୍ଲାଟଫର୍ମ ଫ୍ୟାନକୋଡ୍ ର ମାଗଣା ସବସ୍କ୍ରିପସନର ଲାଭ ପାଇବେ ବୋଲି କମ୍ପାନୀ ପକ୍ଷରୁ କୁହାଯାଇଛି ।



## ଇଟାଲିଆନ ଓପନ୍ ଟେନିସ

# ସ୍ୱିଆଟେକ ତୃତୀୟଥର ଚାମ୍ପିଅନ



**ରୋମ,୧୯ ।୫(ଏଜେନ୍ସି):** ବିଶ୍ୱର ୧ ନଂ ମହିଳା ଟେନିସ ଖେଳାଳି ଇଗା ସ୍ୱିଆଟେକ ଏଥର ଇଟାଲିଆନ୍ ଓପନ୍ ଟାଇଟଲ ଜିତିଛନ୍ତି । ଏଠାରେ ଅନୁଷ୍ଠିତ ମହିଳା ଏକକ ଫାଇନାଲରେ ସ୍ୱିଆଟେକ ୬-୨, ୬-୩ ସିଧାସଳଖ ସେଟ୍‌ରେ ବିଶ୍ୱର ୨ ନଂ ଖେଳାଳି ବେଲାରୁଷର ଅରିନା ସାବାଲେଙ୍କାଙ୍କୁ ପରାସ୍ତ କରି ତୃତୀୟଥର ପାଇଁ ଏହି ଟୁର୍ଣ୍ଣାମେଣ୍ଟରେ ଚାମ୍ପିଅନ୍ ହୋଇଛନ୍ତି । ଫାଇନାଲ ମୁକାବିଲାରେ ବିଜୟୀ ହେବାକୁ ସ୍ୱିଆଟେକଙ୍କୁ ଏକ ଘଣ୍ଟା ୨୯ ମିନିଟ୍ ସମୟ ଆବଶ୍ୟକ ହୋଇଥିଲା । ଦୁହେଁ ୧୧ଥର ପରସ୍ପରକୁ ଭେଟିଥିବା ବେଳେ ସ୍ୱିଆଟେକ୍ ଅଷ୍ଟମଥର ପାଇଁ ବିଜୟୀ ହୋଇଛନ୍ତି । ସ୍ୱିଆଟେକ ପୂର୍ବରୁ ୨୦୨୧, ୨୦୨୨ରେ ଇଟାଲିଆନ୍ ଓପନ୍ ଡବ୍ଲ୍ୟୁଟିଏ ୧୦୦୦ ଟାଇଟଲ ଜିତିଥିଲେ । ୨୨ ବର୍ଷୀୟା ସ୍ୱିଆଟେକ ଏଥିସହ ତାଙ୍କର ଗତ ୯ଟି ଫାଇନାଲରେ ବିଜୟୀ ହୋଇଛନ୍ତି । ସ୍ୱିଆଟେକ ତୃତୀୟଥର ପାଇଁ କୌଣସି ଟୁର୍ଣ୍ଣାମେଣ୍ଟରେ ତୃତୀୟଥର ପାଇଁ ଚାମ୍ପିଅନ ହେବାର ଗୌରବ ଅର୍ଜନ କରିଛନ୍ତି । ସେ ପୂର୍ବରୁ ୨୦୨୦, ୨୦୨୨, ୨୦୨୩ରେ ଫ୍ରେଞ୍ଚ ଓପନ ଟାଇଟଲ ଜିତିଥିଲେ । ସେହିପରି ସେ ୨୦୨୨, ୨୦୨୩, ୨୦୨୪ରେ ଦୋହା ଓପନ୍‌ରେ ବିଜୟୀ ହୋଇଥିଲେ । ଏଥିସହ ସେ କ୍ୟାରିୟରର ୨୧ତମ ଟାଇଟଲ ଜିତିଛନ୍ତି ଓ ଚଳିତ ବର୍ଷର ୩୬ତମ ବିଜୟ ହାସଲ କରିଛନ୍ତି । ୨୦୧୩ରେ ପରେ ସେ ପ୍ରଥମ ମହିଳା ଖେଳାଳି ଭାବେ ମାଦ୍ରିଦ୍ ଓ ରୋମ ଟାଇଟଲ ହାସଲ କରିଛନ୍ତି । ଆସନ୍ତା ୨୬ ତାରିଖରୁ ଆରମ୍ଭ ହେବାକୁ ଥିବା ବର୍ଷର ଦ୍ୱିତୀୟ ଗ୍ରାଣ୍ଡସ୍ଲାମ ଟୁର୍ଣ୍ଣାମେଣ୍ଟ ଫ୍ରେଞ୍ଚ ଓପନ୍‌ରେ ସେ ଟାଇଟଲ ବଜାୟ ରଖିବେ ବୋଲି ଆଶା କରାଯାଉଛି ।

## ● ଜେନେଭା ଏଟିପି ଓପନ୍

# ଜୋକୋଭିଚ୍‌ଙ୍କୁ ୱାଇଲ୍ଡ କାର୍ଡ

**ଜେନେଭା,୧୯ ।୫(ଏଜେନ୍ସି):** ଆସନ୍ତା ସପ୍ତାହରେ ସୁଇଜରଲାଣ୍ଡର ଜେନେଭାରେ ଆରମ୍ଭ ହେବାକୁ ଥିବା ଏଟିପି ଓପନ୍ ଟେନିସ ଟୁର୍ଣ୍ଣାମେଣ୍ଟରେ ବିଶ୍ୱର ୧ ନଂ ଖେଳାଳି ସର୍ବିଆର ନୋଭାକ ଜୋକୋଭିଚ୍‌ଙ୍କୁ ଅଂଶଗ୍ରହଣ କରିବାର ସୁଯୋଗ ମିଳିଛି । ତାଙ୍କୁ ମିଳିଥିବା ୱାଇଲ୍ଡ କାର୍ଡକୁ ସେ ଗ୍ରହଣ କରିଛନ୍ତି । ଫଳରେ ଆଗକୁ ଆୟୋଜନ ହେବାକୁ ଥିବା ବର୍ଷର ଦ୍ୱିତୀୟ ଗ୍ରାଣ୍ଡସ୍ଲାମ ଟୁର୍ଣ୍ଣାମେଣ୍ଟ ଫ୍ରେଞ୍ଚ ଓପନ୍ ପୂର୍ବରୁ ତାଙ୍କୁ କ୍ଲେ କୋର୍ଟରେ ଅଭ୍ୟାସ ଓ ପ୍ରସ୍ତୁତି କରିବାର ଭଲ ସୁଯୋଗ ମିଳିବ । ୩୭ ବର୍ଷୀୟ ଜୋକୋଭିଚ୍‌ଙ୍କୁ ବାଦଦେଲେ ଅଭିଜ୍ଞ ବ୍ରିଟେନ ଖେଳାଳି ଆଣ୍ଡି ମୁରେ ଓ ବିଶ୍ୱର ୭ ନଂ ଖେଳାଳି କାସ୍ପେର ରୁଡ ମଧ୍ୟ ଏହି ଟୁର୍ଣ୍ଣାମେଣ୍ଟରେ ଭାଗ ନେବେ । ଜୋକୋଭିଚ୍ ମଙ୍ଗଳବାର କିମ୍ବା ବୁଧବାର ସିଧାସଳଖ ଦ୍ୱିତୀୟ ରାଉଣ୍ଡରୁ ଅଭିଯାନ ଆରମ୍ଭ କରିବେ । ଜୋକୋଭିଚ୍ ଏପର୍ଯ୍ୟନ୍ତ ବିଶ୍ୱରେ ସର୍ବାଧିକ ୨୪ଟି ଗ୍ରାଣ୍ଡସ୍ଲାମ ଟାଇଟଲ ହାସଲ କରିଛନ୍ତି । ଚଳିତ ଇଟାଲିଆନ ଓପନ୍ ଟେନିସ ଟୁର୍ଣ୍ଣାମେଣ୍ଟରେ ସେ ପୁରୁଷ ଏକକ ତୃତୀୟ ରାଉଣ୍ଡ ମୁକାବିଲାରେ ଚିଲିର ଆଲେଜାଣ୍ଡ୍ରୋ ତାବିଲୋଙ୍କଠାରୁ ପରାସ୍ତ ହୋଇ ବିପର୍ଯ୍ୟୟର ସମ୍ମୁଖୀନ ହେବା ସହ ବିଦାୟ ନେଇଥିଲେ । ଏବେ ସେ ଫର୍ମ ଫେରିପାଇବାକୁ ସଂଘର୍ଷ କରୁଛନ୍ତି ।

## ଥାଇଲାଣ୍ଡ ଓପନ୍ ବ୍ୟାଡ୍‌ମିଣ୍ଟନ

# ଟାଇଟଲ୍ ଜିତିଲେ ସାତ୍ତ୍ୱିକ-ଚିରାଗ

ବ୍ୟାଙ୍କକ,୧୯ ।୫(ଏଜେନ୍ସି)

ଭାରତୀୟ ପୁରୁଷ ବ୍ୟାଡମିଣ୍ଟନ ଯୋଡି ସାତ୍ତ୍ୱିକସାଇରାଜ ରାଙ୍କିରେଡ୍ଡୀ ଓ ଚିରାଗ ସେଟ୍ଟୀ ଆଉ ଏକ ବିଶ୍ୱସ୍ତରୀୟ ଟାଇଟଲ ହାସଲ କରିଛନ୍ତି । ଏଠାରେ ଅନୁଷ୍ଠିତ ଥାଇଲାଣ୍ଡ ଓପନ୍ ସୁପର ୫୦୦ ବ୍ୟାଡମିଣ୍ଟନ ଟୁର୍ଣ୍ଣାମେଣ୍ଟରେ ବିଶ୍ୱର ଏହି ୩ ନଂ ଯୋଡି ଚାମ୍ପିଅନ ହେବାର ଗୌରବ ଅର୍ଜନ କରିଛନ୍ତି । ରବିବାର ଅନୁଷ୍ଠିତ ପୁରୁଷ ଯୁଗଳ ଫାଇନାଲ ମୁକାବିଲାରେ ଏହି ଭାରତୀୟ ଯୋଡି ୨୧-୧୫, ୨୧-୧୫ ସିଧାସଳଖ ଗେମ୍‌ରେ ବିଶ୍ୱ ୨୯ ନଂ ଯୋଡି ଚୀନ୍‌ର ଚେନ୍ ବୋ ୟାଙ୍ଗ୍ ଓ ଲିୟୁ ୟିଙ୍କୁ ପରାସ୍ତ କରି ୯ମ ବ୍ୟାଡମିଣ୍ଟନ ୱାର୍ଲ୍ଡ ଫେଡେରେସନ୍ (ବିଡବ୍ଲ୍ୟୁଏଫ୍) ୱାର୍ଲ୍ଡ ଟୁର ଟାଇଟଲ ଜିତିଛନ୍ତି । ଏଥିସହ ଏହି ଯୋଡି ଆଗାମୀ ଜୁଲାଇ- ଅଗଷ୍ଟରେ ଆୟୋଜନ ହେବାକୁ ଥିବା ପ୍ୟାରିସ ଅଲିମ୍ପିକ୍ସ ପାଇଁ ପ୍ରସ୍ତୁତି ଜୋରଦାର କରିଛନ୍ତି । ଏହି ବିଜୟ ସହ ସାତ୍ତ୍ୱିକ- ଚିରାଗ ତୃତୀୟ ସ୍ଥାନରୁ ଉଠି ବିଡବ୍ଲ୍ୟୁଏଫ୍ ମାନ୍ୟତାର ନଂ ୧ ସ୍ଥାନ ଅଧିକାର କରିବାର ଯଥେଷ୍ଟ ସମ୍ଭାବନା ରହିଛି ।

ବ୍ୟାଙ୍କକରେ ଆମେ ସବୁବେଳେ ଭଲ ପ୍ରଦର୍ଶନ କରିଥାଉ । ପୂର୍ବରୁ ଏଠାରେ ୨୦୧୯ରେ ଆମେ ପ୍ରଥମ ସୁପର ସିରିଜ ଟାଇଟଲ ହାସଲ କରିଥିଲୁ ଓ ଥୋମସ



କପ୍ ହାସଲ କରିଥିଲୁ ବୋଲି ଚିରାଗ କହିଛନ୍ତି । ଗତ କେତୋଟି ଟୁର୍ଣ୍ଣାମେଣ୍ଟରେ ଦୁହେଁ ଭଲ ପ୍ରଦର୍ଶନ କରି ନଥିଲେ । କିନ୍ତୁ ଏହି ବିଜୟ ସାତ୍ତ୍ୱିକ ଓ ଚିରାଗ ପାଇଁ ବିଶେଷ ମହତ୍ତ୍ୱ ରଖୁଛି । ଏହାପୂର୍ବରୁ ଦୁହେଁ ଅଲ ଇଂଲଣ୍ଡ ଚାମ୍ପିଅନସିପ୍‌ର ଦ୍ୱିତୀୟ ରାଉଣ୍ଡରେ ପରାସ୍ତ ହୋଇଥିଲେ । ସେହିପରି ଆଘାତ ସମସ୍ୟା କାରଣରୁ ଏସିଆ ଚାମ୍ପିଅନସିପ୍ ଖେଳିପାରି ନଥିଲେ । ସେହିପରି ଥୋମାସ କପ୍‌ରେ ମଧ୍ୟ ଏହି ଭାରତୀୟ ଯୋଡି ଭଲ ପ୍ରଦର୍ଶନ କରିପାରି ନଥିଲେ । ଏବେ ପ୍ୟାରିସ୍ ଅଲିମ୍ପିକ୍ସରେ ପଦକ ହାସଲ କରିବା ଲକ୍ଷ୍ୟରେ ଦୁହେଁ ରହିଛନ୍ତି ।

### ସେମିରେ ହାରିଲେ କ୍ରାଷ୍ଟୋ- ପୋନାପ୍ପା

ମହିଳା ଯୁଗଳ ପ୍ରତିଯୋଗିତାରେ ଚତୁର୍ଥ ସିଡ୍ ମାନ୍ୟତା ପାଇଥିବା ଭାରତୀୟ ଯୋଡି ତନିଶା କ୍ରାଷ୍ଟୋ ଓ ଅଶ୍ୱିନୀ ପୋନାପ୍ପା ସେମିଫାଇନାଲରେ ପରାସ୍ତ ହୋଇ ବିଦାୟ ନେଇଛନ୍ତି । ଏହି ଯୋଡି ୧୨-୨୧, ୨୦-୨୧ ଗେମ୍‌ରେ ଥାଇଲାଣ୍ଡର ଟପ୍ ସିଡ୍ ଯୋଡି ଜୋଙ୍ଗକୋଫାନ କିଟିଥାରାକୁଲ ଓ ରାୱିନ୍ଦା ପ୍ରାଜୋଙ୍ଗଜାଇଙ୍କଠାରୁ ପରାସ୍ତ ହୋଇଛନ୍ତି । ଏହି ଥାଇଲାଣ୍ଡ ଯୋଡି ଫାଇନାଲରେ ଇଣ୍ଡୋନେସିଆର ଫେବ୍ରିଆନା ଦ୍ୱିପୁଜି କୁସୁମା ଓ ଆମାଲିଆ କାହାୟା ପ୍ରତ୍ୱିଙ୍କୁ ପରାସ୍ତ କରି ଚାମ୍ପିଅନ ହୋଇଛନ୍ତି ।

## ଲଡ୍ଡୁ କିଶୋର ସ୍ମାରକୀ ଚେସ୍

# ଲଳିତ ରଞ୍ଜନ ଚାମ୍ପିଅନ

ଭୁବନେଶ୍ୱର,୧୯ ।୫(ସମିସ)

ଭୁବନେଶ୍ୱର ଉପକଣ୍ଠରେ ଥିବା କେଶୁରା ରୟାଲ ପବ୍ଲିକ୍ ସ୍କୁଲ୍‌ରେ ଓଡ଼ିଶା ଚେସ୍ ସଂଘ ଆନୁକୂଲ୍ୟରେ ଚତୁର୍ଥ ଲଡ୍ଡୁ କିଶୋର ନାୟକ ସ୍ମାରକୀ ରାଜ୍ୟ ଓପନ୍ ଚେସ୍ ଚାମ୍ପିଅନସିପ୍ ଅନୁଷ୍ଠିତ ହୋଇଯାଇଛି । ଏଥିରେ ମୋଟ୍ ୫ ରାଉଣ୍ଡ ଖେଳ ଅନୁଷ୍ଠିତ ହୋଇଥିଲା । ଏଥିରେ କଟକର ଲଳିତ ରଞ୍ଜନ ସାହୁ ୪.୫ ପଏଣ୍ଟ ହାସଲ କରି ଶୀର୍ଷରେ ରହିବା ସହ ଚାମ୍ପିଅନ ହୋଇଛନ୍ତି ।

କଟକର ରବୀନ୍ଦ୍ର କୁମାର ଓଝା ୪.୫ ପଏଣ୍ଟ ପାଇଥିଲେ ମଧ୍ୟ ଟେବଲ-୧ ଓ ଟେବଲ-୨ରେ ପଛରେ ରହି ଉପ- ବିଜେତା ବିବେଚିତ ହୋଇଛନ୍ତି । କଟକର ଆୟୁଷ ଆର୍ଯ୍ୟନ୍ ମହାପାତ୍ର, ଭୁବନେଶ୍ୱର ଆଦିତ୍ୟ ଜେନା, କଟକର ପ୍ରତ୍ୟୁଷ ନାୟକ, ସାଇ ଶକ୍ତି ପଣ୍ଡା ଓ ଭୁବନେଶ୍ୱରର ଶ୍ରୁଜନ ପ୍ରଣୟୀ ରାୟ ଯଥାକ୍ରମେ ତୃତୀୟ, ଚତୁର୍ଥ, ପଞ୍ଚମ, ଷଷ୍ଠ ଓ ସପ୍ତମ ସ୍ଥାନରେ ରହିଥିଲେ । ସେହିପରି ୮, ୧୦, ୧୨, ୧୪ ବର୍ଷରୁ କମ୍ ବର୍ଗରେ ଓ ବାଳିକା ବିଭାଗରେ ମଧ୍ୟ ପ୍ରତିଯୋଗିତା ଅନୁଷ୍ଠିତ ହୋଇଥିଲା । ବାଳିକା ବିଭାଗରେ ନମସ୍ୟା ନଳୀନୀ ଚାମ୍ପିଅନ ହୋଇଥିଲେ । ସେହିପରି ୮ ଜଣ ଖେଳାଳିଙ୍କୁ ସ୍ୱତନ୍ତ୍ର ପୁରସ୍କାର ମଧ୍ୟ ପ୍ରଦାନ କରାଯାଇଥିଲା । ପୁରସ୍କାର ବିତରଣୀ ଉତ୍ସବରେ ଆଇଆଇଏଫ୍‌ଏଲ୍ ଫାଇନାନ୍ସ ଲିମିଟେଡର ଓଡ଼ିଶା ମୁଖ୍ୟ ନଳିନୀକାନ୍ତ ନାୟକ, ଏବିଆଇଟି ଏମ୍‌ସିଏ ବିଭାଗର ମୁଖ୍ୟ ଅମରେଶ ସାହୁ, ଓଡ଼ିଶା ରାଜ୍ୟ ଚେସ୍ ସଂଘର ନିର୍ଦ୍ଦେଶକ ଦେବାଶିଷ ପାଣିଗ୍ରାହୀ ଓ ସ୍ୱର୍ଗତ ଲଡ୍ଡୁ କିଶୋର ନାୟକଙ୍କ ଝିଅ ପ୍ରିୟଦର୍ଶିନୀ ନାୟକ ଅତିଥି ଭାବେ ଯୋଗ ଦେଇ କୃତୀ ପ୍ରତିଯୋଗୀଙ୍କୁ ପୁରସ୍କୃତ କରିଥିଲେ ।



## ଏମିଲିଆ ରୋମଗ୍ନା ଗ୍ରାଁ ପ୍ରି

# ଭର୍ଷ୍ଟାପେନ୍‌ଙ୍କୁ ଟାଇଟଲ୍



**ରୋମ,୧୯ ।୫(ଏଜେନ୍ସି):** ଉତ୍ତର ଇଟାଲିର ଇମୋଲାଠାରେ ଅନୁଷ୍ଠିତ ହୋଇଥିବା ଏମିଲିଆ ରୋମାଗ୍ନା ଗ୍ରାଁ ପ୍ରିରେ ରେଡବୁଲ ଡ୍ରାଇଭର ମ୍ୟାକ୍ସ ଭର୍ଷ୍ଟାପେନ୍ ଚାମ୍ପିଅନ ହୋଇଛନ୍ତି । ଇମୋଲା ଗ୍ରାଁ ପ୍ରି ଭାବେ ଜଣାଶୁଣା ଥିବା ଏହି ଫର୍ମୁଲା ୧ ରେସ୍‌ରେ ଭର୍ଷ୍ଟାପେନ ପ୍ରଭାବ ବିସ୍ତାର କରି ସମସ୍ତଙ୍କୁ ପଛରେ ପକାଇଥିଲେ ଓ ଶୀର୍ଷ ସ୍ଥାନରେ ରହିଥିଲେ । ଭର୍ଷ୍ଟାପେନ୍ ପୋଲ ପୋଜିସନରୁ ରେସ ଆରମ୍ଭ କରିଥିଲେ ଓ ୧ ଘଣ୍ଟା ୨୫ ମିନିଟ୍ ୨୫.୨୫୨ ସେକେଣ୍ଡ ସମୟ ନେଇ ଶୀର୍ଷ ସ୍ଥାନରେ ରହିବା ଟାଇଟଲ ଜିତିଥିଲେ । ସେହିପରି ଫାଇନାଲ ରେସ୍‌ରେ ମ୍ୟାକ୍‌ଲରେନ୍‌ର ଲାଣ୍ଡୋ ନୋରିସ୍ ଭର୍ଷ୍ଟାପେନଙ୍କଠାରୁ ଅଧିକ ୦.୭୨୫ ସେକେଣ୍ଡ ସମୟ ନେଇ ଦ୍ୱିତୀୟ, ଫେରାରିର ଚାର୍ଲ୍ସ ଲେକ୍ଲେର୍କ ଅଧିକ ୭.୯୧୬ ସେକେଣ୍ଡ ସମୟ ନେଇ ତୃତୀୟ ସ୍ଥାନରେ ରହିଥିଲେ । ମର୍ସିଡିଜ୍‌ର ଲୁଇସ୍ ହାମିଲଟନ ଷଷ୍ଠ, ଜର୍ଜ ରସେଲ ୭ମ, ସର୍ଗିଓ ପେରେଜ ୮ମ, ଡାନିଏଲ ରିକାର୍ଡୋ ତ୍ରୟୋଦଶ ସ୍ଥାନରେ ରହିଥିଲେ । ରେଡବୁଲ୍‌ର ଭର୍ଷ୍ଟାପେନ ଶନିବାର କ୍ୱାଲିଫାଇଂରେ ଶୀର୍ଷରେ ରହିବା ସହ କ୍ରମାଗତ ୮ମ ଥର ପାଇଁ ପୋଲ୍ ପୋଜିସନ ହାସଲ କରିଛନ୍ତି । ଏଥିସହ ସେ ବ୍ରାଜିଲର ପୂର୍ବତନ ତଥା କିମ୍ବଦନ୍ତୀ ରେସିଂ ଡ୍ରାଇଭର ଅଇର୍ଟନ ସେନ୍ନାଙ୍କ ରେକର୍ଡର ସମକକ୍ଷ ହୋଇଛନ୍ତି । ୧୯୯୪ରେ ସେନ୍ନା ଇଟାଲି ସର୍କିଟ୍‌ରେ ଦୁର୍ଭାଗ୍ୟଜନକ ଭାବେ ଦୁର୍ଘଟଣାରେ ମୃତ୍ୟୁବରଣ କରିଥିଲେ । ସେନ୍ନା ପୂର୍ବରୁ ୧୯୮୮-୮୯ ସେସନ୍‌ରେ କ୍ରମାଗତ ୮ଟି ପୋଲ୍ ପୋଜିସନ ହାସଲ କରି ରେକର୍ଡ କରିଥିଲେ ।

## ପ୍ଲେ-ଅଫ୍‌ରେ ପ୍ରବେଶ

# ବେଙ୍ଗାଲୁରୁର ୫ ହିରୋ



ଯଶ ଦୟାଲ

ବେଙ୍ଗାଲୁରୁ, ୧୯ ।୫ (ଏଜେନ୍ସି)

ଚଳିତ ଆଇପିଏଲ୍‌ର ସପ୍ତଦଶ ସଂସ୍କରଣରେ ୪ର୍ଥ ଦଳ ଭାବେ ରୟାଲ୍ ଚ୍ୟାଲେଞ୍ଜର୍ସ ବେଙ୍ଗାଲୁରୁ (ଆର୍‌ସିବି) ପ୍ଲେ-ଅଫ୍‌ରେ ପ୍ରବେଶ କରିଛି । ଶନିବାର ଅନୁଷ୍ଠିତ ଏକ ସଂଘର୍ଷପୂର୍ଣ୍ଣ ମ୍ୟାଚରେ ବେଙ୍ଗାଲୁରୁ ୨୭ ରନରେ ଡିଫେଣ୍ଡିଂ ଚାମ୍ପିଅନ ଚେନ୍ନାଇ ସୁପର୍ କିଙ୍ଗ୍‌ସକୁ ପରାସ୍ତ କରି ଏହି ସଫଳତା ପାଇଛି । ଦଳ ଏଥିସହ ୧୪ ମ୍ୟାଚରୁ ୭ଟି ଲେଖାଏ ବିଜୟ ଓ ପରାଜୟ ସହ ୧୪ ପଏଣ୍ଟ ପାଇ ୪ର୍ଥ ସ୍ଥାନରେ ରହି ପ୍ଲେ-ଅଫ୍‌ରେ ପହଞ୍ଚିଛି । ଚଳିତ ଆଇପିଏଲ୍‌ରେ ଆର୍‌ସିବିର ନୈରାଶ୍ୟଜନକ ଭାବେ ସିଜନ ଆରମ୍ଭ କରିଥିଲା । ଫାଫ୍ ଡୁ ପ୍ଲେସିସ୍‌ଙ୍କ ଦଳ ସିଜନର ପ୍ରଥମ ୮ଟି ମ୍ୟାଚରୁ ୭ଟି ହାରିବା ପରେ ପ୍ଲେ-ଅଫ୍ ଖେଳିବା ଆଶା ମାତ୍ର ୧ ପ୍ରତିଶତ ଉଜ୍ଜୀବିତ ଥିଲା । କିନ୍ତୁ ଦଳର ୫ଜଣ ଖେଳାଳି ଏହି ଏକ ପ୍ରତିଶତ ଆଶାକୁ ୧୦୦ ପ୍ରତିଶତରେ ପରିଣତ କରିବାରେ ପ୍ରମୁଖ ଭୂମିକା ଗ୍ରହଣ କରିଥିଲେ । ଏହି ୫ଜଣ ଖେଳାଳିଙ୍କ ପ୍ରଦର୍ଶନ ସମ୍ପର୍କରେ ସଂକ୍ଷେପରେ ନଜର ପକାଇବା ।


**ବିରାଟ କୋହଲି (୭୦୮ ରନ):** ଆର୍‌ସିବିକୁ ପ୍ଲେ-ଅଫ୍‌ରେ ପ୍ରବେଶ କରିବାରେ ଯଦି କାହାର ଭୂମିକା ଅଧିକ ଥାଏ ତାହାଲେ ସେ ହେଉଛନ୍ତି ଦଳର ତାରକା ବ୍ୟାଟର୍ ବିରାଟ କୋହଲି । ବେଙ୍ଗାଲୁରୁର ପ୍ରାୟ ପ୍ରତି ମ୍ୟାଚରେ ହିଁ କୋହଲି ପ୍ରଭାବୀ ପ୍ରଦର୍ଶନ କରିଛନ୍ତି । ଯେଉଁଥି ପାଇଁ ସେ ବର୍ତ୍ତମାନ ଚଳିତ ସଂସ୍କରଣର ସର୍ବାଧିକ ରନ ସଂଗ୍ରହକାରୀ ବ୍ୟାଟର୍ ରହିଛନ୍ତି । କୋହଲି ୧୪ ମ୍ୟାଚ୍ ଖେଳି ୬୪.୩୬ ହାରରେ ୭୦୮ ରନ ସଂଗ୍ରହ କରିଛନ୍ତି । ତାଙ୍କର ଷ୍ଟ୍ରାଇକରେଟ୍ ୧୫୫ରୁ ଊର୍ଦ୍ଧ୍ୱ ରହିଛି ।

**ୱିଲ୍ ଜ୍ୟାକ୍ସ (୨୩୦ ରନ):** ବେଙ୍ଗାଲୁରୁ ଏହାର ପ୍ରାରମ୍ଭିକ କେତୋଟି ମ୍ୟାଚରୁ ଇଂଲଣ୍ଡ ବିସ୍ଫୋରକ ବ୍ୟାଟର୍ ୱିଲ୍ ଜ୍ୟାକ୍ସକୁ ବେଞ୍ଚରେ ବସାଇଥିଲା । କିନ୍ତୁ ପରବର୍ତ୍ତୀ ସମୟରେ ଯେତେବେଳେ ତାଙ୍କୁ ଦଳରେ ସୁଯୋଗ ମିଳିଲା ଏହି ୨୫ ବର୍ଷୀୟ ଡାହାଣହାତୀ ବ୍ୟାଟର୍ ତାହାର ସଦୁପଯୋଗ କରିଥିଲେ । ଆର୍‌ସିବିର ଶେଷ ୮ଟି ଲିଗ୍ ମ୍ୟାଚ୍ ଖେଳିବାର ସୁଯୋଗ ପାଇଥିବା ଜ୍ୟାକ୍ସ ପାଖାପାଖି ୩୩ ହାରରେ ୨୩୦ ରନ କରିଥିଲେ । ଯେଉଁଥିରେ ଗୋଟିଏ ଲେଖାଏ ଶତକ ଓ ଅର୍ଦ୍ଧଶତକ ରହିଥିଲା ।


**ଦୀନେଶ କାର୍ତ୍ତିକ (୩୧୫ ହର):** ଭେଟେରାନ ୱିକେଟ୍‌ରକ୍ଷକ ଦୀନେଶ କାର୍ତ୍ତିକ ବେଙ୍ଗାଲୁରୁର ପ୍ରଥମାର୍ଦ୍ଧ ମ୍ୟାଚରେ କେତୋଟି ଆଖିଦୃଶିଆ ପାଳି ଖେଳିଥିଲେ । କିନ୍ତୁ ସେହି ମ୍ୟାଚଗୁଡ଼ିକରେ ଦଳକୁ ବିଜୟ ମିଳି ନ ଥିଲା । ଏହାପରେ ଦଳର ଦ୍ୱିତୀୟାର୍ଦ୍ଧ ଅର୍ଥାତ୍ ଶେଷ ୭ଟି ମ୍ୟାଚରେ ସେ ବଡ଼ ପାଳି ଖେଳିପାରି ନଥିଲେ । କିନ୍ତୁ ଆବଶ୍ୟକ ସମୟରେ ଛୋଟିଆ ଛୋଟିଆ ବିସ୍ଫୋରକ ପାଳି ଖେଳି ଦଳକୁ ଜିତାଇଥିଲେ । ସିଜନରେ ସେ ୧୪ ମ୍ୟାଚରୁ ୨ଟି ଅର୍ଦ୍ଧଶତକ ସହାୟତାରେ ୩୧୫ ରନ କରିଛନ୍ତି ।

**ସ୍ୱପ୍ନିଲ ସିଂହ (୩୦ ରନ ଓ ୬ ୱିକେଟ୍):** ବାମହାତୀ ସ୍ପିନର ସ୍ୱପ୍ନିଲ ସିଂହ ଆର୍‌ସିବି ପାଇଁ ଭାଗ୍ୟଶାଳୀ ଖେଳାଳି ବିବେଚିତ ହୋଇଛନ୍ତି । ଦଳ ତାହାର ୯ମ ମ୍ୟାଚରେ ସ୍ୱପ୍ନିଲଙ୍କୁ ସୁଯୋଗ ଦେଇଥିଲା । ସେ ଶେଷ ୬ଟି ଲିଗ ମ୍ୟାଚ୍ ଖେଳି ୩୦ ରନ କରିବା ସହ ୬ଟି ୱିକେଟ୍ ନେଇଛନ୍ତି । ତାଙ୍କ ଇକୋନୋମି ୮.୮୦ ରହିଛି । ସ୍ୱପ୍ନିଲ ଯେବେଠାରୁ ଦଳରେ ସାମିଲ ହୋଇଛନ୍ତି ଆର୍‌ସିବି ଏହାପରଠାରୁ କ୍ରମାଗତ ୬ ମ୍ୟାଚ୍ ଜିତି ପ୍ଲେ-ଅଫ୍‌ରେ ପ୍ରବେଶ କରିଛି ।

**ଯଶ ଦୟାଲ (୧୫ ୱିକେଟ୍):** ବାମହାତୀ ଦ୍ରୁତ ବୋଲର ଯଶ ଦୟାଲଙ୍କ ପାଇଁ ଚଳିତ ଆଇପିଏଲ୍ ବେଶ୍ ଉଲ୍ଲେଖନୀୟ ରହିଛି । ସେ ୧୩ ମ୍ୟାଚ୍ ଖେଳି ୮.୯୫ ଇକୋନୋମିରେ ୧୫ ୱିକେଟ୍ ଅକ୍ତିଆର କରିଛନ୍ତି । ଚେନ୍ନାଇ ବିପକ୍ଷ ଶନିବାର ମୁକାବିଲାରେ ଶେଷ ଓଭରରେ ଚେନ୍ନାଇ ୧୭ ରନ କରିଥିଲେ ପରାସ୍ତ ହୋଇଥାନ୍ତା କିନ୍ତୁ ପ୍ଲେ-ଅଫ୍‌ରେ ପ୍ରବେଶ କରିଥାନ୍ତା । ଏହି ଅନ୍ତିମ ଓଭର ବୋଲିଂ କରିଥିବା ଦୟାଲ ମାତ୍ର ୭ ରନ ବ୍ୟୟ କରି ଧୋନିଙ୍କ ମୂଲ୍ୟବାନ ୱିକେଟ୍ ନେବା ସହ ଦଳକୁ ରୋମାଞ୍ଚକ ବିଜୟ ଭେଟି ଦେଇଥିଲେ ।



ଦୀନେଶ କାର୍ତ୍ତିକ



ସ୍ୱପ୍ନିଲ ସିଂହ



ୱିଲ୍ ଜ୍ୟାକ୍ସ




ବିରାଟ କୋହଲି

### ୯ମ ପରାଜୟ ସହ ପଞ୍ଜାବର ଅଭିଯାନ ଶେଷ

# ଅଭିଷେକ, କ୍ଲାସେନ ସନରାଇଜର୍ସଙ୍କୁ ଜିତାଇଲେ

ହାଇଦରାବାଦ୍, ୧୯ ।୫ (ଏଜେନ୍ସି)

ଆଇପିଏଲ୍‌ର ଚଳିତ ସପ୍ତଦଶ ସଂସ୍କରଣରେ ସନରାଇଜର୍ସ ହାଇଦ୍ରାବାଦ୍ ଏହାର ଅନ୍ତିମ ତଥା ୧୪ତମ ମ୍ୟାଚରେ ୪ ୱିକେଟ୍‌ରେ ପଞ୍ଜାବ କିଙ୍ଗ୍‌ସକୁ ପରାସ୍ତ କରିଛି। ଏହି ହାଇସ୍କୋରିଂ ମ୍ୟାଚରେ ପଞ୍ଜାବ ପକ୍ଷରୁ ଧାର୍ଯ୍ୟ ୨୧୫ ରନର ଲକ୍ଷ୍ୟକୁ ହାଇଦ୍ରାବାଦ୍ ୬ ୱିକେଟ୍ ହରାଇ ୫ ବଲ ପୂର୍ବରୁ ବିଜୟୀ ହୋଇଥିଲା। ସନରାଇଜର୍ସର ଓପନର୍ ଅଭିଷେକ ଶର୍ମା ୨୮ ବଲରେ ୬୬ ରନର ଦ୍ରୁତ ଅର୍ଦ୍ଧଶତକୀୟ ପାଳି ଖେଳି ଜିତାଇବାରେ ପ୍ରମୁଖ ଭୂମିକା ଗ୍ରହଣ କରିଥିଲେ। ସେହିଭଳି ହେନରିଚ କ୍ଲାସେନ ମଧ୍ୟ ଉପଯୋଗୀ ବ୍ୟାଟିଂ କରିଥିଲେ। ଏଥିସହ ସନରାଇଜର୍ସ ୧୪ ମ୍ୟାଚରୁ ୮ ବିଜୟ, ୫ ପରାଜୟ ଓ ଗୋଟିଏ ବାତିଲ ସହ ୧୭ ପଏଣ୍ଟ ପାଇ ୨ୟ ସ୍ଥାନକୁ ଉଠିଛି। ଅପରପକ୍ଷରେ ପଞ୍ଜାବ କିଙ୍ଗ୍‌ସ ୧୪ ମ୍ୟାଚରୁ ୫ ବିଜୟ ଓ ୯ମ ପରାଜୟ ସହ ଅଭିଯାନ ଶେଷ କରିଛି।


ହେନରିଚ କ୍ଲାସେନ

### କିଙ୍ଗ୍‌ସର ଦମ୍‌ଦାର ଆରମ୍ଭ

ଶେଷ ମ୍ୟାଚରେ ଜୀତେଶ ଶର୍ମାଙ୍କ ନେତୃତ୍ୱରେ ଖେଳୁଥିବା ପଞ୍ଜାବ କିଙ୍ଗ୍‌ସ ଟସ୍ ଜିତି ଦମ୍‌ଦାର ଆରମ୍ଭ କରିଥିଲା। ଦୁଇ ଓପନର୍ ଅଥର୍ବ ତାଇଡେ ଓ ପ୍ରଭସିମରନ ସିଂହ ପ୍ରଥମ ୱିକେଟ୍ ଭାଗୀଦାରିରେ ୫୫ ବଲରୁ ୯୭ ରନ ସଂଗ୍ରହ କରି ବଡ଼ ସ୍କୋର ଲାଗି ଦୃଢ଼ ମୂଳଦୁଆ ପକାଇଥିଲେ। ତେବେ ୨୭ ବଲରେ ୪୬ ରନ କରିଥିବା ତାଇଡେଙ୍କୁ ଆଉଟ୍ କରି ଟି. ନଟରାଜନ ଘରୋଇ ହାଇଦ୍ରାବାଦକୁ ପ୍ରତୀକ୍ଷିତ ବ୍ରେକ ଥ୍ରୁ ଦେଇଥିଲେ। ଏହାପରେ ପ୍ରଭସିମରନଙ୍କ ସହ ଏକମାତ୍ର ବିଦେଶୀ ଖେଳାଳି ଭାବେ ଖେଳୁଥିବା ରିଲି ରୁଷୋ ଯୋଗଦେଇଥିଲେ। ଉଭୟ ୨ୟ ୱିକେଟ୍‌ରେ ୫୪ ରନର


ଅଭିଷେକ ଶର୍ମା

ଭାଗୀଦାରି କରି ଦଳୀୟ ସ୍କୋକୁ ଦେଢ଼ଶହ ରନ ଅତିକ୍ରମ କରାଇଥିଲେ। କିନ୍ତୁ ଓପନିଂରୁ ଆସି ଲୟରେ ଖେଳୁଥିବା ପ୍ରଭସିମରନ ୭୧ ରନ (୪୫ ବଲ, ୭ ଚୌକା, ୪ ଛକା) କରିଥିବାବେଳେ ବିଜୟକାନ୍ତ ବେିଶ୍ୟକାନ୍ତଙ୍କ ଶିକାର ବନିଥିଲେ। ଏହାପରେ ସିଜନରେ ଶ୍ରେଷ୍ଠ ଫର୍ମରେ ଥିବା ଦୁଇ ଯୁବ ବ୍ୟାଟର୍ ଶଶାଙ୍କ ସିଂହ ଓ ଆଶୁତୋଷ ଶର୍ମା କିନ୍ତୁ ରବିବାର ଫେଲ୍ ମାରିଥିଲେ। ଉଭୟ ୨ ରନ ଲେଖାଏ କରି ପ୍ୟାଭିଲିୟନ ଫେରିଥିଲେ। ଏହାପରେ ରୁଷୋ ମଧ୍ୟ ଦ୍ରୁତ ୪୯ ରନର ପାଳି ଖେଳି ଆଉଟ୍ ହେବା ସହ ଅଳ୍ପକେ ଅର୍ଦ୍ଧଶତକରୁ ବଞ୍ଚିତ ହୋଇଥିଲେ। ୨୪ ବଲର ଏହି ପାଳିରେ ରୁଷୋ ୩ଟି ଚୌକା ଓ ୪ଟି ଛକା ମାରିଥିଲେ। ତେବେ ଅଧିନାୟକ ଜୀତେଶ ଶର୍ମା ଶେଷ ଭାଗରେ ୨ଟି ଲେଖାଏ ଚୌକା ଓ ଛକା ସହ ୧୫ ବଲରୁ ଅପରାଜିତ ୩୨ ରନ କରିବା ଫଳରେ ପଞ୍ଜାବ ୫ ୱିକେଟ୍‌ରେ ୨୧୪ ରନର ଚ୍ୟାଲେଞ୍ଜପୂର୍ଣ୍ଣ ସ୍କୋର କରିଥିଲା। ହାଇଦ୍ରାବାଦ ପକ୍ଷରୁ ନଟରାଜନ ୨ଟି ଏବଂ ଅଧିନାୟକ ପ୍ୟାଟ୍ କମିନ୍ସ ଓ ବିଜୟକାନ୍ତଙ୍କୁ ଗୋଟିଏ ଲେଖାଏ ୱିକେଟ୍ ମିଳିଥିଲା।

### ପ୍ରଥମ ବଲରେ ହେଡ୍ ଆଉଟ୍

୨୧୫ ରନର ବିଶାଳ ଲକ୍ଷ୍ୟକୁ ପିଛା କରିଥିବା ସନରାଇଜର୍ସ ପାଳିର ପ୍ରଥମ ବଲରେ ଦୁର୍ଦ୍ଧର୍ଷ ଅଷ୍ଟ୍ରେଲୀୟ ଓପନର୍ ଟ୍ରାଭିସ ହେଡ୍‌ଙ୍କ ୱିକେଟ୍ ହରାଇଥିଲା। ହେଡ୍ ଖାତା ଖୋଲିବା ପୂର୍ବରୁ ଅର୍ଶଦୀପ୍ ସିଂହଙ୍କ ବଲରେ କ୍ଲିନ ବୋଲ୍ଡ ହୋଇଯାଇଥିଲେ। ଏହାପରେ ଅନ୍ୟତମ ଓପନର୍ ଅଭିଷେକ ଶର୍ମାଙ୍କ ସମେତ ପରବର୍ତ୍ତୀ ବ୍ୟାଟର୍‌ମାନେ ଉପଯୋଗୀ ପାଳି ଖେଳିବାରୁ ହାଇଦ୍ରାବାଦ୍ ୧୯.୧ ଓଭରରେ ୬ ୱିକେଟ୍ ହରାଇ ବିଜୟୀ ହୋଇଥିଲା। ଅଭିଷେକ ମାତ୍ର ୨୮ ବଲରୁ ୫ ଚୌକା ଓ ୬ ଛକା ସହାୟତାରେ ୬୬ ରନ କରି ଆଉଟ୍ ହୋଇଥିଲେ। ଅନ୍ୟମାନଙ୍କ ମଧ୍ୟରେ ହେନରିଚ କ୍ଲାସେନ ୨୬ ବଲରୁ ୪୨, ରାହୁଲ ତ୍ରିପାଠୀ ୧୮ ବଲରୁ ୩୩, ନୀତୀଶ ରେଡ୍ଡୀ ୨୫ ବଲରୁ ୩୭ ରନ କରି ଆଉଟ୍ ହୋଇଥିଲେ। ଅବଦୁଲ ସାମାଦ୍ ୧୧ ଓ ସନବୀର ସିଂହ ୬ ରନ କରି ଅପରାଜିତ ରହିଥିଲେ। ବୋଲିଂରେ ଅର୍ଶଦୀପ୍ ଓ ହର୍ଶଲ ପଟେଲ ୨ଟି ଲେଖାଏ ୱିକେଟ୍ ନେଇଥିଲେ। ୨୧ ବଲରୁ ଅର୍ଦ୍ଧଶତକ ପୂରଣ କରିଥିବା ଅଭିଷେକ ମ୍ୟାଚର ଶ୍ରେଷ୍ଠ ଖେଳାଳି ହୋଇଥିଲେ।

### ଆଇପିଏଲ୍ ପଏଣ୍ଟ ସାରଣୀ

| ଦଳ | ମ୍ୟା. | ବି. | ପ. | ବା. | ପଏଣ୍ଟ | ରନରେଟ୍ |
|---|---|---|---|---|---|---|
| କୋଲକାତା | ୧୪ | ୯ | ୩ | ୨ | ୧୯ | +୧.୪୨୮ |
| ହାଇଦ୍ରାବାଦ | ୧୪ | ୮ | ୫ | ୧ | ୧୭ | +୦.୪୧୪ |
| ରାଜସ୍ଥାନ | ୧୪ | ୮ | ୫ | ୧ | ୧୭ | +୦.୨୭୩ |
| ବେଙ୍ଗାଲୁରୁ | ୧୪ | ୭ | ୭ | ୦ | ୧୪ | +୦.୪୫୯ |
| ଚେନ୍ନାଇ | ୧୪ | ୭ | ୭ | ୦ | ୧୪ | +୦.୩୯୨ |
| ଦିଲ୍ଲୀ | ୧୪ | ୭ | ୭ | ୦ | ୧୪ | -୦.୩୭୭ |
| ଲକ୍ଷ୍ନୌ | ୧୪ | ୭ | ୭ | ୦ | ୧୪ | -୦.୬୬୭ |
| ଗୁଜରାଟ | ୧୪ | ୫ | ୭ | ୨ | ୧୨ | -୧.୦୬୩ |
| ପଞ୍ଜାବ | ୧୪ | ୫ | ୯ | ୦ | ୧୦ | -୦.୩୫୩ |
| ମୁମ୍ବାଇ | ୧୪ | ୪ | ୧୦ | ୦ | ୮ | -୦.୩୧୮ |

ବି.ଦ୍ର.: ମ୍ୟା.- ମ୍ୟାଚ୍, ବି.- ବିଜୟ, ପ. - ପରାଜୟ, ବା.- ବାତିଲ

# ପଏଣ୍ଟ ଭାଗକଲେ କୋଲକାତା, ରାଜସ୍ଥାନ

**ଗୌହାଟୀ,୧୯ ।୫(ଏଜେନ୍ସି):** ଚଳିତ ଇଣ୍ଡିଆନ ପ୍ରିମିୟର ଲିଗ୍ (ଆଇପିଏଲ୍)ରେ ରବିବାର ଟେବଲ ଟପ୍ପର କୋଲକାତା ନାଇଟ ରାଇଡର୍ସ (କେକେଆରି) ଓ ରାଜସ୍ଥାନ ରୟାଲ୍ସ (ଆର୍‌ଆର୍) ମଧ୍ୟରେ ଖେଳାଯିବାକୁ ଥିବା ଅନ୍ତିମ ଲିଗ୍ ମ୍ୟାଚ୍ ବର୍ଷା ଓ ଓଦା ଆଉଟ୍ ଫିଲ୍ଡ କାରଣରୁ ବାତିଲ ହୋଇଛି। ସ୍ଥାନୀୟ ବର୍ଷପାରା ଷ୍ଟାଡିୟମରେ କ୍ରମାଗତ ବର୍ଷା କାରଣରୁ ମ୍ୟାଚ୍ ପାଖାପାଖି ୩ ଘଣ୍ଟା ପରେ ଟସ୍ ପଡିଥିଲା। ଏଥିରେ କୋଲକାତା ଟସ୍ ଜିତି ଫିଲ୍ଡିଂ କରିବାକୁ ନିଷ୍ପତ୍ତି ନେଇଥିଲା। କିନ୍ତୁ ପୁଣି ବର୍ଷା ହେବା କାରଣରୁ ମ୍ୟାଚ୍‌କୁ ବାତିଲ କରିବାକୁ ପଡିଥିଲା। ଫଳରେ ଦୁଇ ଦଳ ପଏଣ୍ଟ ଭାଗ କରିଥିଲେ।

ଏଥିସହ ପଏଣ୍ଟ ତାଲିକାରେ କୋଲକାତା ୨୦ ପଏଣ୍ଟ ପାଇଁ ଶୀର୍ଷରେ ରହିଥିବା ବେଳେ ସନରାଇଜର୍ସ ହାଇଦ୍ରାବାଦ ୧୭ ପଏଣ୍ଟ ସହ ଦ୍ୱିତୀୟ ସ୍ଥାନରେ ରହିଛି। ରାଜସ୍ଥାନ ସମାନ ୧୭ ପଏଣ୍ଟ ପାଇଥିଲେ ମଧ୍ୟ ନେଟ୍ ରନରେଟ୍‌ରେ ପଛରେ ରହି ତୃତୀୟ ଓ ରୟାଲ ଚ୍ୟାଲେଞ୍ଜର୍ସ ବେଙ୍ଗାଲୁରୁ ୧୪ ପଏଣ୍ଟ ପାଇ ଚତୁର୍ଥ ସ୍ଥାନରେ ରହିଛି। ଏଥିସହ ପ୍ଲେ ଅଫ୍‌ର କ୍ୱାଲିଫାୟର-୧ ଓ ଏଲିମିନେଟର ମୁକାବିଲା ସ୍ପଷ୍ଟ ହୋଇଛି। ଅହମ୍ମଦାବାଦରେ ୨୧ ତାରିଖରେ କୋଲକାତା ଓ ହାଇଦ୍ରାବାଦ୍ କ୍ୱାଲିଫାୟର-୧ରେ ପରସ୍ପରକୁ ଭେଟିବେ। ସେହିପରି ୨୨ ତାରିଖରେ ରାଜସ୍ଥାନ ଓ ବେଙ୍ଗାଲୁରୁ ମଧ୍ୟରେ ଏଲିମିନେଟର ଖେଳାଯିବ।

### ଆଇପିଏଲ ପ୍ଲେ-ଅଫ୍

**କ୍ୱାଲିଫାୟର-୧**


| ତାରିଖ | ଦଳ | ଭେନ୍ୟୁ | ସମୟ |
|---|---|---|---|
| ମେ ୨୧ | କୋଲକାତା- ହାଇଦ୍ରାବାଦ | ଅହମ୍ମଦାବାଦ୍ | ରାତି ୭.୩୦ |
| **ଏଲିମିନେଟର** | | | |
| ମେ ୨୨ | ବେଙ୍ଗାଲୁରୁ- ରାଜସ୍ଥାନ | ଅହମ୍ମଦାବାଦ | ରାତି ୭.୩୦ |

● ଆଇପିଏଲ୍ ଇତିହାସରେ ପ୍ରଥମ

# ପଞ୍ଜାବ ଦଳରେ ରୁଷୋ ଏକମାତ୍ର ବିଦେଶୀ

**ହାଇଦରାବାଦ୍, ୧୯ ।୫ (ଏଜେନ୍ସି):** ପଞ୍ଜାବ କିଙ୍ଗ୍‌ସ ଖେଳିଥିବା ଏହାର ଶେଷ ତଥା ୧୪ତମ ଲିଗ୍ ମ୍ୟାଚରେ ରବିବାର ଘରୋଇ ସନରାଇଜର୍ସ ହାଇଦ୍ରାବାଦ ନିକଟରୁ ପରାସ୍ତ ହୋଇଥିଲା। ଏଥିସହ ପଞ୍ଜାବ ପରାଜୟ ସହିତ ଚଳିତ ଆଇପିଏଲ୍‌ରେ ଅଭିଯାନ ଶେଷ କରିଛି। ଏହି ମ୍ୟାଚରେ ପଞ୍ଜାବ ଏକାଦଶରେ ଏକ ଅଜବ ଘଟଣା ଦେଖିବାକୁ ମିଳିଥିଲା। ଗୋଟିଏ ମ୍ୟାଚରେ ଅତିକମ୍‌ରେ ଦଳରେ ୪ ଜଣ ବିଦେଶୀଙ୍କୁ ଖେଳାଇବାର ନିୟମ ରହିଥିଲେ ମଧ୍ୟ ପଞ୍ଜାବ ମାତ୍ର ଜଣେ ଖେଳାଳିଙ୍କୁ ନେଇ ପଡ଼ିଆକୁ ଓହ୍ଲାଇଥିଲା। ସେ ହେଲେ ଦକ୍ଷିଣ ଆଫ୍ରିକୀୟ ବ୍ୟାଟର୍ ରିଲି ରୁଷୋ। ଫଳରେ ଆଇପିଏଲ୍‌ର ୧୭ ବର୍ଷ ଇତିହାସରେ ଏହା ପ୍ରଥମ ଘଟଣା ହୋଇଛି, ଯେତେବେଳେ ଗୋଟିଏ ଦଳ ମାତ୍ର ଜଣେ ବିଦେଶୀ ଖେଳାଳିଙ୍କୁ ନେଇ ଖେଳିଛି। ପ୍ରକାଶଯୋଗ୍ୟ, ପ୍ଲେ-ଅଫ୍ ଦୌଡ଼ରୁ ବାଦ୍ ପଡ଼ିଥିବା ପଞ୍ଜାବର ଅଧିକାଂଶ ବିଦେଶୀ ଖେଳାଳି ଆଘାତଜନିତ ସମସ୍ୟା ଓ ଟି-୨୦ ବିଶ୍ୱକପ୍ ପ୍ରସ୍ତୁତି ଲାଗି ସ୍ୱଦେଶ ଫେରିଯାଇଛନ୍ତି।

# ଆରସିବିକୁ ବିଜୟ ମାଲ୍ୟାଙ୍କ ଅଭିନନ୍ଦନ




**ନୂଆଦିଲ୍ଲୀ,୧୯ ।୫(ଏଜେନ୍ସି):** ଶନିବାର ମହେନ୍ଦ୍ର ସିଂ ଧୋନିଙ୍କ ଚେନ୍ନାଇ ସୁପର କିଂସକୁ ୨୭ ରନରେ ହରାଇ ଆଇପିଏଲ୍ ପ୍ଲେ-ଅଫ୍‌ରେ ପ୍ରବେଶ କରିଥିବା ରୟାଲ ଚ୍ୟାଲେଞ୍ଜର୍ସ ବେଙ୍ଗାଲୁରୁ (ଆରସିବି)କୁ ବିଭିନ୍ନ ମହଲରୁ ଅଭିନନ୍ଦନର ସୁଅ ଛୁଟିଛି। ଏଥିରେ ସାମିଲ ହୋଇଛନ୍ତି ଆରସିବିର ପୂର୍ବତନ ମାଲିକ ବିଜୟ ମାଲ୍ୟା। ପ୍ଲେ-ଅଫ୍‌ରେ ସ୍ଥାନ ପକ୍କା କରିବା ପରେ ଆରସିବିକୁ ମାଲ୍ୟା ସାମାଜିକ ଗଣମାଧ୍ୟମରେ ଅଭିନନ୍ଦନ ଜଣାଇଛନ୍ତି। ଆରସିବିକୁ ହୃଦୟରୁ ଅଭିନନ୍ଦନ ଜଣାଉଛି ବୋଲି ସେ ନିଜ ଏକ୍ସ ହ୍ୟାଣ୍ଡଲରେ ପୋଷ୍ଟ କରି ଉଲ୍ଲେଖ କରିଛନ୍ତି। ଲିଗ୍ ଆରମ୍ଭରେ ଆଇସିବି ଭଲ ପ୍ରଦର୍ଶନ କରି ନଥିଲା। କିନ୍ତୁ ଶେଷ ମୁହୂର୍ତ୍ତରେ ଦମ୍ ଦେଖାଇ ଶ୍ରେଷ୍ଠ ୪ଟି ଦଳରେ ସାମିଲ ହେବା ନିଶ୍ଚିତ ଭାବେ ବଡ଼ କଥା ବୋଲି ସେ ଉଲ୍ଲେଖ କରିଛନ୍ତି। ଉଲ୍ଲେଖଥାଉ କି, ବ୍ୟାଙ୍କ ଠକେଇ ମାମଲାରେ ଛନ୍ଦି ହୋଇ ମାଲ୍ୟା ଦେଶ ଛାଡି ଚାଲିଯିବା ସହ ବ୍ରିଟେନରେ ରହୁଛନ୍ତି। ବିୟର କମ୍ପାନୀ କିଙ୍ଗ ଫିସର ମାଲିକ ଭାବେ ସେ ବେଶ୍ ଜଣାଶୁଣା।

### ଆରସିବିର ବିଜୟ ପରେ ଭାବୁକ ହେଲେ କୋହଲି

ଚେନ୍ନାଇକୁ ହରାଇ ଆରସିବି ପ୍ଲେ-ଅଫ୍‌ରେ ସ୍ଥାନ ପକ୍କା କରିବା ପରେ ଦଳର ବ୍ୟାଟିଂ ସୁପରଷ୍ଟାର ତଥା ପୂର୍ବତନ ଅଧିନାୟକ ବିରାଟ କୋହଲି ବେଶ୍ ଭାବୁକ ହୋଇ ପଡିଥିଲେ। ଏପରିକି କୋହଲିଙ୍କ ଆଖିରେ ଲୁହ ଆସିଯାଇଥିଲା। ସେହିପରି ଷ୍ଟାଣ୍ଡରେ ବସିଥିବା ତାଙ୍କ ପତ୍ନୀ ତଥା ବଲିଉଡ ଅଭିନେତ୍ରୀ ଅନୁଷ୍କା ଶର୍ମା ମଧ୍ୟ ଖୁସିରେ କାନ୍ଦୁଥିବାର ଲକ୍ଷ୍ୟ କରାଯାଇଥିଲା। ଉଲ୍ଲେଖଥାଉ କି, ଆରସିବି ଏପର୍ଯ୍ୟନ୍ତ ଆଇପିଏଲ ଟାଇଟଲ ହାସଲ କରିପାରି ନାହିଁ। ପୂର୍ବରୁ ଆରସିବି ୩ଥର ଫାଇନାଲରେ ପ୍ରବେଶ କରିଥିଲେ ମଧ୍ୟ ସବୁଥର ପରାସ୍ତ ହୋଇ ରନର୍ସଅପ୍‌ରେ ସନ୍ତୁଷ୍ଟ ହୋଇଛି।

# ବ୍ୟକ୍ତିଗତ ଭିଡିଓ ପ୍ରସାରଣ ନେଇ ରୋହିତ ନାରାଜ



**ନୂଆଦିଲ୍ଲୀ,୧୯ ।୫(ଏଜେନ୍ସି):** ଭାରତୀୟ ଅଧିନାୟକ ତଥା ମୁମ୍ବାଇ ଇଣ୍ଡିଆନ୍ସ ବରିଷ୍ଠ ବ୍ୟାଟର ରୋହିତ ଶର୍ମା ଇଣ୍ଡିଆନ ପ୍ରିମିୟର ଲିଗ୍ (ଆଇପିଏଲ୍) ବ୍ରଡକାଷ୍ଟର ଷ୍ଟାର ସ୍ପୋର୍ଟ୍ସ ଉପରେ ନିଜର ଅସନ୍ତୋଷ ଜାହିର କରିଛନ୍ତି। ରବିବାର ସାମାଜିକ ଗଣମାଧ୍ୟମରେ ପୋଷ୍ଟ କରି ନିଜର ମନ କଥା ଉଲ୍ଲେଖ କରିଛନ୍ତି। ଖବର ପରିବେଷଣ ପାଇଁ ଖେଳାଳିମାନଙ୍କ ବ୍ୟକ୍ତିଗତ କଥାବାର୍ତ୍ତା ତଥା ଭିଡିଓ ପ୍ରସାରଣ କରିବା ଠିକ୍ ନୁହଁ ବୋଲି ସେ କହିଛନ୍ତି। କିଛି ଦିନ ତଳେ ରୋହିତ କଥାବାର୍ତ୍ତା କରୁଥିବାର ଦୁଇଟି ଭିଡିଓ ଟିଭିରେ ପ୍ରସାରିତ ହୋଇଥିଲା। କ୍ରିକେଟରଙ୍କ ବ୍ୟକ୍ତିଗତ ଜୀବନରେ ଅନଧିକାର ପ୍ରବେଶ ହେଉଛି ଓ ଏହା ଠିକ୍ ନୁହଁ। ପୁଣି ପ୍ରତ୍ୟେକ ଜାଗାରେ କ୍ୟାମେରା ରହୁଥିବାରୁ ଏପରି ସ୍ଥିତି ଉପୁଜିଛି ବୋଲି ସେ କହିଛନ୍ତି।

### କ'ଣ ଥିଲା ପୂରା ମାମଲା

କିଛିଦିନ ତଳେ ରୋହିତଙ୍କ ଏକ ଦୁଇଟି ଭିଡିଓ ଭାଇରାଲ ହୋଇଥିଲା। ପ୍ରଥମେ କୋଲକାତା ନାଇଟ ରାଇଡର୍ସ (କେକେଆର) ଓ ଦ୍ୱିତୀୟଟି ଲକ୍ଷ୍ନୌ ସୁପର ଜାଏଣ୍ଟସ (ଏଲ୍ଏସ୍‌ଜି) ବିପକ୍ଷ ମ୍ୟାଚ୍‌ର ଥିଲା। କିନ୍ତୁ ଏହି ଭିଡିଓ କିଏ ବନାଇଥିଲେ ସେ ନେଇ କିଛି ସ୍ପଷ୍ଟ ହୋଇନାହିଁ। ପ୍ରଥମ ଭିଡିଓରେ ରୋହିତ ଅଭିଷେକ ନାୟାରଙ୍କ ସହିତ କଥା ହେଉଥିବାର ଦେଖାଯାଇଥିଲା। ସେତେବେଳେ ମୋ କଥା ରେକର୍ଡ ନ କରିବାକୁ ସେ କ୍ୟାମେରାମ୍ୟାନଙ୍କୁ କହିଥିଲେ। କିନ୍ତୁ ଏହି ଭିଡିଓ ପ୍ରସାରଣ କରାଯାଇଥିଲା। ଏହି ଭିଡିଓ ନେଇ ବିବାଦ ଚାଲିଥିବା ବେଳେ ରୋହିତଙ୍କ ଆଉ ଏକ ଭିଡିଓ ଭାଇରାଲ ହୋଇଥିଲା। ଏଥିରେ ସେ ଧବଲ କୁଲକର୍ଣ୍ଣୀଙ୍କ ସହ କଥା ହେଉଥିଲେ। ଏହି ଭିଡିଓରେ ମଧ୍ୟ ସେ କ୍ୟାମେରାମ୍ୟାନଙ୍କୁ ରେକର୍ଡ ନ କରିବାକୁ ପରାମର୍ଶ ଦେଇଥିଲେ।

### ୧୦ମ ସ୍ଥାନରେ ମୁମ୍ବାଇର ଅଭିଯାନ ଶେଷ

ରୋହିତ ଶର୍ମାଙ୍କ ମୁମ୍ବାଇ ଇଣ୍ଡିଆନ୍ସ ଏଥର ୧୦ମ ସ୍ଥାନରେ ରହି ଅଭିଯାନ ଶେଷ କରିଛି। ୧୪ଟି ମ୍ୟାଚ୍ ଖେଳି ମୁମ୍ବାଇ ୪ଟି ବିଜୟ ଓ ୧୦ ପରାଜୟ ସହ ୮ ପଏଣ୍ଟ ପାଇ ସର୍ବନିମ୍ନ ୧୦ମ ସ୍ଥାନରେ ରହି ପ୍ରଶଂସକଙ୍କୁ ନିରାଶ କରିଛି। ଏଥର ରୋହିତଙ୍କ ବଦଳରେ ଅଲରାଉଣ୍ଡର ହାର୍ଦ୍ଦିକ ପାଣ୍ଡ୍ୟାଙ୍କୁ ନେତୃତ୍ୱ ପ୍ରଦାନ କରାଯାଇଥିଲା ଓ ଏ ନେଇ ବିବାଦ ସୃଷ୍ଟି ହୋଇଥିଲା।

● ପ୍ୟାରିସ୍ ପାରାଲିମ୍ପିକ୍ସ

# ସୁକାନ୍ତ, ତରୁନ, ସୁହାସଙ୍କ ଯୋଗ୍ୟତା ହାସଲ



**ନୂଆଦିଲ୍ଲୀ,୧୯ ।୫(ଏଜେନ୍ସି):** ଫ୍ରାନ୍ସ ରାଜଧାନୀ ପ୍ୟାରିସ୍‌ରେ ଆୟୋଜନ ହେବାକୁ ଯାଉଥିବା ପାରାଲିମ୍ପିକ୍ସ ଲାଗି ଭାରତର ୩ଜଣ ପାରା ବ୍ୟାଡ୍‌ମିଣ୍ଟନ ଖେଳାଳି ଯୋଗତା ହାସଲ କରିଛନ୍ତି। ସୁକାନ୍ତ କଦମ, ତରୁଣ ଓ ସୁହାସ ଏହି ମେଗା ଇଭେଣ୍ଟରେ ଅଂଶଗ୍ରହଣ କରିବା ଲାଗି ଟିକଟ୍ ହାସଲ କରିଛନ୍ତି। ସୁକାନ୍ତ ପ୍ରଥମଥର ପାଇଁ ପାରାଲିମ୍ପିକ୍ସରେ ଅଂଶଗ୍ରହଣ କରିବେ। ସେ ପୁରୁଏ ଏସ୍ଏଲ୍ ୪ ବର୍ଗରେ ପ୍ରତିଯୋଗିତାରେ ଅବତୀର୍ଣ୍ଣ ହେବେ। ତରୁଣ ଓ ସୁହାସ ମଧ୍ୟ ଏହି ବର୍ଗରେ ଭାଗ ନେବେ। ପାରାଲିମ୍ପିକ୍ସ ଏଥର ଅଗଷ୍ଟ ୨୮ରୁ ଆରମ୍ଭ ହୋଇ ସେପ୍ଟେମ୍ବର ୮ରେ ଶେଷ ହେବ। ପାରାଲିମ୍ପିକ୍ସ ଯୋଗ୍ୟତା ହାସଲ କରିବା ଦ୍ୱାରା ମୋର ସ୍ୱପ୍ନ ସାକାର ହୋଇଛି ବୋଲି ସେ କହିଛନ୍ତି।

### ୱିନହେଇମ ୨୦୨୪ ଆଥ୍‌ଲେଟିକ୍ସ ମିଟ୍

# ଜର୍ମାନୀରେ ଚମକିଲେ ଅନିମେଶ

ଭୁବନେଶ୍ୱର, ୧୯ ।୫ (ସମିସ)



ଜର୍ମାନୀରେ ଅନୁଷ୍ଠିତ ୱିନହେଇମ ୨୦୨୪ ଆଥ୍‌ଲେଟିକ୍ସ ମିଟ୍‌ରେ ଓଡ଼ିଶାର ଧାବକ ଅନିମେଶ କୁଜୁରଙ୍କ ଚମକ ଦେଖିବାକୁ ମିଳିଛି। ପୁରୁଷ ୨୦୦ ମିଟର ରେସ୍‌ରେ ଅନିମେଶ ରୌପ୍ୟ ପଦକ ଜିତି ରାଜ୍ୟ ତଥା ଦେଶ ପାଇଁ ଗୌରବ ଆଣିଛନ୍ତି। ପୁରୁଷ ୨୦୦ ମିଟର ରେସ୍‌କୁ ଅନିମେଶ ୨୦.୯୬ ସେକେଣ୍ଡରେ ଫିନିଶ କରି ପୋଡିୟମର ୨ୟ ସ୍ଥାନରେ ରହିଥିଲେ। ନେଦରଲାଣ୍ଡ୍‌ସର ଜାଭି ମୋ-ଆଜକୋ (୨୦.୭୩ ସେକେଣ୍ଡ) ପ୍ରଥମ ସ୍ଥାନରେ ରହି ସ୍ୱର୍ଣ୍ଣ ପଦକ ହାତେଇନେଇଥିଲେ। ଉଲ୍ଲେଖଯୋଗ୍ୟ, ଚଳିତ ସପ୍ତାହ ପ୍ରାରମ୍ଭରେ ଭୁବନେଶ୍ୱର କଳିଙ୍ଗ ଷ୍ଟାଡିୟମରେ ଅନୁଷ୍ଠିତ ୨୭ତମ ଜାତୀୟ ବରିଷ୍ଠ ଫେଡେରେସନ ଦୌଡ଼କୁଦ ପ୍ରତିଯୋଗିତାରେ ଅନିମେଶ ଗୋଟିଏ ଲେଖାଏ ସ୍ୱର୍ଣ୍ଣ ଓ ରୌପ୍ୟ ପଦକ ବିଜୟୀ ହୋଇଥିଲେ। କଳିଙ୍ଗରେ ଅନୁଷ୍ଠିତ ଫେଡେରେସନ କପ୍‌ର ୨୦୦ ମିଟର ରେସକୁ ଅନିମେଶ ୨୦.୬୨ ସେକେଣ୍ଡରେ ଫିନିଶ କରି ସ୍ୱର୍ଣ୍ଣିମ ସଫଳତା ପାଇଥିଲେ। ସେହିଭଳି ୧୦୦ ମିଟର ରେସରେ ସେ ୧୦.୫୦ ସେକେଣ୍ଡ ସହ ରୌପ୍ୟରେ ସନ୍ତୁଷ୍ଟ ରହିଥିଲେ। ଅନିମେଶ ବର୍ତ୍ତମାନ କଳିଙ୍ଗ ଷ୍ଟାଡିୟମସ୍ଥିତ ଓଡ଼ିଶା ରିଲାଏନ୍ସ ଆଥ୍‌ଲେଟିକ ଏଚ୍‌ପିସିରେ ପ୍ରଶିକ୍ଷଣ ନେଉଛନ୍ତି। ତାଙ୍କୁ ଦେଶର ଭବିଷ୍ୟତ ତାରକା ଭାବେ ବିବେଚନା କରାଯାଉଛି।

### ଟାଇଟଲ୍ ବଜାୟ ରଖିଲେ ୟାରାଜୀ



ତାରକା ଭାରତୀୟ ଆଥ୍‌ଲେଟ୍ ଜ୍ୟୋତି ୟାରାଜୀ ୱିନହେଇମ ୨୦୨୪ ଆଥ୍‌ଲେଟିକ୍ସ ମିଟ୍‌ରେ ମହିଳା ୧୦୦ ମିଟର ହର୍ଡଲ୍ସ ଟାଇଟଲ୍ ବଜାୟ ରଖିଛନ୍ତି। ଏସିଆନ ଚାମ୍ପିଅନ ୟାରାଜୀ ଏହି ଦୂରତାକୁ ୧୩.୦୬ ସେକେଣ୍ଡରେ ଫିନିଶ୍ କରି ପୋଡିୟମର ପ୍ରଥମ ସ୍ଥାନ ହାସଲ କରିଥିଲେ। ଜ୍ୟୋତି ମଧ୍ୟ ୨୦୦ ମିଟର ରେସରେ ରୌପ୍ୟ ପଦକ ବିଜୟୀ ହୋଇଛନ୍ତି। ଉଲ୍ଲେଖଯୋଗ୍ୟ, ୨୪ ବର୍ଷୀୟା ୟାରାଜୀ ଗତବର୍ଷ ଏହି ସମାନ ମିଟ୍‌ରେ ସ୍ୱର୍ଣ୍ଣିମ ସଫଳତା ପାଇଥିଲେ। ସେତେବେଳେ ସେ ଏହି ଦୂରତାକୁ ୧୪.୮୪ ସେକେଣ୍ଡରେ ଶେଷ କରିଥିଲେ। ଚଳିତ ବର୍ଷ ସ୍ୱର୍ଣ୍ଣ ପଦକ ବଜାୟ ରଖିବା ସତ୍ତ୍ୱେ ୟାରାଜୀ ପ୍ୟାରିସ ଅଲିମ୍ପିକ୍ସ ଲାଗି ଯୋଗ୍ୟତା ଅର୍ଜନ କରିବାରେ ବିଫଳ ହୋଇଛନ୍ତି। ମହିଳା ୧୦୦ ମିଟର ହର୍ଡଲ୍ସରେ ପ୍ୟାରିସ ଅଲିମ୍ପିକ୍ସ ଲାଗି ଯୋଗ୍ୟତା ମାନଦଣ୍ଡ ୧୨.୭୭ ସେକେଣ୍ଡ ରହିଛି।

ନନ୍ଦିଘୋଷ

'ନନ୍ଦିଘୋଷ ଟିଭି'
ନିମ୍ନଲିଖିତ ପଦବୀ ନିମନ୍ତେ ଦରଖାସ୍ତ ଆହ୍ୱାନ କରୁଛନ୍ତି।
ଯୋଗ୍ୟ ଆଶାୟୀ ପ୍ରାର୍ଥୀମାନେ ଏଥିପାଇଁ ଆବେଦନ କରିପାରିବେ।

| ପଦବୀ | ଅଭିଜ୍ଞତା |
|---|---|
| ୧) ସ୍କ୍ରଲ କପି ଏଡିଟର (୦୨) | ୩ ବର୍ଷର ଅଭିଜ୍ଞତା |
| ୨) ଡିଜିଟାଲ କଣ୍ଟେଣ୍ଟ କ୍ରିଏଟର (୦୨) | ୩ ବର୍ଷର ଅଭିଜ୍ଞତା |
| ୩) ବୁଲେଟିନ ପ୍ରୋଡ୍ୟୁସର (୦୨) | ୫ ବର୍ଷର ଅଭିଜ୍ଞତା |
| ୪) ଗ୍ରାଫିକ୍ସ ଡିଜାଇନର (୦୨) | ୩ ବର୍ଷର ଅଭିଜ୍ଞତା |

ନିଜର ସମ୍ପୂର୍ଣ୍ଣ ଶିକ୍ଷାଗତ ଓ ଅନ୍ୟାନ୍ୟ ଯୋଗ୍ୟତା ପ୍ରମାଣପତ୍ର, ସଦ୍ୟ ପାସପୋର୍ଟ ଫଟୋ ସହିତ
୨୪ ମେ ୨୦୨୪ ସୁଦ୍ଧା hr@nandighoshatv.com
ଇମେଲ୍ ଯୋଗେ ଆବେଦନ କରିପାରିବେ।

*କେବଳ ନିର୍ବାଚିତ ଆବେଦନଗୁଡିକୁ ସାକ୍ଷାତକାର ପାଇଁ ଡକାଯିବ।
ଯୋଗାଯୋଗ: ୯୪୩୭୦୧୬୪୯୯
ସ୍ୱା/- ମାନବ ସମ୍ବଳ ବିଭାଗ

ନନ୍ଦିଘୋଷ ନେଟ୍‌ୱର୍କ ପ୍ରାଇଭେଟ୍ ଲିମିଟେଡ୍
ଠିକଣା: ପ୍ଲଟ୍ ନଂ.: ୯୦ / ୯୧, ଭଗବାନପୁର ଇଣ୍ଡଷ୍ଟ୍ରିଆଲ୍ ଇଷ୍ଟେଟ୍, ଭୁବନେଶ୍ୱର-୭୫୧୦୧୯

PRINTED & PUBLISHED BY AMIT KUMAR MALLICK FOR 'THE SAKALA' A UNIT OF NANDIGHOSHA NETWORK PRIVATE LIMITED IN ITS PRESS AT IDCO PLOT NO.90 & 91, BHAGABANPUR INDUSTRIAL ESTATE, BHUBANESWAR-751019, DIST: KHORDHA, ODISHA

ସମ୍ପାଦକ: ଉମାକାନ୍ତ ମିଶ୍ର
EDITOR: UMAKANT MISHRA